

ପୃଷ୍ଠା ୫

ପ୍ରତି ପରିବାରକୁ ସରକାରୀ ଚାକିରି ଦେବ ଆର୍‌ଜେଡି


# ସଂଚାର THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 197 | ଭାଗ ୩୩ | ସଂଖ୍ୟା ୧୯୭ Friday 10 October 2025 | Page 8 Rs. 5.00 ● ଭୁବନେଶ୍ୱର ଶୁକ୍ରବାର ୧୦ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ୧୧ରୁ ଧନଧାନ୍ୟ କୃଷି ଯୋଜନା



- ଯୋଜନାର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ
- ଡାଲିରେ ଆତ୍ମନିର୍ଭର ହେବା ପାଇଁ ଆହ୍ୱାନ
- ଚଳିତବର୍ଷ ରେକର୍ଡ ପରିମାଣର ଫସଲ ଉତ୍ପାଦନ

**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ଆଜି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଦେଶର ସମସ୍ତ କୃଷିମନ୍ତ୍ରୀଙ୍କ ସହ ଏକ ବୈଠକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଯୋଜନା ପରିପ୍ରେକ୍ଷୀରେ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ କରାଯାଇଥିଲା। ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇଥିଲେ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନଙ୍କ ସୂଚନା ଅନୁଯାୟୀ ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ସମ୍ବୋଧନ କରିବା ସହିତ ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ। ସେହିପରି, ➢ପୃଷ୍ଠା-୬

# ଭାରତ-ବ୍ରିଟେନ ସମ୍ପର୍କର ନୂଆ ଅଧ୍ୟାୟ

### ୩୮୮୪ କୋଟି ଟଙ୍କାର ପ୍ରତିରକ୍ଷା ଡିଲ୍ ସ୍ୱାକ୍ଷରିତ

### ବ୍ରିଟେନରୁ ମଲ୍‌ଟିରୋଲ୍ କ୍ଷେପଣାସ୍ତ୍ର କିଣିବ ଭାରତ

### ବ୍ରିଟିଶ ବାୟୁ ସେନାକୁ ତାଲିମ୍ ଦେବ ଭାରତ

### ଭାରତରେ କ୍ୟାମ୍ପସ ଖୋଲିବେ ବ୍ରିଟେନର ୯ ବିଶ୍ୱବିଦ୍ୟାଳୟ




**ନୂଆଦିଲ୍ଲୀ,୯।୧୦:** ଆମେରିକା ଟାରିଫ ମାଡ଼ ପରେ ବ୍ରିଟେନ ସହ ଭାରତ ସମ୍ପର୍କ ବୃଦ୍ଧି କରିଛି। ପ୍ରତିରକ୍ଷା ଓ ଶିକ୍ଷା କ୍ଷେତ୍ରରେ ଭାରତ- ବ୍ରିଟେନ ସହଯୋଗ ଲାଗି ମନସ୍ଥ କରିଛନ୍ତି। ଭାରତ ଓ ବ୍ରିଟେନ ମଧ୍ୟରେ ୩୮୮୪ କୋଟି ଟଙ୍କାର ଏକ ପ୍ରତିରକ୍ଷା ଡିଲ୍ ସ୍ୱାକ୍ଷରିତ ହୋଇଛି। ଏହି ଡିଲ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ହାଲକା ମଲ୍ଟିରୋଲ କ୍ଷେପଣାସ୍ତ୍ର ଯୋଗାଣ। ଏହି କ୍ଷେପଣାସ୍ତ୍ର ଆସିବା ପରେ ଭାରତୀୟ ସେନାର କ୍ଷମତା ବୃଦ୍ଧି ପାଇବ। କେବଳ ପଦାତିକ ବାହିନୀ ନୁହେଁ, ଏହାକୁ ବାୟୁସେନା ଓ ନୌସେନା ମଧ୍ୟ ଏହାକୁ ବ୍ୟବହାର କରିପାରିବ। ଗୁରୁବାର ଏହି ପ୍ରତିରକ୍ଷା ଚୁକ୍ତିନାମା ସମ୍ପର୍କରେ ୟୁକେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତ୍ତି ଜାରି କରିଛି। ୟୁକେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ଚୁକ୍ତିନାମାକୁ ଭାରତ ସହିତ ୟୁକେର ପ୍ରତିରକ୍ଷା ଶିଳ୍ପର ଗଭୀର ରଣନୈତିକ ସମ୍ପର୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଛି। ମନ୍ତ୍ରଣାଳୟ କହିଛି, ଏହି ଚୁକ୍ତିନାମା ଅନୁଯାୟୀ, ୟୁକେର ବେଲଫାଷ୍ଟରେ ନିର୍ମିତ କମ୍ ଓଜନ ମଲ୍ଟିରୋଲ୍ ମିସାଇଲ୍ ଭାରତୀୟ ସେନାକୁ ଯୋଗାଇ ଦିଆଯିବ, ଯାହା ୟୁକେର ପ୍ରତିରକ୍ଷା ଶିଳ୍ପକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ। ମାର୍ଟଲେଟ୍ସ ନାମକ ଏହି କ୍ଷେପଣାସ୍ତ୍ର ଏକ ଶକ୍ତିଶାଳୀ ପ୍ରେସିସନ ଗାଇଡେଡ୍ କ୍ଷେପଣାସ୍ତ୍ର। ରୁଷ ବିରୋଧରେ ବ୍ୟବହାର କରିବାକୁ ୟୁକ୍ରେନକୁ ଏହି କ୍ଷେପଣାସ୍ତ୍ର ପ୍ରଦାନ କରିଛି ବ୍ରିଟେନ।

ସେହିଭଳି ଶିକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତ ଓ ବ୍ରିଟେନ ମଧ୍ୟରେ ଶୈକ୍ଷିକ ସମ୍ପର୍କକୁ ମଜବୁତ କରିବାକୁ ବଡ଼ ଘୋଷଣା କରିଛନ୍ତି ଉଭୟ ଦେଶର ପ୍ରଧାନମନ୍ତ୍ରୀ। ଭାରତ ଗସ୍ତରେ ଆସିଥିବା ବ୍ରିଟେନ ପ୍ରଧାନମନ୍ତ୍ରୀ କୀର ଷ୍ଟାର୍ମର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଳିତ ଭାବେ ବଡ଼ ପଦକ୍ଷେପ ନେଇଛନ୍ତି। ଉଭୟ ଘୋଷଣା କରିଛନ୍ତି ଯେ, ସାଉଥାମ୍ପଟନ ସମେତ ବ୍ରିଟେନର ୯ଟି ବଡ଼ ବିଶ୍ୱବିଦ୍ୟାଳୟ ଭାରତରେ ସେମାନଙ୍କ କ୍ୟାମ୍ପସ ଖୋଲିବେ। ଏହା ଦୁଇ ଦେଶ ମଧ୍ୟରେ ଶୈକ୍ଷିକ ➢ପୃଷ୍ଠା-୬

### ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି

## 'ବଣିକ୍' କୋଚିଂ ସେଣ୍ଟରରେ କ୍ରାଇମବ୍ରାଞ୍ଚର ଛାନଭିନ୍

**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲାରେ ଖୋଳତାଡ଼ କରୁଛି କ୍ରାଇମବ୍ରାଞ୍ଚ। ଭୁବନେଶ୍ୱର ର ସିଆରପି ସ୍ଥିତ 'ବଣିକ୍' କୋଚିଂ ସେଣ୍ଟରରେ ପୁଣି ଛାନଭିନ୍ କରିଛି କ୍ରାଇମବ୍ରାଞ୍ଚ ଟିମ୍। 'ବଣିକ୍' କୋଚିଂ ସେଣ୍ଟରରେ ଏସ୍‌ଆଇ ଆଶାୟୀ ପ୍ରାର୍ଥୀଙ୍କୁ ତାଲିମ ଦିଆଯାଉଥିବା ଅଭିଯୋଗ ଆସିଛି। ଏବି ଲିଙ୍କ୍‌ରେ ଖୋଳତାଡ କରୁଛି କ୍ରାଇମବ୍ରାଞ୍ଚ।



ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାରେ ପର୍ଯ୍ୟାୟ କ୍ରମେ ୧୧୯ ଜଣଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ୧୧୪ ପରୀକ୍ଷାର୍ଥୀଙ୍କ ସହ ୫ ଜଣ ଦଲାଲଙ୍କୁ ଗିରଫ କରି ଜେଲ୍ ପଠାଇଛି। ବୁଧବାର ୧୧୯ ଜଣଙ୍କ ଜାମିନ ଆବେଦନ କରାଯାଇଥିବା ବେଳେ ସମସ୍ତଙ୍କ ଜାମିନ ଆବେଦନ ଖାରଜ କରାଯାଇଛି। ବ୍ରହ୍ମପୁର ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟ ସମସ୍ତଙ୍କ ଜାମିନ ଖାରଜ କରିଛନ୍ତି।

ପୋଲିସ ଏସ୍‌ଆଇ ପରୀକ୍ଷା ମହାଦୁର୍ନୀତିର ଗୁମର ଖୋଲିବା ଆରମ୍ଭ କରିଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ମିଳିଛି ଏସ୍‌ଆଇ ପରୀକ୍ଷା ଦୁର୍ନୀତିର ତଦନ୍ତ ଦାୟିତ୍ୱ। ଗୋଳନ୍ଥରା ଥାନାରେ ରୁଜୁ ହୋଇଥିବା ସମସ୍ତ ମାମଲାର ସେ ତଦନ୍ତ କରୁଛନ୍ତି। ସୁପରଭାଇଜିଂ ➢ପୃଷ୍ଠା-୬

### ରାଜନୈତିକ ଦୃଷ୍ଟିରୁ ବଣିକ୍ ଉପରେ ରେଡ୍: ସୁବ୍ରତ

ବଣିକରେ କ୍ରାଇମବ୍ରାଞ୍ଚ ତନାଘନା ପରେ ବଣିକ ମୁଖ୍ୟ ସୁବ୍ରତ ଛାଟୋଇ କହିଛନ୍ତି ଯେ, ମୁଁ ଯଦି ଦୋଷୀ , ମୋତେ ବାନ୍ଧ, ପ୍ରମାଣ କର। ବଡ ମାଛକୁ କାହିଁକି ବନ୍ଧା ଯାଉନି ? କେବଳ ବାଣିକ୍ କାହିଁକି , ଅନ୍ୟ ସେଣ୍ଟର୍ ଉପରେ ଛାପା ମାରୁନି କ୍ରାଇମବ୍ରାଞ୍ଚ। ମୁ ବିଜେଡିରେ ଥିବାରୁ ମୋତେ ରାଜନୀତିକ ଟାର୍ଗେଟ କରାଯାଉଛି। ପୂର୍ବରୁ ଆଇଟି ରେଡ କରାଯାଇଥିଲା। ଏବେ ସେଭଳି କରାଯାଉଛି। ପୋଲିସ , କ୍ରାଇମବ୍ରାଞ୍ଚ ସରକାରଙ୍କର। ଦେଶରେ ବିଜେପି ଓ ରାଜ୍ୟରେ ବିଜେପି ସରକାର। ଯିଏ ଦୋଷୀ ତାଙ୍କୁ ବାନ୍ଧୁ। ➢ପୃଷ୍ଠା-୬

## ହଙ୍ଗେରି ଲେଖକଙ୍କୁ ସାହିତ୍ୟ ନୋବେଲ



**ଷ୍ଟକହୋମ,୯।୧୦:** ହଙ୍ଗେରିର ଲେଖକ ଲାସଲୋ କ୍ରାଜନାହୋରକାଇଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ମିଳିବ। ତାଙ୍କର ଉପନ୍ୟାସ ହର୍ସଟ୍ ୦୭୭୬୯ ପାଇଁ ତାଙ୍କୁ ଏହି ପୁରସ୍କାର ଦିଆଯିବ। ଏହି ଉପନ୍ୟାସରେ ସାଂପ୍ରତିକ ଜର୍ମାନିର ସାମାଜିକ ଅସ୍ଥିରତା ତଥା ହିଂସା ଓ ସୌନ୍ଦର୍ଯ୍ୟ ଉପରେ ଏହାର ପ୍ରଭାବର ସୁନ୍ଦର ଚିତ୍ରଣ ପାଇଁ ତାଙ୍କୁ ଚୟନ କରାଯାଇଛି।

୧୯୫୪ ମସିହାରେ ହଙ୍ଗେରି ଓ ରୋମାନିଆ ସୀମାରେ ଥିବା ଗ୍ରାମ ଗ୍ୟାଲାରେ ଜନ୍ମଗ୍ରହଣ କରିଥିବା କ୍ରାଜନାହୋରକାଇଙ୍କ ଲେଖାର କେତେକ ସ୍ୱତନ୍ତ୍ରତା ରହିଛି। ତାହା ହେଉଛି ଲମ୍ବା ଓ ଜଟିଳ ବାକ୍ୟ ଓ ସେଥିରେ ଲୁଚି ରହିଥିବା ଗଭୀର ଦାର୍ଶନିକ ଅର୍ଥ। ସ୍ୱିଡିସ ଏକାଡେମୀ ପକ୍ଷରୁ ହିଁ ପ୍ରତିବର୍ଷ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥାଏ। ନୋବେଲ ପୁରସ୍କାରର ବିଭିନ୍ନ ବର୍ଗ ମଧ୍ୟରେ ସାହିତ୍ୟ ପୁରସ୍କାରଟି ଅନ୍ୟତମ ଲୋକପ୍ରିୟ ପୁରସ୍କାର ଭାବେ ପରିଗଣିତ ହୋଇଥାଏ । ୧୯୦୧ରୁ ୨୦୨୪ ମଧ୍ୟରେ ମୋଟ ୧୨୧ ଜଣ ସାହିତ୍ୟରେ ନୋବେଲ ପୁରସ୍କାର ଜିତିଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ଜଣ ମହିଳା ଅଛନ୍ତି। ଗତ ବର୍ଷ ଦକ୍ଷିଣ କୋରିଆ ଲେଖକ ହାନ କାଙ୍ଗଙ୍କୁ ସାହିତ୍ୟ ନୋବେଲ ପୁରସ୍କାର ମିଳିଥିଲା। ସେହିପରି ୨୦୨୩ରେ ଜନ ଫୋସେ ଓ ୨୦୨୨ରେ ଆନି ଆର୍ନକ୍ସଙ୍କୁ ସାହିତ୍ୟ ନୋବେଲ ମିଳିଥିଲା । ୨୦୨୧ରେ ତାଞ୍ଜାନିଆର ଲେଖକ ଅବଦୁଲରଜାକ୍ ଗୁର୍ନାଙ୍କୁ ନୋବେଲ ସାହିତ୍ୟ ପୁରସ୍କାର ମିଳିଥିଲା । ୨୦୧୮ ମସିହାର ସାହିତ୍ୟରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇନଥିଲା। ତାହା ଏପର୍ଯ୍ୟନ୍ତ ସ୍ଥଗିତ ରହିଛି । ଯୌନ କେଲେଙ୍କାରି ଅଭିଯୋଗ ଉଠିବା ପରେ ସେବର୍ଷ ନୋବେଲ ସାହିତ୍ୟକୁ ସ୍ଥଗିତ ରଖାଯାଇଥିଲା ।

● କଟକର ଗୋଷ୍ଠୀ ସଂଘର୍ଷ ମାମଲା

## ଓଡ଼ିଶାକୁ ବଦନାମ କରୁଛନ୍ତି ମମତା: ପୃଥ୍ୱୀରାଜ



**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** କଟକର ଗୋଷ୍ଠୀ ସଂଘର୍ଷକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିପ୍ପଣୀକୁ ଦୃଢ଼ ନିନ୍ଦା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି ପଶ୍ଚିମବଙ୍ଗରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ପ୍ରଥମେ ନିଜ କଥା ନିଜେ ବୁଝନ୍ତୁ ମମତା। କଟକରେ ଯାହା ଘଟିଥିଲା ତାହା ଗୋଟେ ଦୁର୍ଘଟଣା ଥିଲା। ସରକାର ସକ୍ଷମତାର ସହ ଦୁର୍ଘଟଣାକୁ ହ୍ୟାଣ୍ଡେଲ୍ କରିଛନ୍ତି। କଟକର ପରିସ୍ଥିତି ଆଉ ପରିବେଶ ଏବେ ଶାନ୍ତ ଅଛି। ଶାନ୍ତ ଥିବା କଟକକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଯଦି ପବର୍ତ୍ତାଇବାକୁ ଚାହିବେ, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ କଥା। ଓଡ଼ିଶାରେ ଯେତବେଳେ ବି ହିଂସା ହୋଇଛି ତାକୁ ସରକାର ସଠିକତାର ସହ ହ୍ୟାଣ୍ଡେଲ୍ କରିଆସିଛନ୍ତି। ➢ପୃଷ୍ଠା-୬

### ନୂଆପଡ଼ା ଉପନିର୍ବାଚନ: ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରକାଶିତ

## ମୋଟ୍ ଭୋଟର ୨,୫୩,୬୨୪



**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ସର୍ବଦଳୀୟ ପ୍ରତିନିଧି ମଣ୍ଡଳ ସହିତ ଚୂଡାନ୍ତ ଭୋଟର୍ ତାଲିକା ଗୁରୁବାର ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରକାଶିତ କରିଛନ୍ତି। ସୂଚନାଯୋଗ୍ୟ, ନୂଆପଡା ବିଧାନସଭା ମଣ୍ଡଳୀ -୭୧ ନୂଆପଡା, ୧୧- କଳାହାଣ୍ଡି ପାର୍ଲିଆମେଣ୍ଟରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଟେ। ଏଥିପାଇଁ ନଭେମ୍ବର ୧୧ ତାରିଖରେ ଉପନିର୍ବାଚନ ଘୋଷଣା କରାଯାଇଛି। ବୈଠକରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି କହିଲେ ଯେ, ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୩୫୮ ଗୋଟି ଭୋଟ କେନ୍ଦ୍ର ଅଛି।

ନୂଆପଡା ବିଧାନ ସଭାର ସର୍ବମୋଟ ଭୋଟର ସଂଖ୍ୟା ୨,୫୩,୬୨୪। ସେଥିରୁ ପୁରୁଷ ଭୋଟର ସଂଖ୍ୟା ୧,୨୪,୧୦୮ ,ମହିଳା ଭୋଟର ସଂଖ୍ୟା ୧,୨୯,୪୯୫ ଏବଂ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୨୧ ଅଟେ। ଭୋଟର୍ ମାନଙ୍କ ମଧ୍ୟରୁ ୮୫ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ସଂଖ୍ୟା ୧୭୮୬, ଯୁବା ଭୋଟର୍ ୯୪୨୯ ଏବଂ ଦିବ୍ୟାଙ୍ଗ ଭୋଟର୍ ୩୯୮୮ ଜଣ ଅଛନ୍ତି।

ନୂଆପଡା ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ➢ପୃଷ୍ଠା-୬

### ପୂର୍ତ୍ତ ବିଭାଗର ଦାଦାଗିରି

## ବରିଷ୍ଠ ନାଗରିକଙ୍କ ଆତ୍ମହତ୍ୟା ନିଷ୍ପତ୍ତି

- ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଫେରାଦି
- ଆଖି ବୁଜି ଦେଇଛନ୍ତି ବିଡିଏ ଓ ବିଏମ୍‌ସି ଅଧିକାରୀ






**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ରାଜଧାନୀରେ ପୂର୍ତ୍ତ ବିଭାଗର ଦାଦାଗିରି ପାଇଁ ୮୦ ବର୍ଷର ଜଣେ ବରିଷ୍ଠ ନାଗରିକ ଏବେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ସ୍ଥିର କରିଛନ୍ତି। ନିଜ କଷ୍ଟାର୍ଜିତ ଧନରେ କିଣିଥିବା ଜମି ଉପରେ ପୂର୍ତ୍ତ ବିଭାଗର ଯନ୍ତ୍ରୀମାନେ ମଇଳା ପାଣି ଛାଡିଦେବାରୁ ସିଏ ଘରଟିଏ କରିପାରୁ ନାହାନ୍ତି। ଅଭିଯୋଗ କଲେ କେହି କର୍ଣ୍ଣପାତ କରୁନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବି ସେ ଫେରାଦି ହୋଇଛନ୍ତି। ସବୁଆଡୁ ନିରାଶ ହେବାପରେ ଲକ୍ଷାଧିକ ହରାଇଥିବା ବରିଷ୍ଠ ନାଗରିକ ମଦନ ମୋହନ ଦାଶ ଏବେ ଆତ୍ମହତ୍ୟା ଛଡା ଅନ୍ୟ ପନ୍ଥା ନାହିଁ ବୋଲି କହିଛନ୍ତି।

ଘଟଣାରୁ ପ୍ରକାଶ ଯେ, ୮୦ବର୍ଷ ବୟସ୍କ ମଦନ ମୋହନ ଦାସ ନିଜର ଜୀବନ ତମାମ ନିଜର କଷ୍ଟଲବ୍ଧ ଅର୍ଥରେ ଭୁବନେଶ୍ୱରର ସୁନ୍ଦରପଦାରେ ଜମିଟିଏ କିଣିଛନ୍ତି। ଲକ୍ଷ୍ୟଥିଲା ଶେଷ ଜୀବନରେ ସେଠାରେ ଘରଟିଏ କରି ରହିବା। ସେହି ସ୍ୱପ୍ନ ସାକାର କରିବାକୁ ବାହାରିଲା ବେଳେ ତାଙ୍କ ଉପରେ ପଡ଼ିଛି ଚଡ଼କ। ଘର କରିବେ କ'ଣ, ଘର ତିଆରି ପାଇଁ କିଣି ରଖିଥିବା ସାମଗ୍ରୀ ଯନ୍ତ୍ରୀଙ୍କ ଦାଦାଗିରି ଯୋଗୁଁ ଡ୍ରେନ ପାଣିରେ ଭାସି ଯାଇଛି।

ସୁନ୍ଦରପଦା ପେଟ୍ରୋଲ୍ ଟାଙ୍କି ପାଖରେ ଶ୍ରୀ ଦାଶଙ୍କର ରହିଛି ପ୍ଲଟ୍‌ଟିଏ। ଏହାର ନମ୍ବର ହେଉଛି (ନଂ ୩୮୧, ଖାତା ନଂ ୩୪୫/୩୫୫୫, ମୌଜା- ➢ପୃଷ୍ଠା-୬

## ପ୍ରକଳ୍ପର ଅଗ୍ରଗତି ନେଇ କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା



**ଭୁବନେଶ୍ୱର, ୯।୧୦ (ସଂଚାର ବ୍ୟୁରୋ):** ସମ୍ବଲପୁରରେ ନିର୍ମାଣ ହେବାକୁ ଥିବା 'କମ୍ପ୍ରେସଡ୍ ବାୟୋ-ଗ୍ୟାସ୍' ପ୍ଲାଣ୍ଟ୍ ପ୍ରକଳ୍ପର ଅଗ୍ରଗତି ନେଇ ସିଏମଡି ଅଏଲ ସମ୍ବଲପୁର, ଜିଲ୍ଲାପାଳ ଏବଂ ସମ୍ବଲପୁର ମହାନଗର ନିଗମର କମିଶନରଙ୍କ ସହ ଟେଲିଫୋନ ଯୋଗେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରିଛନ୍ତି। ସମ୍ବଲପୁର ସହରର ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ଼ କରିବା ଏବଂ ସ୍ୱଚ୍ଛ ଉର୍ଜା ଉତ୍ପାଦନ ଲକ୍ଷ୍ୟରେ ଅଏଲ ଇଣ୍ଡିଆ ଲିମିଟେଡ ସହଯୋଗରେ ଏହି ପ୍ଲାଣ୍ଟ ସ୍ଥାପନା ହେବ। ➢ପୃଷ୍ଠା-୬



### କାନ ଡେରିଥା

ବ୍ରହ୍ମପୁର ହତ୍ୟା
ଭୟଙ୍କର ଲାଗେ
କିଏ ଏଠି ସୁରକ୍ଷିତ ?
ପଏଣ୍ଟ ବ୍ଲାଙ୍କରୁ ଫାୟାର ହେଉଛି
ଦୁର୍ବୃତ୍ତ ହୁଅନ୍ତି ଜାତ
ଏବେ ପଛ ସନିପାତ...
ଗଞ୍ଜାମରେ ଏଭଳି ବହୁତ ଘଟୁଛି
ପ୍ରଶାସନ ମାନୁ ସତ।

■ ଦେବାଶିଷ

# ନବୀନଙ୍କ ବିନା ନୂଆପଡ଼ାରେ ଲଢ଼ିପାରେ ବିଜେଡି

**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ନୂଆପଡା ଉପନିର୍ବାଚନ ତାତି ଧୀରେ ଧୀରେ ବଢୁଥିବା ବେଳେ ନବୀନଙ୍କ ଅନୁପସ୍ଥିତିରେ ବିଜେଡି କିଭଳି ଏଠାରେ ଲଢ଼ିବ ତାହାକୁ ନେଇ କର୍ମୀଙ୍କ ଅଙ୍କକଷା ଚାଲିଛି। ଭୋଟରଙ୍କୁ ନବୀନ କେବେ ଓଡିଶା ଫେରିବେ ସେ ନେଇ ଏବେ ଦଳୀୟ ନେତାଙ୍କୁ କର୍ମୀ ପ୍ରଶ୍ନ କରୁଥିବା ବେଳେ ନେତାଏ ବି କ'ଣ ଉତ୍ତର ଦେବେ, ତାହା ଜାଣିପାରୁ ନାହାନ୍ତି।

ବିଜେଡିର ବଳ ହେଲେ ନବୀନ ପଟ୍ଟନାୟକ। କାରଣ ନବୀନଙ୍କ ନାଁରେ ହିଁ ଭୋଟ ରହିଛି। ହେଲେ ମାସେ ହେଲା ନବୀନ ପଟ୍ଟନାୟକ ଓଡିଶାରେ ନାହାନ୍ତି। ଚାରିଦିନ ପାଇଁ ସାମାଜିକ କାର୍ଯ୍ୟରେ ଯୋଗଦେବାକୁ କହି ଦିଲ୍ଲୀ ଯାଇ ଆଉ ଫେରିନାହାନ୍ତି। ଏପରିକି ଦଳର ସବୁଠାରୁ ବଡ କାର୍ଯ୍ୟକ୍ରମ ଗାନ୍ଧୀ ଜୟନ୍ତୀ ପଦଯାତ୍ରାରେ ବି ନବୀନଙ୍କ ପାଦ ପଡିଲାନି। ପ୍ରତିବର୍ଷ ନବୀନ କେବଳ ଏହି ପଦଯାତ୍ରାର ଶୁଭାରମ୍ଭ କରନ୍ତି ତାହା ନୁହେଁ, ଏହା କିଭଳି ସଫଳ ହେବ ସେଥିପାଇଁ ଜିଲ୍ଲା ସଭାପତିମାନଙ୍କୁ ନିଜେ ପତ୍ର ଲେଖନ୍ତି।



ବିଜେଡି ଇତିହାସରେ ପ୍ରଥମଥର ପାଇଁ ନବୀନଙ୍କ ଅନୁପସ୍ଥିତରେ କର୍ମୀମାନେ ପଦଯାତ୍ରା କରୁଛନ୍ତି। ଯଦିଓ ହାତରେ ବ୍ୟାନର ଧରି ପଦଯାତ୍ରାକୁ ସଫଳ କରିବା ପାଇଁ ନେତାଏ ଲାଗି ପଡିଛନ୍ତି, ହେଲେ ନବୀନ କାହିଁକି ଆସିଲେ ନାହିଁ ବୋଲି କର୍ମୀମାନେ ପ୍ରଶ୍ନ କରିବାରୁ ନେତାଏ ଉତ୍ତର ଦେଇପାରୁ ନାହାନ୍ତି। କୌଣସି ପ୍ରକାରେ ପଦଯାତ୍ରାର ଶୁଭାରମ୍ଭ ହୋଇଥିବା ବେଳେ ନୂଆପଡାରେ କିନ୍ତୁ ନବୀନଙ୍କ ପାଦ ପଡିବ କି ନାହିଁ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। କାରଣ ନୂଆପଡାରେ ବିଜେଡି ଭୋଟର ସିଂହଭାଗ ନବୀନଙ୍କ ନାଁରେ ହିଁ ରହିଛି।

- ପଦଯାତ୍ରାରେ ପଡିଲାନି ମୁଖିଆଙ୍କ ପାଦ
- କର୍ମୀଙ୍କ ଉତ୍ସାହ କମୁଛି, ରକ୍ତଚାପ ବଢୁଛି

ଉଲ୍ଲେଖନୀୟ ଯେ, ନୂଆପଡାର ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଆକସ୍ମିକ ମୃତ୍ୟୁ ପରେ ସେଠାରେ ଉପନିର୍ବାଚନ ହେଉଛି। ସ୍ୱର୍ଗତ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ସେଠାରୁ ବିଜେଡି ପ୍ରାର୍ଥୀ ହେବା ଏକ ପ୍ରକାର ନିଶ୍ଚିତ। ତେବେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତି ହିଁ ବିଜେଡିକୁ ସେଠାରେ ଜିତାଇ ପାରିବ ବୋଲି କର୍ମୀମାନେ କହୁଛନ୍ତି। ଯଦିଓ ଏହା ବିଜେଡିର ଆସନ ଥିଲା ଓ ରାଜେନ୍ଦ୍ରଙ୍କ ପରିବାର ପ୍ରତି ସହାନୁଭୂତି ରହିଛି, ତଥାପି ସବୁକିଛି ନିର୍ଭର କରୁଛି ନବୀନଙ୍କ ଉପସ୍ଥିତିକୁ ନେଇ।

ଅନ୍ୟପକ୍ଷରେ କଂଗ୍ରେସ ଏଠାରେ ଘାଷିରାମ ମାଝୀଙ୍କୁ ତାହାର ➢ପୃଷ୍ଠା-୬

## ଆଦିବାସୀ ଭୋଟର୍ ଗେମ୍‌ଚେଞ୍ଜର୍

**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ନୂଆପଡ଼ା ନିର୍ବାଚନକୁ ରୋଚକ କରିବ ଆଦିବାସୀ ଭୋଟବ୍ୟାଙ୍କ। ଆଦିବାସୀ ଭୋଟ୍ ନିର୍ଦ୍ଦିଷ୍ଟ ଦଳକୁ ଯାଉନଥିବାରୁ ଏହା ପ୍ରାର୍ଥୀଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ୍ ପାଲଟିବ। ତେଣୁ ଯିଏ ସର୍ବାଧିକ ଆଦିବାସୀଙ୍କ ଭରସା ଜିଣିବ ତାହାର ବିଜୟ ସମ୍ଭାବନା ସେତେ ଅଧିକ ବଢ଼ିବ। ନୂଆପଡ଼ା ଉପ-ନିର୍ବାଚନ ପାଇଁ ସରଗରମ ହେଲାଣି ପ୍ରଚାର ମଇଦାନ। କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ପ୍ରଚାରକୁ ଜୋରଦାର କରିଥିବା ବେଳେ ବିଜେପି ଓ ବିଜେଡିର ଆଶାୟୀ ପ୍ରାର୍ଥୀ ଦଳବଳ ଘେନି ଏବେ ଆଦିବାସୀ ଗାଁ ମୁହାଁ। କାରଣ ନୂଆପଡ଼ାର ନୂଆ ବିଧାୟକ ବାଛିବା କ୍ଷେତ୍ରରେ ➢ପୃଷ୍ଠା-୬



## ମା' ଧନଦାତ୍ରୀଙ୍କ ଆଶୀର୍ବାଦ ଭିକ୍ଷାକଲେ ପାଟକୁରା ବିଧାୟକ

**ଡେରାବିଶ,୯।୧୦ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ପାଖାପାଖି ୧୦୦ଟି ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜା ସୋମବାରଠାରୁ ମହା ସମାରୋହରେ ପାଳିତ ହେଉଛି। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ମା'ଙ୍କ ମଣ୍ଡପକୁ ଯାଇ ଧନଦାତ୍ରୀଙ୍କ ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ଆଜି ବିଧାୟକ ଶ୍ରୀ ମହାପାତ୍ର ପ୍ରଥମେ ବାରିମୂଳ ପଞ୍ଚାୟତ ଯାଇ ପଞ୍ଚାୟତ ଅଧୀନ ବିଭିନ୍ନ ଗଜଲକ୍ଷ୍ମୀ ପୂଜାମଣ୍ଡପ ବୁଲିଥିଲେ। ପରେ ନହଙ୍ଗ ପଞ୍ଚାୟତ, ମଙ୍ଗଳପୁର ପଞ୍ଚାୟତ, କୁରୁଜଙ୍ଗା ପଞ୍ଚାୟତ ଓ ବେଣିପୁର ପଞ୍ଚାୟତର ବିଭିନ୍ନ ପୂଜାମଣ୍ଡପକୁ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ ଏଥିସହିତ ବିଭିନ୍ନ ଜନସାଧାରଣଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଥିଲେ। ବିଧାୟକ ଶ୍ରୀ ମହାପାତ୍ରଙ୍କ ସହିତ ବରିଷ୍ଠ ବିଜେଡି ନେତା ସରୋଜକାନ୍ତ ନାୟକ, ସୁକାନ୍ତ ଦିବେଦୀ, ମନୋରଞ୍ଜନ ଉପାଧ୍ୟାୟ, ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ରହିଥିଲେ।

## ଗଜଲକ୍ଷ୍ମୀ ପୂଜା ମଣ୍ଡପ ବୁଲିଲେ ଚିତ୍ତରଞ୍ଜନ



**ମହାକାଳପଡ଼ା,୯।୧୦(ସଂଚାର ବ୍ୟୁରୋ):** ଧରାପୃଷ୍ଠକୁ ଅବତରଣ କରିଛନ୍ତି ଧନଦାତ୍ରୀ ଦେବୀ ମା' ଗଜଲକ୍ଷ୍ମୀ। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ଗ୍ରାମରେ ଧୁମଧାମରେ ପାଳିତ ହେଉଛି ମା ଗଜଲକ୍ଷ୍ମୀ ଙ୍କ ପୂଜା। ମାଆଙ୍କ ଆଗମନରେ ପୁର ପଲ୍ଲୀ ଉତ୍ସବ ମୁଖରିତ। ଏହି ଅବସରରେ ଆଜି ଯୁବ ସଙ୍ଗଠକ, ସମାଜସେବୀ ତଥା ଯାଦବ ନେତା ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଙ୍ଗରାଜପୁର, ନଛିପଡା ମଙ୍ଗଳପୁର, କେୟାରବାଙ୍କ ଆଦି ଗ୍ରାମର ମା ଗଜଲକ୍ଷ୍ମୀ ଙ୍କ ପୂଜା ମଣ୍ଡପକୁ ଯାଇ ମାଙ୍କ ଆଶୀର୍ବାଦ ଲାଭ କରିବା ସହିତ ଅଞ୍ଚଳବାସୀଙ୍କ ସୁଃଖ, ସମୃଦ୍ଧି ଓ ମଙ୍ଗଳ ମନାସିଛନ୍ତି।

## ଓଳାଭରରେ ଜମୁଛି ଗଜଲକ୍ଷ୍ମୀ ପୂଜା



**ରାଜକନିକା,୯।୧୦(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ବାଣିଜ୍ୟିକ ପେଣ୍ଠସ୍ଥଳୀ ଓଳାଭର ବଜାରରେ ଗଜଲକ୍ଷ୍ମୀ ପୂଜାର ମାହୋଲ ଜମୁଛି।ବ୍ଲକର ବିଭିନ୍ନ ସ୍ଥାନରୁ ମାଆଙ୍କ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ସୂଚନା ଅନୁଯାୟୀ ଏଠାରେ ହେଉଥିବା ଗଜଲକ୍ଷ୍ମୀ ପୂଜାକୁ ତିନିବର୍ଷ ପୁରିଲା। ଓଳାଭର ବଣିକ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ଏହି ପୂଜାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। କାଳୀ ପଡିଆରେ ସୁଉଚ୍ଚ ତୋରଣ, ଆଲୋକମାଳା, ସଞ୍ଜବେଳେ ମଣ୍ଡପରେ ଆଧାତ୍ମିକ କାର୍ଯ୍ୟକ୍ରମ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ମନଲୋଭା ହୋଇ ପାରିଛି।

## ଲକ୍ଷ୍ମୀପୂଜାରେ ଝଲସୁଛି ଅଙ୍ଗୁଲାଇ ବଜାର



**ମାର୍ଶାଘାଇ,୯।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ ବଜାର ଗଜଲକ୍ଷ୍ମୀ ପୂଜା ପାଇଁ ଝଲସି ଉଠୁଛି । ଏହି ବଜାରର ସର୍ବପୁରାତନ ଲକ୍ଷ୍ମୀ ପୂଜାମଣ୍ଡପ ନବଜ୍ୟୋତି ଲକ୍ଷ୍ମୀପୂଜା ମଣ୍ଡପ ଏବର୍ଷ ୫୩ ବର୍ଷରେ ପହଂଚିଛି। ରଙ୍ଗୀନ ଆଲୋକମାଳା, ତୋରଣ, ସୁନ୍ଦର ମୂର୍ତ୍ତି ଏବଂ ଲୋକମାନଙ୍କୁ ଆକର୍ଷିତ କରୁଛି। ଏହି ମଣ୍ଡପର ଅଧିକାଂଶ ସଦସ୍ୟ ରାଜ୍ୟର ବିଭିନ୍ନ ସହର ସମେତ ରାଜ୍ୟ ବାହାରେ ରହୁଥିଲେ ବି ସମସ୍ତେ ଛୁଟି ନେଇ ଲକ୍ଷ୍ମୀପୂଜାରେ ସାମିଲ ହୋଇଥାନ୍ତି ବୋଲି କମିଟିର ପ୍ରମୁଖ ସଦସ୍ୟ ସତ୍ୟଜିତ ବେହେରା, ଜୟନ୍ତ ମଲ୍ଲିକ କହିଛନ୍ତି।

# ବସୁପୁର ପଞ୍ଚାୟତ କାର୍ଯ୍ୟାଳୟରେ ୭ ବର୍ଷର ହିସାବ ନାହିଁ

**ଡେରାବିଶ,୯।୧୦(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଅଧୀନସ୍ଥ ବସୁପୁର ଗ୍ରାମ ପଞ୍ଚାୟତରେ ଗତ ୭ ବର୍ଷର ହିସାବ ନଥିବା ଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ।

ସୂଚନା ମୁତାବକ ଗତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ଭାବେ ପ୍ରତିନିଧିତ୍ୱ କରୁଥିବା ବସୁପୁର ପଞ୍ଚାୟତ ନରହରିପୁର ଗ୍ରାମର ଅମିୟ କୁମାର ଦାସ ଗତ ସାତ ବର୍ଷ ଧରି ପଞ୍ଚାୟତରେ ଦୁର୍ନୀତି ଚାଲିଥିବା ହୃଦୟଙ୍ଗମ କରି ସୂଚନା ଅଧିକାର ଆଇନ ବଳରେ ଗତ ଏପ୍ରିଲ ୨୦୧୮ ମସିହା ଠାରୁ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ପଞ୍ଚାୟତ ତରଫରୁ ବିଦ୍ୟାଳୟ ମାନଙ୍କରେ ଖୋଳା ଯାଇଥିବା ନଳକୂପ ଏବଂ ନୂଆ କରି ତିଆରି କରାଯାଇଥିବା ନଳକୂପ ପ୍ଲାଟଫର୍ମ ସହିତ ଲୋକମାନଙ୍କୁ ମିଳୁଥିବା ହରିଶ୍ଚନ୍ଦ୍ର ସହାୟତା ବିଷୟରେ ଗତ ସେପ୍ଟେମ୍ବର ମାସରେ ହିସାବ ମାଗିଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ ଏହାର କୌଣସି ହିସାବ ପଞ୍ଚାୟତ କାର୍ଯ୍ୟାଳୟରେ ନଥିବା ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀଣୀ ବୈଜୟନ୍ତୀ ବେହେରାଙ୍କ ସୂଚନା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।



ପଞ୍ଚାୟତରେ ଏକ ବର୍ଷ ହେବ ନବ ନିଯୁକ୍ତି ପାଇଥିବା ପଞ୍ଚାୟତ ଅଧିକାରିଣୀଙ୍କ ସୂଚନା ଅଧିକାର ଆଇନ ବଳରେ ଦେଇଥିବା ସୁଚନା ମୁତାବକ ଗତ ୭ ବର୍ଷ ଧରି ପଞ୍ଚାୟତରେ ନଳକୂପ,ନଳକୂପ ପ୍ଲାଟଫର୍ମ ଏବଂ ହରିଶ୍ଚନ୍ଦ୍ର ବାବଦକୁ କରାଯାଇଥିବା ଖର୍ଚ୍ଚ ଗୁଡ଼ିକର ହିସାବର ରେକର୍ଡ ଏପର୍ଯ୍ୟନ୍ତ ତାଙ୍କୁ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରସଞ୍ଜିତ୍ ନାୟକ ହସ୍ତାନ୍ତର କରି ନାହାନ୍ତି ଯାହା ଫଳରେ ସେ ସେହି ନିର୍ଦ୍ଦିଷ୍ଟ ସମୟଗୁଡ଼ିକର ହିସାବ ବିଷୟରେ ଏପର୍ଯ୍ୟନ୍ତ ଜାଣି ନାହାନ୍ତି କି କୌଣସି ହିସାବର ବିବରଣୀ ସୂଚନା ଅଧିକାର ଆଇନ ବଳରେ ଦେବାପାଇଁ ଅସମର୍ଥ ଥିବା ଜଣାଇଛନ୍ତି ।

ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରସଞ୍ଜିତ୍ ନାୟକ କଣ ପାଇଁ ଏହି ଆର୍ଥିକ ବର୍ଷ ଗୁଡ଼ିକର ହିସାବ ନୂତନ ନିର୍ବାହୀ ଅଧିକାରୀଣୀଙ୍କୁ ହସ୍ତାନ୍ତର କରୁନାହାନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଥିବା ବେଳେ, ଏହି ଆର୍ଥିକ ବର୍ଷ ଗୁଡିକରେ ପଞ୍ଚାୟତ କାର୍ଯ୍ୟରେ ଦୁର୍ନୀତି ଚରମ ସୀମା ଟପିଥିବା ଅମିୟ କୁମାର ଦାସ କହିଛନ୍ତି ।

## ବିଜେପି ଛାଡି ଶତାଧିକ କର୍ମୀ ବିଜେଡିରେ



**ଯାଜପୁର,୯।୧୦(ସଂଚାର ବ୍ୟୁରୋ):** ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ଦଳରେ ଅସନ୍ତୋଷ ଦିନକୁ ଦିନ ବଢ଼ିଚାଲିଛି। ବିଜେପି ନେତା ଗୌତମଙ୍କ ଉପରୁ ଭରସା ହରାଇ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଓ ପଞ୍ଚାୟତ ସ୍ତରୀୟ ନେତା ବିଜେପି ଛାଡି ବିଜେଡିରେ ଗତ ୫ତାରିଖ ଦିନ ଯାଜପୁର ସହରର ଅମ୍ବିକା ମଣ୍ଡପରେ ବିଜେଡ଼ି ପକ୍ଷରୁ ଆୟୋଜିତ ହୋଇଥିବା ଏକ ବିରାଟ ମିଶ୍ରଣ ପର୍ବରେ ସାମିଲ ହୋଇଛନ୍ତି। ସୂଚନା ମୁତାବକ ଯାଜପୁର ବ୍ଲକ୍ ଅନ୍ତର୍ଗତ ଜାଫରପୁର ପଂଚାୟତର ଶତାଧିକ ବିଜେପି କର୍ମୀ ଓ ଆଗ ଧାଡ଼ିର ନେତା ବିଜେପି ଛାଡି ବିଜେଡିରେ ସାମିଲ ହୋଇଛନ୍ତି।

● ଏକାଦଶାହରେ ଦମନଙ୍କ ନିଆରା ପ୍ରୟାସ

## ଗଛ ଉପହାର ଆକାରରେ ଦେଇ ଜଣାଇଲେ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା,୯।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଯୁବ ସାମ୍ବାଦିକ ସୁବ୍ରତ ସାମଲଙ୍କ ପିତା ସହଦେବ ସାମଲଙ୍କ ଦେହାନ୍ତ ଘଟିଛି । ସେ ଜଣେ ମିଳାପୀ,ନିଃସ୍ୱାର୍ଥପର ଓ ପରୋପକାରୀ ବ୍ୟକ୍ତି ଭାବ ରେ ବେଶ୍ ଜଣାଶୁଣା ଥିଲେ। ତାଙ୍କର ଏକାଦଶାହ ରେ ତାଙ୍କରି ସ୍ମୃତି କୁ ବଞ୍ଚାଇ ରଖିବା ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର କାର୍ଯ୍ୟକ୍ରମ ( ବାପା ଙ୍କ ସ୍ମୃତି ରେ ଗଛଟିଏ ) ମାଧମରେ ଏହି କାର୍ଯ୍ୟକ୍ରମ ରେ ପବିତ୍ର ସାମଲ ଓ ସୁବ୍ରତ ସାମଲ ଙ୍କୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି କିଛି ଫଳ ଚାରା ପ୍ରଦାନ କରି ଦିବଙ୍ଗତ ଆତ୍ମାର ସଦଗତି କାମନା କରି ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି । ଟ୍ରଷ୍ଟ ର ଏହି ମହାନ ପ୍ରୟାସ କୁ ବୁଦ୍ଧିଜୀବୀ ମହଲ ରେ ପ୍ରଶଂସା କରାଯାଇଛି ।



## ମଦ ଜବତ, ୨ ମହିଳା ସମେତ ୫ କୋର୍ଟ ଚାଲାଣ



**କେନ୍ଦ୍ରାପଡା,୯।୧୦ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡା ଟାଉନ, ମାର୍ଶାଘାଇ, ରାଜକନିକା ଓ ରାଜନଗର ଥାନା ଅଧିନିସ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗଜରାଜପୁର ଗ୍ରାମର ଜଳଧର ମଳିକଙ୍କ ଠାରୁ ୧୭ ଲିଟର ବିଦେଶୀ ମଦ, ଧଣ୍ଡିଆ ଗ୍ରାମର ସୌମିୟ ରଞ୍ଜନ ପାତ୍ରଙ୍କ ଠାରୁ ୧୩ ଲିଟର ବିଦେଶୀ ମଦ, କଜଳା ଗ୍ରାମର ସୁକାନ୍ତି ଦାସଙ୍କ ଠାରୁ ୧୯ ଲିଟର ଦେଶୀ ମଦ, ଅଙ୍ଗୁଳାଇ ଗ୍ରାମର ଶରତ ବାରିକଙ୍କ ଠାରୁ ୧୨ ଲିଟର ଦେଶୀ ମଦ, ବଡହାଟ ଗ୍ରାମର କୁମୁଦୁନି ମହାରଣାଙ୍କ ଠାରୁ ୨୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ୨ ମହିଳା ସମେତ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ସମୁଦାୟ ୮୧ ଲିଟର ଦେଶୀ, ବିଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇଅଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି ।

## କୁମ୍ଭୀର କବଳରୁ ବର୍ତ୍ତିଲେ ବୃଦ୍ଧ

**କେନ୍ଦ୍ରାପଡା,୯।୧୦ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଞ୍ଚଳରେ କୁମ୍ଭୀର ପାଦୁର୍ଭାବ ବଢ଼ି ବଢ଼ି ଚାଲିଛି । ଶୌଚ ହେବାକୁ ଯାଇ କେତେକ କୁମ୍ଭୀର ଆକ୍ରମଣର ଶିକାର ହେଉଥିବା ବେଳେ କୁମ୍ଭୀର ଆସି ଗାଁ ରାସ୍ତା ଉପରେ ବୁଲୁଥିବା ଦେଖିବାକୁ ମିଳିଛି । ଏହି ବ୍ଲକ ଅନ୍ତର୍ଗତ ଖରିନାସୀ ଗ୍ରାମର କୃଷ୍ଣପଦ ମାଲି(୬୦) ନିଜ ଘର ପାଖ ଗୋବରୀ ନଦୀର ନାଳିରେ ମାଛ ଧରୁଥିବା ବେଳେ ବିରାଟ କୁମ୍ଭୀର ଆକ୍ରମଣର ଶିକାର ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ନାଳିରେ କୃଷ୍ଣପଦ ଜାଲ ପକାଇ ମଙ୍ଗଳବାର ମାଛ ଧରୁଥିଲେ । ହଠାତ ଏକ ବିରାଟକାୟ କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। କୃଷ୍ଣପଦ ଏବଂ କୁମ୍ଭୀର ମଧ୍ୟରେ କିଛି ସମୟ ଲଢେଇ ଚାଲିଥିବା ଦେଖି ପରିବାର ଲୋକ ବାଡ଼ି ଧରି କୁମ୍ଭୀରକୁ ଘଉଡ଼ାଇବାରୁ କୁମ୍ଭୀରଟି କୃଷ୍ଣପଦକୁ ଛାଡ଼ି ଚାଲିଯାଇଥିଲା।

### ମିଥ୍ୟା ପ୍ରମାଣପତ୍ର ଦେଇ ଶିକ୍ଷକ ଚାକିରି

## ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କେନ୍ଦ୍ରାପଡ଼ା,୯।୧୦(ସଂଚାର ବ୍ୟୁରୋ):** ମିଥ୍ୟା ପ୍ରମାଣପତ୍ର ପ୍ରଦାନ କରି ଚାକିରୀ କରିଥିବା ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି। ଅଭିଯୋଗକାରୀ କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଥାନା ଅଧିନ ରସିକନଗର ଗ୍ରାମର ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ରାଜକନିକା ବ୍ଲକ ଅନ୍ତର୍ଗତ ସଫଲାଙ୍ଗ ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟାନନ୍ଦ ନାୟକଙ୍କ ନାମରେ ବହୁ ଅପରାଧିକ ମାମଲା ରହିଥିବା ବେଳେ ସେ ଶିକ୍ଷକ ଚାକିରୀ କରିଛନ୍ତି । ଏଥିନିମନ୍ତେ ସେ ଦାଖଲ କରିଥିବା ସମସ୍ତ ଯୋଗ୍ୟତା ପ୍ରମାଣପତ୍ର ମଧ୍ୟରୁ କେତେକ ଯୋଗ୍ୟତା ପ୍ରମାଣ ପତ୍ର ସହ ବି.ଇ.ଡ଼ି ପାସ କରିଥିବାର ପ୍ରମାଣ ପତ୍ର ପୁରା ନକଲି। ଏହାବ୍ୟତିତ ତାଙ୍କର ଅଭିଜ୍ଞତା ପ୍ରମାଣ ପତ୍ର ମଧ ପୁରା ନକଲି । ଖାଲି ସେତିକି ନୁହେଁ ତାଙ୍କର ଶିକ୍ଷକ ଚାକିରୀ ପାଇଁ ଆବଶ୍ୟକ ଯୋଗ୍ୟତା ନଥିବା ବେଳେ ସେ ବେଆଇନ ଭାବେ ଏହି ଚାକିରୀ ହାତେଇ ନେଇଛନ୍ତି। ଯାହାକି ଦଣ୍ଡନୀୟ ଅପରାଧ । ଯୋଗ୍ୟତା ନଥାଇ ସେ ଶିକ୍ଷକ ଚାକିରୀ କରିବା ପରେ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବା ଅଭିଯୋଗ ହୋଇଛି। ସେ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ପାଇବା ପରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଓ ସ୍କୁଲ ଉନ୍ନତି କରଣ ନିମନ୍ତେ ଆସୁଥିବା ସରକାରୀ ସହାୟତାର ବାଟମାରଣା କରିଛନ୍ତି। ଆଶ୍ଚର୍ଯ୍ୟର କଥା ଶ୍ରୀ ନାୟକ ଶିକ୍ଷକତା କରିବା ପାଇଁ ଯେତେବେଳେ ସରକାରୀ ସ୍ୱୀକୃତି ପାଇଲେ ସେତେବେଳେ ସେ ବହୁ ଅପରାଧିକ ମାମଲାରେ ସଂପୃକ୍ତ ଥିଲେ। ହେଲେ ଶିକ୍ଷକତା ପାଇଁ ସରକାରୀ ସ୍ୱୀକୃତି ପାଇବା ପୂର୍ବରୁ ତାଙ୍କର ପୋଲିସ ଭେରିଫିକେଶନ କରାଯାଇ ନାହିଁ। ଯାହାକି ଶିକ୍ଷକ ଭଳି ସରକାରୀ ଚାକିରୀ ପାଇଁ ଅତ୍ୟନ୍ତ ଜରୁରୀ ଅଟେ ।

## ଦେଢ ବର୍ଷର ଶିଶୁକନ୍ୟା ମୃତ୍ୟୁକୁ ନେଇ ଚର୍ଚ୍ଚା

**ରାଜନଗର,୯।୧୦(ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ ଚରଦିଆ ଗାଁରେ ଦେଢ ବର୍ଷର ଶିଶୁ କନ୍ୟାର ମୃତ୍ୟୁକୁ ନେଇ ନାନା ଚର୍ଚ୍ଚା ଆଲୋଚନା ଲାଗି ରହିଛି । ରାଜନଗର ଥାନାରେ ଏ ନେଇ ଲିଖିତ ଅଭିଯୋଗ ହୋଇନଥିଲେ ମଧ ପୁଲିସ ଖବର ପାଇ ମଧ ଘଟଣାସ୍ତଳକୁ ଯାଇନଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଯଦୁଚନ୍ଦ୍ରପୁର ଗାଁର ଜଣେ ଯୁବକ ପରିବାର ସହ ସେହି ପଞ୍ଚାଯତର ଚରଦିଆ ଗାଁରେ ରହୁଛନ୍ତି। ଗତକାଲି ତାଙ୍କର ପତ୍ନୀ ବଡ ଝିଅକୁ ଟିଉସନରେ ଛାଡିବାକୁ ଯାଇଥିଲେ। ଘରେ ବାପା ସହ ଦେଢ ବର୍ଷର ଶିଶୁକନ୍ୟା ଥିଲେ। ପତ୍ନୀ ଫେରି ଝିଅକୁ ଖୋଜିଲା ପରେ ଝିଅ ଶୋଇଛି ବୋଲି ଝିଅର ବାପା କହିଥିଲେ। ଏହା ପରେ ଝିଅକୁ ଡାକିଲେ ମଧ ଝିଅ ଆଉ ଉଠିନଥିଲା। ବାପା ମଦପିଇ ଝିଅକୁ ମାରି ଦେଇଥିବା ନେଇ ଚର୍ଚ୍ଚା ବଢିଥିଲା। ପରିବାର ଲୋକେ ଝିଅକୁ ମେଡିକାଲ ନଆଣି ତରବରିଆ ଭାବେ ଦେଢ ବର୍ଷର ଝିଅକୁ ବାଡି ପଛରେ ପୋତିଦେଇଥିଲେ। ସ୍ଥାନୀୟ ଲୋକଙ୍କ ସୂଚନା ଆଧାରରେ ତାଙ୍କ ପରିବାର ଭିତରେ ଗତ କିଛିଦିନ ହେଲା ପାଟିତୁଣ୍ଡ ଲାଗିଥିଲା। ପରିବାର କଳହରୁ ମଦ ପିଇ ବାପା ଝିଅକୁ ମାରିଥିବା ନେଇ ଚର୍ଚ୍ଚା ସ୍ଥାନୀୟ ଅଞ୍ଚଳରେ ଲାଗିରହିଛି।

## ବହିଷ୍କୃତ ଅଣଆନୁଷ୍ଠାନିକ ଶିକ୍ଷକ ସଙ୍ଘ ତରଫରୁ ବିଇଓଙ୍କୁ ଦାବିପତ୍ର



**ମହାକାଳପଡ଼ା,୯।୧୦(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ ରାଜସ୍ୱ ଗାଁ ରେ ୧୯୮୮ରୁ ୨୦୦୧ ପର୍ଯ୍ୟନ୍ତ ଦୀର୍ଘ ୧୩ବର୍ଷ ଧରି ସ୍ୱେଚ୍ଛାସେବୀ ଭାବେ ସ୍ୱଳ୍ପ ପ୍ରୋତ୍ସାହନ ରାଶିରେ ଛୋଟ ଛୋଟ ପିଲାମାନଙ୍କୁ ଶିକ୍ଷାଦାନ କରି ପରବର୍ତ୍ତୀ ସମୟରେ ଛଟେଇ ହୋଇ ଦୁଃଖରେ ଦିନକାଟୁ ଥିବା ବହିସ୍କୃତ ଅଣଆନୁଷ୍ଠାନିକ ଶିକ୍ଷକ /ଶିକ୍ଷୟତ୍ରୀ (ରିଟ୍ରେଞ୍ଚ ଏନଏଫଇ ଟିଚର) ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ପରେ ନିଯୁକ୍ତିର ଆଶା ବାନ୍ଧିଛନ୍ତି। ଓଡିଶା ରାଜ୍ୟ ଏନଏଫଇ ମହାସଂଘର ସୂଚନା କ୍ରମେ ମହାକାଳପଡ଼ା ବ୍ଲକ ଶାଖା ସଙ୍ଘ ତରଫରୁ କାର୍ଯ୍ୟକର୍ତ୍ତାମାନେ ଗୁରୁବାର ଗଣଶିକ୍ଷକ ଭାବେ ନିଯୁକ୍ତି ଦିଆଯିବା ସହିତ ରିଟ୍ରେଞ୍ଚ ଦିବସ ଠାରୁ ନିଯୁକ୍ତି ପର୍ଯ୍ୟନ୍ତ ବକେୟା ଅର୍ଥ ରାଶି ପ୍ରଦାନ ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

**ପଟାମୁଣ୍ଡାଇ,୯।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପଟାମୁଣ୍ଡାଇ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଓଡିଶାର ବରପୁତ୍ର ,ସ୍ୱାଧୀନତା ସଂଗ୍ରାମୀ ତଥା ଦୈନିକ ସମ୍ବାଦପତ୍ର ସମାଜର ପ୍ରତିଷ୍ଠାତା ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କ ୧୪୮ ତମ ଜନ୍ମ ଜୟନ୍ତୀ ବରିଷ୍ଠ ନାଗରିକ ମଞ୍ଚ ଚିତ୍ତବିନୋଦନ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନାଗରିକ ମଞ୍ଚ ର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଛି।



## ମଣ୍ଡଳ ଶିକ୍ଷାଧିକାରୀ କର୍ମଚାରୀଙ୍କ ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଅଭିଯୋଗ



**ନିଶ୍ଚିନ୍ତକୋଇଲି,୯।୧୦ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଚାକିରୀ କରିଥିବା କେତେକ କର୍ମଚାରୀ ସରକାରୀ ଚାକିରୀ କରିଛନ୍ତି ସତ କିନ୍ତୁ ସରକାରୀ ନୀତି ନିୟମକୁ ରାଜ୍ୟ ରାଜପଥରେ ଫୁ କରିଥିବାର ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଦୃଢ଼ ନିନ୍ଦା କରାଯାଇଛି।

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଏମଆଇଏସ ଅଶୋକ କୁମାର ସେଠୀ, ଡ଼ିଇଓ ଅମର କୁମାର ସାମଲ, କିରାଣୀ ଅଭିରାମ ଦାସ, ଏମଡ଼ିଏମ୍ କର୍ମଚାରୀ ପ୍ରତାପ ରାଉତ ଦୁଇ ବାଇକରେ ଯାଉଥିଲା ବେଳେ ଏକ ବାଇକରେ ତିନି ଜଣ ବସିଥିବା ବେଳେ ଆଉ ଜଣେ ଜ୍ଞାନୀ ଏମଆଇଏସ ସାର୍ ସେଲଫି ନେଉଛନ୍ତି। ଏପରିକି ନିଶ୍ଚିନ୍ତକୋଇଲି-କଟକ ଚାନ୍ଦବାଲି ମୁଖ୍ୟରାସ୍ତାରେ ବିନା ହେଲେମେଟ୍ ବ୍ୟବହାରରେ ଏପ୍ରକାର ଟ୍ରାଫିକ୍ ଉଲ୍ଲଙ୍ଘନ କରିବା କେତେଦୂର ଠିକ୍ ତାହାକୁ ନେଇ ସାଧାରଣରେ ଦୃଢ ନିନ୍ଦା କରାଯାଇଛି।

## ଚାରଣଗୋଷ୍ଠୀ ସଙ୍ଗଠକ ସହଦେବ ସାମଲଙ୍କ ଶ୍ରଦ୍ଧାଞ୍ଜଳିସଭା



**କେନ୍ଦ୍ରାପଡ଼ା,୯।୧୦(ସଂଚାର ବ୍ୟୁରୋ):** ଚାରଣଗୋଷ୍ଠୀ ସଙ୍ଗଠକ ସହଦେବ ସାମଲଙ୍କ ଦ୍ୱାଦଶାହ ଉପଲକ୍ଷେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ପଂଚାୟତ ବନ୍ତଳା ଗ୍ରାମସ୍ଥିତ ବାସଭବନରେ ଶ୍ରଦ୍ଧାଞ୍ଜଳିସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ରାଜେଶ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ 'ସମ୍ବାଦ' ଗ୍ରୁପ ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ସାମଲଙ୍କୁ ଜଣେ ଦୃଢ଼ମନା ଓ ସଫଳବ୍ୟକ୍ତି ରୂପେ ଅଭିହିତ କରିଥିଲେ । ଯୌଥ ପରିବାରରେ ବିଶ୍ୱାସ ରଖି ସ୍ୱର୍ଗତ ସାମଲ ଯେଉଁ ଭଳି ଭାବେ ପରିବର୍ତିତ ପରିସ୍ଥିତିରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି ତାହା ଅନ୍ୟମାନଙ୍କୁ ପ୍ରେରିତ କରିବ। ଏହି ଅବସରରେ ଶ୍ରୀ ପଟ୍ଟନାୟକ 'ସ୍ମୃତିରେ ସହଦେବ' ସ୍ମରଣିକା ଉନ୍ମୋଚନ କରିଥିଲେ ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ନବରଙ୍ଗପୁର,୯।୧୦(ସଂଚାର ବ୍ୟୁରୋ):** ନବରଙ୍ଗପୁର ସହରର ବରିଷ୍ଠ ନାଗରିକ ସଂଘ ତରଫରୁ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅବନୀ କୁମାର ତ୍ରିପାଠୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି।

# ରାଷ୍ଟ୍ରୀୟ ପୋଷଣ ମାସ ପାଳନ



**କେନ୍ଦ୍ରାପଡା,୯।୧୦(ସଂଚାର ବ୍ୟୁରୋ):** ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ପାଳନ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ଅଧକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ମନୋରଞ୍ଜନ ରାଉତ, ଜିଲ୍ଲା ମଙ୍ଗଳ ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ତୁଳସୀ ମହିଳା ମହା ବିଦ୍ୟାଳୟ ର ଅଧାପିକା ଡ଼ଃ ପ୍ରଜ୍ଞା ପ୍ରିୟଦର୍ଶନୀ ପଣ୍ଡା ପ୍ରମୁଖ ଯୋଗ ଦେଇ ମେଦ ବହୁଳତା ର ସମାଧାନ ପାଇଁ ଖାଦ୍ୟରେ ଚିନି, ଲୁଣ, ତେଲର ବ୍ୟବହାର କମ୍ କରିବା, ଆଦ୍ୟ ଶୈଶବ ଅବସ୍ଥାରେ ଯତ୍ନ ଓ ଶିକ୍ଷା ଜରିଆରେ ଶୁନ ରୁ ୩ ବର୍ଷ ଶିଶୁଙ୍କ ବୌଦ୍ଧିକ ବିକାଶ କୁ ପ୍ରାଧାନ୍ୟ ଦେବା, ପୋଷଣ ବି ପଢାଇ ବି ମାଧମରେ ପ୍ରତିଟି ଶିଶୁ କୁ ଉତମ ପେଷଣ ସହ ଶିକ୍ଷା ପ୍ରଦାନ କରିବା, ନବଜାତ ଓ ଶିଶୁଙ୍କୁ ଉତମ ପୋଷଣ ପ୍ରଦାନ ପାଇଁ ସ୍ତନ୍ୟପାନ ଓ ସଠିକ୍ ଖାଦ୍ୟାଭାଷ ବିଷୟରେ ସଚେତନ କରାଇବା, ଗର୍ଭବତୀ ମା ଓ ଶିଶୁ ମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ମହିଳା ମାନଙ୍କ ସହ ପୁରୁଷ ମାନଙ୍କର ସହଭାଗିତା କୁ ପ୍ରାଧାନ୍ୟ ଦେବା ଆଦି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ରେ ୧୦ ଗୋଟି ଷ୍ଟଲ ଖୋଲା ଯାଇଥିବା ବେଳେ ପୋଷଣ ମାସ ପାଇଁ ବିଭିନ୍ନ ପ୍ରତିଯୋଗିତା ରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଚାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ ।

## ପ୍ରେସ ପରିବାର ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଜୟନ୍ତୀ ଓ ସମ୍ବର୍ଦ୍ଧନା ଉତ୍ସବ

**ରାଜନଗର,୯।୧୦ (ସଂଚାର ବ୍ୟୁରୋ):** ରାଜନଗର ପ୍ରେସ ପରିବାର ପକ୍ଷରୁ ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଓ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ରାଜନଗର ପାଇଁ ଗୌରବ ଆଣିଥିବା ୪ଜଣଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ବରିଷ୍ଠ ପତ୍ରକାର ଭାସ୍କର ଚନ୍ଦ୍ର ରାଉତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସ ସମସ୍ତଙ୍କ ପାଇଁ ପ୍ରାତ ସ୍ମରଣୀୟ ନାଁ। ଏହି ନାଁ ଉଚାରଣ କଲେ ପ୍ରତ୍ୟକ ଓଡିଆ ପ୍ରାଣରେ ଜାତୀୟତା ପ୍ରେମ ଓ ଦେଶ ପ୍ରେମ ସୃଷ୍ଟି ହୁଏ ବୋଲି କହିଛନ୍ତି। ଏଥିସହ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରାଜନଗର ପାଇଁ ଗୌରବ ଆଣିଥିବା ୪ ଜଣ ଗାଁ ପ୍ରତି ଭଲ ପାଇବା ଜାରି ରଖିବା ସହ ଆହୁରି ଆଗକୁ ଯାଇ ରାଜନଗର ପାଇଁ ଗୌରବ ଆଣନ୍ତୁ ବୋଲି କହିଥିଲେ।



## ବିଜେପି ନେତା ହିମାଂଶୁଙ୍କ ନେତୃତ୍ୱରେ ବୀମା ସଖୀ କାର୍ଯ୍ୟକ୍ରମ



**ସାଲେପୁର,୯।୧୦(ସଂଚାର ବ୍ୟୁରୋ):** ସାଲେପୁର ନିର୍ବାଚନ ମଣ୍ଡଳୀର ମହାଜନପୁର ପଞ୍ଚାୟତ କାର୍ଯ୍ୟାଳୟ ସ୍ଥିତ କଲ୍ୟାଣମଣ୍ଡପ ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ବିଜେପି ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଦ୍ୱାରା ଆରମ୍ଭ ହୋଇଥିବା "ବୀମା ସଖି" ପ୍ରୟାସ ମହିଳା ସଶକ୍ତିକରଣର ଉଦେଶ୍ୟରେ ଏକ ନିଯୁକ୍ତି ସଚେତନତା କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକର୍ମ ମାଧମରେ ଗ୍ରାମୀଣ ଅଞ୍ଚଳର ମହିଳାମାନେ ଆର୍ଥିକ ଭାବେ ସ୍ୱାଧୀନ ଓ ସମାଜରେ ସଚେତନତାର ପ୍ରେରଣା ର ଉତ୍ସ ହୋଇପାରିବେ। ସେମାନେ ଘରେ ଘରେ ଯାଇ ଲୋକମାନଙ୍କୁ ଜୀବନ ବୀମାର ମହତ୍ତ୍ୱ ଓ ସୁରକ୍ଷାର ସନ୍ଦେଶ ଦେବାପାଇଁ ଉଦେଶ୍ୟ ରହିଅଛି। "ବୀମା ସଖୀ" କେବଳ ବୀମା ବିକ୍ରେତା ନୁହେଁ, ସେ ହେଉଛନ୍ତି ଏକ ମହିଳା ସହେଲୀ - ଯିଏ ଆପଣଙ୍କ ଭବିଷ୍ୟତକୁ ସୁରକ୍ଷିତ କରେ। ଏହି କାର୍ଯ୍ୟକର୍ମରେ ପାଖାପାଖି ଶତାବ୍ଦୀକ ମହିଳା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Marshaghai, **741/2025** on dated **03.10.2025**, I am Brahmananda Jena, S/o- Narayan Jena of village - Adampur, Po- Balana, P.S - Marshaghai, Dist - Kendrapada, Pin - **754213**, Odisha declares that I have changed my son's name from Jon Jishu Jena to John Jishu Jena. Henceforth, The name shall be known as John Jishu Jena for all purposes.



# ବିଧାନସଭା ପରିସରରେ ପଣ୍ଡିତ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

**ଭୁବନେଶ୍ୱର, ୯।୧୦(ସଂଚାର ବ୍ୟୁରୋ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ପାଳନ ଅବସରରେ ଆଜି ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଉପବାଚସ୍ପତି ଭାବନୀଶଙ୍କର ଭୋଇ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରୀୟଦର୍ଶୀ ମିଶ୍ର, ଲୋକସେବକ ମଣ୍ଡଳର ସର୍ବଭାରତୀୟ ସମ୍ପାଦକ ତଥା ସମାଜର ପ୍ରକାଶକ ରାଜେନ୍ଦ୍ର କୁମାର ଜେନା, ଉତ୍କଳ ସମ୍ମିଳନୀର କାର୍ଯ୍ୟକର୍ତ୍ତା, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଅନୁଜ କୁମାର ଦାସପଟ୍ଟନାୟକ ପ୍ରମୁଖ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଜ୍ଞାପନ କରିଥିଲେ।

**ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା ବୈଠକ**

# ଡାକ୍ତରଖାନା କୋଠା ଏବଂ ଅଗ୍ନି ନିରାପତ୍ତାକୁ ଗୁରୁତ୍ୱ

**ଭୁବନେଶ୍ୱର, ୯।୧୦(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ୍ ଲୋକସେବା ଭବନରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଏକ ବୈଠକର ଅଧ୍ୟକ୍ଷତା କରି ସରକାରୀ ଡାକ୍ତରଖାନା କୋଠାଗୁଡ଼ିକ ନିର୍ମାଣର ଅଗ୍ରଗତି ଏବଂ ଅଗ୍ନି ନିରାପତ୍ତା ପଦକ୍ଷେପ ସମୀକ୍ଷା କରିଛନ୍ତି। ସେ ଏହି ସମୀକ୍ଷା ବୈଠକରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଆରମ୍ଭ କରି ମେଡିକାଲ କଲେଜ ଏବଂ ହସ୍ପିଟାଲ ପର୍ଯ୍ୟନ୍ତ ସମସ୍ତ କାମ ତ୍ୱରିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।



ଏହି ବୈଠକରେ ହସ୍ପିଟାଲଗୁଡ଼ିକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ, ଅଗ୍ନି ନିରାପତ୍ତାକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ସର୍ଟ ସର୍କିଟ୍ ରୋକିବା ପାଇଁ ସୁରକ୍ଷିତ ବୈଦ୍ୟୁତିକ ସଂଯୋଗ ନିଶ୍ଚିତ କରିବା ଦିଗରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକୀୟ ଜରୁରୀ ନିରପତ୍ତା ଗ୍ରହଣ କରିବା ସହ ବିଭିନ୍ନ ବିଭାଗ ମିଳିତ ସହୋଯୋଗରେ କାମ କରିବାକୁ ଅନୁରୋଧ କରିଥିଲେ। ସଂଶୋଧନମୂଳକ ପଦକ୍ଷେପ ଏବଂ ଆନୁମାନିକ ଯୋଜନା ସହିତ ଏକ ବିସ୍ତୃତ ରିପୋର୍ଟ ଆଗାମୀ ସପ୍ତାହ ସୁଦ୍ଧା ଦାଖଲ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ବୃଦ୍ଧି କରିବା ପାଇଁ ବ୍ୟୟବରାଦ ଟଙ୍କାରୁ ଯୋଜନା ଆଧାରରେ ପାଣ୍ଠି ଯୋଗାଇ ଦିଆଯିବ, ସମୟସୀମା ସମାପ୍ତି ଉପରେ ଜୋର ଦେବାକୁ କହିଥିଲେ ।

ଏହି ବୈଠକରେ ସ୍ୱତନ୍ତ୍ର ସଚିବ ବିଜୟ ମହାପାତ୍ର ,ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ନିର୍ଦ୍ଦେଶକଙ୍କ ସହିତ ଅଗ୍ନିଶମ ସେବା, ରାସ୍ତା ଏବଂ କୋଠା, ପିଏଚଡି, ୱାଟକୋ, ଗ୍ରାମ୍ୟ ଉନ୍ନୟନର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଦେଶବାସୀ କଂଗ୍ରେସର ପ୍ରତାରଣାକୁ ସବୁଦିନ ମନେ ରଖିବେ

**ଭୁବନେଶ୍ୱର, ୯।୧୦(ସଂଚାର ବ୍ୟୁରୋ):** କଂଗ୍ରେସ ଦେଶ ଓ ରାଜ୍ୟବାସୀଙ୍କୁ ପ୍ରତାରଣା କରି ଏବେ ଲୋକଙ୍କୁ ଭୁଆଁ ବୁଲାଇବ ପାଇଁ ଓ ଗଣମାଧ୍ୟମରେ ରହିବାକୁ ଆନ୍ଦୋଳନ କରୁଛନ୍ତି। କଂଗ୍ରେସ ପକ୍ଷରୁ ଯେଉଁ ପ୍ରତାରଣା ଦିବସ ପାଳନ କରାଯାଉଛି ତାହାର କୌଣସି ପ୍ରଭାବ ନାହିଁ। ସେମାନେ ଯେଉଁ ପ୍ରତାରଣା କଥା କହୁଛନ୍ତି ବାସ୍ତବରେ ଏହି ଦଳ କେନ୍ଦ୍ରରେ ୫୦ ବର୍ଷ ଓ ରାଜ୍ୟରେ ୪୦ ବର୍ଷ ଧରି ସରକାରରେ ରହି ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରି ଦେଶର ଜନସାଧାରଣଙ୍କୁ ପ୍ରତାରଣା ଦେଇଆସିଛି। ଏଥିପାଇଁ ଦେଶର ସାଧାରଣଜନତା ସେମାନଙ୍କୁ ଜବାବ ଦେଇଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରେସ୍ ବିବୃତିରେ ରାଜ୍ୟ ମୁଖ୍ୟପାତ୍ର ମନୋଜ ମହାପାତ୍ର କହିଛନ୍ତି।



ଶ୍ରୀ ମହାପାତ୍ର କହିଛନ୍ତି ଯେ, କଂଗ୍ରେସ ଦଳର ଆଉ ସ୍ଥିତି ନାହିଁ। ଏବେ କଂଗ୍ରେସ ସାମାଜିକ ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ଅବା ଖବରକାଗଜ ରହିବା ପାଇଁ ଏଭଳି ଆନ୍ଦୋଳନ କରୁଛି। ଦଳ ବଞ୍ଚିଛି ବୋଲି ଦେଖାଇବା ପାଇଁ ଏଭଳି ଏକ ଟୋକନ ପ୍ରୋଗ୍ରାମ ଆୟୋଜନ କରାଯାଇଛି। ଭୋଟ ଚୋରି ପ୍ରସଙ୍ଗରେ କଂଗ୍ରେସର ପ୍ରତିବାଦ ଜଗତେ କେବଳ ଜନେ ହସିବା ସଦୃଶ। କାରଣ ଯେଉଁଠି ଜିତିଲେ ତାହା ରାହୁଲ ଗାନ୍ଧୀଙ୍କ ଭୋଟ ବୋଲି କଂଗ୍ରେସ କହୁଥିବାବେଳେ ଆଉ ଯେଉଁଠି ହାରିଲେ ସେଠାରେ ଭୋଟ ଚୋରି ହୋଇଛି ବୋଲି କହୁଛନ୍ତି। ଏହି ଚାଲାଖିକୁ ଜନସାଧାରଣ ଭଲଭାବେ ବୁଝିସାରିଛନ୍ତି ବୋଲି ଶ୍ରୀ ମହପାତ୍ର କହିଛନ୍ତି।

# ଲିଙ୍ଗରାଜଙ୍କ ପତାକା ଜଳିବା ଘଟଣାର ଯାଞ୍ଚ ପାଇଁ ପହଞ୍ଚିଲା ଏଏସ୍ଆଇ ଟିମ୍

**ଭୁବନେଶ୍ୱର,୯।୧୦ (ସଂଚାର ବ୍ୟୁରୋ) :** ବଜ୍ରପାତରେ ପୋଡ଼ିଗଲା ଲିଙ୍ଗରାଜ ମନ୍ଦିରର ପତାକା । ଖାଲି ପତାକା ନୁହେଁ ବରଂ ସିସିଟିଭି ନଷ୍ଟ ହେବା ସହ ଗର୍ଭଗୃହରେ ଲାଗିଥିବା ବଲ୍ବ ମଧ୍ୟ ପୋଡ଼ି ଯାଇଥିବାର ସୂଚନା ମିଳିଛି। ବୁଧବାର ହୋଇଥିବା ବର୍ଷା ଓ ବଜ୍ରପାତରେ ଏପରି ହୋଇଥିବା ଜଣାପଡିଛି । ଆଜି ସକାଳୁ ଏଏସ୍ଆଇର ୫ ଜଣିଆ ଟିମ ମନ୍ଦିର ପରିସରରେ ବୁଲି ମନ୍ଦିର ସ୍ଥିତି ଅନୁଧ୍ୟାନ କରୁଛନ୍ତି। ପତାକା ପରିବର୍ତ୍ତନ କରାଯାଇଥିବା ବେଳେ କିଛି ଇଲେକ୍ଟ୍ରିଶିଆନ ମରାମତି କାମ କରୁଛନ୍ତି । ସୂଚନା ଅନୁସାରେ ବୁଧବାର ଭୁବନେଶ୍ୱରରେ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ହୋଇଥିଲା। ବଜ୍ରପାତ ଯୋଗୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରର ପତାକା ପୋଡିଯାଇଥିଲା। ବଜ୍ରପାତ ପ୍ରଭାବରେ ଅନେକ ସେବାୟତ ଓ ଶ୍ରଦ୍ଧାଳୁଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିବା ବଡୁ ନିଯୋଗ, ବ୍ରାହ୍ମଣ ନିଯୋଗ ଓ ମନ୍ଦିର ସୁପରଭାଇଜର ସୂଚନା ଦେଇଛନ୍ତି।



# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ



**ଭୁବନେଶ୍ୱର,୯।୧୦ (ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓଡ଼ିଶାର ଜାତୀୟତାବାଦୀ ଆନ୍ଦୋଳନରେ ପଣ୍ଡିତ ଗୋପବନ୍ଧୁଙ୍କ ଭୂମିକା ସଂପର୍କରେ ସ୍ମରଣ କରିଥିଲେ । ସତ୍ୟବାଦୀ ବନବିଦ୍ୟାଳୟ ସ୍ଥାପନା, ତତ୍କାଳୀନ ନୂତନ ଶିକ୍ଷା ନୀତିରେ ଶିକ୍ଷାଦାନ କରିବାରେ ଗୋପବନ୍ଧୁଙ୍କ ଦୂରଦୃଷ୍ଟିର ଉଲ୍ଲେଖ କରିଥିଲେ । ଏଥିସହ ସମୟ ସଚେତନଶୀଳ ସାମ୍ବାଦିକ ଭାବେ ସତ୍ୟବାଦୀ ଓ ସମାଜ ପରି ଦୁଇଟି ପତ୍ରିକା ପ୍ରକାଶନ କ୍ଷେତ୍ରରେ ତାଙ୍କର ଅବଦାନ ସଂପର୍କରେ ପ୍ରଫେସର ସ୍ୱାଇଁ ଚର୍ଚ୍ଚା କରିଥିଲେ । ମୁଖ୍ୟବକ୍ତା ଭାବେ ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଉତ୍କଳମଣିଙ୍କ କୃତି ଓ କୃତିତ୍ୱର ତଥ୍ୟାତ୍ମକ ବିବରଣୀ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ବିଭାଗ ସମୂହ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱର ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତ ଦେଇଥିଲେ । ଅନ୍ୟତମ ବକ୍ତା ଡ.ଆଶିଷ ମହାପାତ୍ର ଶିକ୍ଷକ ଭାବେ ଗୋପବନ୍ଧୁଙ୍କ ଭୂମିକା ସଂପର୍କରେ ଆଲୋଚନା କରିଥିବା ବେଳେ ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ଓଡ଼ିଶାର ଜନମାନସରେ ଗୋପବନ୍ଧୁ କିପରି ଘରକରି ରହିଛନ୍ତି, ସେ ସଂପର୍କରେ ମତ ରଖିଥିଲେ । ଓଡ଼ିଆ ବିଭାଗର ଛାତ୍ର ପ୍ରଣବ କୁମାର ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ରାକେଶ କୁମାର ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ଓଲଟିଲା କୋବି ବୋଝେଇ ଟ୍ରକ



**ଛତ୍ରପୁର, ୯।୧୦ (ସଂଚାର ବ୍ୟୁରୋ) :** ଓଲଟିଲା କୋବି ବୋଝେଇ ଟ୍ରକ। ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ଡିମିରିଆ ଛକରେ ଦୁର୍ଘଟଣା। କର୍ଣ୍ଣାଟକରୁ ଭୁବନେଶ୍ୱର ଆସୁଥିଲା ଟ୍ରକ । ବିଳମ୍ବିତ ରାତିରେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିବାବେଳେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରାସ୍ତା କଡରେ ଓଜାଡି ହୋଇପଡିଥିଲା ବସ୍ତା ବସ୍ତା କୋବି । ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ‘ବିନା ନେତାରେ ଚାଲିଛି ବିଜେଡି ପଦଯାତ୍ରା’

**ଭୁବନେଶ୍ୱର, ୯।୧୦(ସଂଚାର ବ୍ୟୁରୋ):** ବିଜୁ ଜନତା ଦଳ ବର୍ତ୍ତମାନ ଦଳୀୟସଙ୍କଟ ଦେଇ ଗତି କରୁଛି। ଏହି ସଙ୍କଟ ଏତେ ମାତ୍ରାରେ ବଢ଼ିଯାଇଛି ଯେ, କିଏ କ'ଣ ନିଷ୍ପତ୍ତି ନେବ ତାହାକୁ କେହି ଜାଣିପାରୁନାହାନ୍ତି। ସେମାନେ ନିଜର ଦାବି କ'ଣ ସେ ବିଷୟରେ କିଛି ନ ଜାଣି କେବଳ ଦଳର ଅସ୍ତିତ୍ୱ ବଞ୍ଚାଇବା ପାଇଁ ପଦଯାତ୍ରା କରୁଛନ୍ତି ବୋଲି ବିଜେପି ତରଫରୁ କୁହାଯାଇଛି। ପ୍ରତିଥର ଦଳୀୟ ପଦଯାତ୍ରାରେ ପତାକା ଦେଖାଇ ଶୁଭାରମ୍ଭ କରିଥାନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ହେଲେ ଆଜି ସେ କୁଆଡେ ଗଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତାଙ୍କ ଦଳର କର୍ମୀମାନେ ଏବେ ନବୀନଙ୍କୁ ଖୋଜୁଛନ୍ତି। ବିନା ନେତାରେ ଏହି ପଦଯାତ୍ରା ଚାଲିଛି। ବିଜେଡି ପକ୍ଷରୁ ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋଠାରେ ‘ସେବା, ସ୍ୱାଭିମାନ ଓ ସଂଗ୍ରାମ ପଦଯାତ୍ରା’ କରାଯାଉଛି। ମାତ୍ର ଗତ ୨୪ ବର୍ଷ ଧରି ବିଜେଡି ଓଡ଼ିଶା ପାଇଁ କି ସେବା କରିଛି ତାହାକୁ ଲୋକ ଦେଖିଛନ୍ତି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ନାମରେ ହୋଇଥିବା ‘ଗୋପବନ୍ଧୁ ଗ୍ରାମୀଣ ରୋଜଗାର ଯୋଜନା’କୁ ବନ୍ଦ କରିଦେଇଥିଲା। ସବୁ ଯୋଜନା ଓ ପ୍ରତିମୂର୍ତ୍ତି କେବଳ ବିଜୁଙ୍କ ନାମରେ କରି ମହାପୁରୁଷମାନଙ୍କୁ ଅସମ୍ମାନିତ କରିଛି ବିଜେଡି। ଏଥିଯୋଗୁଁ ବିଜେଡିକୁ ଜନସାଧାରଣ ଉଚିତ ଜବାବ୍ ଦେଇଛନ୍ତି। ବିଜୁ ଜନତା ଦଳ ସରକାରରେ ଥିଲାବେଳେ ଓଡ଼ିଶାର ମା' ଓ ଭଉଣୀମାନଙ୍କ ପାଇଁ କିଛି କରି ନଥିଲା, ଚାଷୀଙ୍କୁ ୧୦୦ ଟଙ୍କା ବୋନସ୍ ଦେବାକୁ କହି ଠକି ଦେଇଥିଲା। ପଛୁଆବର୍ଗଙ୍କୁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଦେଇ ପାରି ନଥିଲା। ମାତ୍ର ବିଜେପି ରାଜ୍ୟରେ ସରକାର ଗଠନ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ସଶକ୍ତୀକରଣ ପାଇଁ ସୁଭଦ୍ରା ଯୋଜନାଠାରୁ ଆରମ୍ଭ କରି ଚାଷୀଙ୍କ ପାଇଁ ୮୦୦ ଟଙ୍କା ଲେଖାଏଁ ଇନ୍‌ପୁଟ୍ ସହାୟତା ଦେଇଛନ୍ତି। ଚଳିତ ଥର ଚାଷୀଙ୍କ ଠାରୁ ରେକର୍ଡ ପରିମାଣରେ ଧାନ କିଣାଯାଇଛି। ଏଥିସହ ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତା ବୃଦ୍ଧିଠାରୁ ଆରମ୍ଭ କରି ବିଜେପି ସରକାରର ସଫଳତାକୁ ପଦଯାତ୍ରାରେ ବିଜେଡି ଲୋକଙ୍କୁ ବାର୍ତ୍ତା ଦେବା ଉଚିତ୍ ବୋଲି ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ଜଣାଇଛନ୍ତି।

# ‘ଓଡ଼ିଶା ଆଧାରିତ ଜ୍ୟାକଫ୍ରୁଟ ବ୍ରାଣ୍ଡ ବିକଶିତ କରାଯିବ’

**ଭୁବନେଶ୍ୱର, ୯।୧୦(ସଂଚାର ବ୍ୟୁରୋ):** ମହାରାଷ୍ଟ୍ରର ଜ୍ୟାକଫ୍ରୁଟ କିଙ୍ଗ ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ଅଧ୍ୟକ୍ଷ ମିଥିଲେଶ ଦେଶାଇ ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରାଜ୍ୟରେ ପଣସ ଚାଷ ଏବଂ ଏହାର ପ୍ରକ୍ରିୟାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା।



ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସରକାରଙ୍କ ପ୍ରମୁଖ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଆଲୋଚନା ହୋଇଥିଲା। ପଣସ କ୍ଲଷ୍ଟରକୁ ପିପିପି ମୋଡ୍ ଆଧାରରେ ବିକଶିତ କରାଯିବା ଏବଂ କନ୍ଧମାଳ, କେନ୍ଦୁଝର, କୋରାପୁଟ ସମେତ ଅନୁଗୁଳ, ଢେଙ୍କାନାଳ, ଗଜପତି, ମୟୂରଭଞ୍ଜ, ରାୟଗଡ଼ା ଏବଂ ସୁନ୍ଦରଗଡ଼ ଭଳି ୬ଟି ମିଶନ ଜିଲ୍ଲା ସହିତ ପ୍ରକ୍ରିୟାକରଣ ସୁବିଧା ମଧ୍ୟ ବିକଶିତ କରାଯିବା ନେଇ ଆଲୋଚନା ହୋଇଥିଲା। ଆବଶ୍ୟକ ହେଲେ ରାଜ୍ୟରେ ପଣସର କ୍ଷେତ୍ର ପ୍ରସାରଣ ପାଇଁ କୃଷି/ଉଦ୍ୟାନ କୃଷି ଫାର୍ମକୁ କମ୍ପାନୀକୁ ଯୋଗାଇ ଦେବା ନିମନ୍ତେ ଆଲୋଚନା କରାଯାଇଥିଲା।

କୃଷି-ଜୈବ ବିବିଧତା ହେତୁ ଜ୍ୟାକଫ୍ରୁଟ୍ ମିଶନ ଅଧୀନରେ ବରଗଡ଼ ଜିଲ୍ଲାର ପଦ୍ମପୁର ଉପଖଣ୍ଡ ଏବଂ ବଲାଙ୍ଗିର ଜିଲ୍ଲାର ପାଟନାଗଡ଼ ଉପଖଣ୍ଡକୁ ସାମିଲ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ପଣସର ବ୍ୟବସାୟିକ ଇକୋସିଷ୍ଟମକୁ ଭଲ ଭାବରେ ବୁଝିବା ପାଇଁ ମହାରାଷ୍ଟ୍ରର ରତ୍ନଗିରି ଅଞ୍ଚଳର ଚାଷୀ/ଏଫପିଓମାନଙ୍କୁ ଏକ୍ସପୋଜର ଭିଜିଟର ବ୍ୟବସ୍ଥା କରାଯିବ। ପଣସ ମିଶନକୁ ସଫଳ କରିବା ନିମନ୍ତେ ସମନ୍ୱୟ ଉପରେ ବିଶେଷ ଧ୍ୟାନ ଦିଆଯିବ। ଓଡ଼ିଶା ଆଧାରିତ ଜ୍ୟାକଫ୍ରୁଟ ବ୍ରାଣ୍ଡ ବିକଶିତ କରାଯିବ ବୋଲି ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।

**● ସ୍ୱଚ୍ଛତା ସ୍ୱତନ୍ତ୍ର ଅଭିଯାନ ୫.୦**

## ଖୋର୍ଦ୍ଧାରୋଡ଼୍ ରେଳମଣ୍ଡଳ ପକ୍ଷରୁ ‘ଅମୃତ ସମ୍ବାଦ’ ଆୟୋଜନ

**ଭୁବନେଶ୍ୱର, ୯।୧୦(ସଂଚାର ବ୍ୟୁରୋ):** ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ଚଳିତ ସ୍ୱତନ୍ତ୍ର ଅଭିଯାନ ୫.୦ ର ଏକ ଅଂଶ ଭାବରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼୍ ରେଳମଣ୍ଡଳ ପୁରୀ ରେଳ ଷ୍ଟେସନରେ ‘ଅମୃତ ସମ୍ବାଦ’ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ରେଳ ଅଧିକାରୀ ଏବଂ ଯାତ୍ରୀଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ପାରସ୍ପରିକ କ୍ରିୟାକୁ ପ୍ରୋତ୍ସାହିତ କରିବା, ସ୍ୱଚ୍ଛ ଓ ପରିଷ୍କାର ପରିଚ୍ଛନ୍ନତା, ନିରାପତ୍ତା ଏବଂ ଯାତ୍ରୀ ସୁବିଧାର ଉନ୍ନତି ଉପରେ ଧ୍ୟାନ କେନ୍ଦ୍ରିତ କରିବା। ଅମୃତ ସମ୍ବାଦ ସମୟରେ, ଯାତ୍ରୀମାନେ ଷ୍ଟେସନର ପରିଷ୍କାର ପରିଚ୍ଛନ୍ନତା ଏବଂ ସାମଗ୍ରିକ ରକ୍ଷଣାବେକ୍ଷଣକୁ ପ୍ରଶଂସା କରିଥିବାବେଳେ ଲୋକାଲ ଟ୍ରେନରେ ଶୌଚାଳୟର ନିୟମିତ ସଫା କରିବା ଏବଂ ଉତ୍ତମ ସୁଗମତା ପାଇଁ ସମସ୍ତ ପ୍ଲାଟଫର୍ମରେ ରାମ୍ପ ସଂଯୋଗ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ । ଅନେକ ଯାତ୍ରୀ ଦିବ୍ୟାଙ୍ଗଜନ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ପାର୍କିଂ, ସୂଚନା ବୁଥ୍ ଏବଂ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ ଭଳି ସୁବିଧା ପ୍ରଦାନ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ । ରେଳ ଅଧିକାରୀମାନେ ଆଶ୍ୱାସନା ଦେଇଥିଲେ ଯେ ଯାତ୍ରୀମାନଙ୍କଠାରୁ ପ୍ରାପ୍ତ ସମସ୍ତ ଗଠନମୂଳକ ପରାମର୍ଶକୁ ପ୍ରାଥମିକତା ଦିଆଯିବ । ପୁରୀ ରେଳ ଷ୍ଟେସନରେ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ଅମୃତ ସମ୍ବାଦ ଅଧୀନରେ ଯାତ୍ରୀମାନଙ୍କଠାରୁ ପରିଷ୍କାର ପରିଚ୍ଛନ୍ନତା, ଆରାମ ଏବଂ ନୂତନ ସୁବିଧା ସମ୍ପର୍କରେ ମତାମତ ସଂଗ୍ରହ କରାଯାଇଥିଲା । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ମଧ୍ୟ ଏପରି ଅମୃତ ସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ, ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ଅନ୍ୟାନ୍ୟ ବରିଷ୍ଠ ଶାଖା ଅଧିକାରୀମାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଷ୍ଟେସନ ପରିବେଶ ଏବଂ ସେବାକୁ ଉନ୍ନତ କରିବା ପାଇଁ ମତାମତ ଏବଂ ପରାମର୍ଶ ସଂଗ୍ରହ କରିବା ପାଇଁ ଯାତ୍ରୀମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ଜଙ୍ଗଲରୁ ମିଳିଲା ବାଘର ପାଦଚିହ୍ନ



**କାମାକ୍ଷାନଗର,୯।୧୦ (ସଂଚାର ବ୍ୟୁରୋ):** ଗାଁରେ ପଡ଼ିଛି ବାଘର ପାଦ ଚିହ୍ନ। ଭୟଭୀତ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ମୁକ୍ତାପଶି ସେକ୍ସନର ଲୋକେ । କାଦବସନ୍ତ ଗାଁ ନିକଟସ୍ଥ ଜଙ୍ଗଲରୁ ଗୋଟେ ଗାଈକୁ ଟାଣି ନେଇଥିବା କହିଛନ୍ତି ଗ୍ରାମବାସୀ । ଖବର ପାଇ ରେଞ୍ଜର ଓ ବନକର୍ମଚାରୀ ମାନେ ବାଘର ପାଦଚିହ୍ନ ଠାବ କରିବା ସହ ବାଘର ଗତିବିଧି ଉପରେ ନଜର ରଖିଛନ୍ତି। ତେବେ ଏହା ମହାବଳ ବାଘ ନା ଚିତା ବାଘ ତାହା ସ୍ପଷ୍ଟ ହୋଇପାରି ନାହିଁ । ଗତ ଦୁଇ ଦିନ ତଳେ ମହାବିରୋଡ ରେଞ୍ଜର ମଦରଙ୍ଗାମୁଣ୍ଡା ଗାଁ ନିକଟରେ ବାଘ ବାହାରିବାର ଖବର ସାମ୍ନାକୁ ଆସିଥିଲା । ସେଠାରେ ମଧ୍ୟ ଏକ ଗାଈକୁ ଆକ୍ରମଣ କରିଥିଲା ବାଘ। ତେବେ ସେଠାକାର ବାଘ ଏଠାକୁ ଚାଲିଆସିଥିବା ସନ୍ଦେହ କରାଯାଉଛି। ବନବିଭାଗର ସ୍ୱତନ୍ତ୍ର ଟିମ ଓ ଢେଙ୍କାନାଳରୁ ରେସକ୍ୟୁ ଟିମ ପହଞ୍ଚି ତଲାସୀ ଜାରି ରଖିଥିବା ବନ ବିଭାଗ ପକ୍ଷରୁ ସୂଚନା ।

# ବିଜେଡି ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ

**ଭୁବନେଶ୍ୱର, ୯।୧୦(ସଂଚାର ବ୍ୟୁରୋ):** ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ, ତାଙ୍କର ଜନ୍ମମାଟି ସୁଆଣ୍ଡୋ ଗ୍ରାମରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ବିଜୁ ଜନତା ଦଳ ତା'ର ପଦଯାତ୍ରା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଗାନ୍ଧୀ ଜୟନ୍ତୀରେ ଅର୍ଥାତ ଅକ୍ଟୋବର ୨ ତାରିଖରେ ଏହି ପଦଯାତ୍ରା କାର୍ଯ୍ୟକ୍ରମ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜାଗାରେ ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରା କାର୍ଯ୍ୟକ୍ରମ ଗୋଟିଏ ମାସ ପାଇଁ ଅର୍ଥାତ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି। ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଡ. ଅରୁଣ କୁମାର ସାହୁ, ଡ. ଅମର ପଟ୍ଟନାୟକ, ଉମାକାନ୍ତ ସାମନ୍ତରାୟ, ସୁନିଲ ମହାନ୍ତି, ଅମରେଶ ପତ୍ରୀ, ସଂଜିତ ମହାନ୍ତି, ସୁବ୍ରତ ଛାଟୋଇ, ସୁନିଲ ପଣ୍ଡା ପ୍ରମୁଖ ଉତ୍କଳମଣିଙ୍କ ଜନ୍ମମାଟି ସୁଆଣ୍ଡୋରେ ଉପସ୍ଥିତ ହୋଇ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ନିକଟରୁ ସୁଆଣ୍ଡୋ ଗ୍ରାମ ପର୍ଯ୍ୟନ୍ତ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ହଜାର ହଜାର କର୍ମୀ ଅଂଶଗ୍ରହଣ କରିଥିଲେ। ସେହିପରି ଭୁବନେଶ୍ୱରରେ ଆୟୋଜିତ ଜନସଂପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଦେବୀ ପ୍ରସାଦ ମିଶ୍ର, ଅଶୋକ ପଣ୍ଡା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ମନ୍ମଥ ରାଉତରାୟ, ମଂଜୁଲତା କହଁରଙ୍କ ସହ ବହୁ କର୍ପୋରେଟର, ପୂର୍ବତନ କର୍ପୋରେଟର, ମହିଳା, ଯୁବ ଓ ଛାତ୍ରଙ୍କ ସମେତ ବହୁ ନେତା ସାମିଲ ଥିଲେ।



**ସାକ୍ଷୀଗୋପାଳରୁ ସୁଆଣ୍ଡୋ ଗ୍ରାମ ପର୍ଯ୍ୟନ୍ତ ପଦଯାତ୍ରା କାର୍ଯ୍ୟକ୍ରମ**

# ପ୍ରଦେଶ ଯୁବ କଂଗ୍ରେସର ପ୍ରତାରଣା ପ୍ରତିବାଦ ସମାବେଶ

**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ଆଜି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଭୋଟ ଚୋରି ଓ ଚାକିରି ବିକ୍ରୀ ବିରୁଦ୍ଧରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ସଭାପତି ଉଦୟ ଭାନୁ ଚିବ୍ ଯୋଗଦେଇଥିଲେ। ଶ୍ରୀ ଉଦୟ ଭାନୁ ଚିବଙ୍କୁ ସତ୍ୟନଗର ଠାରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଅଣାଯାଇଥିଲା। ସେଠାରେ ଆୟୋଜିତ ବିକ୍ଷୋଭ ସମାବେଶରେ ଉଦବୋଧନ ଦେଇ ଶ୍ରୀ ଚିବ୍ କହିଥିଲେ ଯେ, ଆଜିର ‘ପ୍ରତାରଣା ପ୍ରତିବାଦ ସମାବେଶ’ ମାଧ୍ୟମରେ ଓଡ଼ିଶାର ଯୁବ ସମାଜ କେବଳ ଭୋଟଚୋରି ଓ ଚାକିରି ବିକ୍ରି ନୁହେଁ ଓଡ଼ିଶାରେ ଉତ୍କଟ ବେକାରୀ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ମହିଳା ନିର୍ଯାତନା ବୃଦ୍ଧି ଓ ଦରଦାମ ବୃଦ୍ଧି ପ୍ରତିବାଦରେ ସେମାନଙ୍କର ଅସନ୍ତୋଷକୁ ବ୍ୟକ୍ତ କରିଛନ୍ତି।



ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ ଯୋଗଦେଇ ଭୋଟ ଚୋରି ଓ ଚାକିରି ବିକ୍ରି ବିରୋଧରେ ନିର୍ବାଚନ କମିଶନର ଓ ମୋହନ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ରମେଶ ଜେନା, ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ରିୟାନା ରାଜୁ ଓ ସହ ସମ୍ପାଦିକା ଖୁସି ଟିଗା, ମନୋଜ ଜେନା, ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, ଜାତୀୟ ଯୁବ କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଦିପ ସାମଲ, ଅଭିଲାଷ ମାଣିଆ, ଇଂ. ଅମରେଶ ପରିଡ଼ା, କୃଷ୍ଣ ମହାନ୍ତି, ଗଣେଶ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ନିହାର ବେହେରା, ଗୋପନ ମାର୍ଥା, ଅଭିଜିତ ଜେନା, ସ୍ୱାଗତ କର, ମହମ୍ମଦ ଗୁଲଫାମ, କେଦାର ଦଳାଇ, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ରାଜଧାନୀକୁ ବୁଡ଼ାଉଛି ପେଭର ବ୍ଲକ, ଟାଇଲ୍

**ଭୁବନେଶ୍ୱର,୯।୧୦:** ବର୍ଷାରେ ରାଜଧାନୀର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହେଉଥିବାବେଳେ ଏଥିପାଇଁ ଆଖିବୁଜା ଭାବେ ବିଛା ଯାଇଥିବା ପେଭର ବ୍ଲକ ଓ ଟାଇଲ୍‌କୁ ଦାୟୀ କରାଯାଉଛି। ଏଗୁଡିକ ବିଛାଯିବା ଫଳରେ ବର୍ଷାଜଳ ମାଟି ଭିତରକୁ ଯିବାପରେ ରାସ୍ତାରେ ସୁଅ ଛୁଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି।

ଦୁଇଦିନ ତଳେ ଜନପଥରେ ବର୍ଷାଜଳ ବନ୍ୟାର ଭ୍ରମ ସୃଷ୍ଟି କରିଥିବାବେଳେ ଏଥିପାଇଁ ବିଛାଯାଇଥିବା ଟାଇଲ୍ ଓ ପେଭର ବ୍ଲକକୁ ଦାୟୀ କରାଯାଉଛି। ରାଜଧାନୀ ଏକ ପାହାଡିଆ ଅଞ୍ଚଳ ହୋଇଥିବାରୁ ପେଭର ବ୍ଲକ ଓ ଟାଇଲ୍ ଉପରେ ହେଉଥିବା ବର୍ଷାଜଳ ମାଟି ଭିତରକୁ ଯିବା ପରିବର୍ତ୍ତେ ଅତ୍ୟନ୍ତ କ୍ଷୀପ୍ର ଗତିରେ ତଳକୁ ଗଡିଆସୁଛି। ବର୍ଷାଜଳ ବହୁ ସ୍ଥାନରେ ଏକତ୍ରିତ ହେବାପରେ ତାହା ବନ୍ୟାର ଭ୍ରମ ସୃଷ୍ଟି କରୁଛି। ବର୍ଷାଜଳର ସ୍ରୋତ ଏତେ ପ୍ରଖର ହେଉଛି ଯେ, ଦୁଇଚକିଆ ଯାନକୁ ଏହା ଭସାଇ ନେବାରେ ସକ୍ଷମ ହେଉଛି। ପରିବେଶବିତ୍‌ମାନଙ୍କ କହିବାକଥା ଯେ, ପେଭର ବ୍ଲକ ଓ ଟାଇଲ୍ ବିଛାଯିବା ଏବେ ରାଜଧାନୀ ପାଇଁ ଧୀରେ ଧୀରେ କାଳ ହେବାରେ ଲାଗିଛି। ଅଧିକାଂଶ ସ୍ଥାନରେ ଟାଇଲ୍ ଓ ପେଭରବ୍ଲକଗୁଡିକ ମାଟି କିମ୍ବା ବାଲି ଉପରେ ବିଛାଇବା ବଦଳରେ ତାହାକୁ କଂକ୍ରିଟ୍ ଢଳେଇ ଉପରେ କର୍ତ୍ତୃପକ୍ଷ ବିଛାଇ ଦେଉଛନ୍ତି। ଫଳରେ ସାମନ୍ୟ ବର୍ଷାପାଣି ବି ମାଟି ଭିତରକୁ ଯାଇପାରୁ ନାହିଁ ।

ଠିକାଦାର ପୋଷିବା ପାଇଁ ହେଉ କିମ୍ବା ଅନ୍ୟ କୌଣସି କାରଣ ପାଇଁ ସହରର ଯେଉଁସବୁ ସ୍ଥାନରେ ପେଭର ବ୍ଲକ ବିଛାଇବାର ଆବଶ୍ୟକତା ନାହିଁ ସେଠାରେ ବି ବିଛାଯାଉଛି । ରାସ୍ତାପାଶ୍ୱର୍ରେ ଥିବା ଗଛ ମୂଳକୁ ବି ଛାଡୁ ନାହାନ୍ତି । ସେହିଭଳି ପିଚୁ ରାସ୍ତା ପାର୍ଶ୍ୱରେ ମାଟିକୁ ତାଡି ସେଠାରେ କଂକ୍ରିଟ୍ ବିଛାଇ ଦିଆଯାଉଛି। ବହୁ ସ୍ଥାନରେ ପୁରୁଣା ଡ୍ରେନଗୁଡିକୁ ଭାଙ୍ଗି ସେଠାରେ ବକ୍ସ ଡ୍ରେନ କରାଯାଇଛି। ଏହି ଡ୍ରେନର ଚାରିପଟେ କଂକ୍ରିଟ କାନ୍ଥ ଥିବାରୁ ପାଣି ମାଟି ଭିତରକୁ ଯିବା ବଦଳରେ ଡ୍ରେନରେ ସୁଅ ଛୁଟୁଛି। ଫଳରେ ଯେଉଁଠାରେ ଡ୍ରେନ ମୁକୁଳା ରହିଛି କିମ୍ବା ତଳମୁଣ୍ଡରେ ପଡିଛି ସେଠାରେ ଲୋକେ ଏଥିରେ ପଡି ମୃତ୍ୟୁବରଣ କରିବାର ବି ବହୁ ନଜିର ରହିଛି।

ତେଣୁ ସହରରେ ଯେଭଳି ଆଖିବୁଜା ଭାବେ କର୍ତ୍ତୃପକ୍ଷ ପେଭରବ୍ଲକ, ଟାଇଲ୍ ବିଛାଇବା ସହିତ ମାଟିତାଡି କଂକ୍ରିଟ୍ ପକାଉଛନ୍ତି ସେଥିରେ କଟକଣା ନଲାଗିଲେ ଆଗାମୀ ଦିନରେ କେବଳ ରାଜଧାନୀରେ ସହରୀ ବନ୍ୟାସ୍ଥିତି ଗୁରୁତର ହେବନାହିଁ ଗ୍ରୀଷ୍ମଋତୁରେ ବି ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡିବ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି । (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶୁକ୍ରବାର ୧୦ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Friday 10 October 2025, Bhubaneswar

# ଅଫିସରଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବୃତ୍ତି : ଏକ ଗମ୍ଭୀର ସମସ୍ୟା



ଆଜିର ଦ୍ରୁତଗାମୀ ଓ ଚାପଗ୍ରସ୍ତ ଜୀବନଶୈଳୀରେ ଆତ୍ମହତ୍ୟା ଏକ ଗମ୍ଭୀର ସାମାଜିକ ସମସ୍ୟା ରୂପେ ଉଭା ହୋଇଛି। ବିଶେଷ କରି, ସରକାରୀ ଅଧିକାରୀମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବୃତ୍ତିର ବୃଦ୍ଧି ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ସରକାରୀ କର୍ମଚାରୀମାନେ, ଯେଉଁମାନେ ସମାଜର ମେରୁଦଣ୍ଡ ଭାବେ କାର୍ଯ୍ୟ କରନ୍ତି, ସେମାନଙ୍କ ମଧ୍ୟରେ ଏହି ମାନସିକ ସ୍ଥିତି କାହିଁକି ବୃଦ୍ଧି ପାଉଛି? ଏହାର ମୂଳ କାରଣ ଏବଂ ସମାଧାନ ଖୋଜିବା ଜରୁରୀ।

ସରକାରୀ ଅଧିକାରୀମାନଙ୍କ ଉପରେ କାର୍ଯ୍ୟର ଚାପ ଏକ ପ୍ରମୁଖ କାରଣ। ସରକାରୀ ବ୍ୟବସ୍ଥାରେ ଅଧିକାରୀମାନେ ଅନେକ ଦାୟିତ୍ୱ ତୁଲାଇବାକୁ ପଡ଼େ। ଜନସାଧାରଣଙ୍କ ସମସ୍ୟାର ସମାଧାନ, ନୀତି କାର୍ଯ୍ୟକାରୀ କରିବା, ଓ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ପାଳନ କରିବା ଭଳି କାର୍ଯ୍ୟ ସେମାନଙ୍କ ମାନସିକ ଚାପକୁ ବଢ଼ାଇ ଦିଏ। ଏହା ସହିତ ସମୟ ସୀମାରେ କାର୍ଯ୍ୟ ସମ୍ପାଦନ କରିବାର ଚାପ, ରାଜନୈତିକ ହସ୍ତକ୍ଷେପ, ଓ ପ୍ରଶାସନିକ ଜଟିଳତା ସେମାନଙ୍କୁ ଅସହାୟ କରିଦେଇଛି। ଏହି ଚାପ ଅନେକ ସମୟରେ ମାନସିକ ଅବସାଦ ଓ ଆତ୍ମହତ୍ୟା ଚିନ୍ତାଧାରାରେ ପରିଣତ ହୁଏ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି କାର୍ଯ୍ୟ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନର ଅଭାବ। ସରକାରୀ ଅଧିକାରୀମାନେ ପ୍ରାୟତଃ ଦୀର୍ଘ ସମୟ କାର୍ଯ୍ୟ କରନ୍ତି, ଯାହା ସେମାନଙ୍କ ପାରିବାରିକ ଜୀବନ ଓ ବ୍ୟକ୍ତିଗତ ସମୟକୁ ପ୍ରଭାବିତ କରେ। ଏହା ସେମାନଙ୍କ ମଧ୍ୟରେ ଏକାକୀତା ଓ ମାନସିକ ଅସନ୍ତୋଷ ସୃଷ୍ଟି କରେ। ଏହା ସହିତ, ସାମାଜିକ ଓ ଆର୍ଥିକ ଚାପ, ପଦୋନ୍ନତିରେ ବିଳମ୍ବ, ଓ ସହକର୍ମୀଙ୍କ ସହ ଅସୁସ୍ଥ ପରିବେଶ ମଧ୍ୟ ଏହି ସମସ୍ୟାକୁ ବଢ଼ାଇଥାଏ। ଅନେକ ସମୟରେ, ସରକାରୀ ଅଧିକାରୀମାନେ ଦୁର୍ନୀତି ଅଭିଯୋଗ କିମ୍ବା ଅନୁସନ୍ଧାନର ଚାପରେ ମଧ୍ୟ ନିଜକୁ ଅସହାୟ ଅନୁଭବ କରନ୍ତି, ଯାହା ସେମାନଙ୍କୁ ଚରମ ପଦକ୍ଷେପ ନେବାକୁ ପ୍ରେରିତ କରେ।

ଏହି ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥାପନା ଓ ସାମାଜିକ ସ୍ତରରେ ପଦକ୍ଷେପ ନେବା ଜରୁରୀ। ପ୍ରଥମେ, ସରକାରୀ ଅଧିକାରୀମାନଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉଚିତ। ମାନସିକ ଚାପ ନିୟନ୍ତ୍ରଣ ପାଇଁ ପରାମର୍ଶ ସେବା ଓ ହେଲ୍ପଲାଇନ ସୁବିଧା ଉପଲବ୍ଧ କରାଯାଉ। ସରକାରୀ ବିଭାଗଗୁଡ଼ିକରେ କାର୍ଯ୍ୟ ପରିବେଶକୁ ସୁଧାରିବା ପାଇଁ ପଦକ୍ଷେପ ନିଆଯାଉ, ଯେପରିକି କାର୍ଯ୍ୟର ଚାପ ହ୍ରାସ କରିବା, ସମୟ ନିର୍ଦ୍ଧାରଣକୁ ଯୁକ୍ତିଯୁକ୍ତ କରିବା, ଓ ପଦୋନ୍ନତି ପ୍ରକ୍ରିୟାକୁ ସ୍ୱଚ୍ଛ କରିବା। ଏହା ସହିତ, ଅଧିକାରୀମାନଙ୍କୁ ନିୟମିତ ତାଲିମ ଓ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷାର ସୁବିଧା ଦିଆଯାଉ।

ସାମାଜିକ ସ୍ତରରେ, ଆତ୍ମହତ୍ୟା ସମ୍ବନ୍ଧୀୟ କଳଙ୍କକୁ ଦୂର କରିବା ଆବଶ୍ୟକ। ଅଧିକାରୀମାନେ ଯେପରି ନିଜର ମାନସିକ ସମସ୍ୟା ବିଷୟରେ ଖୋଲାଖୋଲି ଆଲୋଚନା କରିପାରନ୍ତି, ତାହା ପାଇଁ ଏକ ସହାୟକ ପରିବେଶ ସୃଷ୍ଟି କରାଯାଉ। ପରିବାର ଓ ସମାଜର ସମର୍ଥନ ମଧ୍ୟ ଏହି ସମସ୍ୟା ନିରାକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ।

ସରକାରୀ ଅଧିକାରୀମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବୃତ୍ତିର ବୃଦ୍ଧି କେବଳ ବ୍ୟକ୍ତିଗତ କ୍ଷତି ନୁହେଁ, ଏହା ସମାଜ ଓ ପ୍ରଶାସନ ପାଇଁ ମଧ୍ୟ ଏକ ବଡ଼ ଆଘାତ। ଏହାକୁ ରୋକିବା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ। ଆସନ୍ତୁ, ଆମେ ଏକ ସମ୍ବେଦନଶୀଳ ଓ ସହାୟକ ସମାଜ ଗଠନ କରିବା ଦିଗରେ ଅଗ୍ରସର ହେଉ, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ନିଜର ମୂଲ୍ୟ ଅନୁଭବ କରିପାରେ।

# ରାଣୀ ଦୁର୍ଗାବତୀ: ନାରୀ ଶକ୍ତି ଏବଂ ସାହସର ଅଗ୍ନିଶିଖା



ସାବିତ୍ରୀ ଠାକୁର

ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ନୀତି ଏବଂ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକର କଳ୍ପନା କରାଯିବାର ଶହ ଶହ ବର୍ଷ ପୂର୍ବରୁ, ଗୋଣ୍ଡ ସାମ୍ରାଜ୍ୟର ଜଣେ ଯୁବା ଆଦିବାସୀ ରାଣୀ ସର୍ବୋଚ୍ଚ ସ୍ଥାନରେ ଠିଆ ହୋଇଥିଲେ, ଯିଏ ଆତ୍ମସମର୍ପଣ କରିବା ପରିବର୍ତ୍ତେ ଆତ୍ମସମ୍ମାନ, ରାଜକୀୟ ଏବଂ କର୍ତ୍ତବ୍ୟର ମାର୍ଗକୁ ହିଁ ଚୟନ କରିଥିଲେ। ଭାରତର ବୀରତା ଏବଂ ପରାକ୍ରମର ପ୍ରତୀକ ଭାବରେ ଯଦି ସ୍ମରଣ କରାଯାଏ, ତେବେ ଯାହା ସ୍ମୃତିକୁ ଆସେ, ତାହା ହେଉଛି ରାଣୀ ଦୁର୍ଗାବତୀଙ୍କ ନାମ। ସେ କେବଳ ଅସୀମ ପରାକ୍ରମର ପ୍ରତୀକ ନ ଥିଲେ, ଅପର ପକ୍ଷେ ଆଜି ସୁଦ୍ଧା। ସାର୍ବଜନୀନ ଜୀବନ, ବ୍ୟବସାୟ, ବିଜ୍ଞାନ ଏବଂ ଜନସେବା କ୍ଷେତ୍ରରେ ତାଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗ ଜଳଜଳ ହୋଇ ଦୃଶ୍ୟମାନ ଏବଂ ଏହା ଦ୍ୱାରା ଅସଂଖ୍ୟ ମହିଳା ପ୍ରେରଣା ଲାଭ କରିଆସୁଛନ୍ତି। ତାଙ୍କର ୫୦୧ତମ ଜୟନ୍ତୀ ପାଳନ ଅବସରରେ, ଆମେ ତାଙ୍କର ସେହି ଗାଥା ଏବଂ ସେହିସବୁ ମୂଲ୍ୟବୋଧକୁ ସ୍ମରଣ କରୁଛୁ। ଯାହା ଷୋଡଶ ଶତାବ୍ଦୀରେ ଯୁଦ୍ଧକ୍ଷେତ୍ରଠାରୁ ନେଇ ଆଧୁନିକ ଭାରତର ନୀତି ପର୍ଯ୍ୟନ୍ତ ଆମମାନଙ୍କ ନିମନ୍ତେ ଶତତ ପ୍ରେରଣାର ସ୍ରୋତ ଭାବରେ ପ୍ରବାହିତ ହୋଇଆସୁଛି।

## ● ଅଦମ୍ୟ ସାହସର ପ୍ରତିମା



ରାଣୀ ଦୁର୍ଗାବତୀଙ୍କ ଜୀବନ ଏକ କିମ୍ବଦନ୍ତୀ ଭାବେ ଇତିହାସରେ ଅମର ହୋଇ ରହିଛି, କାରଣ ସେ ଜଣେ ନିଷ୍କ୍ରିୟ ପାତ୍ର ହୋଇ ରହିବାକୁ ଅସ୍ୱୀକାର କରିଥିଲେ। ବାହ୍ୟ ଆକ୍ରମଣକାରୀ ମୋଗଲ ଶକ୍ତିଙ୍କୁ ସାମ୍ନା କରି, ସେ ନିଜ ରାଜ୍ୟ ଏବଂ ପ୍ରଜାମାନଙ୍କ ସୁରକ୍ଷା ପାଇଁ ଅଦମ୍ୟ ସଂକଳ୍ପ ନେଇଥିଲେ ଏବଂ ସେହି ଦାୟିତ୍ୱ ନିଜ କାନ୍ଧରେ ଉଠାଇଥିଲେ। ସେ ଜଣେ ସାହାସିନୀ ଓ ବିଚକ୍ଷଣ ଶାସକ ଥିଲେ, ଯିଏ ନିଜ ସେନାକୁ କେବଳ ଯୁଦ୍ଧରେ ନେତୃତ୍ୱ ଦେଇ ନଥିଲେ, ବରଂ ରାଜନୈତିକ ଓ ସାମରିକ ନିର୍ଣ୍ଣୟରେ ମଧ୍ୟ ଅସାଧାରଣ ବୁଦ୍ଧିମତ୍ତା ପ୍ରଦର୍ଶନ କରିଥିଲେ। ଶତ୍ରୁସେନା ସହିତ ସାହସିକ ଯୁଦ୍ଧ କରି, ସେ ପରିଶେଷରେ ନିଜ ଜୀବନ ବଳିଦାନ ଦେଇଥିଲେ। ରାଣୀ ଦୁର୍ଗାବତୀ ନିଜକୁ ଜଣେ କ୍ଷେତ୍ରୀୟ ଶାସକ ରୂପରେ ସୀମିତ ରଖୁନଥିଲେ, ବରଂ ଜାତୀୟ ଗୌରବ ଓ ପ୍ରେରଣାର ପ୍ରତୀକ ଭାବରେ ଉନ୍ନୀତ କରିଥିଲେ। ଆଜି ସେ ଲୋକକଥା, ସ୍ମାରକ ଓ ମଧ୍ୟଭାରତୀୟ ସଂସ୍କୃତିର ଅଖଣ୍ଡ ଅଂଶ ଭାବେ ସଦାସର୍ବଦା ସ୍ମରଣୀୟ ଅଟନ୍ତି। ତାଙ୍କ ଜୀବନ ଏହାର ଜୀବନ୍ତ ମିଶାଲ ଯେ, ସାହସ ଓ ନେତୃତ୍ୱ କେବଳ କୌଣସି ଏକ ଲିଙ୍ଗର ସୀମାରେ ବନ୍ଦୀ ନୁହେଁ - ଏହା ମାନବ ସାହସ ଓ ସଂକଳ୍ପର ପରମ ପ୍ରତୀକ ଅଟେ।

## ● ପ୍ରତୀକରୁ ନୀତି ପର୍ଯ୍ୟନ୍ତ: ଭାରତ ଏହି କର୍ତ୍ତବ୍ୟ ନିର୍ବହନ କରେ

ଆଜିର ଆଧୁନିକ ଭାରତରେ ମହିଳା କଲ୍ୟାଣ ଏବଂ ସଶକ୍ତିକରଣ ପାଇଁ ଯେଉଁ ସ୍ଥାପତ୍ୟ ଗଠିତ ହୋଇଛି - ଯାହା ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ସମ୍ପୃକ୍ତ ବିଭାଗଗୁଡିକ ଦ୍ୱାରା ନିର୍ମିତ ହେଉଛି - ସେଥିରେ ରାଣୀ ଦୁର୍ଗାବତୀଙ୍କ ଜୀବନ ଏକ ଗଭୀର ପ୍ରେରଣା ସ୍ୱରୂପ ଅଟେ। ଯେପରି ସେ ନିଜ ସମୟରେ ରାଜ୍ୟ ଓ ପ୍ରଜାମାନଙ୍କ ସୁରକ୍ଷା ପାଇଁ ନିଜ କର୍ତ୍ତବ୍ୟ ଏବଂ ସାର୍ବଜନୀନ ଦାୟିତ୍ୱ ପୂରଣ କରିଥିଲେ, ସେହିପରି ଆଜିର ସରକାର ମହିଳାମାନଙ୍କ ଅଧିକାର, ସୁଯୋଗ ଓ ସମାନ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ସମସ୍ତ କ୍ଷେତ୍ରରେ ପ୍ରତିବଦ୍ଧ ଅଟେ ଓ ରାଣୀ ଦୁର୍ଗାବତୀଙ୍କ ଜୀବନ ଆମକୁ ଏହା ଶିଖାଏ ଯେ, ସମାଜର ସତ୍ୟ ସଶକ୍ତିକରଣ ସେତେବେଳେ ସମ୍ଭବ ଯେତେବେଳେ କର୍ତ୍ତବ୍ୟ, ସାହସ ଓ ସେବାଭାବ ଏକାତ୍ମ ହୁଏ। ତାଙ୍କ ଅଦମ୍ୟ ମନୋବଳ ଓ ନିଷ୍ଠା ଆଜିର ନୀତି ଓ ପରିକଳ୍ପନାମାନଙ୍କୁ ଅନୁପ୍ରାଣିତ କରୁଛି।

**ଶିକ୍ଷା ଏବଂ ସାମାଜିକ ସମାନତା:** କନ୍ୟା ସନ୍ତାନମାନଙ୍କ ଶିକ୍ଷାରେ ସୁଧାର ଏବଂ ଲିଙ୍ଗଗତ ଭେଦଭାବକୁ ହ୍ରାସ କରିବା ଉଦ୍ଦେଶ୍ୟରେ ପ୍ରବର୍ତ୍ତନ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଆଜି ସମାଜର ମୂଳଦୁଆକୁ ଦୃଢ଼ କରିବାରେ ଲାଗିଛି।

**ଆର୍ଥିକ ସଶସ୍ତ୍ରୀକରଣ ଏବଂ ଉଦ୍ୟମିତା:** କୌଶଳ ବିକାଶ ଭଳି ଉପକ୍ରମ ଠାରୁ ନେଇ ଋଣ ଏବଂ ବଜାର ପର୍ଯ୍ୟନ୍ତ ପହଞ୍ଚ ପ୍ରଦାନ କରିବା ଭଳି ଯୋଜନାଗୁଡ଼ିକ ମହିଳାମାନଙ୍କୁ ଉଦ୍ୟୋଗ ଓ ବ୍ୟବସାୟ କ୍ଷେତ୍ରରେ ନେତୃତ୍ୱ ନେବାର ଭୂମିକା ନିର୍ବାହ ନିମନ୍ତେ ସେମାନଙ୍କୁ ସକ୍ଷମ କରିପାରିଛି। ଏହି ପ୍ରୟାସ ଆଧୁନିକ ଶାପନ ଏବଂ ନିଶରି ଗ୍ରହଣରେ ମହିଳାମାନଙ୍କ ସକ୍ରିୟ ଭାଗୀଦାରୀକୁ ମଧ୍ୟ ସୁନିଶ୍ଚିତ କରିଛି।

**ମହିଳା ଏବଂ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର**

# କରୁଣ ଦୃଶ୍ୟ



କିଶୋର ଚନ୍ଦ୍ର ବେହେରା

ଭାରତୀୟ ସଂସ୍କୃତିରେ ଶିକ୍ଷାର ଲକ୍ଷ୍ୟ ହେଉଛି ଚରିତ୍ର ଗଠନ ଓ ପବିତ୍ରତା । ମାନବ ଜୀବନର ବହୁ ଅସୁବିଧା, ଜଟିଳ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିବା କ୍ଷେତ୍ରରେ ଯାହା ମସ୍ତିଷ୍କର ବୌଦ୍ଧିକତାକୁ ଶାଣିତ କରିଥାଏ, ତାକୁ ଶିକ୍ଷା କୁହାଯାଏ । ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାରେ ଛାତ୍ର ଜୀବନରେ ଖଦୀବସ୍ତ୍ର ପରିଧାନ, ସୂତାକାଟିବା କାର୍ଯ୍ୟ ଛାତ୍ରମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଅନୁପ୍ରେରିତ କରିବା ସହ ବଳକା ସମୟର ସଦୁପଯୋଗ କର୍ମତତ୍ପର କରିଥାଏ । ଆତ୍ମନିଯୁକ୍ତି କ୍ଷେତ୍ରରେ ଏହା ବେଶ ଖୋରାକ୍ ଯୋଗାଇ ଥାଏ । ବେକାର ସମସ୍ୟା ବିରୁଦ୍ଧରେ ଏହା ତ ଏକ ସଫଳ ପଦକ୍ଷେପ । ମାନବିକ ଶକ୍ତିର ସୁବିନିଯୋଗ, ତଥା ବିକାଶ ଦିଗରେ ଏହା ସହାୟକ ହୋଇଥାଏ । ରାଷ୍ଟ୍ରୀୟ ଅର୍ଥନୈତିକ ପ୍ରଗତିରେ ଏକ ବଳିଷ୍ଠ ତଥା ଗଠନମୂଳକ ଭୂମିକା ନିଭାଇଥାଏ । ସେହିପରି ନିତ୍ୟ-ନୈମିତ୍ତିକ ଶିକ୍ଷା ସହ ଧନ୍ଦାମୂଳକ ବୈଷୟିକ ଶିକ୍ଷା ଅଙ୍ଗୀଭୂତ ନହେଲେ ସେ ଶିକ୍ଷା ଅକାରଣ । କାରଣ, ଶିକ୍ଷାର ପରିସର ବ୍ୟାପକ ଓ ଦୀର୍ଘ ଯୋଜନା ମୂଳକ କାର୍ଯ୍ୟକ୍ରମ। ୧୯୭୬ ମସିହାରେ ୪୨ତମ ସମ୍ବିଧାନ ସଂଶୋଧନ ଏକ ମୌଳିକ ପରିବର୍ତ୍ତନ ଆଣିଥିଲା, ଏହା ଶିକ୍ଷାକୁ ରାଜ୍ୟର ତାଲିକାରୁ ବର୍ତ୍ତମାନର ତାଲିକାକୁ ପରିବର୍ତ୍ତନ କରିଥିଲା, ଏହା ଆମ ଦେଶର କେନ୍ଦ୍ରୀୟ ବ୍ୟବସ୍ଥାର ଗୁରୁତ୍ୱକୁ ବୁଝିପାରିଥିଲା ଏବଂ ଶୈକ୍ଷିକ ଲକ୍ଷ୍ୟକୁ ଆଗେଇ ନେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କୁ ପ୍ରାଥମିକତା ଦେଇଥିଲା । ଶିକ୍ଷା ଉପରେ ଯେ କୌଣସି ନୀତି ସମଗ୍ର ଶିକ୍ଷା ପ୍ରକ୍ରିୟାର ଅନ୍ତଃ-ବିଭାଗୀୟ ଏବଂ ଅନ୍ତଃ – ମନ୍ତ୍ରଣାଳୟ ପ୍ରଭାବକୁ ଏବଂ ରଜ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବା ଆବଶ୍ୟକ । ଜୁଲାଇ ୨୯ ତାରିଖରେ କେନ୍ଦ୍ର ସରକାର 'ଜାତୀୟ ଶିକ୍ଷା ନୀତି-୨୦୨୦' ପ୍ରଣୟନ କରିଛନ୍ତି। ସ୍ୱାଧୀନ ଭାରତରେ ତୃତୀୟ ଥର ପାଇଁ ଶିକ୍ଷା ନୀତି କରାଯାଇଛି। ପୂର୍ବରୁ ୧୯୬୮ ଓ ୧୯୮୬ରେ ଶିକ୍ଷା ନୀତି ପ୍ରଣୟନ କରାଯାଇଥିଲା। ନୂଆ ନୀତିରେ ଉଭୟ ପ୍ରାଥମିକ ଶିକ୍ଷା ଓ ଉଚ୍ଚଶିକ୍ଷାର ପାଠ୍ୟକ୍ରମ, ପରୀକ୍ଷା ପ୍ରଣାଳୀ ସବୁଥିରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଏପରିକି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ନାମ ବଦଳାଯାଇ 'ଶିକ୍ଷା ମନ୍ତ୍ରଣାଳୟ' ନାମରେ ନାମିତ କରାଯାଇଛି।

ଦୀର୍ଘ ୩୪ ବର୍ଷ ପରେ ଶିକ୍ଷା ନୀତି ବଦଳୁଥିବାରୁ ତାହାକୁ ନେଇ ଦେଶବ୍ୟାପୀ ସମସ୍ତ ଶିକ୍ଷାନୁଷ୍ଠାନରେ ପାଠଚକ୍ର, ଆଲୋଚନା, ସମାଲୋଚନା ସମସ୍ୟାର ସମାଧାନ ପାଇଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଅଣ୍ଟା ଭିଡିଥିଲା ବେଳେ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଲଗି ରହିଛି ଉତ୍କଟ ଶିକ୍ଷକ ମରୁଡ଼ି ଅବସ୍ଥା। ଏଥିସହିତ ଦୁର୍ବଳ ଭିତ୍ତିଭୂମି। ଏହାର ପ୍ରତିକାର କରିବା ପରିବର୍ତ୍ତେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ସରକାର ଦଣ୍ଡମୁକ୍ତ ଅଞ୍ଚଳର ଅଣ୍ଡାଯୁକ୍ତ ମାଗଣା ଆହାର କେନ୍ଦ୍ରରେ ପରିଣତ କରିଛନ୍ତି। ପୂର୍ବର ଶିକ୍ଷା ନୀତିଗୁଡ଼ିକ ସ୍ପଷ୍ଟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଛନ୍ତି, ଯଦିଓ ସେଥିରୁ ଅନେକ ସମ୍ପୂର୍ଣ୍ଣଭାବେ ଅନୁଭୂତ ହୋଇପାରିନାହିଁ । ଯଦିଓ ଭାରତ ଶିକ୍ଷାର ସବୁ ସ୍ତରରେ ଯୋଗଦାନ ଏବଂ ପ୍ରବେଶକୁ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣଭାବେ ପ୍ରଗତି କରିଛି, ଦେଶରେ ଶିକ୍ଷାର ସର୍ବୋନ୍ନତିର ମିଶ୍ରିତ ଛବି, ଶିକ୍ଷାରେ ଯୋଗଦାନ ଏବଂ ପ୍ରବେଶର ସମସ୍ୟା, ଦିଆଯାଉଥିବା ଶିକ୍ଷାର ଗୁଣାତ୍ମକ ମାନ, ଶିକ୍ଷାରେ ସମାନତା, ବ୍ୟବସ୍ଥାର ଦକ୍ଷତା, ଶାସନ ଏବଂ ପରିଚାଳନା, ଗବେଷଣା ଓ ବିକାଶ, ଶିକ୍ଷାର ବିକାଶରେ ଆର୍ଥିକ ବିଷୟ ସମ୍ବନ୍ଧିତ ଅନେକ ଚିନ୍ତା ଏବଂ ସମସ୍ୟା ରହିଆସିଛି ।

ଉଚ୍ଚଶିକ୍ଷା କ୍ଷେତ୍ରରେ ସ୍ନାତକ ମହାବିଦ୍ୟାଳୟମାନଙ୍କର ବର୍ଗୀକରଣ ନୂତନ ଶିକ୍ଷା ନୀତିରେ ଅଗ୍ରଗତି ନେଇ ଶିକ୍ଷାବିତ, ଛାତ୍ରଛାତ୍ରୀ, ଅବିଭାବକ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ସରକାରୀ ସ୍ନାତକ ମହାବିଦ୍ୟାଳୟ, ୪୮୮ ବର୍ଗ ସ୍ନାତକ ମହାବିଦ୍ୟାଳୟ, ୬୬୨ ବର୍ଗ ସ୍ନାତକ ମହାବିଦ୍ୟାଳୟ, ଅଣଅନୁଦାନ ପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟ ,ଆତ୍ମିକ ଆର୍ଥିକ ସହାୟତା ସ୍ନାତକ ମହାବିଦ୍ୟାଳୟ ଓ ଶିକ୍ଷାବର୍ଷ ୨୦୨୪-୨୫ରେ ଉପାନ୍ତ ଅଞ୍ଚଳର ୧୦ଟି ବ୍ଲକରେ ନୂତନ ଭାବେ ପ୍ରତିଷ୍ଠା କରିଥିବା ସରକ ୧୮ଟି ସରକାରୀ ସ୍ନାତକ ମହାବିଦ୍ୟାଳୟ ଦୂରବସ୍ଥା ଅତି ଦୟନୀୟ ଓ ଶୋଚନୀୟ। ଏଠି ଭିତ୍ତିଭୂମିର ଅଭାବ ସହ ଜଣିଏ ଭାରପ୍ରାପ୍ତ ଅଧକ୍ଷ ଓ ୪ ଜଣ ଅତିଥି ଅଧାପକ ଓ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ପାଠପଢ଼ା ଜାରି ରହିଛି। କେତୋଟି ହାତଗଣତି ସରକାରୀ ସ୍ନାତକ ମହାବିଦ୍ୟାଳୟ ମାନଙ୍କରେ ସ୍ଥାୟୀ ଅଧକ୍ଷ ନିଯୁକ୍ତି ଥିଲା ବେଳେ ଅନ୍ୟ ସମସ୍ତ ଅନୁଦାନ ପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟ ମାନଙ୍କରେ ଧର୍ମକୁ ଆଖି ଠାର ବ୍ୟବସ୍ଥା ଅନୁଯାଇ ଅସ୍ଥାୟୀ ଅଧକ୍ଷ ନିଯୁକ୍ତି କରି ସରକାର ଝାଡ଼ି ଝୁଡ଼ି ହୋଇ ବସି ପଡିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଜାରି କରାଯାଇଥିବା ମପଦଣ୍ଡ କେତେଦୂର ଉଚ୍ଚଶିକ୍ଷା ବିଭାଗ ପୂରଣ କରିପାରିବେ ସେ ସମୟକୁ ଅପେକ୍ଷା କରିବାକୁ ପଡ଼ିବ। ନୂତନ ଶିକ୍ଷା ନୀତିର ସଫଳ ରୂପାୟନ ନିମନ୍ତେ ସରକାର ବ୍ୟପକ ପଦକ୍ଷେପ ନେବାକୁ ପଡ଼ିବ। ସମସ୍ତ ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟର ସ୍ଥାୟୀ ଭିତିଭୂମି, ବେସରକାରୀ ଅନୁଦାନ ପ୍ରାପ୍ତ ଅଧାପକ ଓ କର୍ମଚାରୀଙ୍କ ସାମାଜିକ ନିରାପତ୍ତା, ଅବସରକାଳୀନ ଭତ୍ତା ଓ ସ୍ଥାୟୀ ଅଧକ୍ଷ ନିଯୁକ୍ତି କରାଗଲେ ଶିକ୍ଷାର ମାପଦଣ୍ଡ ସମାନ ରହିବା ସହ ଶିକ୍ଷାର ପ୍ରଗତି ହୋଇପାରିବ।



ରାଜ୍ୟର ୧୫ଟି ବିଶ୍ୱବିଦ୍ୟାଳୟରେ ୧୩୦୦ ଅଧାପକ ପଦ ଖାଲି ପଡିଥିଲା ବେଳେ ଏହିସବୁ ପଦବୀ ଗୁଡିକର ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଉଚ୍ଚନ୍ୟାୟାଳୟ ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ ମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ୨୦୨୨ ମସିହାରୁ ନିଯୁକ୍ତି ପ୍ରକ୍ରିୟା ବନ୍ଦ ଥିବାରୁ ଏଭଳି ଉତ୍କଟ ପରିସ୍ଥିତି ସୃଷ୍ଟି ହୋଇଛି। ୨୮୫ଟି ଅନୁମୋଦିତ ପ୍ରଫେସର ପଦବୀ ଥିଲେ ମଧ ସଂପ୍ରତି ୪୩ଜଣ ପ୍ରଫେସର ଅଛନ୍ତି। ୫୭୮ଟି ଆସୋସିଏଟ୍ ପ୍ରଫେସର ସ୍ଥାନରେ କାର୍ଯ୍ୟ କରୁଛନ୍ତି ୧୪୨ଜଣ ଏବଂ ଖାଲି ପଡ଼ିଛି ୪୩୬ଟି ପଦବୀ। ସେହିଭଳି ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ୧୧୪୩ଟି ପଦବୀ ଅନୁମୋଦିତ ଥିଲା ବେଳେ ଖାଲିପଡ଼ିଛି ୬୫୪ଟି । ସର୍ବ ପୁରାତନ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩ଟି, ରେଭେନ୍ସା ଏକକ ବିଶ୍ୱବିଦ୍ୟାଳୟରେ ୧୬୧ଟି, ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୫୮ଟି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୯୫ଟି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୮ଟି, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୬୭ଟି, ଫକିର ମୋହନ ବିଶ୍ୱବିଦ୍ୟାଳୟରେ ୪୯ଟି, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୨୦ଟି, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୭୮ଟି, ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦୫ଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦୬ଟି, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୯୬ଟି ଅଧାପକ ଖାଲିପଡ଼ିଥିବା ବେଳେ ଖଲିକୋଟ ବିଶ୍ୱବିଦ୍ୟାଳୟର ସମସ୍ତ ୧୧୨ଟି, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ସମସ୍ତ ୧୧୧ଟି, ଏବଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ସମସ୍ତ ୫୦ଟି ପଦବୀ ଖାଲି ପଡ଼ିଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଅତିଥି ଅଧାପକଙ୍କ ଉପରେ ନିର୍ଭର କରିବାରୁ ଶିକ୍ଷାର ମାନ ହ୍ରାସ ପାଉଛି ଏବଂ ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ର ୨୧ ଧାରା ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟା କରିବାର ଆବଶ୍ୟକତା ରହିଛି। ଯେ ପର୍ଯ୍ୟନ୍ତ ସ୍ଥାୟୀ କୁଳପତି ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇନାହିଁ, ସେ ପର୍ଯ୍ୟନ୍ତ ଅଧାପକ ଓ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ବିଳମ୍ବ ଦେଖାଦେବ । ଓଡ଼ିଶାକୁ ଉଚ୍ଚଶିକ୍ଷାର 'ହବ୍'ରେ ପରିଣତ କରିବା ଲାଗି ତୁହାକୁ ତୁହା ଘୋଷଣା ସହିତ ଶହଶହ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ବିକଳ ଚିତ୍ର ଚଳିତ ବର୍ଷ ପ୍ରକାଶିତ 'ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ୍ ରାଙ୍କିଙ୍ଗ୍ ଫ୍ରେମ୍ୱାର୍କ' (ଏନ୍‌ଆଇଆରଏଫ) ର୍‌ୟାଙ୍କିଙ୍ଗରୁ ସ୍ପଷ୍ଟ ହୋଇଛି ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ସମ୍ମାନଜନକ ପୁରସ୍କାର, ନୋବେଲ ପୁରସ୍କାରର ଇତିହାସ



ଅସିତ ମହାନ୍ତି

ପ୍ରତି ଅକ୍ଟୋବରରେ, ସାରା ବିଶ୍ୱ ରାତାରାତି ଜୀବନ ପରିବର୍ତ୍ତନ କରିପାରୁଥିବା ଘୋଷଣାଗୁଡ଼ିକର ଏକ ସେଟ୍ ଉପରେ ଧ୍ୟାନ ଦିଏ। ସୂର୍ଯ୍ୟୋଦୟ ପୂର୍ବରୁ ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟଜନକ ଫୋନ୍ କଲ୍ ମିଳେ। ଯେଉଁମାନେ ଥରେ ଅନ୍ଧକାରରେ କାମ କରୁଥିଲେ ସେମାନେ ହଠାତ୍ ସେମାନଙ୍କର ପୁସ୍ତକଗୁଡ଼ିକୁ ସର୍ବୋତ୍ତମ ବିକ୍ରୟ ତାଲିକାରେ ପାଆନ୍ତି। ଶାନ୍ତି ପାଇଁ ସବୁକିଛି ବାଜି ଲଗାଇଥିବା କର୍ମୀମାନେ ବିଶ୍ୱ ସ୍ତରରେ ସେମାନଙ୍କର କାର୍ଯ୍ୟକୁ ସ୍ୱୀକୃତିପ୍ରାପ୍ତ ଦେଖନ୍ତି। ଏଗୁଡ଼ିକ ହେଉଛି ନୋବେଲ୍ ପୁରସ୍କାର, ଛଅଟି ପୁରସ୍କାର ଯାହା ଅତୁଳନୀୟ ଖ୍ୟାତି ବହନ କରେ।

କିନ୍ତୁ ନୋବେଲ୍ ପୁରସ୍କାର କ'ଣ? ସେଗୁଡ଼ିକ କିପରି ଆରମ୍ଭ ହୋଇଥିଲା, କିଏ ଜିତିବ ତାହା କିଏ ନିର୍ଣ୍ଣୟ କରେ ଏବଂ ସେଗୁଡ଼ିକ ସୃଷ୍ଟି ହେବାର ଏକ ଶତାବ୍ଦୀ ପରେ ମଧ କାହିଁକି ଗୁରୁତ୍ୱପୂର୍ଣ୍ଣ ରହିଛି?

ନୋବେଲ କାହାଣୀଟି ୧୮୩୩ ମସିହାରେ ଜନ୍ମଗ୍ରହଣ କରିଥିବା ସ୍ୱିଡିସ୍ ଉଦ୍ଭାବକ ଆଲଫ୍ରେଡ୍ ନୋବେଲ ସହିତ ଆରମ୍ଭ ହୁଏ। ନୋବେଲ ଚମତ୍କାର, ଅସ୍ଥିର ଏବଂ ଅସୀମ ଜିଜ୍ଞାସୁ ଥିଲେ। ସେ ଅନେକ ଭାଷା କହିଥିଲେ, ୩୫୦ ରୁ ଅଧିକ ପେଟେଣ୍ଟ ରଖିଥିଲେ ଏବଂ ବିସ୍ଫୋରକ ବିକଶିତ କରି ନିଜର ଭାଗ୍ୟ ଅର୍ଜନ କରିଥିଲେ, ସବୁଠାରୁ ପ୍ରସିଦ୍ଧ ଡାଇନାମାଇଟ୍। ଡାଇନାମାଇଟ୍ର ଖଣି ଏବଂ ନିର୍ମାଣରେ ବ୍ୟବହାରିକ ବ୍ୟବହାର ଥିଲେ ମଧ, ଯୁଦ୍ଧରେ ଏହାର ବିନାଶକାରୀ ସମ୍ଭାବନା ମଧ ଥିଲା।୧୮୮୮ ମସିହାରେ, ଯେତେବେଳେ ଆଲଫ୍ରେଡ୍ଙ୍କ ଭାଇ ଲୁଡଭିଗ୍ଙ୍କ ମୃତ୍ୟୁ ହୋଇଥିଲା, ଖବରକାଗଜଗୁଡ଼ିକ ଭୁଲବଶତଃ ଆଲଫ୍ରେଡ୍ଙ୍କ ମୃତ୍ୟୁ ଖବର ଛାପିଥିଲା। ଏକ ଫରାସୀ ଖବରକାଗଜ ତାଙ୍କୁ 'ମୃତ୍ୟୁର ବଣିକ' ବୋଲି କହିଥିଲେ। କଳ୍ପନା କରନ୍ତୁ ଯେ ଆପଣ ନିଜର ମୃତ୍ୟୁ ଖବର ପଢ଼ି ଆବିଷ୍କାର କରୁଛନ୍ତି ଯେ ବିଶ୍ୱ ଆପଣଙ୍କୁ ଜଣେ ପ୍ରତିଭା ଭାବରେ ନୁହେଁ ବରଂ ହିଂସାର ଲାଭଖୋର ଭାବରେ ମନେ ରଖିଛି। ସେହି ମୁହୂର୍ତ୍ତ ନୋବେଲଙ୍କୁ ହଇରାଣ କରିଥିଲା। ତେଣୁ, ସେ ଏକ ନିଷ୍ପତ୍ତି ନେଇଥିଲେ ଯାହା ତାଙ୍କ ସମସାମୟିକଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ତାଙ୍କ ଇଚ୍ଛାପତ୍ରରେ, ସେ ତାଙ୍କର ଅଧିକାଂଶ ସମ୍ପତ୍ତି - ଆଜି ପ୍ରାୟ ୨୫୦ ନିୟୁତ ଡଲାରର ସମକକ୍ଷ - ପୁରସ୍କାର ପାଣ୍ଠି ପାଇଁ ନିର୍ଦ୍ଦେଶ ଦେଇଥିଲେ ଯାହା 'ମାନବଜାତିକୁ ସର୍ବୋତ୍ତମ ଲାଭ ପ୍ରଦାନ କରିଥିବା' ଲୋକଙ୍କୁ ଚିହ୍ନିତ କରିବ।

ନୋବେଲଙ୍କ ଇଚ୍ଛାପତ୍ର ବିବାଦୀୟ ଥିଲା। ତାଙ୍କ ପରିବାର ଅସନ୍ତୁଷ୍ଟ ଥିଲେ। ଯୋଜନା ସହିତ, ଏବଂ ସରକାରମାନେ ପ୍ରଶ୍ନ କରିଥିଲେ ଯେ ତାଙ୍କୁ ସ୍ୱିଡେନ ଛାଡିବାକୁ ଅନୁମତି ଦିଆଯିବା ଉଚିତ କି ନାହିଁ। କିନ୍ତୁ ନୋବେଲ ତାଙ୍କ ନିର୍ଦ୍ଦେଶରେ ସଠିକ ଥିଲେ। ସେ ସମ୍ମାନିତ ହେବାକୁ ଥିବା ପାଞ୍ଚଟି କ୍ଷେତ୍ରର ମଧ ରୂପରେଖା ଦେଇଥିଲେ: ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଶରୀର ବିଜ୍ଞାନ କିମ୍ବା ଚିକିତ୍ସା, ସାହିତ୍ୟ ଏବଂ ଶାନ୍ତି। ଆଇନଗତ ଲଢ଼େଇ ସମାଧାନ କରିବାକୁ ଏବଂ ନୋବେଲ ଫାଉଣ୍ଡେସନ ପ୍ରତିଷ୍ଠା କରିବାକୁ ଅନେକ ବର୍ଷ ଲାଗିଥିଲା, ଯାହା ସଂଗଠନ ଏପର୍ଯ୍ୟନ୍ତ ପୁରସ୍କାରଗୁଡ଼ିକୁ ତଦାରଖ କରେ। ଶେଷରେ, ୧୯୦୧ ରେ, ଷ୍ଟକହୋମ ଏବଂ ଓସଲୋରେ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା।




ଉତ୍କର୍ଷତା ବର୍ଗ : ପଦାର୍ଥ ବିଜ୍ଞାନ - ବ୍ରହ୍ମାଣ୍ଡର ମୌଳିକ ନିୟମ ପ୍ରକାଶ କରୁଥିବା ଆବିଷ୍କାରଗୁଡ଼ିକୁ ପାଳନ କରିବା। ରସାୟନ ବିଜ୍ଞାନ - ଦୈନନ୍ଦିନ ଜୀବନକୁ ଆକାର ଦେଉଥିବା ସାମଗ୍ରୀ, ଅଣୁ ଏବଂ ପ୍ରତିକ୍ରିୟାରେ ସଫଳତାକୁ ସମ୍ମାନିତ କରିବା। ଶରୀର ବିଜ୍ଞାନ କିମ୍ବା ଔଷଧ - ସ୍ୱାସ୍ଥ୍ୟ, ରୋଗ ଏବଂ ମାନବ ଶରୀରକୁ ବୁଝିବାରେ ଉନ୍ନତିକୁ ସ୍ୱୀକୃତି ଦେବା। ସାହିତ୍ୟ - ଯେଉଁ ଲେଖକମାନଙ୍କର କାର୍ଯ୍ୟ ଉତ୍କୃଷ୍ଟ ସାହିତ୍ୟିକ ଯୋଗ୍ୟତା ଏବଂ ସାର୍ବଭୌମିକ ବିଷୟବସ୍ତୁ ଦେଖାଏ ସେମାନଙ୍କୁ ପୁରସ୍କୃତ କରିବା। ଶାନ୍ତି - ଦେଶ କିମ୍ବା ଲୋକଙ୍କ ମଧ୍ୟରେ ଉନ୍ନତ ସମନ୍ୱୟ ରଖିଥିବା ଲୋକଙ୍କୁ ପ୍ରଦାନ କରାଯାଏ। ଅର୍ଥନୈତିକ ବିଜ୍ଞାନ - ଅର୍ଥନୀତି ଏବଂ ସମାଜକୁ ବୁଝିବାରେ ଅବଦାନକୁ ସମ୍ମାନିତ କରିବା ପାଇଁ ସ୍ୱିଡିସ୍ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ପାଣ୍ଠି ଯୋଗାଇ ୧୯୬୮ ରେ ଯୋଡା ଯାଇଥିଲା।

ବିଜେତାମାନଙ୍କୁ କିପରି ଚୟନ କରାଯାଏ? ଏହି ପ୍ରକ୍ରିୟା ଗୁପ୍ତତା ଏବଂ କଠୋରତାରେ ଆଚ୍ଛାଦିତ। କମିଟିଗୁଡ଼ିକ ବିଶ୍ୱସ୍ତରୀୟ ହଜାର ହଜାର ଯୋଗ୍ୟ ମନୋନୟନକାରୀଙ୍କୁ, ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କଠାରୁ ପୂର୍ବ ପୁରସ୍କାରପ୍ରାପ୍ତ ପର୍ଯ୍ୟନ୍ତ, ପ୍ରାର୍ଥୀଙ୍କ ପ୍ରସ୍ତାବ ଦେବା ପାଇଁ ନିମନ୍ତ୍ରଣ କରନ୍ତି। ସ୍ୱ-ନୋମିନେସନକୁ ଅନୁମତି ଦିଆଯାଇ ନାହିଁ ସେଠାରୁ, ବିଶେଷଜ୍ଞ ପ୍ୟାନେଲମାନେ ମନୋନୟନ ସମୀକ୍ଷା କରନ୍ତି, ବିଶେଷଜ୍ଞଙ୍କ ସହିତ ପରାମର୍ଶ କରନ୍ତି ଏବଂ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରନ୍ତି। କମିଟିଗୁଡ଼ିକ ମାସ ମାସ ଧରି ବିଚାରବିମର୍ଶ କରନ୍ତି, ପ୍ରାର୍ଥୀଙ୍କ କାର୍ଯ୍ୟର ପ୍ରଭାବ, ମୌଳିକତା ଏବଂ ଲାଭକୁ ତୁଳନା କରନ୍ତି। ଶେଷରେ, ଅକ୍ଟୋବର ଆରମ୍ଭରେ, ନୋବେଲ ପୁରସ୍କାରପ୍ରାପ୍ତ ବୋଲି କୁହାଯାଉଥିବା ବିଜେତାମାନଙ୍କୁ ଘୋଷଣା କରାଯାଏ। ନୋବେଲ କମିଟିଗୁଡ଼ିକ ୫୦ ବର୍ଷ ପାଇଁ କେବେବି ମନୋନିତ ବ୍ୟକ୍ତିଙ୍କ ନାମ ପ୍ରକାଶ କରନ୍ତି ନାହିଁ, ଯାହାର ଅର୍ଥ ହେଉଛି ବିଶ୍ୱ ଜାଣିନାହିଁ ଯେ ଦଶନ୍ଧି ପରେ କିଏ ପାର ହୋଇଗଲା। ବିଜେତାମାନେ କ'ଣ ପାଆନ୍ତି ? ପ୍ରତ୍ୟେକ ନୋବେଲ ପୁରସ୍କାର ତିନୋଟି ଜିନିଷ ପାଆନ୍ତି: ଏକ ନୋବେଲ ପଦକ - ପ୍ରତିମୂର୍ତ୍ତି, ସ୍ୱର୍ଣ୍ଣ, ଏବଂ ଆଲଫ୍ରେଡ ନୋବେଲଙ୍କ ପ୍ରୋଫାଇଲ୍ ସହିତ ମୋହର ଲଗାଯାଇଥାଏ। ଏକ ଡିପ୍ଲୋମା - ପ୍ରତିବର୍ଷ ସ୍ୱିଡିସ୍ ଏବଂ ନରୱେଜିଆନ୍ କଳାକାରଙ୍କ ଦ୍ୱାରା ଅନନ୍ୟ ଭାବରେ ଡିଜାଇନ୍ କରାଯାଏ। ଏକ ନଗଦ ପୁରସ୍କାର - ସାମ୍ପ୍ରତିକ ବର୍ଷଗୁଡ଼ିକରେ, ପ୍ରତି ବର୍ଗ ପାଇଁ ପ୍ରାୟ ୧୧ ନିୟୁତ, ଯାହା ଏକାଧିକ ବିଜେତାଙ୍କ ମଧ୍ୟରେ ବାଣ୍ଟି ଦିଆଯାଇପାରିବ। କିନ୍ତୁ ପ୍ରକୃତ ପୁରସ୍କାର ହେଉଛି ପ୍ରତିଷ୍ଠା। ନୋବେଲ ପୁରସ୍କାର ବିଜେତା ହେବା ଦ୍ୱାର ଖୋଲିଥାଏ, ଐତିହ୍ୟକୁ ସୁଦୃଢ଼ କରିଥାଏ ଏବଂ ବିଜେତାମାନଙ୍କୁ ମାନବ ଉତ୍କର୍ଷତାର ଏକ ପରମ୍ପରା ସହିତ ସର୍ବଦା ଯୋଡ଼ିଥାଏ। ପ୍ରସିଦ୍ଧ ପୁରସ୍କାର ବିଜେତା : ଅନେକଙ୍କ ମତରେ ଆଲବର୍ଟ ଆଇନଷ୍ଟାଇନଙ୍କୁ ଫଟୋଇଲେକ୍ଟ୍ରିକ୍ ପ୍ରଭାବ ଉପରେ ତାଙ୍କର କାର୍ଯ୍ୟ ପାଇଁ ୧୯୨୧ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ମିଳିଥିଲା, ଆପେକ୍ଷିକତା ନୁହେଁ। ମ୍ୟାରି କ୍ୟୁରି ଦୁଇଟି ବୈଜ୍ଞାନିକ କ୍ଷେତ୍ରରେ ନୋବେଲ ପୁରସ୍କାର ଜିତିଥିବା ଏକମାତ୍ର ବ୍ୟକ୍ତି ଅଛନ୍ତି - ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ। ଆମେରିକାର ନାଗରିକ ଅଧିକାର ଆନ୍ଦୋଳନରେ ତାଙ୍କର ନେତୃତ୍ୱ ପାଇଁ ୧୯୬୪ ମସିହାରେ ମାର୍ଟିନ୍ ଲୁଥର କିଙ୍ଗ୍ ଜୁନିଅରଙ୍କୁ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା।ମାତ୍ର ୧୭ ବର୍ଷ ବୟସରେ ମଲାଲା ୟୁସୁଫଜାଇ ୨୦୧୪ ମସିହାରେ ଶାନ୍ତି ପୁରସ୍କାର ଜିତି ଇତିହାସର ସବୁଠାରୁ କମ୍ ବୟସ୍କ ପୁରସ୍କାର ବିଜେତା ହୋଇଥିଲେ। ପ୍ରତ୍ୟେକ ବିଜେତା କେବଳ ବ୍ୟକ୍ତିଗତ ପ୍ରତିଭା ନୁହେଁ ବରଂ ସେମାନେ ଯେଉଁ ଯୁଗରେ ବାସ କରୁଥିଲେ ସେ ବିଷୟରେ ଏକ ବଡ଼ କାହାଣୀ ମଧ ପ୍ରତିନିଧିତ୍ୱ କରନ୍ତି।

ଏକ ପରମ୍ପରା ଯାହା ସ୍ଥାୟୀ : ପ୍ରଥମ ସମାରୋହର ୧୨୦ ବର୍ଷରୁ ଅଧିକ ସମୟ ପରେ, ନୋବେଲ୍ ପୁରସ୍କାର ସେମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ଭାବରେ ରହିଛି। ଆଲଫ୍ରେଡ ନୋବେଲଙ୍କ ଇଚ୍ଛାର ନମ୍ର ଆରମ୍ଭରୁ ଆଜି ବିଶ୍ୱବ୍ୟାପୀ ପ୍ରସାରଣ ପର୍ଯ୍ୟନ୍ତ, ସେମାନେ ଆମକୁ ମଣିଷ ଯାହା ହାସଲ କରିପାରିବ ତାହା ସର୍ବୋତ୍ତମ ମନେ ପକାଇ ଦିଅନ୍ତି। ଦି ଟାଇଆୱେ: ନୋବେଲ ପୁରସ୍କାର ଜଣେ ବ୍ୟକ୍ତିଙ୍କ ନିଜର ଐତିହ୍ୟକୁ ପରିବର୍ତ୍ତନ କରିବାର ପ୍ରୟାସ ଭାବରେ ଆରମ୍ଭ ହୋଇଥିଲା। ଆଜି, ସେମାନେ ଏକ ବିଶ୍ୱବ୍ୟାପୀ ପରମ୍ପରା ଯାହା ଆବିଷ୍କାର, ସୃଜନଶୀଳତା ଏବଂ ଆଶାକୁ ପାଳନ କରେ। ସେମାନେ ଆମକୁ କୁହନ୍ତି ଯେ ପ୍ରତିଭା, ପରୀକ୍ଷାଗାରରେ ହେଉ, ପୃଷ୍ଠାରେ ହେଉ, କିମ୍ବା ଶାନ୍ତି ପାଇଁ ଲଢ଼େଇରେ ହେଉ, ସ୍ୱୀକୃତି ପାଇବା ଉଚିତ, ଏବଂ ସେହି ସ୍ୱୀକୃତି ପିଢ଼ିକୁ ପ୍ରେରଣା ଦେଇପାରେ।

**ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ**
**ସୁଜନପୁର, ଯାଜପୁର, ମୋବାଇଲ୍: ୯୪୩୭୨୮୮୦୨୮**

ବିହାର ନିର୍ବାଚନ-୨୦୨୫: ଘୋଷଣା କଲେ ତେଜସ୍ୱୀ

# ପ୍ରତି ପରିବାରକୁ ସରକାରୀ ଚାକିରି ଦେବ ଆର୍‌ଜେଡି



ପାଟନା,୯।୧୦ : ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତଥା ବିହାରର ପୂର୍ବ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଆଗାମୀ ବିହାର ନିର୍ବାଚନ ପୂର୍ବରୁ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଆମେ ସରକାରକୁ ଆସିବା ପରେ ପ୍ରତି ପରିବାରରେ ସରକାରୀ ଚାକିରି ଦେବୁ। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀ କହିଛନ୍ତି ଯେ ଇତିମଧ୍ୟରେ ରାଜ୍ୟରେ ନିର୍ବାଚନୀ ବିଗୁଲ ବାଜିସାରିଛି। ଭୋଟର୍‌ଙ୍କୁ ପୁଣିଥରେ ଭକୁଆ ବନାଇବା ସକାଶେ ଶାସକ ଦଳ ଘୋଷଣା କରିଛି। ସେମାନେ ବେରୋଜଗାରୀ ଭତ୍ତା ଦେବେ ବୋଲି କହୁଛନ୍ତି। କିନ୍ତୁ ଏପରି ଅସ୍ଥାୟୀ ପ୍ରତିକାର ପରିବର୍ତ୍ତେ ସ୍ଥାୟୀ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଉନାହାନ୍ତି। କିନ୍ତୁ ବିହାରରେ ଏବେ ପରିବର୍ତ୍ତନ ହେବ, ନବଜାଗରଣ ଆସିବ। ଆଗାମୀ ନିର୍ବାଚନ ପୂର୍ବରୁ ଆର୍‌ଜେଡି ରାଜ୍ୟ ଜନସାଧାରଣଙ୍କ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଲକ୍ଷ୍ୟ ରଖିଥିବା ତେଜସ୍ୱୀ କହିବା ସହ ଏହା ଦଳର ପ୍ରଥମ ଘୋଷଣା ନୁହେଁ, ବରଂ ଘୋଷଣାର ଶୁଭାରମ୍ଭ ବୋଲି ତେଜସ୍ୱୀ କହିଛନ୍ତି। ଏହାପରେ ଦଳ ଏହାର ଲକ୍ଷ୍ୟ ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ତେଜସ୍ୱୀ କହିଛନ୍ତି।

ସେ କହିଛନ୍ତି ଯେ ବିହାରରେ ଜିତିବା ପରେ ଯେଉଁ ପରିବାରରେ ସରକାରୀ ଚାକିରି ନାହିଁ, ସେହି ପରିବାରକୁ ୨୦ ଦିନ ଭିତରେ ସରକାରୀ ଚାକିରି ଦେବୁ। ତେବେ ଆମେ କିଭଳି ଦେବୁ, ତାହା ମଧ୍ୟ ଆପଣଙ୍କୁ କହିବୁ। ଆମେ ବିଶ୍ଳେଷଣ କରି ସମସ୍ତ ଜିନିଷ ନିଷ୍ପତ୍ତି ନେବୁ। ଆମେ ଲୋକମାନଙ୍କୁ ସାମାଜିକ ନ୍ୟାୟ ସହ ଆର୍ଥିକ ନ୍ୟାୟ ମଧ୍ୟ ଦେବୁ। ସେ ଯାହା କହୁଛନ୍ତି, ତାହା ହିଁ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ତେଜସ୍ୱୀ। ଏହାଛଡ଼ା ତେଜସ୍ୱୀ ଅଭିଯୋଗ କରିଛନ୍ତି ଯେ ଯେଉଁସବୁ ଘୋଷଣା ଆମେ କରୁଛୁ ତାହାର ନକଲ ବର୍ତ୍ତମାନର ସରକାର ବି କରୁଛନ୍ତି। ଗତ ୨୦ ବର୍ଷରେ ଏନଡିଏ କେବଳ ଅସୁରକ୍ଷା ଦେଇଛି, କିନ୍ତୁ ଆମେ ପ୍ରତି ଘରକୁ ଚାକିରି ଦେବୁ। ବିହାରକୁ ସଠିକ୍ ଓ ପରଫେକ୍ଟ ଶାସନ ଦେବୁ। ବିହାର ନିର୍ବାଚନ ପାଇଁ ରାଜ୍ୟ ଜନତା ଆମକୁ ନିଶ୍ଚିତ ଭାବେ ଆଶୀର୍ବାଦ ଦେବେ ବୋଲି ତେଜସ୍ୱୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଜମ୍ମୁ-କାଶ୍ମୀର ସୁରକ୍ଷା ସ୍ଥିତିର ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

# ବିଶୃଙ୍ଖଳା ଦମନ ପାଇଁ ସେନାକୁ ପୂର୍ଣ୍ଣ ସ୍ୱାଧୀନତା



**ଶ୍ରୀନଗର,୯।୧୦:** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଜାମ୍ମୁ-କାଶ୍ମୀର ସୁରକ୍ଷା ସ୍ଥିତିର ସମୀକ୍ଷା ପାଇଁ ଏଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏଥିରେ ଜାମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ନିର୍ଦ୍ଦେଶକ, ସେନା ମୁଖ୍ୟ, ଜାମ୍ମୁ-କାଶ୍ମୀର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍)ର ମହାନିର୍ଦ୍ଦେଶକ ଓ ସେନା ଓ ଜାମ୍ମୁ-କାଶ୍ମୀର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ଏହି ଅବସରରେ ଶ୍ରୀ ଶାହ ଆତଙ୍କବାଦ ମୁକ୍ତ ଜାମ୍ମୁ-କାଶ୍ମୀର ଲକ୍ଷ୍ୟ ହାସଲ ଦିଗରେ ମୋଦି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ କହିଛନ୍ତି ଯେ ସୁରକ୍ଷା ସଂସ୍ଥାଗୁଡ଼ିକର ଦୃଢ଼ ପ୍ରୟାସ ଯୋଗୁଁ ଜମ୍ମୁ-କାଶ୍ମୀରରେ ରାଷ୍ଟ୍ରର ଶତ୍ରୁଙ୍କ ଦ୍ୱାରା ପ୍ରତିପାଳିତ ଆତଙ୍କବାଦୀ ନେଟୱାର୍କ ପ୍ରାୟ ପଙ୍ଗୁ ହୋଇଯାଇଛି। ଏହି ପ୍ରୟାସକୁ ଜାରି ରଖିବା ପାଇଁ କେନ୍ଦ୍ର ସରକାର ସମସ୍ତ ଆବଶ୍ୟକ ସମ୍ବଳ ଯୋଗାଇଦେବେ। ଏଥିସହ ଉପତ୍ୟକାରେ ଶାନ୍ତି ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ପ୍ରୟାସକୁ ଦମନ କରିବା ସକାଶେ ସୁରକ୍ଷା ବାହିନୀକୁ କାର୍ଯ୍ୟାନୁଷ୍ଠାନ ନେବା ସକାଶେ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯିବ ବୋଲି ଶ୍ରୀ ଶାହ କହିବା ସହ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ଓ ସୁରକ୍ଷା ଏଜେନ୍ସି ନେଉଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏହା ଜମ୍ମୁ-କାଶ୍ମୀରରେ ସାମଗ୍ରିକ ସୁରକ୍ଷା ପରିଦୃଶ୍ୟକୁ ସୁଦୃଢ଼ କରିବାରେ ସହାୟକ ହୋଇଛି। ଏଥିସହ ଅଞ୍ଚଳରୁ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସମନ୍ୱିତ ଓ ସତର୍କତାର ସହ କାର୍ଯ୍ୟ କରିବାରେ ସମସ୍ତ ସୁରକ୍ଷା ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଶୀତ ଋତୁ ଆରମ୍ଭ ହେବା ସହ ଆତଙ୍କବାଦୀମାନେ ତୁଷାରପାତର ଫାଇଦା ଉଠାଇ ଯେପରି ସୀମା ଆରପଟୁ ଅନୁପ୍ରବେଶ କରିପାରିବେ, ସେଥିପ୍ରତି ସୁରକ୍ଷା ବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ଶ୍ରୀ ଶାହ ପରାମର୍ଶ ଦେଇଛନ୍ତି।

# କଫ୍ ସିରପ୍ ପ୍ରସ୍ତୁତକାରୀ କମ୍ପାନୀ ମାଲିକ ଗିରଫ

**ଭୋପାଳ,୯।୧୦:** କୋଲଡ୍ରିଫ୍ କଫ୍ ସିରପ୍ ପ୍ରସ୍ତୁତକାରୀ କମ୍ପାନୀ ଶ୍ରୀସନ୍ ମେଡିକାଲ୍ସର ମାଲିକଙ୍କୁ ଗତକାଲି ଗିରଫ କରାଯାଇଛି। ମଧ୍ୟପ୍ରଦେଶରେ କଫ୍ ସିରପ୍ ପିଇ ଅତି କମରେ ୨୧ ଜଣ ଶିଶୁଙ୍କ ମୃତ୍ୟୁ ହେବା ଘଟଣାରେ ତାଙ୍କୁ ଚେନ୍ନାଇରୁ ଗିରଫ କରାଯାଇଛି। ଏହି ସିରପ୍‌ରେ ପ୍ରଚୁର ପରିମାଣରେ ବିଷାକ୍ତ ଶିଳ୍ପ ରାସାୟନିକ ଡାଇଥାଇଲିନ୍ ଗ୍ଲାଇକଲ୍ ଥିବା ସ୍ପଷ୍ଟ ହେବା ପରେ ଜି. ରଙ୍ଗନାଥନ୍‌ଙ୍କୁ ଗିରଫ କରାଯାଇଛି। ସୂଚନାନୁଯାୟୀ, ଶ୍ରୀ ରଙ୍ଗନାଥନଙ୍କୁ ଗତକାଲି ରାତିରେ ଗିରଫ କରାଯିବା ପରେ ପୁଲିସ୍‌କୁ ଟ୍ରାଞ୍ଜିଟ୍ ରିମାଣ୍ଡ ମିଳିଥିଲା। ତେଣୁ ପୁଲିସ୍ ତାଙ୍କୁ ମଧ୍ୟପ୍ରଦେଶର ଛିନ୍ଦୱାଡା ଜିଲ୍ଲାକୁ ନେବା ସହ ପଚରାଉଚରା କରିଥିବା ଜଣାପଡ଼ିଛି। ଏହି ମାମଲାରେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ମଧ୍ୟପ୍ରଦେଶ ବ୍ୟତୀତ ଓଡ଼ିଶା ଓ ପୁଡୁଚେରୀକୁ ମଧ୍ୟ କଫ ସିରପ ଯୋଗାଣ କରାଯାଇଥିଲା। ତାମିଲନାଡୁ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗର ଏକ ସାଂଘାତିକ ୨୬ ପୃଷ୍ଠାର ରିପୋର୍ଟ କାନସେପୁରାର ଫାର୍ମା ଫ୍ୟାକ୍ଟ୍ରିରେ କଫ ସିରପ ତିଆରି ହେଉଥିବା ଅସ୍ୱଚ୍ଛ ପରିସ୍ଥିତିକୁ ପଦାରେ ପକାଇଛି। ରାଜ୍ୟ ନିୟାମକ ସଂସ୍ଥା ଦ୍ୱାରା ଚିହ୍ନଟ କରାଯାଇଥିବା ୩୫୦ଟି ଉଲ୍ଲଂଘନ ମଧ୍ୟରେ ଅଣ-ଫାର୍ମା-ଗ୍ରେଡ୍ ରାସାୟନିକ ପଦାର୍ଥର ଅବୈଧ ବ୍ୟବହାର ଅନ୍ୟତମ। ତାମିଲନାଡୁ ନିୟାମକ ସଂସ୍ଥା କରିଥିବା ଯାଞ୍ଚରୁ ଉକ୍ତ କଫ୍ ସିରପ୍‌ରେ ମାତ୍ର ୦.୧ ପ୍ରତିଶତ ଶିଳ୍ପ ତରଳ ପଦାର୍ଥ ମିଶାଇବାର ଅନୁମତି ଥିଲେ ହେଁ ଏହି ପରିମାଣ ୪୮ ପ୍ରତିଶତ ପର୍ଯ୍ୟନ୍ତ ରହିଥିବା ସ୍ପଷ୍ଟ ହୋଇଛି। ଗୁଡ୍ ମାନୁଫାକ୍ଚରିଂ ପ୍ରାକ୍ଟିସ୍ (ଜିଏମ୍‌ପି) ପ୍ରମାଣପତ୍ର ପାଇନଥିଲେ ବି ରଙ୍ଗନାଥନଙ୍କ କମ୍ପାନୀ ଜେନେରିକ୍ ଔଷଧ ଉତ୍ପାଦନ ଓ ବିକ୍ରି ଜାରି ରଖିଥିଲା। ଏହା ସାମ୍ନାକୁ ଆସିବା ପରେ ନିୟାମକ ସଂସ୍ଥା କମ୍ପାନୀର ଲାଇସେନ୍ସ ରଦ୍ଦ କରିବା ସହ ଉତ୍ପାଦନ ବନ୍ଦ ଆଦେଶ ଦେଇଛି।

■ ଆସାମ ବିଜେପିକୁ ଝଟକା

# ପୂର୍ବତନ କେନ୍ଦ୍ର ମନ୍ତ୍ରୀଙ୍କ ସମେତ ୧୮ ଜଣଙ୍କ ଇସ୍ତଫା

**ଗୌହାଟୀ,୯।୧୦ :** ଆସାମରେ ବିଜେପିକୁ ଏକ ବଡ଼ ଝଟକା ଲାଗିଛି। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ୪ ଥରର ସାଂସଦ ରାଜେନ ଗୋହେନ ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଅନ୍ୟ ୧୭ ଜଣ ସଦସ୍ୟଙ୍କ ସହ ଦାଖଲ କରିଛନ୍ତି। ଶ୍ରୀ ଗୋହେନ ରାଜ୍ୟ ବିଜେପି ସଭାପତି ଦିଲୀପ ସାଇକିଆଙ୍କୁ ଏକ ଚିଠି ଲେଖି ତାଙ୍କ ନିଷ୍ପତ୍ତି ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ସେ ପ୍ରାଥମିକ ସଦସ୍ୟ ଓ ଦଳର ସମସ୍ତ ଦାୟିତ୍ୱରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ଇସ୍ତଫା ଦେଇଥିବା ଅଧିକାଂଶ ସଦସ୍ୟ ଅପର୍ ଓ ସେଣ୍ଟ୍ରାଲ୍ ଆସାମର ବୋଲି ଜଣାପଡ଼ିଛି। ଇସ୍ତଫା ସଂକ୍ରାନ୍ତରେ ଶ୍ରୀ ଗୋହେନ କହିଛନ୍ତି ଯେ ଆସାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ସେ ବିଫଳ ହୋଇଥିବାରୁ ଏପରି ନିଷ୍ପତ୍ତି ନେଇଛନ୍ତି। ଏଥିସହ ସରକାର ରାଜ୍ୟ ବାହାର ଲୋକଙ୍କୁ ଥଇଥାନ କରିବାକୁ ଅନୁମତି ଦେବା ସହ ସ୍ଥାନୀୟ ସମ୍ପ୍ରଦାୟ ସହ ବିଶ୍ୱାସଘାତକତା କରିଥିବା ସେ କହିଛନ୍ତି। ଶ୍ରୀ ଗୋହେନ ୧୯୯୯ରୁ ୨୦୧୯ ପର୍ଯ୍ୟନ୍ତ ନାଗାଓଁ ସଂସଦୀୟ କ୍ଷେତ୍ରର ପ୍ରତିନିଧିତ୍ୱ କରିବା ସହ ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ରେଳ ମନ୍ତ୍ରଣାଳୟରେ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ।

ଆଇଜିପିଙ୍କ ଆତ୍ମହତ୍ୟାଙ୍କ ମାମଲା, ମିଳିଲା ସୁଇସାଇଡ୍ ନୋଟ୍

# ଆଇଏଏସ ଓ ଆଇପିଏସ ଅଧିକାରୀ ଦେଉଥିଲେ ନିର୍ଯାତନା

ଚଣ୍ଡିଗଡ଼,୯।୧୦: ଆଇପିଏସ ଅଧିକାରୀ ପୁରନ କୁମାର ଗତ ମଙ୍ଗଳବାର ଚଣ୍ଡୀଗଡର ସେକ୍ଟର ୧୧ ସ୍ଥିତ ତାଙ୍କ ସରକାରୀ ବାସଭବନରେ ଆତ୍ମହତ୍ୟା କରିଥିଲେ। ପୁଲିସ ତାଙ୍କ ଘରୁ ନଅ ପୃଷ୍ଠାର ଏକ ସୁଇସାଇଡ ନୋଟ୍ ଜବତ କରିଛି। ପ୍ରଥମ ଆଠ ପୃଷ୍ଠାରେ ସେ ବର୍ଷ ବର୍ଷ ଧରି ନିର୍ଯାତନା, ଜାତିଗତ ଭେଦଭାବ ଏବଂ ଅପମାନର ବର୍ଣ୍ଣନା କରିଥିଲେ। ହରିୟାଣା କ୍ୟାଡରର ଜଣେ ବରିଷ୍ଠ ଆଇପିଏସ ଅଧିକାରୀ ୱାଇ.ପୁରନ କୁମାର ତାଙ୍କ ଆତ୍ମହତ୍ୟା ନୋଟରେ ଅନେକ ଆଇପିଏସ ଏବଂ ଆଇଏଏସ ଅଧିକାରୀଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଥିଲେ। ନଅ ପୃଷ୍ଠାର ଏହି ଆତ୍ମହତ୍ୟା ନୋଟରେ ସେ ୧୫ ଜଣ ଅଧିକାରୀଙ୍କ ନାମ ଉଲ୍ଲେଖ କରିଥିଲେ, ଯେଉଁମାନଙ୍କ ମଧ୍ୟରୁ କେତେକ ଏବେ ବି ଚାକିରିରେ ଅଛନ୍ତି ଏବଂ କେତେକ ଅବସର ନେଇସାରିଲେଣି। ନୋଟରେ ସେ ଅଭିଯୋଗ କରିଥିଲେ ଯେ ତାଙ୍କୁ ଲଗାତର ଜାତିଗତ ଭେଦଭାବ, ସାର୍ବଜନୀନ ଅପମାନ ଏବଂ ଜାଣିଶୁଣି ମାନସିକ ନିର୍ଯାତନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପୁଲିସ ଆଇଜି ପୂରନ କୁମାର ଚଣ୍ଡିଗଡ଼ର ସେକ୍ଟର ୧୧ ସ୍ଥିତ ତାଙ୍କ ସରକାରୀ ବାସଭବନରେ ଆତ୍ମହତ୍ୟା କରିଥିଲେ। ପୁଲିସ ତାଙ୍କ ଘରୁ ଏକ ସୁଇସାଇଡ ନୋଟ୍ ଜବତ



## ଥାନାରେ ଏତଲା ଦେଲେ ଆଇଏଏସ ପତ୍ନୀ

କରିଛି। ସୁଇସାଇଡ ନୋଟର ପ୍ରଥମ ଆଠ ପୃଷ୍ଠାରେ ସେ ବର୍ଷ ବର୍ଷ ଧରି ନିର୍ଯାତନା, ଜାତିଗତ ଭେଦଭାବ ଏବଂ ଅପମାନର ସମ୍ମୁଖୀନ ହୋଇଥିବା କଥା ବର୍ଣ୍ଣନା କରିଛନ୍ତି। ଶେଷ ପୃଷ୍ଠାରେ ସେ ଏକ ଇଚ୍ଛାପତ୍ର ଲେଖି ତାଙ୍କର ସମସ୍ତ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ତାଙ୍କ ପତ୍ନୀ ତଥା ଆଇଏଏସ୍ ଅଧିକାରୀ ଅମନୀତ ପି. କୁମାରଙ୍କୁ ଦାନ କରିଛନ୍ତି। ତାଙ୍କ ପତ୍ନୀ ଅମନିତ ଏବେ ହରିୟାଣା ସରକାରଙ୍କ ଅଧୀନରେ କମିଶନର ତଥା ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ଘଟଣା ସମୟରେ ସେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କ ସହିତ ଜାପାନ ଗସ୍ତରେ ଥିଲେ। ପୂରନ କୁମାର ତାଙ୍କ ନୋଟରେ ଯେଉଁ ଅଧିକାରୀମାନଙ୍କ ନାମ ଉଲ୍ଲେଖ କରିଛନ୍ତି ସେମାନଙ୍କ ମଧ୍ୟରେ ମୁଖ୍ୟ ସଚିବ ଅନୁରାଗ ରସ୍ତୋଗୀ, ଡିଜିପି ଶତ୍ରୁଜିତ କପୁର, ପୂର୍ବତନ ମୁଖ୍ୟ ସଚିବ ଟି.ଭି.ଏସ.ଏନ. ପ୍ରସାଦ, ପୂର୍ବତନ ଏସିଏସ୍ (ଗୃହ) ରାଜୀବ ଆରୋରା, ପୂର୍ବତନ ଡିଜିପି ମନୋଜ ଯାଦବ ଏବଂ ପି.କେ. ଅଗ୍ରୱାଲ ଅନ୍ତର୍ଭୁକ୍ତ। ନଅ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କ ନାମ ମଧ୍ୟ ରହିଛି। ଏମାନଙ୍କ ମଧ୍ୟରେ ଅଛନ୍ତି ଅମିତାଭ ଢିଲୋନ୍, ସନ୍ଦୀପ ଖିରୱାର, ସଞ୍ଜୟ କୁମାର, କାଲା ରାମଚନ୍ଦ୍ରନ୍, ମାତା ରବି କିରଣ, ଶିବ କବିରାଜ, ପଙ୍କଜ ନୈନ୍, କୁଲବିନ୍ଦର ସିଂହ ଏବଂ ରୋହତକ ପୁଲିସ ଅଧିକ୍ଷକ ନରେନ୍ଦ୍ର ବିଜାର୍ନିଆ।

ଏନ୍‌ଏଚ୍‌ରେ ଅସମ୍ଭବ ଟ୍ରାଫିକ୍ ଜାମ୍

# ୭୦ କିମି ପର୍ଯ୍ୟନ୍ତ ହଲୁନି ଗାଡ଼ି



ନୂଆଦିଲ୍ଲୀ,୯।୧୦: ରାସ୍ତାରେ ଅଟକି ରହିଛି ହଜାର ହଜାର ଗାଡି। ଏନ୍‌ଏଚ୍-୧୯ରେ ଲାଗିଥିବା ଭିଡ ଦେଖିଲେ ଲାଗୁଛି ସତେ ଯେମିତି ଲମ୍ବା ଜେଲ୍। ପରିସ୍ଥିତି ଏପରି ହୋଇଛି ଯେ ଡ୍ରାଇଭରମାନେ ଭୋକ ଶୋଷରେ କଏଦୀ ପରି ଫସି ରହିଛନ୍ତି। ରାସ୍ତା ନୁହେଁ ତ ଲମ୍ବା ଜେଲ୍ କହିଲେ ଭୁଲ୍ ହେବନାହିଁ। ପଛକୁ ପଛ ଲାଗିଛି ଗାଡି। ପିମ୍ପୁଡି ଗଳିବାକୁ ବି ଜାଗା ନାହିଁ। ଏହି ଭିଡ ଗୋଟିଏ କି ଦୁଇ କିଲୋମିଟର ନୁହେଁ, ପାଖାପାଖି ୭୦ କିଲୋମିଟର ପର୍ଯ୍ୟନ୍ତ ଲାଗିଛି। ଏହା ହେଉଛି ଦିଲ୍ଲୀ-କୋଲକାତା ହାଇୱେ ବା ଏନ୍‌ଏଚ୍-୧୯ରେ ଲାଗିଥିବା ଭିଡ। ବିହାରର ରୋହତାସ ଜିଲ୍ଲାରୁ ଔରଙ୍ଗାବାଦ ପର୍ଯ୍ୟନ୍ତ, ଗତ ୫ ଦିନ ଧରି ଟ୍ରାଫିକ ଜାମ୍ ପରିସ୍ଥିତି ଲାଗି ରହିଛି। ଡ୍ରାଇଭରମାନେ ଭୋକ-ଶୋଷରେ କଏଦୀ ପରି ଫସି ରହିଛନ୍ତି। ଏହି ଜାମ୍‌ର ଶିକାର ମହିଳା ଏବଂ ଛୋଟ ଛୋଟ ପିଲାମାନେ ମଧ୍ୟ ହୋଇଛନ୍ତି। ହଜାର ହଜାର ଗାଡିଗୁଡ଼ିକର ଚକ ଇଞ୍ଚେ ବି ଗଡୁନି। ଫସି ରହିଥିବା ଟ୍ରକ୍ ଏବଂ ଯାତ୍ରୀବାହୀ ଯାନଗୁଡ଼ିକ ୨୪ ଘଣ୍ଟା ଭିତରେ ୪-୫ କିଲୋମିଟର ବି ଯାଇ ପାରୁ ନାହାନ୍ତି। ରାଜପଥଟି ଟ୍ରକଗୁଡ଼ିକର ଏକ ଅସୀମ ସମୁଦ୍ର ପରି ମନେ ହେଉଛି। ଏଭଳି ବିଶାଳ ଟ୍ରାଫିକ ଜାମର ମୂଳ କାରଣ ହେଉଛି ସରକାରୀ ବିଭାଗଗୁଡ଼ିକର ଘୋର ଅବହେଳା। ନିକଟରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଡାଇଭର୍ସନ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି, ଯାହା ଫଳରେ ରାସ୍ତା କାଦୁଅ ଏବଂ ପାଣିରେ ପୂରି ଯାଇଛି। ଏଭଳି ଅବସ୍ଥାରେ ଗାଡି ନ ଗଡୁ ଥିବାରୁ ଟ୍ରାଫିକ୍ ଜାମ୍ ସମସ୍ୟା ପ୍ରତି ମୁହୂର୍ତ୍ତରେ ଗୁରୁତର ହେଉଛି। ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଜାମ୍ ବଢିବାରେ ଲାଗିଛି। ଏହା କେବଳ ଘରୋଇ ଯାତ୍ରୀଙ୍କୁ ନୁହେଁ ବରଂ ଆମ୍ବୁଲାନ୍ସ, ଜରୁରୀକାଳୀନ ସେବା ଏବଂ ବାଣିଜ୍ୟିକ ପରିବହନକୁ ମଧ୍ୟ ପ୍ରଭାବିତ କରିଛି। କଞ୍ଚାମାଲ ଓ ନଷ୍ଟ ହୋଇଯାଉଥିବା ସାମଗ୍ରୀ ନେଉଥିବା ଡ୍ରାଇଭରମାନେ ବିଳମ୍ବ ଯୋଗୁଁ ହେଉଥିବା ଆର୍ଥିକ କ୍ଷତିକୁ ନେଇ ଚିନ୍ତାରେ ପଡିଛନ୍ତି।

## ଭୋକ ଶୋଷରେ ଲୋକେ ଛଟପଟ

● ମହିଳାଙ୍କୁ ଖୁସି ଖବର ଦେଲେ କର୍ଣ୍ଣାଟକ ସରକାର

# ପ୍ରତି ମାସରେ ମିଳିବ ଋତୁସ୍ରାବକାଳୀନ ଛୁଟି

**ନୂଆଦିଲ୍ଲୀ,୯।୧୦:** ଏଣିକି ମହିଳାମାନଙ୍କୁ ମିଳିବ ମାସିକ ଋତୁସ୍ରାବକାଳୀନ ଛୁଟି। ମହିଳାମାନଙ୍କୁ ସରକାର ମାସକରେ ଗୋଟିଏ ଦିନ ଦେୟକାଳୀନ ଛୁଟି ପ୍ରଦାନ କରିବେ। ଏନେଇ କର୍ଣ୍ଣାଟକ ସରକାର ଗୁରୁବାର 'ମାସିକ ଋତୁସ୍ରାବ ଛୁଟି ନୀତି, ୨୦୨୫' ପ୍ରସ୍ତାବରେ ମୋହର ମାରିଛନ୍ତି। ଫଳତଃ ଆଗକୁ ମହିଳା କର୍ମଚାରୀମାନେ ନିଜ ସ୍ୱାସ୍ଥ୍ୟର ବର୍ଦ୍ଧିତ ଯତ୍ନ ନେଇପାରିବେ। ଏହି ନୂତନ ନୀତି




## ସରକାରୀ ଓ ବେସରକାରୀ ସଂସ୍ଥା ପାଇଁ ପ୍ରଯୁଜ୍ୟ ହେବ

ଅଧିନରେ ମହିଳାମାନଙ୍କୁ ସେମାନଙ୍କ ମାସିକ ଋତୁସ୍ରାବ ସମୟରେ ମାସରେ ଗୋଟିଏ ଦିନ ଦେୟକାଳୀନ ଛୁଟି ଦିଆଯିବ। ଏହି ନୀତି ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ, କପଡା ଶିଳ୍ପ, ବହୁଦେଶୀୟ କମ୍ପାନି, ଆଇଟି ଫାର୍ମ ଓ ଅନ୍ୟ ଘରୋଇ ଉଦ୍ୟୋଗଗୁଡିକରେ ଲାଗୁ ହେବ। ଏହି ନୂଆ ନୀତିକୁ ଗତ ବର୍ଷ ଲାଗୁ ହୋଇଥିବା ନୀତିର ସଂଶୋଧନ ପୂର୍ବକ ଜାରି କରାଯାଇଛି। ପୁରୁଣା ନୀତି ଅନୁଯାୟୀ ମହିଳାମାନଙ୍କୁ ବାର୍ଷିକ ୬ଟି ମାସିକ ଋତୁସ୍ରାବକାଳୀନ ଛୁଟି ପ୍ରଦାନ କରାଯାଉଥିଲା। କିନ୍ତୁ ଏବେ ଏହାକୁ ବାର୍ଷିକ ୧୨ଟି ଛୁଟିକୁ ବଢ଼ାଇ ଦିଆଯାଇଛି। ଏନେଇ ଆଜି କର୍ଣ୍ଣାଟକ ଶ୍ରମ ମନ୍ତ୍ରୀ ସନ୍ତୋଷ ଲାଡ କହିଛନ୍ତି ଯେ ମହିଳାମାନଙ୍କ ପାଇଁ ନୂଆ ଋତୁସ୍ରାବକାଳୀନ ଛୁଟି ମଞ୍ଜୁର କରାଯାଇଛୁ। ଏହା ଅଦ୍ୟାବଧି ସରକାର ଲାଗୁ କରିଥିବା ନୀତି ମଧ୍ୟରେ ସର୍ବୋତ୍ତମ। ଏହାପରଠାରୁ ମହିଳାମାନେ ବାର୍ଷିକ ୧୨ଟି ଛୁଟି ପାଇପାରିବେ। ଏପରିକି ନୂଆ ନିୟମରେ ଜଣେ ମହିଳା ମାସକୁ ଗୋଟିଏ ଲେଖାଏଁ ଛୁଟି ନେଇପାରିବେ। ନଚେତ୍ ସେ ଚାହିଁଲେ ଏକକାଳୀନ ୧୨ଟିଯାକ ଛୁଟି ନେଇପାରିବାର ନମ୍ୟନୀୟତା ବି ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ କର୍ଣ୍ଣାଟକ ବ୍ୟତୀତ କେରଳରେ ଶିଳ୍ପ ତାଲିମ ପ୍ରତିଷ୍ଠାନଗୁଡ଼ିକରେ ତାଲିମ ନେଉଥିବା ମହିଳାମାନଙ୍କୁ ମାସିକ ୨ଟି ଋତୁସ୍ରାବକାଳୀନ ଛୁଟି ମଞ୍ଜୁର କରାଯାଇଛି। ଆହୁରି ବିହାର ଓ ଓଡ଼ିଶା ସରକାର ମଧ୍ୟ ରାଜ୍ୟର ସମସ୍ତ ସରକାରୀ ମହିଳା କର୍ମଚାରୀମାନଙ୍କ ପାଇଁ ବାର୍ଷିକ ୧୨ଟି ଋତୁସ୍ରାବକାଳୀନ ଛୁଟି ପ୍ରଦାନ କରିଆସୁଛନ୍ତି।

କରୱାଚୌଥ ପାଇଁ ପ୍ରସ୍ତୁତି କରୁଥିଲେ ସ୍ୱାମୀ

# ବୟଫ୍ରେଣ୍ଡଙ୍କ ସହ ଛୁ' ମାରିଲା ଗର୍ଭବତୀ ସ୍ତ୍ରୀ

ଗ୍ୱାଲିଅର,୯।୧୦: ମଧ୍ୟପ୍ରଦେଶର ଗ୍ୱାଲିଅରରେ ଏକ ଗୁଜ୍ଜର ପରିବାରର ଘରେ ପଶି ଗୁଳି ଚଳାଇଥିଲେ। ଜଣେ ବୃଦ୍ଧ ଦମ୍ପତି ସମେତ ଚାରି ଜଣଙ୍କୁ ଆକ୍ରମଣ କରି ସେମାନଙ୍କ ବୋହୂକୁ ନେଇଯାଇଥିଲେ। ବୋହୂ ନଅ ମାସର ଗର୍ଭବତୀ। ସେହି ସମୟରେ ଦମ୍ପତିଙ୍କ ପୁଅ ସେଠାରେ ଉପସ୍ଥିତ ନ ଥିଲେ। ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଛି। ଡିଗ୍ରା ଥାନା ଅଞ୍ଚଳ ଅନ୍ତର୍ଗତ ଗିରଜା ଗାଁରେ ଏହି ଘଟଣା ଘଟିଛି। ଦୁର୍ବୃତ୍ତମାନେ ପରିବାର ଲୋକଙ୍କୁ ବନ୍ଧୁକରେ ମାଡ଼ ମାରିଥିଲେ। ଏହି ଘଟଣାରେ ଆହତ ହୋଇଥିବା ପରିବାର ଲୋକେ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ଏ ସଂକ୍ରାନ୍ତରେ ମିଳିଥିବା ରିପୋର୍ଟ ଅନୁଯାୟୀ, ଗିରଜା ଗ୍ରାମର ଗିରିରାଜ ଗୁଜ୍ଜର ଦେଢ଼ ବର୍ଷ ପୂର୍ବରୁ ଶେଓପୁର ଜିଲ୍ଲାର ସେସାଇପୁରା ଗ୍ରାମର ଅନୁ ଗୁର୍ଜରଙ୍କୁ ବିବାହ କରିଥିଲେ। ସେମାନଙ୍କ ବିବାହ ପରଠାରୁ, ମୋରେନା ଜିଲାର ତିଲୌଣ୍ଡା ଗ୍ରାମର ଯୋଗେନ୍ଦ୍ର ଗୁର୍ଜର ଓରଫ ଯୋଗୀ ମହିଳାଙ୍କ ସ୍ୱାମୀ ଗିରିରାଜଙ୍କୁ ନିରନ୍ତର ଧମକ ଏବଂ ହଇରାଣ କରି ଆସୁଥିଲେ।

ଯୋଗେନ୍ଦ୍ର ତାଙ୍କ ସହଯୋଗୀ କଲ୍ଲୁ ଓରଫ କିଲେଦାର, ଡିପି, ତହସିଲ, ଶେରୁ, ଭୋଲା,



ବିଜ୍ଜୀ, ସତ୍ୟବୀର ଏବଂ ପ୍ରଦୀପ ସମେତ ପ୍ରାୟ ୧୫ ଜଣଙ୍କୁ ନେଇ ଗିରରାଜଙ୍କ ଘରେ ପହଞ୍ଚିଲେ। ଦୁର୍ବୃତ୍ତମାନେ ଘର ଉପରେ ଆକ୍ରମଣ କଲେ। ଦଶ ଜଣ ଦୁର୍ବୃତ୍ତ ଅଚାନକ ଗୁଳି ଚଳାଇଲେ। ପାଞ୍ଚ ଜଣ ଦୁର୍ବୃତ୍ତ ଗିରିରାଜଙ୍କ ବାପା ବ୍ରଜଲାଲ, ମା' ଭଗବତୀ, ଜେଜେମା ଧନବନ୍ତୀ ଓ କାକା ରାମେଶ୍ୱରଙ୍କୁ ବନ୍ଧୁକରେ ପିଟିଥିଲେ। ତା'ପରେ ସେମାନେ ୯ ମାସର ଗର୍ଭବତୀ ବୋହୂ ଅନୁଙ୍କୁ ଅପହରଣ କରିନେଇଥିଲେ। ତେବେ ଏ ସଂକ୍ରାନ୍ତରେ ପୁଲିସ୍ କହିଛି ଯେ ଅଭିଯୁକ୍ତ ଯୋଗେନ୍ଦ୍ର ଓ ଅନୁ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। କିନ୍ତୁ କୌଣସି କାରଣରୁ ଅନୁ ଯୋଗେନ୍ଦ୍ରଙ୍କୁ ବିବାହ କରିପାରି ନ ଥିଲେ। ତେଣୁ ଯୋଗେନ୍ଦ୍ର ପ୍ରେମିକାକୁ ଅପହରଣ ସକାଶେ ଉଦ୍ୟମ କରୁଥିଲେ। ସେଥିପାଇଁ ସେ କରୱାଚୌଥ ପୂର୍ବରୁ ତାଙ୍କୁ ଅପହରଣ କରିନେଇଥିଲେ। ସ୍ୱାମୀ ଗିରିରାଜ କରୱାଚୌଥ ପାଇଁ ପ୍ରସ୍ତୁତି କରୁଥିବା ସମୟରେ ଯୋଗେନ୍ଦ୍ର ନିଜର ପୂର୍ବ ପ୍ରେମକୁ ପାଇବା ପାଇଁ ଏପରି ଅପହରଣ କାଣ୍ଡ ଘଟାଇଥିଲା।

ଏହି ଘଟଣା ସମ୍ପର୍କରେ ଅନୁଙ୍କ ଶ୍ୱଶୁର ବ୍ରଜଲାଲ କହିଛନ୍ତି ଯେ ତାଙ୍କ ବୋହୂ ନ' ମାସର ଗର୍ଭବତୀ। ଚଳିତ ମାସରେ ଘରକୁ ନୂଆ ସଦସ୍ୟ ଆସିବା ନେଇ ପୂର୍ବରୁ ଡାକ୍ତର କହିସାରିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ଆସି ତାଙ୍କ ସହ ତାଙ୍କ ସ୍ତ୍ରୀ, ମା' ଓ ଭାଇଙ୍କୁ ମାଡ଼ ମାରିବା ସହ ଅନୁଙ୍କୁ ଅପହରଣ କରିନେଇଥିଲେ। ଏ ସଂକ୍ରାନ୍ତରେ ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଜେଏଏଚ୍‌ରେ ଭର୍ତ୍ତି କରିଥିଲେ। ଏହି ଆକ୍ରମଣରେ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ଗିରିରାଜଙ୍କ ଅଭିଯୋଗ ଆଧାରରେ ପୁଲିସ ମୋରେନା ନିବାସୀ ଯୋଗେନ୍ଦ୍ର ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଏଥିସହ ଦୁର୍ବୃତ୍ତମାନଙ୍କ ବିରୋଧରେ ପୂର୍ବରୁ ଅନେକ ମାମଲା ଥିବା ବେଳେ ଏବେ ପୁଲିସ୍ ସେମାନଙ୍କ ତଲାସ ଜାରି ରଖିଛି।

# ରନୱେରୁ ଖସି ବୁଦାରେ ପଶିଗଲା ବିମାନ

**ଲକ୍ଷ୍ନୌ,୯।୧୦:** ଉତ୍ତରପ୍ରଦେଶର ଫାରୁଖାବାଦରେ ଆଜି ଏକ ବଡ଼ ଧରଣର ବିମାନ ଦୁର୍ଘଟଣା ଟଳିଯାଇଛି। ଏକ ଘରୋଇ ବିମାନ ରନୱେରୁ ଖସି ନିକଟସ୍ଥ ବୁଦାରେ ପଶିଯାଇଛି। କିନ୍ତୁ ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କେହି ବି ଆହତ ହୋଇନାହାଁନ୍ତି। ବିମାନଟି ଉଡ଼ାଣ ଆରମ୍ଭ କରିବା ମାତ୍ରେ ଚକଟି ହଠାତ୍ ମୋଡ଼ି ହୋଇଯିବା ଫଳରେ ବିମାନଟି ଲକ୍ଷ୍ୟଚ୍ୟୁତ ହୋଇ ବୁଦାରେ ପଶିଯାଇଥିଲା। ଫାରୁଖାବାଦର ମହମ୍ମଦାବାଦ ଏୟାରଷ୍ଟ୍ରିପରେ ଏହି ଅଘଟଣ ଘଟିଛି। ସୂଚନାନୁସାରେ, ଉକ୍ତ ଘରୋଇ ବିମାନଟି ଭୋପାଳ ଅଭିମୁଖେ ଉଡ଼ାଣ ଭରିବା ପାଇଁ ପ୍ରସ୍ତୁତ ହେଉଥିଲା। ତେବେ ବିମାନ ଟାୟାରରେ ବାୟୁଚାପ କମ୍ ଥିବାରୁ ଏହା ରନୱେରୁ ଖସିଯାଇଥିଲା। ସେତେବେଳେ ଉକ୍ତ ବିମାନର ସ୍ଥାନୀୟ ଅଞ୍ଚଳର ଏକ କାରଖାନାର କେତେକ ଅଧିକାରୀ ବିମାନରେ ଯାତ୍ରା କରୁଥିଲେ ବୋଲି ଜାଣିବାକୁ ମିଳିଛି। ରିପୋର୍ଟ ଅନୁଯାୟୀ, ଉଡପ୍ୟାକର ଗ୍ରୀନ ଆଗ୍ରି ନ୍ୟୁଟ୍ରି ପ୍ୟାଡ୍ ପ୍ରାଇଭେଟ୍ ଲିମିଟେଡ୍ ଡିଏମଡି ଅଜୟ ଆରୋରା, ଏସବିଆଇ ମୁଖ୍ୟ ସୁମିତ ଶର୍ମା, ବିପିଓ ରାକେଶ ଟିକୁ, କ୍ୟାପଟେନ ନସୀବ ବାମାଲ ଏବଂ କ୍ୟାପଟେନ ପ୍ରତୀକ ଫର୍ଣ୍ଣାଣ୍ଡିଜ୍ ଜେଟ୍ ବିମାନରେ ଥିଲେ। ଦୁର୍ଘଟଣା ଘଟିବା ପୂର୍ବରୁ ଜେଟ୍ ରନୱେରେ ପ୍ରାୟ ୪୦୦ ମିଟର ଉଡ଼ିବା ଆରମ୍ଭ କରିଥିଲା। କମ୍ପାନୀର ଉତ୍ତର ପ୍ରଦେଶ ପ୍ରକଳ୍ପ ମୁଖ୍ୟ ମନୀଷ କୁମାର ପାଣ୍ଡେ ଏନେଇ କହିଛନ୍ତି ଯେ ବିମାନଟି ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ଭୋପାଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। କିନ୍ତୁ ପାଇଲଟଙ୍କ ଅବହେଳା ଯୋଗୁଁ ଏପରି ଅଘଟଣ ଘଟିଥିବା ଶ୍ରୀ ପାଣ୍ଡେ ଅଭିଯୋଗ କରିଛନ୍ତି। ସେହିପରି ଅଗ୍ନିଶମ ବାହିନୀ ପକ୍ଷରୁ କୁହାଯାଇଛି ଯେ ସେମାନଙ୍କୁ ୧୨ ଘଣ୍ଟା ପୂର୍ବରୁ କୌଣସି ସୂଚନା ଦିଆଯାଇ ନଥିଲା କି ଟ୍ରେଜେରୀ ଫି ଜମା କରାଯାଇନଥିଲା।

ସରୋଗେସି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ନିର୍ଦ୍ଦିଷ୍ଟ ଦମ୍ପତିଙ୍କ ପାଇଁ ପ୍ରଯୁଜ୍ୟ ହେବନି ବୟସ ସୀମା

ନୂଆଦିଲ୍ଲୀ,୯।୧୦: ସୁପ୍ରିମକୋର୍ଟ ସରୋଗେସି (ରେଗୁଲେସନ) ଆଇନ, ୨୦୨୧ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଗତ ୨୦୨୨ ଜାନୁଆରୀ ୨୫ ତାରିଖରେ ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ସରୋଗେସି ଆରମ୍ଭ କରିଥିବା ଦମ୍ପତିଙ୍କ ପାଇଁ ବୟସ ସୀମା ପ୍ରଯୁଜ୍ୟ ହେବ ନାହିଁ। ଏହି ଗୁରୁତ୍ୱପୂର୍ଣ୍ଣ ରାୟରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ସରୋଗେସି (ରେଗୁଲେଶନ) ଆଇନ, ୨୦୨୧ ଅନୁଯାୟୀ ବୟସ ସୀମା ଏହି ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ସରୋଗେସି ଆରମ୍ଭ କରିଥିବା ଦମ୍ପତିଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ। ରାୟ ଶୁଣାଣି ଅବସରରେ ଜଷ୍ଟିସ ବି.ଭି. ନାଗାରଥନା କହିଛନ୍ତି ଯେ ୨୦୨୧ ଆଇନ ପୂର୍ବରୁ ସରୋଗେସି ଆରମ୍ଭ କରିଥିବା ଦମ୍ପତିଙ୍କ ପାଇଁ କୌଣସି ବାଧତାମୂଳକ ଆଇନଗତ ବୟସ ସୀମା ନାହିଁ। ଅନେକ ଦମ୍ପତି ପୂର୍ବରୁ ଭ୍ରୁଣ ଫ୍ରିଜ କରିଥିଲେ କିମ୍ବା ନୂତନ ଆଇନ କାର୍ଯ୍ୟକାରୀ ହେଲେ ସେମାନେ ସରୋଗେସି ଆରମ୍ଭ କରିବେ ବୋଲି ସୂଚାଇ ଦେଇଛନ୍ତି।



ସୁପ୍ରିମକୋର୍ଟ ଏହି ଦମ୍ପତିଙ୍କ ଅଧିକାର ଏବଂ ପିତାମାତାଙ୍କ ସ୍ୱାୟତ୍ତତାକୁ ସ୍ୱୀକୃତି ଦେଇଛନ୍ତି ଏବଂ କହିଛନ୍ତି ଯେ ବୟସ ସୀମା କାର୍ଯ୍ୟକାରୀ କରିବା ଦ୍ୱାରା ଅନେକଙ୍କ ଅଧିକାର କ୍ଷତି ହେବ। ସୁପ୍ରିମକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ଯେ ଯଦି ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ଭ୍ରୁଣକୁ ସରୋଗେଟ ମା'ଙ୍କୁ ସ୍ଥାନାନ୍ତର କିମ୍ବା ଭ୍ରୁଣର ଫ୍ରିଜିଂ କରାଯାଇଥିଲା, ସେ କ୍ଷେତ୍ରରେ ପରିବର୍ତ୍ତନଶୀଳ ବ୍ୟବସ୍ଥା ପ୍ରଯୁଜ୍ୟ ହେବ ଓ ବୟସ ସୀମା ସେହି ମାମଲାଗୁଡ଼ିକୁ ପ୍ରଭାବିତ କରିବ ନାହିଁ। ସେହିପରି ୨୦୨୧ ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ଭ୍ରୁଣକୁ ଫ୍ରିଜ କରିଥିବା ଦମ୍ପତି ନୂତନ ବୟସ ସୀମା କଟକଣାରୁ ମୁକ୍ତ ହେବେ। କୋର୍ଟ କୋଭିଡ-୧୯ ମହାମାରୀ ଯୋଗୁ ହୋଇଥିବା ବିଳମ୍ବକୁ ମଧ୍ୟ ସ୍ୱୀକାର କରିଛନ୍ତି ଓ ସରୋଗେସି ବିକଳ୍ପ ବାଛିଥିବା ଅଭିପ୍ରାୟୀ ମାତାପିତାଙ୍କ ଅଧିକାରକୁ ଅସ୍ୱୀକାର କରିବା ପାଇଁ ଏପରି ଅପ୍ରତ୍ୟାଶିତ ବିଳମ୍ବକୁ ଆଧାର ଭାବରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି କହିଛନ୍ତି।

## କନଷ୍ଟେବଲଙ୍କ ପରିବାରକୁ ସହାୟତା ପ୍ରଦାନ



**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା କନଷ୍ଟେବଳ ଲବଣି ଗାଣ୍ଡାଙ୍କ ପରିବାର ଲୋକଙ୍କୁ ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମବେଦନା ଜଣାଇବା ସହ ଏସ୍‌ବିଆଇ ପକ୍ଷରୁ ଦିଆଯାଇଥିବା ୧ କୋଟି ଟଙ୍କାର ଦୁର୍ଘଟଣାଜନିତ ମୃତ୍ୟୁ ବୀମା ରାଶିର ଚେକ ପ୍ରଦାନ କରିଛନ୍ତି। ଏହି ଅବସରରେ ସ୍ୱଳ୍ପ ସମୟ ମଧ୍ୟରେ ବୀମା ରାଶି ପ୍ରଦାନ କରିଥିବାରୁ ଏଥିସକାଶେ ଶ୍ରୀ ଖୁରାନିଆ ଏସ୍‌ବିଆଇର ଅଧିକାରୀମାନଙ୍କୁ ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ରାୟଗଡା ଜିଲ୍ଲା ରିଜର୍ଭ କାର୍ଯ୍ୟାଳୟଠାରେ କନଷ୍ଟେବଳ ଭାବେ ଚାକିରି କରୁଥିବା ବେଳେ ଗତ ଜୁଲାଇ ୫ ତାରିଖରେ ଥେରୁବାଲି ନିକଟରେ ଡ୍ୟୁଟି କରୁଥିବା ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ଆଜି ତାଙ୍କ ବାପା ବୃନ୍ଦାବନ ଗାଣ୍ଡା ଡିଜିପିଙ୍କଠାରୁ ଚେକ ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଏସବିଆଇ ସିଜିଏମ୍ ଏଡି ରତ୍ନାତେଜା, ଏସବିଆଇ ଜିଏମ୍ କୌଶଲ କିଶୋର ସିଂ, ଏସବିଆଇ ଡିଜିଏମ୍ ଆଶିଷ କୁମାର ମିଶ୍ର, ଏସବିଆଇ ଆର୍‌ଏମ୍ ଉତ୍ତର କୁମାର ପଟେଲ, ଏସବିଆଇ ଏଜିଏମ ନଗେନ୍ଦ୍ର ସାହୁ, ମନୋଜ କୁମାର ପ୍ରଧାନ ଉପସ୍ଥିତ ଥିଲେ। ପୂର୍ବରୁ ଓଡ଼ିଶା ପୁଲିସ ଓ ଏସ୍‌ବିଆଇ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ଏସ୍‌ବିଆଇ ପକ୍ଷରୁ ଆଜି ଦୁର୍ଘଟଣାଜନିତ ମୃତ୍ୟୁ ପରିପ୍ରେକ୍ଷୀରେ ୧ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।

## ଓପିଏସ୍ ସ୍ତରରେ ଅଦଳବଦଳ
## ୧୯ ଅତିରିକ୍ତ ଏସ୍‌ପିଙ୍କ ବଦଳି

**ଭୁବନେଶ୍ୱର,୯।୧୦ (ସଂଚାର ବ୍ୟୁରୋ) :** ୧୯ ଓପିଏସ ଅଧିକାରୀଙ୍କ ବଦଳି ଓ ନିଯୁକ୍ତି କଲେ ସରକାର। ବ୍ରହ୍ମପୁର ଅତିରିକ୍ତ ଏସ୍ ପି ସୀମା ସ୍ୱାଇଁଙ୍କ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ଆଲୋକ କୁମାର ଜେନାଙ୍କୁ ବ୍ରହ୍ମପୁର ଅତିରିକ୍ତ ଏସପିଙ୍କୁ ଦାୟିତ୍ୱ ଦିଆଯାଇଛି । ବଲାଙ୍ଗିର ଏଏସପି ଆଲୋକ କୁମାର ଜେନାଙ୍କୁ ବ୍ରହ୍ମପୁର ବଦଳି କରାଯାଇଛି । ତାଳଚେରର




ଆଡିସନାଲ ଏଏସପି ହୋଇଛନ୍ତି ସୀମା ସ୍ୱାଇଁ । କଟକ ଏଏସ୍‌ପି ସତ୍ୟବିକାଶ ଭୂୟାଁଙ୍କୁ ଭଦ୍ରକ ବଦଳି କରାଯାଇଛି । ସମ୍ବଲପୁରର ଅତିରିକ୍ତ ଏସପି ପ୍ରକାଶ କୁମାର ଟପ୍ପୋଙ୍କୁ ରାଉରକେଲା ବଦଳି କରାଯାଇଛି । ଭୁବନେଶ୍ୱରର ଅତିରିକ୍ତ ଏସପି ସଞ୍ଜୀବ କୁମାର ଶତପଥୀଙ୍କୁ ଆଡିସନାଲ ଏସପି ସ୍ପେଶାଲ ଟାସ୍କଫୋର୍ସ ଭାବେ ଦାୟିତ୍ୱ ଦିଆଯାଇଛି । ବରଗଡ଼ର ଏଏସପି ସୌରଭ ଓତାଙ୍କୁ କଟକ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି ।

## ପୁରୀ ସମୁଦ୍ର ରିପ୍ କରେଣ୍ଟରେ ପଡ଼ି ବୁଡିଗଲେ ପର୍ଯ୍ୟଟକ

**ପୁରୀ, ୯।୧୦ (ସଂଚାର ବ୍ୟୁରୋ) :** ପୁଣି ପୁରୀ ସମୁଦ୍ରରେ ଅଘଟଣ । ସମୁଦ୍ରରେ ସ୍ନାନ କରୁଥିବା ବେଳେ ରିପ୍ କରେଣ୍ଟରେ ପଡ଼ି ବୁଡିଗଲେ ପର୍ଯ୍ୟଟକ। ବୁଡ଼ି ଯାଉଥିବା ପର୍ଯ୍ୟଟକ ଜଣକ ହେଉଛନ୍ତି ପଶ୍ଚିମବଙ୍ଗ ଅଞ୍ଚଳର ସିଦ୍ଧାର୍ଥ ଝା । ସମୁଦ୍ର କୂଳର ସେକ୍ଟର ୧୨ରେ ଘଟିଛି ଏଭଳି ଅଭାବନୀୟ ଘଟଣା । ତେବେ ସେଠାରେ ଉପସ୍ଥିତ ଥିବା ଲାଇଫ ଗାର୍ଡ ମାନେ ତୁରନ୍ତ ଗଭୀର ସମୁଦ୍ର ଭିତରକୁ ଯାଇ ବୁଡ଼ି ଯାଉଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛନ୍ତି। ଉଦ୍ଧାର ପର୍ଯ୍ୟଟକଙ୍କୁ ଲାଇଫ ଗାର୍ଡ ମାନେ ପ୍ରଥମେ ପ୍ରାଥମିକ ଚିକିତ୍ସା ଯୋଗାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତେବେ ସୂଚନା ଅନୁଯାୟୀ ସେକ୍ଟର ୧୨ ରେ ସିଦ୍ଧାର୍ଥ ସମୁଦ୍ର ସ୍ନାନର ମଜା ନେଉଥିଲେ । ସେହି ସମୟରେ ଏକ ବଡ଼ ଲହଡ଼ି ସାଙ୍ଗକୁ ରିପ୍ କରେଣ୍ଟରେ ପଡ଼ି ସିଦ୍ଧାର୍ଥ ଗଭୀର ସମୁଦ୍ର ଭିତରକୁ ଚାଲି ଯାଇଥିଲେ । ପରିବାର ଲୋକେ ଏହା ଦେଖି ଚିତ୍କାର କରିବାରୁ ସେଠାରେ ଉପସ୍ଥିତ ଥିବା ଲାଇଫ ଗାର୍ଡ ମାନେ ତୁରନ୍ତ ସମୁଦ୍ର ଭିତରକୁ ଯାଇ ପର୍ଯ୍ୟଟକଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ ।

# ଆଜିଠୁ ୪୦ତମ ନ୍ୟାସନାଲ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍

**୫ ଦିନ ଧରି କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବ**




**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ଭାରତୀୟ ଆଥଲେଟିକ୍ସ ମହାସଂଘ, ଓଡ଼ିଶା ଆଥଲେଟିକ୍ସ ସଂଘ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ମିଳିତ ଭାବେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ୪୦ତମ ନ୍ୟାସନାଲ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ଆୟୋଜିତ ହେବ। ଆସନ୍ତାକାଲିଠାରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇ ୫ ଦିନ ଚାଲିବା ପରେ ଆସନ୍ତା ୧୪ ତାରିଖରେ ଉଦ୍‌ଯାପିତ ହେବ ବୋଲି ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୨ ହଜାର କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ଓଡ଼ିଶାର ୩୮ ଜଣ ପୁରୁଷ ଓ ୩୭ ଜଣ ମହିଳା ଏହିପରି ସର୍ବମୋଟ ୭୫ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ହରିଆଣାରୁ ସର୍ବାଧିକ ୧୪୭ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ କହିଛନ୍ତି ଯେ ଆସନ୍ତା ୧୧ ତାରିଖଠାରୁ କଳିଙ୍ଗ ଷ୍ଟାଡିୟମଠାରେ ୨୮ତମ ଏସୀୟ ଟେବୁଲ ଟେନିସ ଟିମ୍ସ ଚାମ୍ପିୟନସିପ୍ ମଧ୍ୟ ଅନୁଷ୍ଠିତ ହେବ। ଏକ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। କ୍ରୀଡ଼ାବିତମାନେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ସଫଳତା ଅର୍ଜନ କରିବେ ବୋଲି ସେ ଆଶା କରିଛନ୍ତି।

ସେହିପରି ଭାରତୀୟ ଆଥଲେଟିକ୍ସ ମହାସଂଘ ସଭାପତି ଆଦିଲ୍ ସୁମାରିୱାଲା କହିଛନ୍ତି ଯେ କଳିଙ୍ଗ ଷ୍ଟାଡ଼ିୟମରେ ଗତ ଅଗଷ୍ଟରେ ସଫଳତାର ସହ ୱାର୍ଲଡ କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତା ଆୟୋଜିତ ହୋଇଛି। ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାର ଆୟୋଜନ ମାଧ୍ୟମରେ ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ସେହିପରି ୪୦ତମ ନ୍ୟାସନାଲ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍‌ର ଆୟୋଜନ ମଧ୍ୟ ସଫଳ ହେବ ବୋଲି ଶ୍ରୀ ସୁମାରିୱାଲା ଆଶା କରିଛନ୍ତି।

## ଆନନ୍ଦ ବଜାରରେ ଲାଗିଲାନି ମହାପ୍ରସାଦ ଦର ତାଲିକା



**ପୁରୀ, ୯।୧୦ (ସଂଚାର ବ୍ୟୁରୋ) :** କାର୍ତ୍ତିକ ମାସ ଆରମ୍ଭ ହୋଇ ସାରିଛି । ହେଲେ ଶ୍ରୀମନ୍ଦିର ପ୍ରଶାସନର ପୂର୍ବ ନିଷ୍ପତ୍ତି ମୁତାବକ ଆନନ୍ଦ ବଜାରରେ ମହାପ୍ରସାଦ ଦର ତାଲିକା ଲାଗି ପାରିଲା ନାହିଁ । କାର୍ତ୍ତିକ ମାସରେ ଅବଢ଼ା ମହାପ୍ରସାଦ ଚାହିଦା ଅଧିକ ରହିଥିବା ବେଳେ ଦର ତାଲିକା ଲାଗି ନ ଥିବାରୁ ଆନନ୍ଦ ବଜାରରେ ମନ ଇଚ୍ଛା ଦରରେ ବିକ୍ରୀ ହେଉଛି । ଫଳରେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । କାର୍ତ୍ତିକ ମାସରେ ମହାପ୍ରସାଦ ଅଧିକ ଦରରେ ବିକ୍ରି ହେଉଥିବାରୁ ଅନେକ ଗରିବ ଶ୍ରେଣୀର ଲୋକମାନେ ନିଜ ଆବଶ୍ୟକ ମୁତାବକ ମହାପ୍ରସାଦ ଟିକେ ସେବନ କରିପାରୁନାହାଁନ୍ତି । ଏହାର ଉପରେ ଶ୍ରୀମନ୍ଦିର ପ୍ରଶାସନର ନିୟନ୍ତ୍ରଣ ନରହିବାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି ।

## ୨୦ଦିନ ପରେ ମାଟି ତଳୁ ଶବ ଜବତ

**ନିଶ୍ଚିନ୍ତକୋଇଲି, ୯।୧୦ (ସଂଚାର ବ୍ୟୁରୋ) :** ଦୀର୍ଘ ୨୦ଦିନ ପରେ ମାଟି ତଳୁ ପୋଲିସ ଶବ ଜବତ କଲା । ଏଭିଳ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ସୁକରପଡ଼ା ପଞ୍ଚାୟତ ହଳପୁର ଗାଁରେ।

ସୂଚନା ଅନୁସାରେ, ଗତ ମାସ ସେପ୍ଟେମ୍ବର ୧୬ତାରିଖରେ ଚିକିତ୍ସିତ ଅବସ୍ଥାରେ ହଳଧରପୁର ଗ୍ରାମର ସେକ୍ ମଇରୁଦ୍ଦିନଙ୍କ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ହସ୍ପିଟାଲରୁ ଆଣି କବର ଦିଆଯାଇଥିଲା। ଏହି ମାସ ୭ ତାରିଖ ଦିନ ମୃତ ସେକ୍ ମଇରୁଦ୍ଦିନଙ୍କ ପତ୍ନୀ ନନିଆ ବିବି ନିଜର ସାନ ପୁଅ କାଲିମୁଦ୍ଦିନ୍ ତାଙ୍କ ସ୍ୱାମୀଙ୍କୁ ବାଡେଇ ମାରି ଦେଇଥିବା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। କାରଣ ଥିଲା ସାନ ପୁଅ କାଲିମୁଦ୍ଦିନ୍ ବାପାଙ୍କୁ ୫୦,୦୦୦ ଟଙ୍କା ଦାବି କରିଥିଲା। ମୃତକ ମଇରୁଦ୍ଦିନ ଏତେ ଅର୍ଥ ଦେଇପାରିବି ନାହିଁ ବୋଲି ମନା କରିବାରୁ କ୍ରୋଧାନ୍ୱିତ ହୋଇ କାଲିମୁଦ୍ଦିନ୍ ବାପାଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଫଳରେ ସେକ୍ ମଇରୁଦ୍ଦିନଙ୍କ ମୃତ୍ୟୁ ଘଟିଥିଲା। ଏହି ଅଭିଯୋଗକୁ ଭିତ୍ତି କରି ଆଜି ନିଶ୍ଚିନ୍ତକୋଇଲି ଥାନା ପୋଲିସ ହଳଧରପୁର ଗାଁରେ ପହଞ୍ଚି କବର ସ୍ଥଳରୁ ପୋତା ହୋଇଥିବା ଶବକୁ ମାଟି ଖୋଳି ଜବତ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି।

### କୋରାପୁଟରେ ପ୍ରେମର ଅସଲ ପରିଭାଷା
## ପ୍ରେମିକା ମୃତ୍ୟୁ ଖବର ଶୁଣି ଜୀବନ ହାରିଲେ ଯୁବକ




**କୋରାପୁଟ,୯।୧୦(ସଂଚାର ବ୍ୟୁରୋ):** ସାମ୍ପ୍ରତିକ ସମୟରେ ଭଲ ପାଇବା କେବଳ ପାର୍ଥିବ ସୁଖ ଉପରେ କେନ୍ଦ୍ରୀଭୂତ ହେଉଥିବାରୁ ଏହାକୁ ସମାଜ ସହଜରେ ଗ୍ରହଣ କରିପାରୁନାହିଁ। କିନ୍ତୁ ଆଜି କୋରାପୁଟରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି ଯାହାକୁ ଦେଖି କେହି ବି କହିବେ ଯେ ଏବେ ବି ସାତ୍ତ୍ୱିକ ପ୍ରେମ ସମାଜରେ ବଞ୍ଚି ରହିଛି। କାରଣ କୋରାପୁଟ ଜିଲ୍ଲାର ସୁନାବେଡ଼ା ଥାନା ଅଧୀନ ଡିପି କ୍ୟାମ୍ପ ଅଞ୍ଚଳରେ ପ୍ରେମିକାର ମୃତ୍ୟୁ ଖବର ଶୁଣି ପ୍ରେମିକ ନିଜ ଜୀବନକୁ ବି ଶେଷ କରିଦେଇଛନ୍ତି। ଆଜି ୧୯ ବର୍ଷୀୟା ଯୁବତୀ ଜଣଙ୍କ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିଲେ।। ଏନେଇ ଜାଣିବା ପରେ ବେଙ୍ଗାଲୁରୁର ଏକ କମ୍ପାନୀରେ କାମ କରୁଥିବା ବିଶାଳ ପ୍ରଧାନ ନାମକ ପ୍ରେମିକ ଜଣଙ୍କ ମାଲିଗୁଡ଼ା ଗାଁ ନିକଟରେ ନଦୀକୁ ଡେଇଁ ଜୀବନ ହାରିଛନ୍ତି। ଗତକାଲି ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ଖବର ପାଇବା ପରେ ସ୍ଥାନୀୟ ପୁଲିସ୍, ଅଗ୍ନିଶମ ବାହିନୀ ଓ ୮ ଜଣିଆ ଉଦ୍ଧାରକାରୀ ଦଳ ଖୋଜାଖୋଜି ଆରମ୍ଭ କରିଥିଲେ। ଓଡ୍ରାଫ୍ ଟିମ୍ ଦୀର୍ଘ ୧୯ ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରିବା ପରେ ଶେଷରେ ଆଜି ବିଶାଳଙ୍କ ମୃତଦେହକୁ ନଦୀରୁ ଉଦ୍ଧାର କରିଛି। ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ଏନେଇ ପୁଲିସ୍ ଏକ ମାମଲା (୧୧/୨୦୨୫) ରୁଜୁ କରିବା ସହ ଦୁଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ତଦନ୍ତକାରୀ ଅଧିକାରୀ ସୁଶ୍ରୁମା କୁଆଁର ଓ ଏସଆଇ ନିର୍ମଳା ଲିମା ଘଟଣା ପଛର ଅସଲ କାରଣ ଜାଣିବା ସକାଶେ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ତେବେ ପ୍ରେମରେ ପରସ୍ପର ସହ ଜିଇଁବା ଓ ମରିବା ପାଇଁ ଶପଥ ନେଇଥିବା ଯୁବକଯୁବତୀ ସେମାନଙ୍କ କଥାରେ ଅଟଳ ରହିଥିବାରୁ କୋରାପୁଟରେ ପ୍ରେମର ଅସଲ ପରିଭାଷା ଦେଖିବାକୁ ମିଳିଛି ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

## ୨ ପିଏଲ୍‌ଏଫ୍‌ଆଇ ସଦସ୍ୟ ଗିରଫ

**ରାଉରକେଲା,୯।୧୦(ସଂଚାର ବ୍ୟୁରୋ):** ରାଉଲକେଲା ରେଳଷ୍ଟେସନରୁ ଆଜି ପିପୁଲ୍‌ସ ଲିବେରେସନ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଲ୍‌ଏଫ୍‌ଆଇ)ର ଦୁଇଜଣ ସଦସ୍ୟ ଗିରଫ ହୋଇଛନ୍ତି। ରାଉଲକେଲା ଆରପିଏଫ୍ ଦ୍ୱାର ମାଓବାଦୀ ସଂଗଠନର ଏହି ଦୁଇ ସଦସ୍ୟ ହେଲେ ଝାଡ଼ଖଣ୍ଡ ଲାତେହାର ଅଞ୍ଚଳର ବାସିନ୍ଦା। ଦୁଇଜଣ ପିଏଲଏଫଆଇ ସଦସ୍ୟ ଟ୍ରେନ ମାଧ୍ୟମରେ ଧାନବାଦରୁ ଝାରସୁଗୁଡ଼ା ପଟେ ଯାଉଥିବା ବେଳେ ସକାଳ ପ୍ରାୟ ୯ଟା ବେଳେ ଆରପିଏଫ ସେମାନଙ୍କୁ ଟ୍ରେନ କୋଚରୁ ଓହ୍ଲାଇ ରାଉଲକେଲା ଆରପିଏଫ ଥାନାରେ ରଖିଛି।

● ମହିଳା ଦିନିକିଆ ବିଶ୍ୱକପ୍

## ୩ ୱିକେଟ୍‌ରେ ହାରିଲା ଭାରତ

**ବିଶାଖାପାଟଣା,୯।୧୦:** ଚଳିତ ମହିଳା ଦିନିକିଆ ବିଶ୍ୱକପ୍‌ରେ ଆଜି ଆୟୋଜକ ଭାରତ ଦକ୍ଷିଣ ଆଫ୍ରିକାଠାରୁ ୩ ୱିକେଟ୍‌ରେ ପରାସ୍ତ ହୋଇଛି। ପୂର୍ବରୁ ଦୁଇଟି ବିଜୟ ହାସଲ କରିଥିବା ଭାରତ ଆଜି ତୃତୀୟ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ଭେଟି ପ୍ରଥମେ ବ୍ୟାଟିଂ ପାଇ ୪୯.୫ ଓଭର୍‌ରେ ୨୫୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଏହାର ଜବାବରେ ଦକ୍ଷିଣ ଆଫ୍ରିକା ହାତରେ ୩ ୱିକେଟ୍ ଓ ୭ଟି ବଲ୍ ବାକି ଥିବା ସମୟରେ ବିଜୟ ଲକ୍ଷ୍ୟରେ ପହଞ୍ଚିବା ସହ ଦ୍ୱିତୀୟ ବିଜୟ ହାସଲ କରିଛି। ଭାରତ ପକ୍ଷରୁ ରିଚା ଘୋଷ ମାତ୍ର ୭୭ ବଲ୍‌ରେ ୧୧ଟି ଚୌକା ଓ ୪ଟି ଛକା ଜରିଆରେ ୯୪, ଓପନର ପ୍ରତୀକା ରାୱଲ୍ ୩୭, ସ୍ନେହ ରାଣା ୩୩ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକାର କ୍ଲୋଏ ଟ୍ରାଇନ୍ ୩ଟି ଏବଂ ମାରିଜେନ୍ କାପ୍, ଏନ. ଡି କର୍କ ଓ ଏନ. ମାଲାବା ୨ଟି ଲେଖାଏଁ ୱିକେଟ୍ ଦଖଲ କରିଥିଲେ। ସେହିପରି ବ୍ୟାଟିଂରେ ଦଳ ପକ୍ଷରୁ ଡି କ୍ଲାର୍କ ୮ଟି ଚୌକା ଓ ୫ଟି ଛକା ସହ ସର୍ବାଧିକ ୮୪ ରନ୍ କରି ଅପରାଜିତ ଥିଲେ। ଏହାଛଡ଼ା ଓପନର ତଥା ଅଧିନାୟିକା ଲୌରା ଉଲ୍‌ଭାର୍ଟ ୭୦ ଓ ଟ୍ରାଇନ୍ ୪୯ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ କ୍ରାନ୍ତି ଗୌଡ଼ ଓ ସ୍ନେହ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। କ୍ଲାର୍କ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବରିଷ୍ଠ...

ଏବରଙ୍ଗ)। ଘର ତିଆରି ପାଇଁ ପ୍ରସ୍ତୁତି ସାରିବା ସହିତ ବିଏମସି/ବିଡିଏ ଏବଂ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ଅନୁମୋଦନ ପାଇସାରିଛନ୍ତି। ଖାଲୁଆ ଜାଗା ହୋଇଥିବାରୁ ତାହାକୁ ପୋତିବା ପାଇଁ ୫ ଲକ୍ଷ ଟଙ୍କାର ବାଲି କିଣି ରଖିଥିଲେ। ୧୫ ଲକ୍ଷ ଟଙ୍କାର ନିର୍ମାଣ ସାମଗ୍ରୀ ମଧ୍ୟ ଜମି ଉପରେ ପକାଇ ରଖିଥିଲେ। ହେଲେ ଗତ ଜୁନ୍ ୧୪ ତାରିଖରେ ଅଚାନକ ସେହି ପ୍ଲଟ୍ ସମ୍ମୁଖରେ ଆରମ୍ଭ ହୋଇଗଲା ରାସ୍ତା ମରାମତି କାର୍ଯ୍ୟ। ପୂର୍ତ୍ତ ବିଭାଗ ଅଧୀନସ୍ଥ ଭୁବନେଶ୍ୱର ଆର ଆଣ୍ଡ ବି ଡିଭିଜନ୍-୨ ଏବଂ ବିଏମସି ମିଳିତ ଭାବେ ଆରମ୍ଭ କରିଥିଲେ ରାସ୍ତା ତଡା କାର୍ଯ୍ୟ। ସେଠାରେ ରାସ୍ତା ଭାଙ୍ଗି ଏକ ନାଳ ଖୋଳାଗଲା ଏବଂ ବସ୍ତିର ଆବର୍ଜନା ପାଣିକୁ ସେଇ ନାଳ ବାଟେ ଶ୍ରୀ ଦାସଙ୍କ ପ୍ଲଟ ଉପରକୁ ଛଡ଼ାଗଲା। ଏଥିଯୋଗୁଁ ସ୍ୱେରେଜ୍ ଏବଂ ଡ୍ରେନେଜ୍ ପାଣିର ସୁଅ ଛୁଟିଲା। ପ୍ରତିବାଦ ସତ୍ତ୍ୱେ ଏବେ ବି ମରାମତି କାର୍ଯ୍ୟ ଜାରି ରହିଛି ଏବଂ ମଇଳା ପାଣିରେ ଶ୍ରୀ ଦାସଙ୍କ ପ୍ଲଟ ଭାସୁଛି। ବିନା ନୋଟିସ୍ ଏବଂ ଶ୍ରୀ ଦାସଙ୍କ ବିନା ସ୍ୱୀକୃତିରେ ଆର ଆଣ୍ଡ ବି ଡିଭିଜନ୍-୨ ଅଧୀକ୍ଷଣ ଯନ୍ତ୍ରୀ ଏବଂ ବିଏମସି କର୍ତ୍ତୃପକ୍ଷ ସେଇ ଘରୋଇ ପ୍ଲଟ୍ କୁ କ୍ଷତି କରି କାମ ଚଲେଇଛନ୍ତି। ଆର ଆଣ୍ଡ ବି ଡିଭିଜନ୍-୨ ଏବଂ ବିଏମସିର ଏହି ଦାଦାଗିରି ଯୋଗୁଁ ଶ୍ରୀ ଦାସଙ୍କର ୨୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ନିର୍ମାଣ ସାମଗ୍ରୀ ମାଟିରେ ମିଶିଯାଇଛି। ମଇଳା, ଆବର୍ଜନା ପାଣିରେ ପ୍ଲଟ ବୁଡ଼ି ରହି ପୁତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ବର୍ତ୍ତମାନର ସବୁଠାରୁ ବଡ଼ ସମସ୍ୟା ହୋଇଛି ଯେ, ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିବାରୁ ବିଡିଏ ଅନୁମୋଦନ ବାତିଲ ହୋଇଯିବାର ଆଶଙ୍କା ଦେଖାଦେଇଛି। ଏହା ହେଲେ ପୁଣି ଅର୍ଥ ଖର୍ଚ୍ଚ ହେବ ଏବଂ ସମୟ ଗଡ଼ିବ। ନିଜ ଜୀବଦଶାରେ ଘର ଖଣ୍ଡେ ତିଆରି କରିବାର ସ୍ୱପ୍ନ ରଖିଥିବା ୮୦ ବର୍ଷୀୟ ଶ୍ରୀ ଦାଶଙ୍କୁ ଏହା ଶକ୍ତ ଆଘାତ ଆଣିଛି। ମାନସିକ ସ୍ତରରେ ଶ୍ରୀ ଦାସ ଭାଙ୍ଗି ପଡିଛନ୍ତି। ତୁରନ୍ତ ଏହି କାର୍ଯ୍ୟ ବନ୍ଦ କରିବା ସହ ତାଙ୍କ ପ୍ଲଟ୍ କୁ ସୁରକ୍ଷା ଦେବାକୁ ଶ୍ରୀ ଦାସ ଇତିମଧ୍ୟରେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ, ବିଏମସି କର୍ତ୍ତୃପକ୍ଷ, ମୁଖ୍ୟ ଶାସନ ସଚିବ ଏବଂ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ କୁ ଲିଖିତ ପ୍ରାର୍ଥନା କରିଥିଲେ। ଅସହାୟ ମଦନ ମୋହନଙ୍କ ଏହି ଅବସ୍ଥା ଦେଖି ଯୁବ ଶକ୍ତି ନାମକ ଏକ ସଂଗଠନ ସହଯୋଗର ହାତ ବଢ଼ାଇଛି। ଓଡ଼ିଶା ରାଜ୍ୟ ମାନବାଧିକାର କମିସନଙ୍କ ପାଖରେ ପିଟିସନ୍ ଦାଖଲ କରି ନ୍ୟାୟ ମାଗିଛନ୍ତି। କମିସନ ଏହି ଅଭିଯୋଗକୁ ଗ୍ରହଣ କରିଛନ୍ତି। ହେଲେ ସବୁଆଡୁ ନିରାଶ ହୋଇ ମାନସିକ ସ୍ତରରେ ଭାଙ୍ଗି ପଡିଥିବା ଶ୍ରୀ ଦାଶ ନ୍ୟାୟ ନପାଇଲେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବେ ବୋଲି କୋହଭରା କଣ୍ଠରେ କହିଛନ୍ତି।

## ନବୀନଙ୍କ...

ପ୍ରାର୍ଥୀଭାବେ ଘୋଷଣା କରିଥିବା ବେଳେ ବିଜେପି ପ୍ରାର୍ଥୀ ଘୋଷଣାକୁ ସମସ୍ତେ ଅପେକ୍ଷା କରିଛନ୍ତି। ବିଜେପି ସରକାର ଗଠନ ପରେ ଏହା ପ୍ରଥମ ଉପନିର୍ବାଚନ ହୋଇଥିବାରୁ ଏହାକୁ ଜିତିବା ପାଇଁ ଦଳ କୌଣସି ସୁଯୋଗ ହାତଛଡା କରିବ ନାହିଁ। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ଘାସିରାମ ଗତଥର କଂଗ୍ରେସ ଟିକଟ ନପାଇ ସ୍ୱାଧୀନ ଭାବେ ଲଢ଼ି ୫୦ ହଜାରରୁ ଅଧିକ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିବାବେଳେ ବିଜେପି ପ୍ରାର୍ଥୀ ଏଠାରେ ତୃତୀୟ ସ୍ଥାନରେ ରହିଥିଲେ। ଏଥର ଘାଷିରାମ ନିଶ୍ଚିତ ଜିତିବେ ବୋଲି କଂଗ୍ରେସ ଏବେଠାରୁ ଜୋରଦେଇ କହିବା ଆରମ୍ଭ କରିଛି। ବିଜେପି କହୁଛି ଭୋଟରଙ୍କ ମତ ବିଜେପି ସପକ୍ଷରେ ରହିଛି। ଏଭଳି ସ୍ଥିତିରେ ନବୀନଙ୍କ ଉପସ୍ଥିତିକୁ ବିଜେଡି କର୍ମୀମାନେ ଚାହିଁ ବସିଛନ୍ତି। ହେଲେ ନବୀନ କେବେ ଦିଲ୍ଲୀରୁ ଫେରିବେ ତାହାର ଉତ୍ତର କିନ୍ତୁ କାହା ପାଖରେ ନାହିଁ।

## ଆଦିବାସୀ...

ଆଦିବାସୀଙ୍କର ରହିବ ସବୁଠୁ ବଡ଼ ଭୂମିକା। ନୂଆପଡ଼ାରେ ମୋଟ ୨ ଲକ୍ଷ ୫୩ ହଜାର ଭୋଟରଙ୍କ ମଧ୍ୟରୁ ଆଦିବାସୀ ଭୋଟ ଅଧାରୁ ଅଧିକ। ହେଲେ ଆଦିବାସୀଙ୍କ ଭୋଟ୍‌ବ୍ୟାଙ୍କ ନୂଆପଡ଼ାରେ ଭାଗ ଭାଗ। ଯାହାର ଝଲକ ଗତ ନିର୍ବାଚନ ଗୁଡିକରେ ମଧ୍ୟ ଦେଖିବାକୁ ମିଳିଛି। ଚଳିତ ନିର୍ବାଚନରେ ମଧ୍ୟ ତାହାର ପୁନରାବୃତ୍ତି ହେବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ଆଦିବାସୀଙ୍କ ସର୍ବାଧିକ ସମର୍ଥନ ରହିଥିବା ଦାବି କରିଛି ୩ ଦଳ। ଆଦିବାସୀ ବହୁଳ ନୂଆପଡ଼ା ଆସନ ଦଖଲ କରିବାକୁ ଆଦିବାସୀ କାର୍ଡ ଖେଳିଛି କଂଗ୍ରେସ। ଘାସିରାମ ମାଝୀଙ୍କୁ ଦଳ ପ୍ରାର୍ଥୀ କରି ଆଦିବାସୀ ଭୋଟବ୍ୟାଙ୍କର ସିଂହଭାଗକୁ ହାତେଇବାକୁ ରଣନୀତି କରିଛି। ହେଲେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଏକ ଚିଠି କଂଗ୍ରେସର ଚିନ୍ତା ବଢ଼ାଇଛି। ଅନ୍ୟପଟେ ବିଜେପି ଓ ବିଜେଡି ପ୍ରାର୍ଥୀ ଘୋଷଣା କରିନଥିଲେ ମଧ୍ୟ ବିଭିନ୍ନ ସମାବେଶ ଜରିଆରେ ଆଦିବାସୀ ଭୋଟରଙ୍କୁ ନିଜ ସପକ୍ଷକୁ ନେବାକୁ ଭରପୂର ପ୍ରୟାସ କରୁଛନ୍ତି। ୩ ଦଳର ହିସାବକିତାବ ଭିତରେ କିଏ ହାତେଇବ ଆଦିବାସୀଙ୍କ ଭୋଟ ? କାହାକୁ ଭରସିବେ ଆଦିବାସୀ ଭୋଟର ? ତାହା ଉପରେ ସଭିଙ୍କ ନଜର।

## ୧୧ରୁ...

ଭୁବନେଶ୍ୱରରେ ଷ୍ଟେଟ ଅଫ ଦ ଆର୍ଟ ହୋଲସେଲ ମାଛ ମାର୍କେଟର ଶିଳାନ୍ୟାସ, ହୀରାକୁଦରେ ଇଣ୍ଟିଗ୍ରେଟେଡ଼ ଆକ୍ୱା ପାର୍କର ଭିସି ମାଧ୍ୟମରେ ଶିଳାନ୍ୟାସ କରିବେ। ଏହି ଅବସରରେ ଚାଷୀଙ୍କ ସହ ବାର୍ତ୍ତାଳାପ ମଧ୍ୟ କରିବେ। ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ରାଜ୍ୟର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ କରାଯିବ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଦେଶରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ଲୋକଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇଦେବା, ଚାଷୀଙ୍କ ଆୟ, ଉତ୍ପାଦନରେ ବୃଦ୍ଧି ନିମନ୍ତେ ସରକାର ଏହିସବୁ ଯୋଜନା ଗୁଡ଼ିକ ପ୍ରସ୍ତୁତ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଦେଶର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ, କୃଷକ ଉତ୍ପାଦକ ଗୋଷ୍ଠୀ ଲାଭବାନ ହେବେ। ଦେଶରେ ବିଗତ ବର୍ଷ ତୁଳନାରେ ଚଳିତବର୍ଷ ରେକର୍ଡ ପରିମାଣର ପନିପରିବା ଓ ଖାଦ୍ୟଶସ୍ୟ ଉତ୍ପାଦନ ହେଇଛି। ଡାଲି ଏବଂ ତୈଳବୀଜ ଉତ୍ପାଦନରେ ଆତ୍ମନିର୍ଭର ହେବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ ଆହ୍ୱାନ ଦେଇଛନ୍ତି। ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, କୃଷି ବିଭାଗ ଓ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭାରତ...

ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ଉଭୟ ନେତା ଆଶା ରଖିଛନ୍ତି। ଅନ୍ୟ ପକ୍ଷରେ ବ୍ରିଟିସ ବାୟୁସେନାର ପାଇଲଟମାନଙ୍କୁ ତାଲିମ ଦେବେ ଭାରତୀୟ ବାୟୁସେନା ପାଇଲଟ୍। ଏକଥା ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି। ଗୁରୁବାର ବ୍ରିଟିସ୍ ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କ ସହ ମିଳିତ ପ୍ରେସ ବିବୃତ୍ତି ସମୟରେ ମୋଦୀ ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି ଆମେ ପ୍ରତିରକ୍ଷା ସହ-ଉତ୍ପାଦନ ଏବଂ ଉଭୟ ଦେଶର ପ୍ରତିରକ୍ଷା ଶିଳ୍ପକୁ ସଂଯୋଗ କରିବା ଦିଗରେ ଅଗ୍ରସର ହେଉଛୁ। ପ୍ରତିରକ୍ଷା ସହଯୋଗକୁ ଆଉ ଏକ ପାଦ ଆଗକୁ ନେଇ। ଆମେ ସାମରିକ ତାଲିମ କ୍ଷେତ୍ରରେ ସହଯୋଗ ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଛୁ। ଏହି ଚୁକ୍ତି ଅନୁଯାୟୀ, ଭାରତୀୟ ବାୟୁସେନାର ଫ୍ଲାଇଂ ପ୍ରଶିକ୍ଷକମାନେ ୟୁକେର ରୟାଲ୍ ବାୟୁସେନାରେ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିବେ। ସାଉଥାମ୍ପଟନ ବିଶ୍ୱବିଦ୍ୟାଳୟର ଗୁରୁଗ୍ରାମ ଶାଖା ନିକଟରେ ଉଦଘାଟନ ହୋଇଛି। ଏବେ ସେଠାରେ ପ୍ରଥମ ବ୍ୟାଚ୍ ଶିକ୍ଷାର୍ଥୀଙ୍କ ପଞ୍ଜିକରଣ ଚାଲିଛି। ଆଗକୁ ଦେଶର ଆଉ ୮ଟି ବିଶ୍ୱବିଦ୍ୟାଳୟ ସେମାନଙ୍କ କ୍ୟାମ୍ପସ ପ୍ରତିଷ୍ଠା କରିବେ। ଭାରତ-ବ୍ରିଟେନ ଶୈକ୍ଷିକ ସମ୍ପର୍କ ଓ ଭାରତର ଜାତୀୟ ଶିକ୍ଷା ନୀତି ୨୦୨୦ ଦିଗରେ ଏପରି କାର୍ଯ୍ୟକ୍ରମ ବେଶ ଗୁରୁତ୍ୱ ବହନ କରୁଛି। ଏହି କାର୍ଯ୍ୟକ୍ରମ ଜରିଆରେ ଭାରତୀୟ ଶିକ୍ଷାର୍ଥୀମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ପାଇଁ ଆଉ ଦେଶ ଛାଡ଼ିବାକୁ ପଡ଼ିବ ନାହିଁ। ସେହିପରି ମିଳିତ ଗବେଷଣା ଓ ଏକାଡେମିକ ଭାଗିଦାରୀ ସହ ଦକ୍ଷତା ବିକାଶରେ ଏହା ସହାୟକ ହେବ। ବର୍ତ୍ତମାନ ସୁଦ୍ଧା ବ୍ରିଟେନର ୫ଟି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ସେମାନଙ୍କ କ୍ୟାମ୍ପସ ଭାରତରେ କିଛି ବଡ଼ବଡ଼ ସହରରେ ଖୋଲିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ସାଉଥାମ୍ପଟନ ବିଶ୍ୱବିଦ୍ୟାଳୟ ସହ ମୁମ୍ବାଇରେ ଏଣ୍ଟରପ୍ରାଇଜେସ କ୍ୟାମ୍ପସ ଖୋଲିବାକୁ ୟୁଜିସି ଠାରୁ ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟ ଅନୁମତି ପାଇ ସାରିଛି। ୨୦୨୬ରେ ଏଠାରେ ପାଠପଢ଼ା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

## 'ବଣିକ୍'...

ଅଫିସର ଭାବେ ରହିଛନ୍ତି କ୍ରାଇମବ୍ରାଞ୍ଚ ଏସ୍‌ପି ଅନୀଲ ବେଉରିଆ। ଏହି କେଲେଙ୍କାରୀରେ ରାଜନେତାଙ୍କଠାରୁ ଆରମ୍ଭ କରି ବରିଷ୍ଠ ପୋଲିସ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ ବଢ଼ିଲାଣି। କେବଳ ସେତିକି ନୁହେଁ, ଯେଉଁ ସବୁ ସଂସ୍ଥାରେ ପୂର୍ବରୁ କଳାଦାଗ ଲାଗିଛି, ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନା ପାଇଁ ସେହି ସବୁ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। କ୍ରାଇମବ୍ରାଞ୍ଚ ଏବେ ଏସବୁ ଦିଗକୁ ନେଇ ତନାଘନା କଲାଣି। ଅନ୍ୟପକ୍ଷରେ ଏହି ଘଟଣାରେ ପୋଲିସ ୧୧୪ ଜଣ ପରୀକ୍ଷାର୍ଥୀ ଓ ଜଣ ଦଲାଲଙ୍କୁ ଗିରଫ କରିଥିବା ବେଳେ ରାକେଟ୍ ପଛର ମାଷ୍ଟରମାଇଣ୍ଡ ଏବେବି ଫେରାର ଅଛି। କ୍ରାଇମବ୍ରାଞ୍ଚ ଟିମ୍ ସିଲିକନ୍ ଟେକ୍ ଲ୍ୟାବ୍‌ର ମାଲିକଙ୍କ ସମେତ ୫ରୁ ଅଧିକଙ୍କୁ ମାରାଥନ ଜେରା କରି ଅନେକ ତଥ୍ୟ ହାତେଇଛି। ସେହିପରି ଭୁବନେଶ୍ୱର ଓ ବ୍ରହ୍ମପୁର ସ୍ଥିତ ପଞ୍ଚସପ୍ଟ ଏବଂ ଅନ୍ୟ ୩ଟି ଅଫିସରେ ଚଢ଼ଉ କରି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବା ସହ ଅଫିସ୍‌କୁ ସିଲ୍ କରିଛି।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପୋଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା ଲାଗି କୋଲକାତାର ଆଇଟିଆଇ ସଂସ୍ଥାକୁ ଟେଣ୍ଡର ମିଳିଥିଲା। ପରେ ଏହି ସଂସ୍ଥା ହାଇଦ୍ରାବାଦର ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିଥିଲା। ସିଲିକନ୍ ଏହାକୁ ସବ୍‌ଲେଟ୍‌ରେ ବ୍ରହ୍ମପୁରର ପଞ୍ଚସପ୍ଟ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାକୁ ଦାୟିତ୍ୱ ଦେଇଥିଲା। ପଞ୍ଚସପ୍ଟକୁ ଦାୟିତ୍ୱ ମିଳିବା ପରେ ସଂସ୍ଥାର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ଘୋଟାଲା ପାଇଁ ଯୋଜନା କରିଥିଲେ। ଖଣ୍ଡଗିରି ଅଞ୍ଚଳର ମୁନା ମହାନ୍ତିଙ୍କୁ ରାକେଟ୍‌ରେ ସାମିଲ କରି ଆଶାୟୀଙ୍କୁ ଚାକିରି ଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିଲେ। ତେବେ ମୁନା ବିଭିନ୍ନ ମାଧ୍ୟମରେ ଆଶାୟୀଙ୍କ ସହ ଯୋଗାଯୋଗ କରି ଆଗୁଆ ଅରିଜିନାଲ୍ ସାର୍ଟିଫିକେଟ୍ ହାତଉଥିଲା। ଏହାକୁ ସେ ଶଙ୍କର ସହ ଯୋଗାଯୋଗ କରି ହାଇଦ୍ରାବାଦ ସଂସ୍ଥା ପାଖିକୁ ପଠାଉଥିଲା। ଯାହାର ପ୍ରମାଣ ପୋଲିସ ହାତରେ ଲାଗିଛି।

## ରାଜନୈତିକ...

ଶଙ୍କର ପୃଷ୍ଟି କିଏ ମୁ ଜାଣିନି ଓ ଶାସକ ଦଳ ପକ୍ଷରୁ ରାଜନୀତିକ ଉଦ୍ଦେଶ୍ୟ ରଖି ଏଭଳି ରେଡ କରାଯାଉଛି। ସରକାର ନିଜ ଦୋଷକୁ ଲୁଚାଇବା ପାଇଁ ଆମକୁ ବଦନାମ କରିବାକୁଏଭଳି ରେଡ କରୁଛନ୍ତି। କ୍ରାଇମବ୍ରାଞ୍ଚ୍ ଯେଉଁ ତଥ୍ୟ ପ୍ରଘଟ କରିଛି, ସେଥିରେ ଅନେକ ପିଲାଙ୍କ ଉତ୍ତର ହେଉଚି ଡିନାଏ ? ତେବେ ଡିନାଏ କାହିଁକି ? ତାହାର ସତ୍ୟାସତ୍ୟ ସାମ୍ନାକୁ ଆସୁ। ୫ ବର୍ଷର ଷ୍ଟୁଡେଣ୍ଟ ଲିଷ୍ଟ, ବ୍ୟାଙ୍କ୍ ଆକାଉଣ୍ଟ କ୍ରାଇମବ୍ରାଞ୍ଚ ମାଗିଛି। ୧୨ ଜଣ ଯେଉଁ ବାଣିକରେ ନାମ ନେଇଥିଲେ, ଆମ ଡାଟାବେସରୁ ୬ ଜଣ ପିଲାଙ୍କ ନାମ କ୍ରାଇମବ୍ରାଞ୍ଚକୁ ଦେଇଛୁ ବୋଲି ସୁବ୍ରତ କହିଛନ୍ତି।

## ଓଡ଼ିଶାକୁ...

ସେ ଆହୁରି ମଧ୍ୟ କହିଛନ୍ତି , ପଶ୍ଚିମବଙ୍ଗରେ ପ୍ରତିଦିନ କ'ଣ ଘଟୁଛି ସେକଥା ମମତା ବାନାର୍ଜୀ ଠିକ୍ ଢଙ୍ଗରେ ଦେଖିଲେ ସେ ଅନୁଭବ କରିବେ ତାଙ୍କର ବିଫଳତା, ଅକ୍ଷମତାର କାରଣ। ପଶ୍ଚିମବଙ୍ଗରେ ଆଜି ଆଇନ ଶୃଙ୍ଖଳା ଧ୍ୱସ୍ତ ହୋଇଛି, ସେ କଥା ସେ ଅନୁଧ୍ୟାନ କରନ୍ତୁ। ମମତାଙ୍କ ଟିପ୍ପଣୀ ଓଡ଼ିଶାବାସୀ ଆଶା କରୁନାହାନ୍ତି। ସରକାର ଉପରେ ଓଡ଼ିଶାବାସୀଙ୍କ ଭରସା ଅଛି, ଓଡ଼ିଶାକୁ ବଦନାମ କରିବାକୁ ଉଦ୍ୟମ କରୁଛନ୍ତି ମମତା। ଓଡ଼ିଶାର ଭାଷା, ସଂସ୍କୃତିକୁ ବଦନାମ କରିବାକୁ ସେ କୌଣସି ସୁଯୋଗ ଛାଡ଼ିନାହାନ୍ତି। ପଶ୍ଚିମବଙ୍ଗଠାରୁ ଆମେ କିଛି ଟିପ୍ପଣୀ ଆଶା କରୁନୁ। ଭାଇଚାରାର ସହରରେ ସରକାର ଶାନ୍ତିରକ୍ଷା ଲଗି ପ୍ରୟାସ କରୁଥିବା ସେ ପ୍ରକାଶ କରିଛନ୍ତି।

## ମୋଟ୍...

ସଂଶୋଧନ କାର୍ଯ୍ୟକ୍ରମ ୧୬ ସେପ୍ଟେମ୍ବର ତାରିଖରୁ ଆରମ୍ଭ ହୋଇ ସେହି ମାସ ୨୯ ପର୍ଯ୍ୟନ୍ତ ଚାଲିଥିଲା। ଭୋଟର ତାଲିକାରେ ନାମ ପଞ୍ଜିକରଣ, ନାମଯୋଗ ପାଇଁ ଫର୍ମ ନ ୬ ରେ ୭୭୯୧ ଟି ଆବେଦନ, ତାଲିକାରେ ଥିବା ନାମ କାଟିବା ପାଇଁ ଫର୍ମ ୭ ରେ ୨୮୬୯ ଟି ଆବେଦନ ଏବଂ ନାମ/ତଥ୍ୟ/ ଫଟୋ/ ଠିକଣା/ବିବରଣୀ/ତ୍ରୁଟି ସଂଶୋଧନ ପାଇଁ ଫର୍ମ ନଂ. ୮ ରେ ୧୮୯୫ ଟି ଆବେଦନ ହସ୍ତଗତ ହୋଇଥିଲା। ଏଥିରୁ ଯାଞ୍ଚ ପରେ ୧୦,୬୮୫ ଟି ଫର୍ମର ଆବେଦନ ଗୃହୀତ ହୋଇଥିଲା। ସେହି ଅନୁସାରେ ଚୂଡାନ୍ତ ଭୋଟର୍ ତାଲିକା ପ୍ରସ୍ତୁତ ହୋଇଛି। ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ୨୦ ଅକ୍ଟୋବର ଥିବାରୁ ଏହାର ୧୦ ଦିନ ପୂର୍ବ ଅର୍ଥାତ୍ ଆସନ୍ତା କାଲି ୧୦ ତରିଖ ପର୍ଯ୍ୟନ୍ତ ଭୋଟର୍ ତାଲିକାରେ ନାମ ଯୋଡିବା ପାଇଁ ଆବେଦନ ପତ୍ର ଗ୍ରହଣ ହେବ।ଏହାର ୭ ଦିନ ପରେ ସବିଶେଷ ଚୂଡ଼ାନ୍ତ ଭୋଟର୍ ତାଲିକା ଶେଷ ପ୍ରକାଶିତ ହେବ। ସମସ୍ତ ରାଜନୈତିକ ଦଳ ସହଯୋଗ କରି ଅଧିକରୁ ଅଧିକ ସଂଖ୍ୟାରେ ଭୋଟର୍ ନିର୍ବାଚନରେ ଅଂଶଗ୍ରହଣ କରି ଗଣତନ୍ତ୍ରକୁ ସୁଦୃଢ଼ କରନ୍ତୁ। ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ପ୍ରଫୁଲ୍ଲ କୁଜୁର, ଉପ ଜିଲ୍ଲାପାଳ ତଥା ଇ ଆର୍ ଓ, ସୁର୍ମି ସୋରେନ୍, ନିର୍ବାଚନ ଡେପୁଟୀ କଲେକ୍ଟର ସେଖ ନସିମ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ରାଜନୈତିକ ଦଳର ପ୍ରତିନିଧି ହିସାବରେ ବିଜେପି ସଭାପତି କମଲେଶ କୁମାର୍ ଦୀକ୍ଷିତ, ଆଇ ଏନ ସି ରୁ ଦେବଦତ୍ତ ଦୀକ୍ଷିତ, ବିଜୁ ଜନତା ଦଳ ରୁ ରମାକାନ୍ତ ସିଂ କ୍ଷତ୍ରୀ ଏବଂ ଆପ୍ ରୁ ଲକ୍ଷ୍ମୀକାନ୍ତ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ।

## ପ୍ରକଳ୍ପର...

ଏହି ପ୍ଲାଣ୍ଟ ଦୈନିକ ୨୦୦ ଟନ୍ ଜୈବିକ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରି ପ୍ରାୟ ୯ ଟନ୍ କମ୍ପ୍ରେସଡ୍ ବାୟୋ-ଗ୍ୟାସ୍ ଉତ୍ପାଦନ କରିବ। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବର୍ଜ୍ୟବସ୍ତୁରୁ ସମ୍ପଦ' ଆହ୍ୱାନର ଏକ ସଫଳ ରୂପାୟନ। ଏହି ପଦକ୍ଷେପ କେବଳ ପରିବେଶକୁ ସ୍ୱଚ୍ଛ ରଖିବ ନାହିଁ, ବରଂ ଓଡ଼ିଶା ସମେତ ଦେଶର ଉର୍ଜା ଆବଶ୍ୟକତାକୁ ପୂରଣ କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ମଜଭୂତ କରିବା ସହ ନୂଆ ରୋଜଗାର ସୃଷ୍ଟି ହେବ।

# ପରିବେଶ ସୁରକ୍ଷା ନେଇ ୨୭ରୁ ସୋଆ ବିଶ୍ୱବିଦ୍ୟାଳୟରେ ଜାତୀୟ ସ୍ତରର ଆଲୋଚନା

**ଭୁବନେଶ୍ୱର,୯।୧୦ (ସଂଚାର ବ୍ୟୁରୋ):** ବିଶ୍ୱ ପରିବେଶ ଆଜି ଏକ ସଙ୍କଟପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ। ପରିବେଶର ସୁରକ୍ଷା ନିମନ୍ତେ ବିଭିନ୍ନ ପକ୍ଷଧର ମାନଙ୍କୁ ନେଇ ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ଠାରେ ଅକ୍ଟୋବର ୨୭ ଓ ୨୮ ତାରିଖରେ ଦୁଇଦିନିଆ ଜାତୀୟ ସ୍ତରର ଆଲୋଚନାଚକ୍ର ଅନୁଷ୍ଠିତ ହେବାକୁ ଯାଉଛି।

ଏହାକୁ 'ନ୍ୟାସ୍‌ନାଲ୍ ଲ୍ୟାବ ଟୁ ଲ୍ୟାଣ୍ଡ ୱର୍କସପ୍ ଅନ କ୍ଲାଇମେଟ, ଏନଭାଇରନମେଣ୍ଟ ଆଣ୍ଡ ସଷ୍ଟେନେବଲ ସୋସାଇଟି' ନାମ ଦିଆଯାଇଛି। ସାଇନ୍ସ ଫର କମନ୍ ପିପୁଲ ସୋସାଇଟି (ସ୍କୋପସ), ସୋଆ ବିଶ୍ୱବିଦ୍ୟାଳୟ, ଇଣ୍ଡିଆନ୍ ମେଟିଓରୋଲଜିକାଲ୍ ସୋସାଇଟିର ଭୁବନେଶ୍ୱର ଶାଖା, ଏସ୍‌ଏନ୍‌ଏମ୍ ଗ୍ରୁପ, ସରକାରୀ ଓ କର୍ପୋରେଟ ସଂସ୍ଥା ଗୁଡ଼ିକ ସହାୟତାରେ ଏହାର ଆୟୋଜନ କରାଯାଉଛି ବୋଲି ସ୍କୋପସର ସଭାପତି ତଥା ସୋଆରେ ଡିଷ୍ଟିଙ୍ଗୁଇସ୍‌ଡ ପ୍ରଫେସର ଭାବେ କାର୍ଯ୍ୟ କରୁଥିବା ପ୍ରଫେସର ଉମା ଚରଣ ମହାନ୍ତି ପ୍ରକାଶ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସାରା ଦେଶରୁ ବିଶେଷଜ୍ଞ, ବୈଜ୍ଞାନିକ, ଗବେଷକ, ପ୍ରଶାସକ ତଥା କର୍ପୋରେଟ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଉଛି। ଏହି ଆଲୋଚନାର ବିଷୟ ବସ୍ତୁ ମଧ୍ୟରେ ଚରମ ପାଣିପାଗ ଉପରେ ବିଶେଷ ଧ୍ୟାନ ଦିଆଯିବ। ଏଥିରେ ବଜ୍ରପାତ, ଘଡ଼ଘଡ଼ି ସହ ଝଡ଼, ଘୂର୍ଣ୍ଣିବାତ୍ୟା, ବନ୍ୟା, ସହରାଞ୍ଚଳ ବନ୍ୟା ତଥା ଅନ୍ୟାନ୍ୟ ପରିବେଶ ସଂକ୍ରାନ୍ତୀୟ ପ୍ରସଙ୍ଗରେ ଆଲୋଚନା କରାଯିବ। ଅନ୍ୟାନ୍ୟ ପରିବେଶ ସଂକ୍ରାନ୍ତୀୟ ବିଷୟଗୁଡ଼ିକ ମଧ୍ୟରେ ସହରାଞ୍ଚଳ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ବନ ବିନାଶ ଓ ଜଳ ଓ ଶକ୍ତି ସମସ୍ୟା ଅନ୍ତର୍ଭୁକ୍ତ ବୋଲି ସେ କହିଛନ୍ତି।

# ଭେଣ୍ଡର ବ୍ୟବସ୍ଥାରେ ବଢ଼ୁଛି ମନରେଗା ଦୁର୍ନୀତି

ଜିଏସ୍‌ଟି ସ୍କାନରରେ ୨ଶହରୁ ଅଧିକ ଭେଣ୍ଡର

ପ୍ରତିଷ୍ଠାନ ନ ଥାଇ କୋଟି କୋଟି ଟଙ୍କାର ସାମଗ୍ରୀ ଯୋଗାଣ



**କାକଟପୁର/ଅସ୍ତରଙ୍ଗ,୯।୧୦ (ସଂଚାର ବ୍ୟୁରୋ):** ମନରେଗାରେ ଦୁର୍ନୀତି ବଢ଼ାଉଛି ଭେଣ୍ଡର ବ୍ୟବସ୍ଥା। ବ୍ୟବସାୟ ପ୍ରତିଷ୍ଠାନ ନଥାଇ ସେମାନେ କୋଟି କୋଟି ଟଙ୍କାର ସିମେଣ୍ଟ, ଲୁହାଛଡ଼ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଉଛନ୍ତି। ଏତେ ଟଙ୍କାର ସାମଗ୍ରୀ ଯୋଗାଇ ବିଲ କରୁଥିଲେ ମଧ୍ୟ ଅଧିକାଂଶ ଭେଣ୍ଡର ଜିଏସଟି ଦାଖଲ କରୁନାହାନ୍ତି। କେଉଁଠୁ ସାମଗ୍ରୀ କିଣୁଛନ୍ତି, ଏହାର ରସିଦ ବି ରଖୁନାହାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳର ସମେତ ଜିଲ୍ଲାରେ ୨ଶହରୁ ଅଧିକ ଭେଣ୍ଡର ଏବେ ଜିଏସଟି ସ୍କାନରରେ। ସେମାନଙ୍କଠାରୁ ଜରିମାନା ଆଦାୟ ଲାଗି ଭୟରେ ତାଟିଆ କାମୁଡିଲେଣି। ଭେଣ୍ଡର ବ୍ୟବସ୍ଥା ଯୋଗୁଁ କୋଟି କୋଟି ଟଙ୍କାର ଟିକସ ହାନି ହେଉଛି। ମନରେଗା କାମରେ ଆବଶ୍ୟକ ସାମଗ୍ରୀ ନ ଯୋଗାଇ କେବଳ ବିଲ କରି ଟଙ୍କା ହଡପ କରାଯାଉଥିବା ଅଭିଯୋଗ ହେଉଛି। ଭିଜିଲାନ୍ସ ଦ୍ୱାରା ଭେଣ୍ଡରଙ୍କ କାଗଜ ପତ୍ର ଯାଞ୍ଚ ଲାଗି ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି।

ମନରେଗାର ବିଭିନ୍ନ ପ୍ରକଳ୍ପରେ ଶ୍ରମିକଙ୍କ ମଜୁରୀ ଓ ଏଥିରେ ବ୍ୟବହାର କରାଯାଉଥିବା ସାମଗ୍ରୀ ବାବଦରେ ଖର୍ଚ୍ଚ କରାଯାଉଛି। ଶ୍ରମିକଙ୍କ ମଜୁରୀ ସେମାନଙ୍କ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ ଖାତାରେ ଜମା କରାଯାଉଛି। ହେଲେ ଏ ସବୁ ପ୍ରକଳ୍ପରେ ହେଉଥିବା ସାମଗ୍ରୀ ବାବଦ ଖର୍ଚ୍ଚ ଡିଆରଡିଏରେ ପଞ୍ଜିକରଣ କରିଥିବା ଭେଣ୍ଡରଙ୍କ ଖାତାରେ ପ୍ରଦାନ କରାଯାଉଛି। ଠିକାଦାର ସାମଗ୍ରୀ କିଣୁଥିଲେ ମଧ୍ୟ ଭେଣ୍ଡରଙ୍କ ଆକାଉଣ୍ଟରେ ଟଙ୍କା ଜମା ହେଉଛି। ଯେଉଁ ସାମଗ୍ରୀ ଯୋଗାଇଛି ବୋଲି ଟଙ୍କା ଉଠାଯାଇଛି, ଏହା କିଣା ରସିଦ ଦାଖଲ କରିବାକୁ ପଡୁନି। କିଣା ରସିଦ ଦାଖଲ କରାଯାଉ ନଥିବାରୁ ଜିଏସଟି ଫାଙ୍କିବାକୁ ସୁଯୋଗ ମିଳିଯାଉଛି। ଏଭଳି ଭାବେ ଭେଣ୍ଡର ମାନେ ମନଇଚ୍ଛା ବିଲ କରି ଟଙ୍କା ହଡପ କରୁଛନ୍ତି। ଭେଣ୍ଡରଙ୍କୁ ଏଭଳି ଦୁର୍ନୀତିରେ ସହଯୋଗ କରୁଛନ୍ତି ପିଇଓ, ଯନ୍ତ୍ରୀ ଅନ୍ୟ କେତେକ କର୍ମଚାରୀ ଓ ଗ୍ରାମାଞ୍ଚଳ କିଛି କୁଜି ନେତା। ଫଳରେ ଦୁର୍ନୀତି କରିବାକୁ ସହଜ ହୋଇଯାଉଛି। ପ୍ରତ୍ୟେକ ଭେଣ୍ଡରଙ୍କ କାଗଜ ପତ୍ର ଯାଞ୍ଚ କରାଗଲେ କୋଟି କୋଟି ଟଙ୍କାର ଦୁର୍ନୀତି ପଦାକୁ ଆସି ପାରିବ ବୋଲି ବୁଦ୍ଧିଜୀବୀ କହିଛନ୍ତି।

# ସ୍ୱଚ୍ଛତା ଅଭିଯାନ



**ନବରଂଗପୁର,୯।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଧ୍ୱଜା ସ୍ୱଚ୍ଛତା ଅଭିଯାନ କ୍ରମରେ ପୁନିତ ସାଗର ସଫେଇ ଅଭିଯାନ ଆଜି ନବରଙ୍ଗପୁର ଠାରେ ଅବସ୍ଥାପିତ ୧୨ବାଟାଲିୟାନ ଏନସିସି ପକ୍ଷରୁ ଅନୁଷ୍ଠିତ ହୋଇଯାଇଅଛି। ନବରଙ୍ଗପୁର ପୌରପାଳିକାର ୪ ନମ୍ବର ୱାର୍ଡରେ ଥିବା ନୂଆଁ ବନ୍ଧକୁ ଏହି ପୁନିତ ସାଗର ଅଭିଯାନର ଅଂଶ ରୂପେ ଗ୍ରହଣ କରାଯାଇ ସଫେଇ କରାଯାଇଥିଲା। ନବରଙ୍ଗପୁର ପୌରପାଳିକା, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ ଓ ୧୨ବାଟାଲିୟନର ଅଧିକାରୀ ଓ କ୍ୟାଡେଟର ମିଳିତ ସହଯୋଗରେ ଏହି ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା। ନୁଆଁ ବନ୍ଧରେ ଭର୍ତ୍ତି ହୋଇଥିବା ଆବର୍ଜନା ଦଳ, ଲତା ବୁଦା ଗୁଡିକୁ ସଫା କରାଯାଇଥିଲା।

# 'ଆସ ସ୍କୁଲ ଯିବା' ଜିଲ୍ଲାସ୍ତରୀୟ ପଦଯାତ୍ରା କାର୍ଯ୍ୟକ୍ରମ



**ଖୋର୍ଦ୍ଧା,୯।୧୦ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଜିଲ୍ଲା ସମଗ୍ର ଶିକ୍ଷା ଆନୁକୁଲ୍ୟରେ ବି.ଜେ.ବି. ଉଚ୍ଚ ବିଦ୍ୟାଳୟ ସଭାଗୃହ ଠାରେ ଆସ ସ୍କୁଲ ଯିବା ଜିଲ୍ଲାସ୍ତରୀୟ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା, ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ନିଜ ବକ୍ତବ୍ୟରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଭାରତ ସରକାରଙ୍କ ନୂତନ ଶିକ୍ଷାନୀତି ଏବଂ ଓଡ଼ିଶା ସରକାରଙ୍କ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଏକ ଅଭିନବ ଯୋଜନା। ପ୍ରତ୍ୟେକ ଶିଶୁର ଶିକ୍ଷା ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ସରକାରୀ ସାହାଯ୍ୟ ସହ ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂସ୍ଥା, ଜନପ୍ରତିନିଧି ସମସ୍ତେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମକୁ ସାକାର କରନ୍ତୁ ଏବଂ ମାନବ ସମ୍ବଳକୁ ଶକ୍ତିଶାଳୀ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ କୌଣସି ଶିଶୁ ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନହେଉ ସେଥିପାଇଁ ସମ୍ବେଦନଶୀଳ ହେବାକୁ ଆହ୍ୱାନ ଦେଇଥିଲେ ।

# ପାଣିକୋଇଲି ଟ୍ରମା ସେଣ୍ଟର: ସେବା ନା ସର୍ବନାଶ !



**ଯାଜପୁର, ୯।୧୦: (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ପାଣିକୋଇଲି ଠାରେ ନିର୍ମିତ ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର ଚାଲୁ ହେବାର ସ୍ୱପ୍ନ ଏବେ ଧୂଳିସାତ ହୋଇ ଯାଇଛି। ଜାତୀୟ ରାଜପଥ ନିକଟରେ ଥିବା ଏହି କେନ୍ଦ୍ର ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବା ଆଶା ରହିଥିଲେ ମଧ୍ୟ ସରକାର ଏହାକୁ ପ୍ରତ୍ୟକ୍ଷ ଭାବେ ଚଳାଇବା ପରିବର୍ତ୍ତେ ଘରୋଇ ସଂସ୍ଥାଙ୍କ ହାତକୁ ଟେକି ଦେବା ପାଇଁ ଯୋଜନା କରୁଥିବା ଖବର ଆସିଛି। ସରକାରୀ ସ୍ତରରେ ଏହାକୁ ପିପିପି ମୋଡରେ ଚଳାଇବା ପାଇଁ ମସୁଧା ହୋଇଥିବା ଖବର ପରେ ଜିଲ୍ଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।ପୂର୍ବ ସରକାର ୯୦ କୋଟି ଟଙ୍କା ବ୍ୟୟ କରି ଟ୍ରମା କେୟାର ଭବନ ନିର୍ମାଣ କରିଥିଲେ, ଯାହାର ଉଦ୍ଦେଶ୍ୟ ଥିଲା ଜିଲ୍ଲା ଓ ଆସପାସ ଅଞ୍ଚଳରେ ଦୁର୍ଘଟଣା ରୋଗୀଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇବା। କିନ୍ତୁ ନୂଆ ସରକାର ଆସି ଦେଢ଼ ବର୍ଷ ହେବା ସତ୍ତ୍ୱେ ମଧ୍ୟ କେନ୍ଦ୍ରଟି ଅପରିଚାଳିତ ରହିଛି। ଏହାକୁ ନେଇ କୋରେଇ ଓ ପାଣିକୋଇଲି ଅଞ୍ଚଳରେ ଜନାକ୍ରୋଶ ଦିନକୁଦିନ ବଢ଼ୁଛି।

ପାଣିକୋଇଲି ସମିତି ସଭ୍ୟା ସୁଜାତା ଘଡାଇଙ୍କ ଅଭିଯୋଗ- ପୂର୍ବରୁ ଏନ୍‌ଏସି ମାନ୍ୟତା ହାରାଇବା, ଡିଏମଏଫ୍ ଫଣ୍ଡରୁ ବଞ୍ଚିତ ହେବା, କୋରେଇ ଭବନ ନିର୍ମାଣ ଅଟକିଯିବା ଓ ମେଡିକାଲ କଲେଜ ସ୍ଥାନାନ୍ତର ହେବା ପରେ ଏବେ ଟ୍ରମା କେୟାର ଚାଲୁ ନ ହେବା ସହ ସରକାରୀ ପ୍ରତିଶ୍ରୁତି ଉପରେ ଅବିଶ୍ୱାସ ବଢ଼ିଛି। କୋରେଇ ବିଧାୟକ ଆକାଶ ଦାସନାୟକ ପୂର୍ବରୁ ଏହି କେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ତଥାପି ପ୍ରଶାସନ ଏବେ ଏହାକୁ ଘରୋଇ ପରିଚାଳନାରେ ଦେବା ପାଇଁ ମସୁଧା କରିଥିବାରୁ ଜନସାଧାରଣ ମଧ୍ୟରେ ନିରାଶା ବ୍ୟାପିଛି।

ସୂତ୍ର ଅନୁଯାୟୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କିଛି ଦିନ ତଳେ ପାଣିକୋଇଲି ଟ୍ରମା କେୟାର ପରିଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ଏକ ବିଜ୍ଞପ୍ତି ଦେଇଥିଲେ। ସେହି ବିଜ୍ଞପ୍ତି ଅନୁଯାୟୀ, ଏହାକୁ ୨ଶହ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଭାବେ ଚାଲୁ କରିବା, ଯେଉଁଠି ୫୦ ଶଯ୍ୟା ଟ୍ରମା ରୋଗୀ ପାଇଁ ଓ ୧୫୦ ଶଯ୍ୟା ସାଧାରଣ ସେବା ପାଇଁ ରଖାଯିବା ପ୍ରସ୍ତାବ ଅନୁସାରେ ଏଠାରେ ନ୍ୟୁରୋ ସର୍ଜନ, ପ୍ଲାଷ୍ଟିକ ସର୍ଜନ ଓ ଆନେସ୍ଥେସିଆ ବିଭାଗର ଡାକ୍ତର ନିଯୁକ୍ତ କରିବା ପରିକଳ୍ପନା ରହିଛି।

# ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



**ଖୋର୍ଦ୍ଧା, ୯।୧୦: (ସଂଚାର ବ୍ୟୁରୋ):** ଆଜି ଜଟଣୀ ନିକଟ ଗୋଡିପୁଟ ମାଟିଆପଡ଼ା ହରିପୁର ସ୍ଥିତ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବରିଷ୍ଠ ଓଡ଼ିଆ ଅଧ୍ୟାପକ ଶ୍ରୀ ସହଦେବ ସାହୁ ଯୋଗଦେଇ ପ୍ରଥମେ ଶ୍ରୀଗଣେଷଙ୍କ ବିଗ୍ରହରେ ପୁଷ୍ପମାଲ୍ୟ ଅର୍ପଣ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପ୍ରାଚୀର ପତ୍ରିକା "ନବ କିଶଳୟ" ପଞ୍ଚମ ସଂସ୍କରଣ ଶ୍ରୀ ସହଦେବ ସାହୁଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ସଭା କକ୍ଷରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ପବିତ୍ର ମୋହନ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଅଧ୍ୟାପକ ସହଦେବ ସାହୁଙ୍କ ସଭାପତିତ୍ୱରେ ଗୋପବନ୍ଧୁଙ୍କ ଫଟ ଚିତ୍ରରେ ମାଲ୍ୟାପଣ ଦୀପଦାନ,ବନ୍ଦନା ଗାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଗିତରିତ କବିତା ପାଠ ଓ ତାଙ୍କ ସମ୍ପର୍କିତ କବିତା ପାଠ ସଭାଟିକୁ ମନ୍ତ୍ରମୁଗ୍ଧ କରିଥିଲା। ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ଼. ସନ୍ତୋଷ କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳନ



**ନବରଙ୍ଗପୁର,୯।୧୦ (ସଂଚାର ବ୍ୟୁରୋ):** ଆଜି ଜିଲ୍ଲାସ୍ତରୀୟ ୮ମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ପାଳନ ଅବସରରେ ସ୍ଥାନୀୟ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଠାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱବଜିତ ବର୍ମନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଏଡିପିଏଚଓ ଡ ମଳୟ ତ୍ରିପାଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଳକା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର, ଡିଏସଏସ ଓ ସୁଧାଂଶୁ ପାତ୍ର, ଡିସିପିଓ, କୃଷି ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ଡିପିସି (ମମତା), ମିଶନ ଶକ୍ତି ଅଧିକାରୀ, ସିଡିପିଓ, ଅଙ୍ଗନବାଡି କର୍ମୀ, ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। ଡିଏସଡବ୍ଲୁ ଓ ଦ୍ରୌପଦୀ କହଁର ୮ମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ବିଷୟରେ ଅବଗତ କରାଇଥିଲେ। ନିଜ ବକ୍ତବ୍ୟରେ ମୋଟାପଣର ପ୍ରତିରୋଧ ପାଇଁ ଚିନି, ତେଲ କାମ ଖାଇବା ଉପରେ ନିୟନ୍ତ୍ରଣ, ବାଲ୍ୟବସ୍ଥାରୁ ଉପଯୁକ୍ତ ପୋଷଣ ସହିତ ଶିକ୍ଷା, ଛୋଟ ପିଲା ଓ ବାଳକ ବାଳିକା ମାନଙ୍କ ପାଇଁ ସୁଷମ ଖାଦ୍ୟ, ପୋଷଣ ଯୁକ୍ତ ଖାଦ୍ୟ ବ୍ୟବସ୍ଥାରେ ପୁରୁଷ ମାନଙ୍କର ଅବଦାନ, ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଖାଦ୍ୟକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇଥିଲେ।

● ଜମ୍ବୁବତୀ-ଭୀମସେନ ଚତୁର୍ଥ ସ୍ମୃତି ସମ୍ମାନ

# ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ



**ଯାଜପୁର, ୯।୧୦: (ସଂଚାର ବ୍ୟୁରୋ):** ଶିକ୍ଷକ ସର୍ବଦା ପ୍ରଥ ପ୍ରଦର୍ଶକ। ସୁସ୍ଥ ସମାଜ ଓ ଦୃଢ଼ ନାଗରିକ ଗଠନ କରିବାରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ ବୋଲି ଜମ୍ବୁବତୀ-ଭୀମସେନ ଚତୁର୍ଥ ସ୍ମୃତି ସମ୍ମାନ ପ୍ରଦାନ ଅବସରରେ ମୁଖ୍ୟ ଅତିଥି ତଥା ତିରୁବନ୍ନାମଲାଇସ୍ଥିତ ବେଦ ବିଶ୍ୱବିଦ୍ୟାଳୟର କୁଳପତି ଡ. ହରିହର କାନୁନଗୋ ମତବ୍ୟକ୍ତ କରିଛନ୍ତି। ଆଜିର ଅବକ୍ଷୟମୁଖୀ ସମାଜରେ ମାତା-ପିତାଙ୍କ ସ୍ମୃତିରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିବା ଓ ସେମାନଙ୍କୁ ମନେପକାଇବା ଏକ ନୂଆ ତଥା ଉଚ୍ଚ ପରମ୍ପରା ସୃଷ୍ଟି କରିଛି ବୋଲି ସେ କହିଛନ୍ତି।

# ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟର ସେବା ଶିବିର

**ଭୁବନେଶ୍ୱର,୯।୧୦ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ପାଣ୍ଡବନଗରସ୍ଥିତ ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ସେବା ମୂଳକ କାର୍ଯ୍ୟକ୍ରମ ମୟୂରଭଞ୍ଜର ବେତନଟୀ ସ୍ଥିତ ପରିବର୍ତ୍ତନ ଭିନ୍ନକ୍ଷମ ଆବାସିକ ଅନୁଷ୍ଠାନରେ ଦିନିକିଆ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି।

ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟର କର୍ମକର୍ତ୍ତାମାନେ ପିଲାମାନଙ୍କୁ ଦଶହରାରେ ନୂତନ ବସ୍ତ୍ର ବଣ୍ଟନ କରିଥିଲେ। ପ୍ରଥମେ ବିସ୍କୁଟ, କେକ ଓ ଜଳପାନର ବ୍ୟବସ୍ଥା କରାଯାଇଥିଲା। ପିଲାମାନଙ୍କ ମନରେ ସ୍ନେହ ଓ ଶ୍ରଦ୍ଧା ବାଣ୍ଟିବା ପାଇଁ ଶିକ୍ଷା ଓ ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ଭୋଜନ ମଧ୍ୟ ପ୍ରଦାନ କରାଯାଇଥିଲା। ପରେ ପିଲାମାନଙ୍କର ଯତ୍ନ ଉପରେ ଓ ସେମାନଙ୍କ ସୃଜନ କଳାର ବିକାଶ ନିମନ୍ତେ ତପନ କୁମାର ଶତପଥି, ପରିବର୍ତ୍ତନର ଅଧ୍ୟକ୍ଷ ଦେବୀ ପ୍ରସାଦ ପରିଡ଼ା ଓ ଅନ୍ୟ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ।

# ସଠିକ କାର୍ଯ୍ୟକାରୀ ହେଉନି ବାୟୋମେଟ୍ରିକ ଉପସ୍ଥାନ

ମନଇଚ୍ଛା ଆସୁଛନ୍ତି କର୍ମଚାରୀ

ଦୀର୍ଘ ବର୍ଷ ହେବ ଗାଦିମାଡ଼ି ବସିଛନ୍ତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ

କେବେ ପଡିବ ଜିଲ୍ଲାପାଳଙ୍କ ନଜର ?

**କାକଟପୁର/ଅସ୍ତରଙ୍ଗ,୯।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା କଡାକଡି ହେବା ପରେ ବି ଅସ୍ତରଙ୍ଗ ବ୍ଲକ, ତହସିଲ, ହସ୍ପିଟାଲ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ଏହା ସଠିକ କାର୍ଯ୍ୟକାରୀ ହେଉନାହିଁ। ଅନ୍ୟପଟେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବାୟୋମେଟ୍ରିକ ଯଦି ସଠିକ କାମ କରୁଛି ତାହା ବାସ୍ତବ ଘଟଣା ମେଡିକାଲ ପରିସରରେ ଲାଗିଥିବା ସିସିଟିଭି ଫୁଟେଜ ସତ୍ୟ ସାମ୍ନାକୁ ଆସିପାରିବ। ଗତ ୧୫ତାରିଖରୁ ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଥିଲେ ମଧ୍ୟ ଏଯାବତ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଠିକ ସମୟରେ କର୍ମଚାରୀ ଆସୁନାହାନ୍ତି।

ସେହିପରି ଅସ୍ତରଙ୍ଗ ବ୍ଲକ, ତହସିଲ, ଶିକ୍ଷାବିଭାଗ ସହ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନେ ଧାର୍ଯ୍ୟ ସମୟରେ ଅଫିସ ଆସୁନାହାନ୍ତି । ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଥିଲେ ମଧ୍ୟ ମାସ ଶେଷକୁ ଖାତାରେ ଉପସ୍ଥାନ ପକାଇ ପୂର୍ଣ୍ଣ ଦରମା ନେଉଛନ୍ତି। ଗୋଟିଏ ଦିନରେ ମାସକର ଉପସ୍ଥାନ ପକାଇବା ପାଇଁ କିରାଣୀଙ୍କ ଜରିଆରେ ମୋଟା ଅଙ୍କର ଅର୍ଥ କାରବାର ହେଉଛି। କିରାଣୀମାନେ ବର୍ଷ ବର୍ଷ ଧରି ଗୋଟିଏ ଜାଗାରେ ବସି ରହିଥିବାରୁ ଏହି ବେପାର ବେଶ ସୁରୁଖୁରୁରେ ଚାଲିଛି ବୋଲି ଚର୍ଚ୍ଚା।

ଏ ନେଇ ସ୍ଥାନୀୟ ସମାଜସେବୀ ବିଜୟ ବେହେରା କୁହନ୍ତି ଗୋଟିଏ ସରକାରୀ କାର୍ଯ୍ୟାଳୟରେ ଜଣେ ଜଣେ କର୍ମଚାରୀ ୧୦ବର୍ଷରୁ ଉର୍ଦ୍ଧ୍ୱ ରହିଲେ ମନଇଚ୍ଛା ଯାତାୟାତ ସହ ଦୁର୍ନୀତି କରୁଛନ୍ତି। ଯାହା ସ୍ଥାନୀୟ ଜନ ସାଧାରଣ ଆଲୋଡନ ସୃଷ୍ଟି ହୋଇଛି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ ଅସ୍ତରଙ୍ଗ ମେଡିକାଲ କାର୍ଯ୍ୟରତ ରହିଛନ୍ତି, କିନ୍ତୁ ମେଡିକାଲ ଉନ୍ନତି ବଦଳରେ ସେମିତି ଆଖି ଦୃଶିଆ ଉନ୍ନତି ହୋଇ ନାହିଁ ସାଧାରଣ ଚର୍ଚ୍ଚା। ଜିଲ୍ଲାପାଳ ଏ ଘଟଣାକୁ ଗୁରୁତ୍ୱ ସହ ନେଇ ଗାଦି ମାଡି ବସିଥିବା କର୍ମଚାରୀଙ୍କୁ ତୁରନ୍ତ ବଦଳି କରିବାକୁ ସାଧାରଣ ଦାବୀ ହୋଇଛି।

# ଗଞ୍ଜାମ ବିଜେଡିର ଜନ ସମ୍ପର୍କ ପଦଯାତ୍ରା



**ବ୍ରହ୍ମପୁର, ୯।୧୦: (ସଂଚାର ବ୍ୟୁରୋ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀରେ ଗଞ୍ଜାମ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ଦଳୀୟ ନେତା ମାନେ ଗିରିରୋଡ଼ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଏକ ବିଶାଳ ପଦଯାତ୍ରାରେ ସ୍ଥାନୀୟ ଗାନ୍ଧୀ ଛକ ଠାରେ ପହଞ୍ଚିଥିଲେ। ଏଠାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଜନସମ୍ପର୍କ ପଦଯାତ୍ରା ଲୋକଙ୍କ ସହ ଯୋଡି ହେବାର ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ସେହିପରି ଓଡିଶାବାସୀଙ୍କ ହକ୍ ଓ ଅଧିକାର ପାଇଁ ସଂକଳ୍ପବଦ୍ଧ ହୋଇ ବିଜେଡି ଆଗକୁ ବଢ଼ିବ ବୋଲି କହିଥିଲେ ଦଳର ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର। ଅନ୍ୟପଟେ ବିଜେପି ସରକାରର ଅପାରଗତାକୁ ନେଇ ଗର୍ଜିଥିଲା ବିଜେଡି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ନାରୀ ଏବେ ରାଜ୍ୟରେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ସରକାର ଚଳାଇବାରେ ବିଜେପି ସମ୍ପୂର୍ଣ୍ଣ ବିଫଳ ବୋଲି କହିଛି ବିଜୁ ଜନତା ଦଳ।

# ସୋଆ ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୯।୧୦ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ୨୦୨୫ ଆୟୋଜିତ ହୋଇଯାଇଛି। ନିକଟରେ ବିଭିନ୍ନ ଦିବସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋଆର ବିଭିନ୍ନ ଶିକ୍ଷାନୁଷ୍ଠାନର ଅଣ୍ଡରଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍, ଡିଏମ୍ ଏବଂ ଏମ୍‌ସିଏଚ୍ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

# ସାମ୍ବାଦିକ ସ୍ୱାଧୀନଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀ ଆୱାର୍ଡ




**ବ୍ରହ୍ମପୁର,୯।୧୦ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ବ୍ରହ୍ମପୁର ବନଖଣ୍ଡ ଏସିଏଫ ସସ୍ମିତା ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିସିଏଫ୍ ଆଦିତ୍ୟ ନାରାୟଣ ସେଠୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ପ୍ରତିନିଧି କେଦାରନାଥ ମହାନ୍ତି ପ୍ରମୁଖ ଯୋଗ ଦାନ କରିଥିଲେ ।

ଏହି ଅବସରରେ ବନ୍ୟପ୍ରାଣୀଙ୍କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉପଖଣ୍ଡ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ମାନ ବ୍ରହ୍ମପୁର ଉପଖଣ୍ଡରୁ ସ୍ନେକ ହେଲ୍ପ ଲାଇନ ସଂଯୋଜକ ସ୍ୱାଧିନ କୁମାର ସାହୁ, ଛତ୍ରପୁରରୁ ଗବେଷକ ଡ ଆଶିଷ ଦାସ ଓ ଭଞ୍ଜନଗରରୁ ଅବସରପ୍ରାପ୍ତ ବନ ଅଧିକାରୀ ଅନୁପମ ବାନାର୍ଜୀଙ୍କୁ ପ୍ରଦାନ କରାଯାଇଛି।

## ମଦ ପ୍ରସ୍ତୁତି ନେଇ ରେଡ୍, ଜଣେ ଗିରଫ

**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ମୈତ୍ରୀ ବିହାର ସ୍ଥିତ ବ୍ରିବାସା ବସ୍ତିରେ ଥିବା ଏକ ଘରେ ସିକ୍ରେଟ ଚାମ୍ବର କରି ଦେଶୀ ମଦ ପ୍ରସ୍ତୁତ ହେଉଥିବା ବେଳେ ଏହାକୁ ଠାବ କରିଛି ଅବକାରୀ ଟିମ୍। ସମରାୟ ହାଁସଦାଙ୍କ ଘରୁ ସିକ୍ରେଟ୍ ଚାମ୍ବର ଠାବ ପରେ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବେଡରୁମରେ ଷ୍ଟଡି ଟେବୁଲ ତଳେ ଥିବା ସିକ୍ରେଟ ଚମ୍ବରକୁ ଅବକାରୀ ବିଭାଗ ଠାବ କରିଥିବା ବେଳେ ବିପୁଳ ପରିମାଣର ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ। ସମରାୟ ହାଁସଦା ବିଏମସିର ସଫେଇ ଗାଡ଼ି ଚଳାଉଥିବା ବେଳେ ତାଙ୍କର ମଦ ପ୍ରସ୍ତୁତ ଥିଲା ଦ୍ୱିତୀୟ ବ୍ୟବସାୟ। ସିକ୍ରେଟ ଚ୍ୟାମ୍ବରରୁ ୨୦୦୦ ଲିଟର ମଦ ସହ ୪୦୦୦ ରୁ ଅଧିକ ଲିଟର ଦେଶୀ ପୋଚ ଜବତ କରାଯାଇଛି। ଏହା ସହ ଘଟଣା ସ୍ଥଳରୁ ଫେରାର ଥିବା ସମରାୟ ହାଁସଦାକୁ ଗିରଫ କରିଛି ଭୁବନେଶ୍ୱର ଅବକାରୀ ଥାନା ପୋଲିସ।

## ଚୋରା ମଦ ସହିତ କାର୍ ଜବତ: ୨ ଗିରଫ

**ଚମ୍ପୁଆ,୯।୧୦(ସଂଚାର ବ୍ୟୁରୋ):** ଚମ୍ପୁଆ ଥାନା ଅନ୍ତର୍ଗତ ଚିମିଳା ଗ୍ରାମରେ ଚୋରା ମଦ ବିକ୍ରି କରୁଥିବାବେଳେ ଗ୍ରାମବାସୀ ଚୋରା ମଦ ବିକ୍ରିରେ ବ୍ୟବହୃତ ଗାଡ଼ି ଓ ମଦ ଜବତ କରିବା ସହ ଦୁଇ ମଦ ବେପାରୀଙ୍କୁ ଚମ୍ପୁଆ ପୁଲିସର ଜିମା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଗତକାଲି ତଡୁଆବାହାଳ ଗ୍ରାମର ଦୁଇଜଣ ସ୍ୱାମୀ ସ୍ତ୍ରୀ ଚୋରା ମଦ ବେପାରୀ ଚିମିଳା ଗ୍ରାମର ଜଣେ ମଦ ବେପାରୀଙ୍କୁ ମଦ ଯୋଗାଇବାକୁ ଏକ କାର୍(ଗାଡି ନଂ. ଓଡି୦୯ଏଇ୦୯୦୭)ରେ ଚିମିଳା ଗ୍ରାମକୁ ଆସିଥିବାବେଳେ ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ଚମ୍ପୁଆ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଚମ୍ପୁଆ ପୁଲିସ ଚିମିଳା ଗ୍ରାମରେ ପହଞ୍ଚି ଘଟଣାସ୍ଥଳରୁ ଏକ କାର୍ ଓ ୬୦ ଲିଟର ଚୋରା ମହୁଲି ମଦ ଜବତ କରିବା ସହ ଚୋରା ମଦ ବେପାରୀ ତଡୁଆବାହାଳ ଗ୍ରାମର ସୁଶାନ୍ତ ମାଝୀ ଓ ପାୟା ମାଝୀ ସହ ଚିମିଳା ଗ୍ରାମର ଚାନ୍ଦମଣି ଓରାମକୁ ଗିରଫ କରିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଏହି ଦୁଇଜଣ ଚୋରା ମଦ ବେପାରୀ ଚାନ୍ଦମଣି ଓରାମଙ୍କୁ ଚୋରା ମହୁଲି ମଦ ଯୋଗାଇ ଆସୁଥିଲେ। ଯାହାଫଳରେ ଚିମିଳା ଗ୍ରାମରେ ଚୋରା ମଦ ବିକ୍ରି ବୃଦ୍ଧି ପାଇବା ସହ ଗ୍ରାମର ବାତାବରଣ କଳୁଷିତ ହେଉଥିଲା।


ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.,ଖୋର୍ଦ୍ଧା

Regn.No.95 PU Dt.22.03.1912, RBI Licence No. RPCD/BBSR/15/2011-12 Dt. Dt.02.06.2012
Ph. : 06755-220209/220203, E-mail ID-khordhaccbank@gmail.com, ceo@khordhaccbank.com

ରିଜର୍ଭ ବ୍ୟାଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ | ରାଜ୍ୟର ୧୧୩ ବର୍ଷର ଅଗ୍ରଣୀ ବ୍ୟାଙ୍କ

ବ୍ୟାଙ୍କରେ ଉପଲବ୍ଧ ସୁବିଧା ଓ ସୁଯୋଗ

୧. CBS ମାଧ୍ୟମରେ ୧୮ ଗୋଟି ଶାଖା, ୩ ଗୋଟି ସମ୍ପ୍ରସାରିତ ଶାଖା ଓ ସହବନ୍ଧିତ ୧୫୭ ଗୋଟି ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା କୃଷି ଓ କୃଷକର ଉନ୍ନତି ସହ ବିଭିନ୍ନ ପ୍ରକାର ବ୍ୟାଙ୍କିଙ୍ଗ ସେବା ପ୍ରଦାନ ।
୨. ଠିକ୍ ସମୟରେ ୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ପରିଶୋଧ କଲେ କୌଣସି ସୁଧ ଦେବାକୁ ପଡ଼ିନଥାଏ ଓ ୧,୦୦,୦୦୧ ଟଙ୍କାରୁ ୩ ଲକ୍ଷ ଟଙ୍କା ଋଣ ଉପରେ ଶତକଡ଼ା ୨ ପ୍ରତିଶତ ହାରରେ ସୁଧ ଦେବାକୁ ପଡେ । ଏତଦ୍‌ବ୍ୟତୀତ "ବଳରାମ ଯୋଜନା" ମାଧ୍ୟମରେ ଭାଗଚାଷୀ ଓ ଭୂମିହୀନ ଚାଷୀଙ୍କୁ ଋଣ ଯୋଗାଇ ଦେବାର ବ୍ୟବସ୍ଥା ।
୩. ବୁଣାକାରମାନଙ୍କୁ "ବଳିଆ ଯୋଜନା" ମାଧ୍ୟମରେ ଋଣ ପ୍ରଦାନର ବ୍ୟବସ୍ଥା ଉପଲବ୍ଧ ।
୪. କୃଷକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା, ଦୁର୍ଘଟଣାଜନୀତ ବୀମା ଓ ଜୀବନ ବୀମା ଉପଲବ୍ଧ ଅଟେ ।
୫. ସରକାରୀ ମୂଲ୍ୟରେ ସମିତିମାନଙ୍କ ଜରିଆରେ କୃଷକମାନଙ୍କ ପାଇଁ ବିହନ, ରାସାୟନିକ ସାର, ଜୈବିକ ସାର ଓ କୀଟନାଶକ ଔଷଧ ଯୋଗାଣ ବ୍ୟବସ୍ଥା ।
୬. କୃଷି ଆନୁସଙ୍ଗିକ ମିଆଦୀ ଋଣ ଯଥା ଗାଈ, ଛେଳି, ମେଣ୍ଢା ପାଳନ, କୃଷି ଯନ୍ତ୍ରପାତି, ପୋଖରୀ ଖୋଳା, ମାଛ ଚାଷ, ଫଳ, ଛତୁ ଚାଷ, ପାନବରଜ ଓ ଜଳସେଚନ ନିମିତ୍ତ ଋଣର କିସ୍ତି ଠିକ ସମୟରେ ପରିଶୋଧ କଲେ ଶତକଡ଼ା ୩ ଟଙ୍କା ସୁଧ ରିହାତି ବ୍ୟବସ୍ଥା ରହିଛି ।
୭. ସମସ୍ତ ପ୍ରକାର ବ୍ୟବସାୟିକ ଭିତ୍ତିକ ଋଣ, ଗୃହ ନିର୍ମାଣ ଓ ଉପକରଣ କ୍ରୟ ଋଣ, ଓ ସମ୍ପତି ବନ୍ଧକ ଋଣ ଅତି କମ ସୁଧରେ ଉପଲବ୍ଧ ।
୮. ୨ ଚକିଆ ଓ ୪ ଚକିଆ ଯାନ ପାଇଁ ଅତି ସହଜ, ସରଳୀକୃତ କମ ସୁଧ ରେ ଋଣ ଉପଲବ୍ଧ ।
୯. ସ୍ୱର୍ଣ୍ଣ ବନ୍ଧକ ଋଣ ଅନ୍ୟ ବ୍ୟାଙ୍କ ତୁଳନାରେ ସ୍ୱଳ୍ପ ସୁଧ ଶତକଡ଼ା ବାର୍ଷିକ ୮.୧ ହାରରେ ପ୍ରଦାନ କରାଯାଏ ।
୧୦. ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଠିକ ସମୟରେ ଋଣ ପରିଶୋଧ କଲେ ୫,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଏ ।
୧୧. ଆର୍ଥିକ ସ୍ୱାବଲମ୍ବନ ପାଇଁ କ୍ଷୁଦ୍ର ବ୍ୟବସାୟ ଋଣ ୧,୦୦,୦୦୦/- ଟଙ୍କା ପର୍ଯ୍ୟନ୍ତ ବିନା ବନ୍ଧକରେ ଉପଲବ୍ଧ ।
୧୨. IMPS, NEFT, RTGS, AEPS, PoS, CTS, Clearing ସମେତ ATM ଓ RuPay କାର୍ଡ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଦିଆଯାଏ ଏବଂ ସମିତିମାନଙ୍କର Micro ATM ମାଧ୍ୟମରେ କୃଷକ ମାନଙ୍କ ପାଇଁ ଟଙ୍କା ଉଠାଣ କରିବାର ସୁବିଧା ଉପଲବ୍ଧ ଅଛି ।
୧୩. Safe Deposit Locker ସଦର ଶାଖା, ଖୋର୍ଦ୍ଧା ମହିଳା ଶାଖା ଓ ଭୁବନେଶ୍ୱର ମହିଳା ଶାଖା ଠାରେ ଉପଲବ୍ଧ ଅଛି ।
୧୪. ସର୍ବନିମ୍ନ ସହାୟକ ମୂଲ୍ୟ (MSP) ରେ ସମିତି ମାନଙ୍କ ଜରିଆରେ ଧାନ, ଚିନାବାଦାମ ଓ ମୁଗ ଆଦି ଫସଲ କ୍ରୟ କରିବାର ସୁବିଧା ଓ ଚାଷୀମାନଙ୍କୁ ସିଧାସଳଖ ବ୍ୟାଙ୍କର ସଂଚୟ ଖାତାରେ ଟଙ୍କା ପୈଠ କରାଯାଇଥାଏ ।
୧୫. ମିଆଦୀ ଜମା (Fixed Deposit) ଓ ସଂଚୟ ଜମା (Saving Deposit) ଉପରେ ଅନ୍ୟାନ୍ୟ ବାଣିଜ୍ୟିକ ଓ ଗ୍ରାମ୍ୟ ବ୍ୟାଙ୍କ ଠାରୁ ଅଧିକ ସୁଧ ଦେବା ସହିତ ଜମା ରାଶି ବୀମା ଦ୍ୱାରା ସୁରକ୍ଷିତ (DICGC) ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ମିଆଦୀ ଜମା ଉପରେ ୦.୫ ପ୍ରତିଶତ ଅଧିକ ସୁଧ ପ୍ରଦାନ କରାଯାଏ ।

ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଶାଖା / ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ଶ୍ରୀ ସାରଥୀ ଶତପଥୀ
ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.

ଶ୍ରୀଯୁକ୍ତ ଅଭିଷେକ ସିଂହ ସାମନ୍ତ
ସଭାପତି
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.

● ନୂଆପଡ଼ା ଉପନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ

# ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ ପାଇଁ ପରାମର୍ଶ



**ଭୁବନେଶ୍ୱର, ୯।୧୦(ସଂଚାର ବ୍ୟୁରୋ):** ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ସବୁ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ଏସ୍. ଗୋପାଳନ ବୈଠକରେ ଅଧ୍ୟକ୍ଷତା କରି କହିଲେ ଯେ, ଚଳିତ ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି। ଏଣୁ ନିର୍ବାଚନକୁ ସଫଳ କରିବା ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ସମସ୍ତ ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ କରିବା ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଭାରତ ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ବୁଥ୍‌ରେ ଭୋଟର ସଂଖ୍ୟା ୧୨୦୦ ମଧ୍ୟରେ ସୀମିତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ଚଳିତ ଉପନିର୍ବାଚନରେ ୧,୨୪,୧୦୮ ଜଣ ପୁରୁଷ ଭୋଟର ରହିଥିବାବେଳେ ୧,୨୯,୪୯୫ ଜଣ ମହିଳା, ୨୧ ଜଣ ତୃତୀୟ ଲିଙ୍ଗ ଭୋଟରଙ୍କ ସହ ମୋଟ ୨,୫୩,୬୨୪ ଜଣ ଭୋଟର ଚୂଡ଼ାନ୍ତ ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି । ଚୂଡ଼ାନ୍ତ ଭୋଟର ତାଲିକାରେ ୯,୪୨୯ ଜଣ ଯୁବ ଭୋଟର ରହିଥିବାବେଳେ ୩୯୮୮ ଜଣ ଦିବ୍ୟାଙ୍ଗ ଭୋଟର ଏବଂ ୧୭୮୬ ଜଣ ବରିଷ୍ଠ ନାଗରିକ (୮୫ ବର୍ଷରୁ ଊର୍ଦ୍ଧ୍ୱ) ରହିଛନ୍ତି । ଚଳିତ ଉପନିର୍ବାଚନ ପାଇଁ ୫୬ଟି ନୂତନ ବୁଥ୍ ପ୍ରତିଷ୍ଠା ହୋଇଛି।

ଉପନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ବୈଦ୍ୟୁତିକ, ମୁଦ୍ରଣ ଓ ସାମାଜିକ ଗଣମାଧ୍ୟମ ଏବଂ ୱେବ୍‌ମିଡ଼ିଆ ସମେତ ସିନେମାହଲ୍, ରେଡ଼ିଓ, ପୋଷ୍ଟର ଓ ହୋର୍ଡିଂ ଆଦି ଜରିଆରେ ବିଜ୍ଞାପନ ଜାରି ପୂର୍ବରୁ ଆୟୋଗଙ୍କ ଅନୁମତି ଜରୁରୀ। ଏଥି ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଅପରାଧିକ ସମ୍ପୃକ୍ତି ନେଇ ଘୋଷଣାନାମା ମୁଦ୍ରିତ ଗଣମାଧ୍ୟମରେ ପ୍ରକାଶ କରିବା ସହ ଆୟୋଗଙ୍କୁ ଏ ବାବଦରେ ଅବଗତ କରାଇବା ବାଧ୍ୟତାମୂଳକ କରାଯାଇଛି। ଦଳ ଓ ପ୍ରାର୍ଥୀଙ୍କ ଖର୍ଚ୍ଚର ବିବରଣୀ, ତାରକା ପ୍ରଚାରକଙ୍କ ତାଲିକା ଏବଂ ଆଦର୍ଶ ଆଚରଣ ବିଧିର ସଠିକ୍ ଅନୁପାଳନ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା।

ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସମେତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ ଓ ରାମଚନ୍ଦ୍ର କିସ୍କୁ, ଯୁଗ୍ମ ଶାସନ ସଚିବ ଗୋପୀନାଥ କୁର୍ଯ୍ୟ, ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ଓ ଅନାମିକା ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଉପର ପଡ଼ିଆରେ ହେବ ବାଲିଯାତ୍ରା



**ହସ୍ତକ୍ଷେପ ପାଇଁ ମନାକଲେ ହାଇକୋର୍ଟ**

**କଟକ ୯।୧୦(ସଂଚାର ବ୍ୟୁରୋ):** କଟକ ବାଲିଯାତ୍ରା ସ୍ଥାନ ପରିବର୍ତ୍ତନ ପ୍ରସଙ୍ଗରେ ହସ୍ତକ୍ଷେପ କଲେନାହିଁ ହାଇକୋର୍ଟ। ଏହା ପ୍ରଶାସନର ଦାୟିତ୍ୱ ଏବଂ ଶୃଙ୍ଖଳିତ ଭାବେ କିପରି ବାଲିଯାତ୍ରା ସମ୍ପାଦନ କରିହେବ, ତା ଉପରେ ଗୁରୁତ୍ୱାରୋପ କରିଛନ୍ତି ହାଇକୋର୍ଟ। ଗୁରୁବାର କଟକ ସହର ସମସ୍ୟା ସମ୍ପର୍କିତ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ତେବେ ପୂର୍ବ ରାୟର କାର୍ଯ୍ୟକାରିତା ସମ୍ପର୍କରେ କଟକ ଜିଲ୍ଲାପାଳ ଯେଉଁ ସତ୍ୟପାଠ ଦାଖଲ କରିଛନ୍ତି, ତାକୁ ନେଇ ବେଶ ଲମ୍ବା ସମୟ ଧରି ତର୍ଜମା ଚାଲିଥିଲା। ତେବେ ବାଲିଯାତ୍ରା ସ୍ଥାନ ନିରୂପଣ ବାବଦରେ ପୂର୍ବରୁ କୌଣସି ନିର୍ଦ୍ଦେଶ ହୋଇନାହିଁ, ଏଣୁ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି ହାଇକୋର୍ଟ।

ବାଲିଯାତ୍ରା ଆୟୋଜନ କରିବା ହେଉଛି ପ୍ରଶାସନର ଦାୟିତ୍ୱ, ତେବେ ବାଲିଯାତ୍ରା ବେଳେ ଯେପରି ରାସ୍ତା ଅବରୋଧ ନହୁଏ, ଯେପରି ଶବ୍ଦ ପ୍ରଦୂଷଣ ନହେବ ତା ଉପରେ ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ହୋଇଛି। କ୍ଷୁଦ୍ର ବ୍ୟବସାୟୀ ତଥା ଉଠାଦୋକାନୀ ମାନଙ୍କୁ ଉପଯୁକ୍ତ ସ୍ଥାନରେ ଏବଂ ବିନା ମୂଲ୍ୟରେ ଥଇଥାନ କରିବା ଲାଗି ପ୍ରଶାସନକୁ ନିର୍ଦ୍ଦେଶ ହୋଇଛି। ଚଳିତ ବର୍ଷ କେବଳ ତଳ ପଡିଆରେ ବାଲିଯାତ୍ରା କରାଇବା ଲାଗି ନିଷ୍ପତ୍ତି ନେଇଛି କଟକ ଜିଲ୍ଲା ପ୍ରଶାସନ। ଯାହାକୁ ବିଭିନ୍ନ ମହଲରୁ ବିରୋଧ କରାଯାଇଛି । ସେପଟେ, ବାଲିଯାତ୍ରା ଗ୍ରାଉଣ୍ଡ୍ 'ନୋ ଡ୍ରୋନ୍ ଜୋନ୍' ଘୋଷଣା କରାଯାଇଛି। ବାଲିଯାତ୍ରା ଗ୍ରାଉଣ୍ଡର ୫ କିମି ପରିଧି ପାଇଁ କଟକଣା ଜାରି ହୋଇଛି। ପାରା ଗ୍ଲାଇଡର୍ସ, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ୍ ଗ୍ଲାଇଡର୍ସ ଉଡ଼ାଣ ମନା ହୋଇଛି। ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ୍, ୟୁଏଭି, ଡ୍ରୋନ୍ ମଧ୍ୟ ମନା କରାଯାଇଛି। ଐତିହାସିକ ବାଲିଯାତ୍ରାକୁ ପ୍ରାୟ ୫୦ ଲକ୍ଷ ଲୋକ ଆସିବାକୁ ଥିବାରୁ ସୁରକ୍ଷା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ନଭେମ୍ବର ୫ରୁ ୧୨ ପର୍ଯ୍ୟନ୍ତ ବାଲିଯାତ୍ରା ଆୟୋଜିତ ହେବ।

● ଯୋଗାଣ ବିଭାଗର ଚଢ଼ାଉ

## ୪୬ ଘରୋଇ ରନ୍ଧନ ଗ୍ୟାସ ଜବତ




**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ବିଏମସି ଯୋଗାଣ ଉପବିଭାଗ ପକ୍ଷରୁ ଆଜି ସ୍ଥାନୀୟ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସର କଳାବଜାରୀଙ୍କ ଉପରେ ଚଢ଼ାଉ କରାଯାଇଛି। ଉକ୍ତ ଅଞ୍ଚଳରେ ଦୀର୍ଘଦିନ ଧରି କଳାବଜାରୀମାନେ ଘରୋଇ ରନ୍ଧନ ଗ୍ୟାସ୍ ଚଢ଼ା ଦରରେ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏ ସମ୍ପର୍କିତ ଅଭିଯୋଗକୁ ଭିତ୍ତି କରି ଆଜି ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୪୬ଟି ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡରକୁ ଜବତ କରାଯାଇଛି। ଏହି ଚଢ଼ାଉର ନେତୃତ୍ୱ ବିଏମ୍‌ସିର ଅତିରିକ୍ତ ଯୋଗାଣ ଅଧିକାରୀ ରୋହିତ କୁମାର ଦାସ ନେଇଥିବା ଏହି ଏଥିରେ ବିଏମସିର ଯୋଗାଣ ନିରୀକ୍ଷକ ଦୀପ୍ତିରଞ୍ଜନ ଇନ୍ଦ୍ର ସିଂ, ଯତୀନ କୁମାର ରାଉତ ଓ ଅଲିଭା ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ଅନୁଗୁଳ,୯।୧୦(ସଂଚାର ବ୍ୟୁରୋ):** ଅନୁଗୁଳ ସହର ଦେଇ ଯାଇଥିବା ୫୫ ନଂ. ଜାତୀୟ ରାଜପଥର ପିଟିସି ଫାଟକ ସମ୍ମୁଖରେ ଗୁରୁବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ, ଆଠମଲ୍ଲିକ ଅଞ୍ଚଳର ବଳଭଦ୍ର ବେହେରାଙ୍କ ପୁଅ ପ୍ରଦୀପ ବେହେରା(୩୦)। ଗୁରୁତର ଦ୍ୱୟ ସାଉବଲଣ୍ଡ ଅଞ୍ଚଳର ରାକେଶ ବେହେରା ଓ ସୁମିତ୍ ସାହୁଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ମୃତ ପ୍ରଦୀପ ଏକ ବାଇକରେ ଅନୁଗୁଳ ସହର ପଟୁ କାଳଗକୁ ଛକ ଆଡ଼କୁ ଯାଉଥିଲେ। ପିଟିସି ଫାଟକ ସାମ୍ନାରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଉଭୟ ପକ୍ଷର ୩ ଜଣ ଯାକ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଏଠାରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ। ରାକେଶ ଓ ସୁମିତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

## ମୁଖ୍ୟ ଗ୍ୟାଙ୍ଗଷ୍ଟାର ସମେତ ୪ ଅପରାଧୀ ଗିରଫ



**ଜଗତସିଂହପୁର,୯।୧୦(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା କ୍ରିଷ୍ଣାନନ୍ଦପୁର ଥାନା ପୁଲିସକୁ ବଡ଼ ସଫଳତା। ମୁଖ୍ୟ ଗ୍ୟାଙ୍ଗଷ୍ଟାର ଚିକୁ ତରାଇ ସମେତ ୪ କୁଖ୍ୟାତ ଅପରାଧୀ ଗିରଫ। କ୍ରିଷ୍ଣାନନ୍ଦପୁର ଥାନା ମହାନଦୀ ପଠାର ଏକ ଜଙ୍ଗଲରେ ପୁଲିସର ଏକ ଟିମ୍ ଚଢ଼ାଉ କରି ଏହି ଡକାୟତ ଗ୍ୟାଙ୍ଗକୁ ଗିରଫ କରିଛି। କିନ୍ତୁ ଅନ୍ୟ ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଗିରଫ ଅପରାଧୀଙ୍କଠାରୁ ଗୋଟିଏ ସୁନା ଚେନ, ଗୋଟିଏ ବାଇକ, ମୋବାଇଲ ସହ ଲଙ୍କା ଗୁଣ୍ଡ ପ୍ୟାକେଟ୍ ଓ ବହୁ ମାରଣାସ୍ତ୍ର ଜବତ ହୋଇଛି। ପୁଲିସ ଦେଇଥିବା ସୂଚନାନୁଯାୟୀ, ପାରାଦୀପ ଲକ୍ ଥାନା ବିଶ୍ୱାଳି ଗାଁର ମୁଖ୍ୟ ଅଭିଯୁକ୍ତ ଚିକୁ ଓରଫ ଚିନ୍ମୟ ତରାଇ ନାଁରେ ବିଭିନ୍ନ ଥାନାରେ ରହିଛି ୩୦ରୁ ଊର୍ଦ୍ଧ୍ୱ ଅପରାଧିକ ମାମଲା ରହିଛି। ଚିକୁ ତରାଇ ଏକ ୭ ଜଣିଆ ଡକାୟତ ଗ୍ୟାଙ୍ଗ ଗଢିବା ସହ ଜଗତସିଂହପୁର ସମେତ ସାରା ରାଜ୍ୟରେ ଡକାୟତି ସମେତ ବିଭିନ୍ନ ଅପରାଧ ଘଟାଇ ଆସୁଥିଲା। କ୍ରିଷ୍ଣାନନ୍ଦପୁର ଥାନା ମହାନଦୀ ପଠାର ଏକ ଜଙ୍ଗଲରେ ପୁଲିସର ଏକ ଟିମ୍ ଚଢ଼ାଉ କରି ଏହି ଡକାୟତ ଗ୍ୟାଙ୍ଗକୁ ଗିରଫ କରିଛି। ଅନ୍ୟ ଜଣେ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଚିକୁ ତରାଇ, ଏସକେ କରିମ, ରାଧେଶ୍ୟାମ ଦାସ ଓ ସୁବ୍ରତ ଦାସ। ସେମାନଙ୍କ ନିକଟରୁ ପୁଲିସ ଏକ ସୁନା ଚେନ୍, ୩ଟି ଖଣ୍ଡା, ଏକ ଆଇରନ୍ ରଡ୍, ଏକ ବାଇକ୍, ୨ଟି ଫୋନ୍, ୨ଟି ଲଙ୍କା ଗୁଣ୍ଡ ପ୍ୟାକେଟ୍, ମଦ ବୋତଲ ଓ ଅନ୍ୟ ଆପତ୍ତିଜନକ ଜିନିଷ ଜବତ କରିଛି। ଏମାନଙ୍କୁ ଗିରଫ କରାଯିବା ପରେ ଜିଲ୍ଲାରେ ବହୁମାତ୍ରାରେ ଡକାୟତି ଓ ଅପରାଧ କାର୍ଯ୍ୟକଳାପ ହ୍ରାସ ପାଇବ ବୋଲି ଜଗତସିଂହପୁର ଏସପି କହିଛନ୍ତି।

## ଶଟର୍ ଭାଙ୍ଗି ୨୨ ଲକ୍ଷର ଟାୟାର୍ ଚୋରି

**ଝାରସୁଗୁଡ଼ା,୯।୧୦(ସଂଚାର ବ୍ୟୁରୋ):** ସ୍ଥାନୀୟ ବଡ଼ମାଲ୍ ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ବିଜୁ ପଟ୍ଟନାୟକ ଛକସ୍ଥିତ ଏକ ଟାୟାର୍ ଦୋକାନରୁ କେତେକ ଦୁର୍ବୃତ୍ତ ରାତି ଅଧରେ ଶଟର୍ ଭାଙ୍ଗି ପ୍ରାୟ ୨୨ ଲକ୍ଷ ଟଙ୍କା ମୂଲ୍ୟର ଟାୟାର୍ ଲୁଟି ନେଇଥିବା ଜଣାପଡ଼ିଛି। 'ମୁଦ୍ରା ଟାୟାର୍ସ' ନାମକ ଏହି ଦୋକାନର ମାଲିକ ନିଲେଶ ମୁଦ୍ରାଙ୍କ ଅଭିଯୋଗ ଅନୁସାରେ, ଗତ ୬ ତାରିଖ ବିଳମ୍ବିତ ରାତିରେ ଏହି ଚୋରି ହୋଇଛି। ଚୋରମାନେ ଶଟର ତାଲା ଭାଙ୍ଗି ମୋଟ ୧୦୪ଟି ଟାୟାର୍ ଚୋରି କରିନେଇଛନ୍ତି। ଏଥିସହ ଚୋରମାନେ ଦୋକାନରୁ ନଗଦ ୪ ହଜାର ଟଙ୍କା ମଧ୍ୟ ନେଇଯାଇଛନ୍ତି। ତେବେ ବହୁ ସଂଖ୍ୟାର ଟାୟାର୍ ଲୁଟ୍ ହୋଇଥିବାରୁ ଏହି ଚୋରିରେ ଏକାଧିକ ଦୁର୍ବୃତ୍ତ ଓ ଗାଡ଼ି ସାମିଲ୍ ଥିବା ସନ୍ଦେହ କରାଯାଉଛି। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମାତ୍ର ଏପର୍ଯ୍ୟନ୍ତ ଚୋରି ମାଲ୍ ଉଦ୍ଧାର କରାଯାଇନାହିଁ କି କୌଣସି ଅଭିଯୁକ୍ତ ଗିରଫ ହୋଇନାହାଁନ୍ତି ବୋଲି ଥାନାଧିକାରୀ କହିଛନ୍ତି।

ଜନଜାତି ସଙ୍କୁଳ ବିକାଶ ପରିଯୋଜନା କର୍ମଶାଳା

# ଅଞ୍ଚଳ ବିକାଶରେ ଭାଗ ନେଇପାରିବେ ଆଦିବାସୀ



**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ଭାରତରେ ଜନଜାତି ସମାଜର ସାମାଜିକ ସ୍ଥିତି ବହୁ ବିଶାଳ ଓ ଗୌରବମୟ। ବ୍ରିଟିଶମାନେ ଆମ ଦେଶକୁ ବଦ୍‌ନାମ କରିବା ପାଇଁ ଜନଜାତି ସମାଜର ଶିକ୍ଷା ଓ ବିକାଶ ପାଇଁ ନୂଆ ଢାଞ୍ଚା ତିଆରି କରିଥିଲେ। ଦେଶ ସ୍ୱାଧୀନତା ପରେ ଜନଜାତି ସମାଜର ଉନ୍ନତି ପାଇଁ କୌଣସି କାର୍ଯ୍ୟ କରାଯାଇନଥିଲା। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହରୁ ଜନଜାତି ସମାଜର ଆବଶ୍ୟକତାକୁ ଅଣାଦେଖା କରି ବିଦେଶୀ ଢାଞ୍ଚାରେ ସେମାନଙ୍କ ଉପରେ ବିଭିନ୍ନ ଯୋଜନା ଜୋର ଜବରଦସ୍ତି ଥୋପିଦେଇଥିଲେ। ଫଳରେ ଏହି ସମାଜର ବିକାଶ ବାଧାପାପ୍ତ ହୋଇଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଜନଜାତି ସଙ୍କୁଳ ବିକାଶ ପରିଯୋଜନା ଆରମ୍ଭ କରିଥିଲେ। ଜନଜାତି ସମାଜର ସାମଗ୍ରିକ ଓ ସନ୍ତୁଳିତ ବିକାଶ ସହ ଦାଦନ ସମସ୍ୟା ରୋକିବା ଏହାର ମୂଳ ଉଦ୍ଦେଶ୍ୟ ଥିବା ବେଳେ ଏନେଇ ଆଜି ରାଜ୍ୟ କାର୍ଯ୍ୟାଳୟରେ ଦିନିକିଆ ଜନଜାତି ସଙ୍କୁଳ ବିକାଶ ପରିଯୋଜନା କର୍ମଶାଳା ଆୟୋଜିତ ହୋଇଥିବା ସାଂସଦ ଅନନ୍ତ ନାୟକ କହିଛନ୍ତି।

ଶ୍ରୀ ନାୟକ କହିଛନ୍ତି ଯେ ଯୋଜନାରେ ଜନଜାତି ସମାଜ ଯେପରି ନିଜ ଅଞ୍ଚଳରେ କାମ ପାଇପାରିବେ, ସେମାନେ ସ୍ୱଇଚ୍ଛାରେ ନିଜ ଅଞ୍ଚଳର ବିକାଶରେ ଭାଗିଦାରୀ ହୋଇପାରିବେ, ସେନେଇ ବିଜେପି ସରକାର ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଯୋଜନାରେ କେବଳ ସରକାରଙ୍କ ଉପରେ ନିର୍ଭର ନ କରି କୌଣସି ନାଗରିକ ପ୍ରଶାସନ, ଜନପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନକୁ ସାଙ୍ଗରେ ନେଇ ଜନଜାତିର ବିକାଶ କରିବା ପାଇଁ ସାମୂହିକ ଭାବେ ପ୍ରୟାସ କରିପାରିବେ। କର୍ମଶାଳା ପୂର୍ବରୁ ବିର୍ସା ମୁଣ୍ଡା ଓ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖଙ୍କ ସମେତ ଅନେକ ବିଧାୟକ ଓ ଦଳୀୟ ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ଜନଜାତି ସଂଙ୍କୁଳ ବିକାଶ ପରିଯୋଜନା ଆଧାରିତ ପ୍ରଦର୍ଶନୀ ଉଦଘାଟିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶ୍ରୀ ସାମଲ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ) ବିଏଲ୍ ସନ୍ତୋଷ, ରାଷ୍ଟ୍ରୀୟ ସଂଗଠକ ଭି. ସତୀଶ, ବିଜେପି ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ସମୀର ଓରାମ, ରାଜ୍ୟ ପ୍ରଭାରୀ ଶ୍ରୀ ତୋମାର, ସହପ୍ରଭାରୀ ଶ୍ରୀମତୀ ଉସେଣ୍ଡି, ଆୟୋଜକ ଅଧ୍ୟକ୍ଷ ଗଜାନନ୍ ଡାଙ୍ଗେ ଓ ଉପାଧ୍ୟକ୍ଷ କପିଳ ସହସ୍ରବୁଦ୍ଧେ, ମନ୍ତ୍ରୀ ଶ୍ରୀ ଗଣ୍ଡ, ରବି ନାରାୟଣ ନାଏକ ଯୋଗଦେଇଥିଲେ। ସାଂସଦ ବଳଭଦ୍ର ମାଝୀ କର୍ମଶାଳାର ସଂଯୋଜନା କରିଥିଲେ।

## ଭୁବନେଶ୍ୱରରେ ବେଙ୍ଗାଲୁରୁ ବିମାନର ଜରୁରୀ ଅବତରଣ




**ଭୁବନେଶ୍ୱର, ୯।୧୦ (ସଂଚାର ବ୍ୟୁରୋ):** ବେଙ୍ଗଲୁରୁରୁ ଗୌହାଟି ଯାଉଥିବା ବିମାନ ଭୁବନେଶ୍ୱର ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ଆଜି ଦିନ ୪ଟା ୫୩ ମିନିଟ ସମୟରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍-୧୨୯୫ ବିମାନ ୧୭୪ ଯାତ୍ରୀଙ୍କୁ ନେଇ ବେଙ୍ଗାଲୁରୁରୁ ଗୌହାଟି ଯାଉଥିବା ସମୟରେ ଜଣେ ଯାତ୍ରୀଙ୍କର ଛାତିରେ ଯନ୍ତ୍ରଣା ହେବାରୁ ମେଡିକାଲ ଏମର୍ଜେନ୍ସୀ ପାଇଁ ଭୁବନେଶ୍ୱରରେ କଲା ଜରୁରୀ ଅବତରଣ। ତେବେ ଉକ୍ତ ଯାତ୍ରୀଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ସ୍ଥାନାନ୍ତର କରାଯିବା ପରେ ଅନ୍ୟ ଯାତ୍ରୀଙ୍କୁ ନେଇ ପୁଣି ଉଡାଣ ଭରିଥିଲା ଏହି ବିମାନ। ଏନେଇ ସୂଚନା ଦେଇଛନ୍ତି ବିମାନବନ୍ଦର ନିର୍ଦ୍ଦେଶକ।

# ହୀରାକୁଦ ପର୍ଯ୍ୟଟନ ପ୍ରକଳ୍ପର ସମୀକ୍ଷା କଲେ ଡିସି



**ଭୁବନେଶ୍ୱର,୯।୧୦(ସଂଚାର ବ୍ୟୁରୋ):** ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସରକାରଙ୍କ ରାଜ୍ୟ ପାଇଁ ପୁଞ୍ଜି ନିବେଶ ସହାୟତା (ଏସ୍‌ଏଏସ୍‌ସିଆଇ) ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଯୋଜନାଧୀନ ଦୁଇଟି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପର୍ଯ୍ୟଟନ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବଲବନ୍ତ ସିଂହ ହୀରାକୁଦ ଅଞ୍ଚଳରେ ପର୍ଯ୍ୟଟନ ମାଷ୍ଟର ପ୍ଲାନ୍‌ର ଏକ ସଂକ୍ଷିପ୍ତ ଚିତ୍ରଣ ଉପସ୍ଥାପନ କରିଥିଲେ। ବୈଠକରେ ଏସ୍‌ଏଏସ୍‌ସିଆଇ ଯୋଜନା ଅଧୀନ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତାରେ ରହୁଥିବା ସ୍ଥାନ ସମ୍ପର୍କିତ ସମ୍ବେଦନଶୀଳତା, ଆବଶ୍ୟକ ଅନୁମୋଦନ ଓ ଏନଓସି ସମ୍ବନ୍ଧୀୟ ବିବରଣୀ ଉପସ୍ଥାପିତ ହୋଇଥିଲା। ଜଳ ଓ ଆଲୋକ ସିଂଫୋନି ପାଇଁ ବିସ୍ତୃତ ଯୋଜନା ବିଷୟରେ ଆଲୋଚନା ହୋଇଥିଲା। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଓସିସିକୁ ସମୟୋପଯୋଗୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ମୁଖ୍ୟ ଥିମ୍ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ବନ୍ଧ ସଂଗ୍ରହାଳୟ ପାଇଁ ଷ୍ଟୋରିଲାଇନ୍ ନେଇ ବି ଆଲୋଚନା ହୋଇଛି। ଏଥିରେ ବନ୍ଧ ପୂର୍ବର ଇତିହାସ, ବନ୍ୟା ଓ ଦୁର୍ଭିକ୍ଷ, ହୀରାକୁଦ ବନ୍ଧ ନିର୍ମାଣର ଦୃଷ୍ଟିକୋଣ, ନିର୍ମାଣ ସମୟର ଓ ବନ୍ଧ ନିର୍ମାଣ ପରବର୍ତ୍ତୀ ପରିବର୍ତ୍ତନ ସମ୍ପର୍କିତ ଉପସ୍ଥାପନ କରାଯିବ। ସେଥିପାଇଁ ଅନୁଭବ ଆଧାରିତ କାର୍ଯ୍ୟକଳାପ, ଦର୍ଶକମାନଙ୍କୁ ଘଟଣାକ୍ରମ, ଇତିହାସ ଓ ଦୃଶ୍ୟସମୂହ ସମ୍ପର୍କରେ ଡିଜିଟାଲ ଜଗତ ସହ ସକ୍ରିୟ ଭାବେ ଅଂଶଗ୍ରହଣ କରିବାର ଅନୁଭବ ଆଣିଦେବା ପାଇଁ ଏଆର/ଭିଆର ବ୍ୟବସ୍ଥା ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି।

● ଘନଉଛି ପୀତବାସ ପଣ୍ଡା ମର୍ଡର ମିଷ୍ଟ୍ରି

## ବଢୁଛି ସସ୍‌ପେନ୍ସ, ଆନ୍ଧ୍ର ଗଲା ୬ଜଣିଆ ଟିମ୍

**ବ୍ରହ୍ମପୁର,୯।୧୦(ସଂଚାର ବ୍ୟୁରୋ):** ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା କରାଯିବା ଘଟଣାକୁ ୪ ଦିନ ବିତିବାକୁ ବସିଥିଲେ ମଧ୍ୟ ଅଦ୍ୟାବଧି ଏନେଇ ପୁଲିସ୍‌କୁ କୌଣସି ସଫଳତା ମିଳିପାରିନାହିଁ। ବରଂ ସମୟ ଗଡିବା ସହ ସସପେନ୍ସର ଗଭୀରତା ମଧ୍ୟ ବଢ଼ି ଚାଲିଛି। ଏହି ମାମଲାରେ ପୀତବାସଙ୍କ ସୁପୁତ୍ର ସୌରଭ ପଣ୍ଡା ନ୍ୟାୟ ଦାବି କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ ବାପା ସାଧାରଣ ଜନତାଙ୍କ ପାଇଁ କାମ କରୁଥିଲେ। ଅନ୍ୟ ଦିନ ପରି ମଙ୍ଗଳବାର ମଧ୍ୟ ସେ ଘରୁ ବାହାରକୁ ଯାଇଥିଲେ। କିନ୍ତୁ ସେ ଫେରିବେ ନାହିଁ ବୋଲି ଆମେ ସ୍ୱପ୍ନରେ ବି ଭାବିନଥିଲୁ। କିନ୍ତୁ ଯେଉଁମାନେ ବି ବାପାଙ୍କୁ ହତ୍ୟା କରିଛନ୍ତି, ସେମାନଙ୍କୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ସକାଶେ ସେ ଦାବି କରିଛନ୍ତି। ସେପଟେ ହତ୍ୟାକାଣ୍ଡର କାରଣ ନେଇ ପୁଲିସ୍‌କୁ ଅଦ୍ୟାବଧି କୌଣସି ପ୍ରକାର ସୁରାକ୍ ମିଳିପାରିନାହିଁ। ତେବେ ହତ୍ୟାକାରୀ ଦ୍ୱୟ ଆନ୍ଧ୍ର ପ୍ରଦେଶ ଚାଲିଯାଇଥିବା ଅନୁମାନ କରି ପୁଲିସ୍‌ର ଏକ ୬ଜଣିଆ ଟିମ୍ ଆଜି ସେଠାକୁ ଗସ୍ତ କରିଛି। ତେବେ ପୀତବାସଙ୍କ ହତ୍ୟାକାଣ୍ଡ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଥିବା ସ୍ପଷ୍ଟ ହୋଇଛି ଓ ହତ୍ୟାକାରୀମାନେ ସୁପାରି କିଲର୍ ବୋଲି ପୁଲିସ୍ ଜାଣିବାକୁ ପାଇଛି। ସେମାନେ ଧଳା ଶାର୍ଟ ପିନ୍ଧି ଆସିଥିଲେ ଓ ପରିଚୟ ଲୁଚାଇବା ସକାଶେ ଉଭୟ ହେଲ୍‌ମେଟ୍ ମଧ୍ୟ ପରିଧାନ କରିଥିଲେ। ଏହାଛଡ଼ା ସେମାନେ ବ୍ୟବହାର କରିଥିବା ଗାଡ଼ିର ନମ୍ବର ମଧ୍ୟ ଜାଲ୍ ହୋଇଥିବା ଜଣାପଡ଼ିଛି। ତେବେ ଏହି ହତ୍ୟାକାଣ୍ଡ ମାମଲାରେ ସଅଳ ସଫଳତା ପାଇବା ସକାଶେ ଆଇଜି ଓ ଏସପି ଏହି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଜାରି ରଖିଛନ୍ତି। ପୁଲିସ୍‌ର ୬ଟି ଟିମ୍ ଘଟଣାର ତଦନ୍ତ କରୁଛନ୍ତି। ଏଥିରେ ଦୁଇ ଜଣ ଡିଏସ୍‌ପିଙ୍କ ସହ ଅଭିଜ୍ଞତା ସମ୍ପନ୍ନ ଅଫିସରଙ୍କୁ ନିୟୋଜିତ କରାଯାଇଛି। ଅଦ୍ୟାବଧି ୫୦ରୁ ଅଧିକ ସିସିଟିଭି ଯାଞ୍ଚ ହୋଇଥିବା ବେଳେ ଫୋନ୍ କଲ ମଧ୍ୟ ଯାଞ୍ଚ ଚାଲିଛି। ଇତିମଧ୍ୟରେ ଆଜି ବ୍ରହ୍ମପୁର ଅତିରିକ୍ତ ଏସପି ସୀମା ସ୍ୱାଇଁଙ୍କ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଆଲୋକ କୁମାର ଜେନାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି।

**କଠୋର କାର୍ଯ୍ୟାନୁଷ୍ଠାନ ଦାବିକଲେ ପୁଅ**



■ ନୂଆପଡାରେ କଂଗ୍ରେସର ମିଶ୍ରଣ ପର୍ବ

## ଯୋଗଦେଲେ ବିଶିଷ୍ଟ ସମାଜସେବୀ ରବି ମଙ୍ଗରାଜ



**ନୂଆପଡ଼ା,୯।୧୦(ସଂଚାର ବ୍ୟୁରୋ):** ନୂଆପଡା ପୁଲିସ ପଡ଼ିଆଠାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ଶଗରିଆ ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କ ଉପସ୍ଥିତିରେ କଂଗ୍ରେସର ନୀତି ଆଦର୍ଶ ଓ ରାହୁଲ ଗାନ୍ଧିଙ୍କ ବିଚାରଧାରା ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣିତ ହୋଇ ନୂଆପଡା ଜିଲ୍ଲାର ବିଶିଷ୍ଟ ସମାଜସେବୀ ତଥା ସାମାଜିକ ନ୍ୟାୟ କର୍ମୀ ରବି ମଙ୍ଗରାଜ ତାଙ୍କର ସହସ୍ରାଧିକ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗ ଦେଇଛନ୍ତି। ବିଭିନ୍ନ ବ୍ଲକ ଓ ପଞ୍ଚାୟତ ଏବଂ ନୂଆପଡା ଏନଏସସିରୁ ଆସିଥିବା ହଜାର ହଜାର ସମର୍ଥକଙ୍କୁ ପିସିସି ସଭାପତି ଦଳକୁ ସ୍ୱାଗତ କରିବା ସହ ସେମାନଙ୍କ ଯୋଗଦାନ ଆଗାମୀ ଉପନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକୁ ସ୍ୱତନ୍ତ୍ର ବାର୍ତ୍ତା ଦେବ ବୋଲି ଆଶା କରିଛନ୍ତି। ସେହିପରି ଶ୍ରୀ ମଙ୍ଗରାଜଙ୍କ ଯୋଗଦାନ ମଧ୍ୟ ଦଳକୁ ଆଗକୁ ଆହୁରି ସୁଦୃଢ଼ କରିବ। ସମ୍ପ୍ରତି କଂଗ୍ରେସ ଏକମାତ୍ର ଦଳ ଭାବେ ସାଧାରଣ ଜନତାଙ୍କ ଆଶା ଓ ଭରସା ହୋଇଛି ବୋଲି ଶ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

■ ରାୟଗଡ଼ା ପୌର ପରିଷଦ ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଭୋଟିଂ ଶେଷ

# ସ୍ଥଗିତ ରହିଲା ଫଳାଫଳ ଘୋଷଣା

**ରାୟଗଡ଼ା,୯।୧୦(ସଂଚାର ବ୍ୟୁରୋ):** ରୋଚକ ମୋଡରେ ପହଞ୍ଚିଲା ରାୟଗଡ଼ା ପୌରାଧ୍ୟକ୍ଷା ଅନାସ୍ଥା ନିର୍ବାଚନ ମାମଲା। ଗୁରୁବାର ପୌରାଧ୍ୟକ୍ଷଙ୍କ ବିରୋଧରେ ଆଗତ ହୋଇଥିବା ଅନାସ୍ଥା ଉପରେ ମତଦାନ ହୋଇଥିଲା। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଫଳରେ ଫଳାଫଳ ଘୋଷଣାକୁ ସ୍ଥଗିତ ରଖାଯାଇଛି। ଫଳରେ ଭୋଟ୍ ବାକ୍ସକୁ କଡା ସୁରକ୍ଷା ମଧ୍ୟରେ ରାୟଗଡା ଜିଲ୍ଲା କୋଷାଗାରରେ ସିଲ୍ ବକ୍ସ ଭିତରେ ରଖାଯାଇଛି।

ଅନାସ୍ଥା ପ୍ରସ୍ତାବକୁ ନେଇ ଗତ ମାସରେ ପୌରାଧ୍ୟକ୍ଷା ଶୁଭ୍ରା ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗୁରୁବାର ହାଇକୋର୍ଟ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଫଳାଫଳ ଘୋଷଣା ନକରିବାକୁ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାୟଗଡା ପୌର ପରିଷଦ ଉପାଧ୍ୟକ୍ଷା କାଉନସିଲର୍ ମାନଙ୍କ କଥା ଶୁଣୁନଥିବା ବେଳେ ରାୟଗଡା ସହରର ବିକାଶରେ ଭାଗିଦାରୀ ହେଉନାହାନ୍ତି ବୋଲି ଅଭିଯୋଗ କରି ଗତ ମାସ ୧୨ ତାରିଖ ଦିନ ଭାସ୍କର ରାଓଙ୍କ ଗୋଷ୍ଠୀର ୧୯ ଜଣ ବିଦ୍ରୋହୀ ବିଜେଡି କାଉନସିଲର୍ ଅନାସ୍ଥା ଆଣିଥିଲେ। ପରବର୍ତ୍ତୀ ସମୟରେ ଅନାସ୍ଥା ଆଣିଥିବା କାଉନସିଲର୍ ମାନଙ୍କ ଦସ୍ତଖତ ଯାଞ୍ଚ ହୋଇଥିବା ବେଳେ ଅନାସ୍ଥା ଉପରେ ମତଦାନ ହୋଇଥିଲା। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗଣତି ଓ ଫଳାଫଳ ଘୋଷଣାକୁ ସ୍ଥଗିତ ରଖାଯାଇଛି। ଅନ୍ୟପଟେ ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ବିରୋଧରେ ଭୋଟ୍ ଦେବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ କାଉନସିଲର୍ ମାନଙ୍କୁ ହ୍ୱିପ୍ ଜାରି କରିଥିବା ବେଳେ ଭାସ୍କର ରାଓ ଗୋଷ୍ଠୀର ସମସ୍ତ କାଉନସିଲର୍ ଅନାସ୍ଥା ସପକ୍ଷରେ ଭୋଟ୍ ଦେଉଛନ୍ତି ବୋଲି ଆଲୋଚନା ହେଉଛି। ମତଦାନ ବେଳେ ବିଜେଡି ପ୍ରତିନିଧି ଦାୟିତ୍ୱରେ ଥିବା ଜଗନ୍ନାଥ ସାରକାଙ୍କୁ କେବଳ ଜଣେ ଶୁଭ୍ରା ପଣ୍ଡା ବାଲାଟ୍ ପେପର୍ ଦେଖାଇ ମତଦାନ କରିଥିବା ବେଳେ ବଳକା ୨୦ ଜଣ କାଉସିଲର୍ ବାଲାଟ୍ ନଦେଖାଇ ମତଦାନ କରିଥିଲେ। ତେବେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ବିଜେଡି ନେତା ସୁଧୀର ଦାସ ଗୋଷ୍ଠୀର ଅନ୍ତରୀଣ ବିଜୟୀ ହୋଇଥିବା ବେଳେ ଭାସ୍କର ରାଓ ଗୋଷ୍ଠୀର ପଲ୍ଲା ଏବେ ବି ଭାରି ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛି।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଜେନେରିକ୍ ଔଷଧ ଉପରେ ଲାଗିବନି ଟାରିଫ୍

ୱାସିଂଟନ, ୯।୧୦: ଔଷଧ ଉପରେ ଟାରିଫ (ଶୁଳ୍କ) ଲଗାଯିବାକୁ ନେଇ ଟ୍ରମ୍ପ ପ୍ରଶାସନ ନିଜ ଆଭିମୁଖ୍ୟ କିଛିଟା ନରମ କରିଛି। ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଜେନେରିକ୍ ଔଷଧ ଉପରେ ଟାରିଫ ଲଗାଯିବ ନାହିଁ। ଏହା ଭାରତ ପାଇଁ ଆଶ୍ୱସ୍ତି ଆଣିଦେଇଛି, କାରଣ ଭାରତ ଆମେରିକାକୁ ମୁଖ୍ୟତଃ ଜେନେରିକ ଔଷଧ ରପ୍ତାନି କରିଥାଏ।

ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଅନୁସାରେ ପ୍ୟାଟେଣ୍ଟେଡ୍ ଓ ବ୍ରାଣ୍ଡେଡ୍ ଔଷଧ ପରି ଜେନେରିକ ଔଷଧ ଉପରେ ବି ଟାରିଫ ଲଗାଇବାକୁ ଟ୍ରମ୍ପ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଥିଲା। କିନ୍ତୁ ଏହାକୁ ସୀମିତ ରଖିବାକୁ ଆମେରିକାର ବାଣିଜ୍ୟ ବିଭାଗ ସୁପାରିଶ କରିଥିଲା। କାରଣ ଜେନେରିକ ଔଷଧ ଉପରେ ଟାରିଫ ଲଗାଗଲେ ତାହା ଆମେରିକାରେ ଔଷଧ ଓ ସ୍ୱାସ୍ଥ୍ୟସେବାକୁ ମହଙ୍ଗା କରିବାର ଆଶଙ୍କା ଥିଲା। ଗତ ମାସରେ ଟ୍ରମ୍ପ ପ୍ରଶାସନ ଘୋଷଣା କରିଥିଲା ଯେ ପ୍ୟାଟେଣ୍ଟ ହୋଇଥିବା ଓ



ବ୍ରାଣ୍ଡେଡ୍ ଔଷଧ ଉପରେ ଟାରିଫ ଲଗାଯିବ। ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଅନୁସାରେ ପ୍ୟାଟେଣ୍ଟେଡ୍ ଓ ବ୍ରାଣ୍ଡେଡ୍ ଔଷଧ ପରି ଜେନେରିକ ଔଷଧ ଉପରେ ବି ଟାରିଫ ଲଗାଇବାକୁ ଟ୍ରମ୍ପ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଥିଲା। କିନ୍ତୁ ଏହାକୁ ସୀମିତ ରଖିବାକୁ ଆମେରିକାର ବାଣିଜ୍ୟ ବିଭାଗ ସୁପାରିଶ କରିଥିଲା। କାରଣ ଜେନେରିକ ଔଷଧ ଉପରେ ଟାରିଫ ଲଗାଗଲେ ତାହା ଆମେରିକାରେ ଔଷଧ ଓ ସ୍ୱାସ୍ଥ୍ୟସେବାକୁ ମହଙ୍ଗା କରିବାର ଆଶଙ୍କା ଥିଲା। ଏପରି ହେଲେ ଆମେରିକା ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାର ଆଶଙ୍କା ଥିଲା। ଏହାକୁ ଦୃଷ୍ଟିରେ ରଖି ଟ୍ରମ୍ପ ପ୍ରଶାସନ ଏପରି ନିଷ୍ପତ୍ତିରୁ ଓହରିଯାଇଥିବା ଏହି ରିପୋର୍ଟରେ କୁହାଯାଇଛି।

ତଥ୍ୟ ଅନୁସାରେ ଆମେରିକା ଆମଦାନୀ କରୁଥିବା ପ୍ରାୟ ୪୭% ଜେନେରିକ ଔଷଧ ଭାରତରୁ ଯାଇଥାଏ। ଏହା ଉପରେ ଟାରିଫ ଲାଗିଥିଲେ ଭାରତୀୟ ଫାର୍ମାସୁଟିକାଲ୍ସ ବିଶେଷଭାବେ କମ୍ପାନି ପ୍ରଭାବିତ ହୋଇଥାନ୍ତେ।

# ରୁପା କେଜି ୧.୭୦ ଲକ୍ଷ



ଭୁବନେଶ୍ୱର, ୯।୧୦: ରୁପା ଦର ନିଆଁ ଲାଗିବା ଭଳି ବଢ଼ିଚାଲିଛି। ବୁଧବାର ଭୁବନେଶ୍ୱରରେ ରୁପା କେଜି ୨୯୦୦ ଟଙ୍କା ବୃଦ୍ଧି ପାଇ ୧,୭୦,୦୦୦ ଟଙ୍କା ହୋଇଛି। ଖୁବ୍ କମ୍ ସମୟ ଭିତରେ ରୁପାରେ ଏଭଳି ବଡ଼ ଧରଣର ବୃଦ୍ଧି ଘଟିଛି। କେବଳ ଚଳିତ ମାସର ପ୍ରଥମ ସପ୍ତାହରେ ରୁପା ମୂଲ୍ୟରେ ପ୍ରାୟ ୧୧ ହଜାର ଟଙ୍କାର ବୃଦ୍ଧି ହୋଇଥିବାରୁ ତାହା ଏଭଳି ଚିନ୍ତାଜନକ ସ୍ତରକୁ ବୃଦ୍ଧି ପାଇଛି। ଇଲେକ୍ଟ୍ରିକ୍ ଯାନଠାରୁ ଆରମ୍ଭ କରି ବିଭିନ୍ନ ଶିଳ୍ପ କାର୍ଯ୍ୟରେ ରୁପା ବ୍ୟବହାର ହେଉଥିବାରୁ ତାହାର ଚାହିଦା ବଢ଼ିବାରେ ଲାଗିଛି। ଏହା ବ୍ୟତୀତ ନିବେଶକମାନଙ୍କୁ ରିଟର୍ଣ୍ଣ ଦେବାରେ ମଧ୍ୟ ରୁପା ଆଗରେ ରହିଛି। ସେଥିପାଇଁ ବହୁ ସଂଖ୍ୟାରେ ନିବେଶକ ରୁପାରେ ନିବେଶ କରିବାକୁ ଆଗେଇ ଆସିଥିବାରୁ ତାହାର ଚାହିଦା ବଢ଼ିଛି।

ଅନ୍ୟ ପକ୍ଷରେ, ଗତ ତିନି ଦିନ ହେଲାଣି ସୁନା ଦର ମଧ୍ୟ ଲଗାତାର ଭାବେ ବଢ଼ୁଛି। ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ବୁଧବାର ୧୭୫୦ ଟଙ୍କା ବୃଦ୍ଧି ହୋଇଥିବାରୁ ତାହାର ଦର ୧,୧୩,୬୦୦ ଟଙ୍କାରେ ପହଞ୍ଚିଛି। ସେହି ସମୟରେ ୨୪ କ୍ୟାରେଟ୍ ସୁନା ଦର ୧୯୧୦ ଟଙ୍କା ବଢ଼ି ୧,୨୩,୯୩୦ ଟଙ୍କା ହୋଇଛି। ୧୮ କ୍ୟାରେଟ୍ ସୁନା ଦାମ୍ ୧୪୩୦ ଟଙ୍କା ବଢ଼ି ୯୨,୯୫୦ ଟଙ୍କା ହୋଇଛି। ଚଳିତ ସପ୍ତାହର ସୋମବାର ୨୨ କ୍ୟାରେଟ୍ ସୁନା ଦର ୧୨୫୦ ଟଙ୍କା, ମଙ୍ଗଳବାର ୧୧୫୦ ଟଙ୍କା ଓ ବୁଧବାର ୧୭୫୦ ଟଙ୍କା ବଢ଼ିଛି। ସେହି ସମୟରେ ୨୪ କ୍ୟାରେଟ୍ ସୁନା ଦର ଏହି ତିନି ଦିନରେ ଯଥାକ୍ରମେ ୧୩୭୦ ଟଙ୍କା, ୧୨୫୦ ଟଙ୍କା ଓ ୧୯୧୦ ଟଙ୍କା ବୃଦ୍ଧି ପାଇଛି। ତିନି ଦିନରେ ୨୨ କ୍ୟାରେଟ୍ ସୁନା ଦର ୪୫୦୦ ଟଙ୍କା ଓ ୨୪ କ୍ୟାରେଟ୍ ସୁନା ଦାମ୍ ୪୫୩୦ ଟଙ୍କା ବଢ଼ିଛି।

ଅନ୍ତର୍ଜାତୀୟ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ୪୦୦୦ ଡଲାରରୁ ଅଧିକ ହେବା ଏବଂ ଆମେରିକୀୟ ଡଲାର ତୁଳନାରେ ଟଙ୍କା ଦୁର୍ବଳ ରହୁଥିବାରୁ ସୁନା ଓ ରୁପା ମହଙ୍ଗା ହେଉଛି। କେବଳ ଓଡ଼ିଶା ନୁହେଁ ସାରା ବିଶ୍ୱରେ ସୁନା ଦର ବଢ଼ୁଛି। ୨୦୨୫ରେ ବର୍ତ୍ତମାନ ସୁଦ୍ଧା ସୁନା ମୂଲ୍ୟ ୫୬ ପ୍ରତିଶତ ଓ ରୁପା ଦରରେ ୬୯ ପ୍ରତିଶତର ବୃଦ୍ଧି ହୋଇଛି। ଗୋଟିଏ ପଟେ ନିବେଶକମାନଙ୍କ ଲାଗି ଏହି ଦୁଇ ଧାତୁ ବେଶ୍ ଆକର୍ଷଣୀୟ ହୋଇଥିବା ବେଳେ ଗହଣା ବିକ୍ରେତା ଓ ଗ୍ରାହକମାନଙ୍କ ପାଇଁ ଏହାର ଦର ଚିନ୍ତାର କାରଣ ପାଲଟିଛି। ଏଭଳି ଚଢ଼ା ଦରରେ ଗହଣା କିଣିବା ଅନେକ ଗ୍ରାହକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି।

## ଆଜିର ସୁନା ଦର



ଧୀରେ ଧୀରେ ବଢ଼ୁଛି ସୁନା ଏବଂ ସ୍ଥିର ରହିଛି ରୁପା ଦର । ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର ।ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୨୪,୧୫୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧, ୧୩,୮୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୨୪,୧୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୧୩,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୨୪,୧୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୧୩,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୪,୩୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୩,୯୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୨୪,୩୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧, ୧୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୨୪, ୧୫୦ ଓ ୧, ୧୩,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୬୧,୦୦୦ ଟଙ୍କା ହୋଇଛି ।

### ମାତ୍ର ୯.୯୯ ଲକ୍ଷରେ ମିଳିବ

# ମହିନ୍ଦ୍ରା ଥାର୍ ଫେସଲିଫ୍ଟ

ନୂଆଦିଲ୍ଲୀ, ୯।୧୦: ଭାରତୀୟ ଅଟୋ ଇଣ୍ଡଷ୍ଟ୍ରିରେ ମହିନ୍ଦ୍ରା ଥାର୍ ଏହାର ଅଫ୍-ରୋଡିଂ କ୍ଷମତା ପାଇଁ ବେଶ ଲୋକପ୍ରିୟ। ଏହାର ସେକେଣ୍ଡ ଜେନେରେସନ୍ ମଡେଲ ପାଞ୍ଚ ବର୍ଷ ପୂର୍ବେ ଲଞ୍ଚ ହୋଇଥିଲା। ଏବେ ଏହି ଧାରାରେ ମହିନ୍ଦ୍ରା ଅଫିସିଆଲି ନୂଆ ଫେସଲିଫ୍ଟେଡ୍ ଥାର୍ ସେଲ୍ ପାଇଁ ଲଞ୍ଚ କରିଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୯.୯୯ ଲକ୍ଷ (ଏକ୍ସ ଶୋରୁମ୍)। ନୂଆ ଥାର୍ ବର୍ତ୍ତମାନ ଦୁଇଟି ନୂଆ ରଙ୍ଗରେ ଉପଲବ୍ଧ ହେବ: ବ୍ୟାଟଲିସିପ୍ ଗ୍ରେ ଏବଂ ଟାଙ୍ଗୋ ରେଡ୍। ଏହା ସହିତ ପୂର୍ବରୁ ଥିବା କଲର୍ ଅପ୍ସନଗୁଡ଼ିକ ଯେପରିକି ଗାଲାକ୍ସି ଗ୍ରେ, ଷ୍ଟିଲ୍ଥ ବ୍ଲାକ୍, ଡିପ୍ ଫରେଷ୍ଟ ଏବଂ ଏଭରେଷ୍ଟ ହ୍ୱାଇଟ୍ ମଧ ଉପଲବ୍ଧ ହେବ। ମହିନ୍ଦ୍ରା ଥାର୍ ୩ ଡୋର୍‌ରେ ଏବେ ଏକ ନୂଆ ଗ୍ରିଲ୍ ସହିତ ବଡି- କଲର୍ ଡିଟେଲିଂ ଏବଂ ରକ୍ସ ଭଳି ଏକ ନୂଆ ଗ୍ରେ ଶେଡ୍ ରହିଛି। ବାକି ସମସ୍ତ ଡିଜାଇନ୍ ଅପରିବର୍ତ୍ତିତ ରହିଛି। ଏହାର ଷ୍ଟାଇଲିଂ ଏବେ ବି କ୍ଲାସିକ୍ ଏବଂ ଶକ୍ତିଶାଳୀ ରହିଛି -ଏହି ଲୁକ୍ ୩-ଡୋରରେ ଆହୁରି ଆକର୍ଷଣୀୟ ଲାଗୁଛି। ଏହା Roxx ଅପେକ୍ଷା ମଧ ଅଧିକ ଭଲ ଦେଖାଯାଉଛି।




ବାହାରରୁ ଥାର୍ ଫେସଲିଫ୍ଟ ସହିତ ପ୍ରାୟତଃ ସମାନ ଦେଖାଯାଉଛି, କେବଳ କିଛି କସମେଟିକ୍ ଅପଡେଟ୍ ସହିତ। ଏଥିରେ ଏବେ ଏକ ନୂଆ ଡୁଆଲ୍-ଟୋନ୍ ବମ୍ପର ଏବଂ ଏକ ବଡି-କଲର ଗ୍ରିଲ୍ ରହିଛି ଯାହା ପୂର୍ବରୁ କଳା ଥିଲା। କାରର ସାଇଡ୍ ପ୍ରୋଫାଇଲ୍ ପୂର୍ବ ଥାର୍ ପରି ସମାନ ରହିଛି। ପଛ ଭାଗରେ ଏବେ ୱାଶର୍ ସହିତ ଏକ ପଛ ୱାଇପର୍ ଏବଂ ଏକ ପଛ କ୍ୟାମେରା ରହିଛି। ଯାହା ପୂର୍ବରୁ ଥାର୍ ରକ୍ସରେ ଉପଲବ୍ଧ ଥିଲା। ମହିନ୍ଦ୍ରା ଥାର୍ ଫେସଲିଫ୍ଟର କ୍ୟାବିନରେ ଅନେକ ଅପଗ୍ରେଡ୍ ରହିଛି, ଯେଉଁଥିରେ ଏକ ନୂଆ ଟଚସ୍କ୍ରିନ୍ ଡିସପ୍ଲେ ଏବଂ ଷ୍ଟିଅରିଂ ଚକ ଅନ୍ତର୍ଭୁକ୍ତ। ଟାୟାର ପ୍ରେସର ମନିଟରିଂ ସିଷ୍ଟମ ଭଳି ସୁରକ୍ଷା ଫିଚର୍ସଗୁଡ଼ିକ ମଧ ଯୋଡାଯାଇଛି।

ବେସ୍ ମଡେଲ୍ (୧.୫-ଲିଟର ଡିଜେଲ ଆରଡବ୍ଲ୍ୟୁଡି ଏମଟି)ପାଇଁ ମୂଲ୍ୟ ୯.୯୯ ଲକ୍ଷରୁ ଆରମ୍ଭ ହୋଇ ଟପ୍-ଅଫ୍-ଦି-ଲାଇନ୍ ମଡେଲ୍ (୨.୨-ଲିଟର ଡିଜେଲ) ପାଇଁ ମୂଲ୍ୟ ୧୬.୯୯ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

# ଜମାକାରୀ ଉଠାଇପାରିବେନି ୧୦ ହଜାରରୁ ଅଧିକ ଟଙ୍କା

**ହିମାଚଳ ପ୍ରଦେଶର ଦି ବଘାଟ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ**

ନୂଆଦିଲ୍ଲୀ, ୯।୧୦: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ହିମାଚଳ ପ୍ରଦେଶର ସୋଲାନରେ ଅବସ୍ଥିତ ଦି ବଘାଟ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପ୍ରତି ଗ୍ରାହକଙ୍କ ପାଇଁ ୧୦୦୦୦ ଟଙ୍କା ଉଠାଣ ସୀମା ଲାଗୁ କରିଛି। ଏହାର ଅର୍ଥ ହେଉଛି ଜମାକାରୀମାନେ ସେମାନଙ୍କର ସେଭିଙ୍ଗସ, କରେଣ୍ଟ କିମ୍ବା ଅନ୍ୟାନ୍ୟ ଆକାଉଣ୍ଟରୁ ଏକ ସମୟରେ ସର୍ବାଧିକ ୧୦୦୦୦ ଟଙ୍କା ଉଠାଣ କରିପାରିବେ। ବ୍ୟାଙ୍କର ବର୍ତ୍ତମାନର ପରିସ୍ଥିତି ଯୋଗୁଁ ରିଜର୍ଭ ବ୍ୟାଙ୍କ ଏହି ପଦକ୍ଷେପ ନେଇଛି। ଜମାକାରୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ପ୍ରୟାସ ଅଭାବରୁ ଆରବିଆଇ ହସ୍ତକ୍ଷେପ କରିଛି। ଆରବିଆଇ ବ୍ୟାଙ୍କ ଉପରେ ଆହୁରି କଟକଣା ଜାରି କରିଛି। ଯେମିତିକି ରିଜର୍ଭ ବ୍ୟାଙ୍କର ଲିଖିତ ଅନୁମତି ବିନା ଋଣ କିମ୍ବା ଅଗ୍ରିମ ପ୍ରଦାନ କରିବା କିମ୍ବା ନୂତନ ଜମା ଗ୍ରହଣ କରିବା ଭଳି କୌଣସି ଦାୟିତ୍ୱ ବହନ କରିବାରୁ ନିଷେଧ କରିଛି। ଆରବିଆଇ କହିଛି, "ବ୍ୟାଙ୍କର ବର୍ତ୍ତମାନର ଦେବାଳିଆ ସ୍ଥିତିକୁ ବିଚାରକୁ ନେଇ, ଜମାକାରୀଙ୍କ ସଞ୍ଚୟ ବ୍ୟାଙ୍କ କିମ୍ବା କରେଣ୍ଟ ଆକାଉଣ୍ଟ କିମ୍ବା ଅନ୍ୟ କୌଣସି ଆକାଉଣ୍ଟରେ ଥିବା ମୋଟ ଜମାରୁ ସର୍ବାଧିକ ୧୦୦୦୦ ପର୍ଯ୍ୟନ୍ତ ଉଠାଣ ଅନୁମତି ଦେବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆରବିଆଇ କହିଛି ଯେ ଯୋଗ୍ୟ ଜମାକାରୀମାନେ ଜମା ବୀମା ଏବଂ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେସନରୁ ସର୍ବାଧିକ ୫ ଲକ୍ଷ ପର୍ଯ୍ୟନ୍ତ ସେମାନଙ୍କର ଜମା ଉପରେ ବୀମା ଦାବି କରିପାରିବେ। ତଥାପି, ଆରବିଆଇ ସ୍ପଷ୍ଟ ଭାବରେ କହିଛି ଯେ ଏହି ନିର୍ଦ୍ଦେଶାବଳୀ ଜାରି କରିବା ଦ୍ୱାରା ଆରବିଆଇ ବ୍ୟାଙ୍କର ବ୍ୟାଙ୍କିଙ୍ଗ ଲାଇସେନ୍ସ ବାତିଲ କରିବା ସହିତ ବ୍ୟାଖ୍ୟା କରାଯିବା ଉଚିତ୍ ନୁହେଁ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦ .୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୫ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ନୀଳଚକ୍ର ପଶ୍ଚିମବଙ୍ଗ ଶାଖା ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳିତ

କୋଲକାତା, ୯।୧୦(ସଂଚାର ବ୍ୟୁରୋ): ଓଡିଆ ଜାତିର ମଉଡମଣି ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ଉତ୍ସବ ନୀଳଚକ୍ର ପଶ୍ଚିମବଙ୍ଗ ଶାଖା ପକ୍ଷରୁ ଉତ୍କଳ ଭବନ ସମ୍ମୁଖ ୱେଲିଙ୍ଗଟନ, ରାଜା ସୁବୋଧ ମଲ୍ଲିକ ସ୍କୋୟାର ସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ପାଦଦେଶରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ପୂର୍ବତନ ସଭାପତି ତଥା ବରିଷ୍ଠ କର୍ମକର୍ତ୍ତା କୃତ୍ତିବାସ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଶେଷଦେବ ସାମଲ ଯୋଗ ଦେଇ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଗୋପବନ୍ଧୁଙ୍କ ଜୀବନୀ ଉପରେ କହିଥିଲେ ଯେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ଏକାଧାରରେ ଭାବୁକ, ସାଧକ, ସାହିତ୍ୟିକ, କବି, ସଂଗଠକ, କର୍ମୀ ଓ ନେତା। ଉତ୍କଳୀୟ ପ୍ରାଣରେ ମହାଭାରତୀୟ ଭାବଧାରା ଓ ବିଶ୍ୱପ୍ରାଣତା ଉଜ୍ଜୀବିତ କରାଇବା ଥିଲା ତାଙ୍କ ଜୀବନର ଲକ୍ଷ୍ୟ। ବିଭୁପ୍ରାଣତା ଥିଲା ତାଙ୍କ ସୃଷ୍ଟିର ବୈଶିଷ୍ଟ୍ୟ। ବିଶ୍ୱପ୍ରୀତି, ସ୍ୱଦେଶ ମୁକ୍ତି, ସର୍ବୋପରି ଈଶ୍ୱର ଭକ୍ତି ଥିଲା ଉତ୍କଳମଣିଙ୍କ ଜୀବନବ୍ୟାପୀ ସାଧନା ଓ ଭାବନାର ତ୍ରିବେଣୀଧାରା।



ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ମନମୋହନ ନାୟକ, ଉପସଭାପତି ବିଜୟ କୁମାର କର, କୋଷାଧ୍ୟକ୍ଷ ବ୍ରଜକିଶୋର ଦାସ, ଯୁଗ୍ମ ସମ୍ପାଦକ ହିମାଂଶୁ ଶେଖର ଦାସ, ବିପିନ ବିହାରୀ ଦାସ ଓ ଧର୍ମେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ଉତ୍କଳମଣିଙ୍କ ସମାଜ ପ୍ରତି ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହେବା ନିମନ୍ତେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

# ନାଲ୍କୋ ଫାଉଣ୍ଡେସନ୍ ସହ ସିଟିଟିସିର ବୁଝାମଣା



ଭୁବନେଶ୍ୱର, ୯।୧୦: ନ୍ୟାସ୍‌ନାଲ୍ ଆଲୁମିନିୟମ୍ କମ୍ପାନି ଲିମିଟେଡ୍(ନାଲ୍‌କୋ) ଗ୍ରାମୀଣ ଯୁବବର୍ଗଙ୍କୁ ଦକ୍ଷତା ବିକାଶ ମାଧ୍ୟମରେ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଦାମନଯୋଡ଼ି ତଥା ଅନୁଗୋଳ ସ୍ଥିତ କମ୍ପାନିର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଯୁବକମାନଙ୍କ ପାଇଁ ଏକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ନାଲ୍‌କୋ ଫାଉଣ୍ଡେସନ ପକ୍ଷରୁ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଅଧୀନସ୍ଥ ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର୍ (ସିଟିଟିସି) ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି।

ଏହି ରାଜିନାମା ଅନୁସାରେ ନାଲ୍‌କୋର ମାଇନ୍ସ ଓ ରିଫାଇନାରି କମ୍ପ୍ଲେକ୍ସ, ଦାମନଯୋଡ଼ି ଏବଂ ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସ, ଅନୁଗୁଳର ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ୨୦ ଜଣ ଲେଖାଏଁ ମୋଟ ୪୦ ଜଣ ଯୁବକଯୁବତୀଙ୍କୁ ଭୁବନେଶ୍ୱରସ୍ଥିତ ସିଟିଟିସିଠାରେ ଏକ ପାଞ୍ଚ ମାସିଆ ଆବାସିକ ତାଲିମ ପ୍ରଦାନ କରାଯିବ। କମ୍ପାନିର ଭୁବନେଶ୍ୱର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ମାନବସମ୍ବଳ) ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ଏବଂ ନାଲ୍‌କୋ ଫାଉଣ୍ଡେସନ ଓ ସିଟିଟିସି ଭୁବନେଶ୍ୱରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ କମ୍ପାନିର ସିଏମ୍‌ଡି ଶ୍ରୀ ସିଂହ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ ଦକ୍ଷତା ହାସଲ କରିବା ନିମନ୍ତେ ସାହାଯ୍ୟ କରିବା ସହିତ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି ପାଇଁ ବାଟ ଫିଟାଇବ। ଏହିଭଳି ସିଏସଆର ପଦକ୍ଷେପ ସ୍ଥାନୀୟ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବ।

# ୨ ବର୍ଷରେ ଗୁଗଲ୍‌ର ୫ କର୍ମଚାରୀଙ୍କୁ ନୋବେଲ

ନୂଆଦିଲ୍ଲୀ, ୯।୧୦: ଗୁଗଲ ସିଇଓ ସୁନ୍ଦର ପିଚାଇ ସୂଚନା ଦେଇଛନ୍ତି ଯେ କମ୍ପାନିର ୫ ଜଣ କର୍ମଚାରୀଙ୍କୁ ନୋବେଲ ପୁରସ୍କାର ମିଳିଛି। ଦୁଇ ବର୍ଷ ଭିତରେ ୫ ଜଣ କର୍ମଚାରୀ ଏହି ସମ୍ମାନଜନକ ପୁରସ୍କାର ପାଇଛନ୍ତି। ୨୦୨୪ରେ ଗୁଗଲ୍‌ର କର୍ମଚାରୀ ଡେମିସ୍ ହାସାବିସ୍‌ଙ୍କୁ ରସାୟନ, ଜନ୍ ଜମ୍ପରଙ୍କୁ ରାସାୟନ ଓ ଜିଓଫ୍ ହିଣ୍ଟନଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ୍ ପୁରସ୍କାର ମିଳିଥିଲା। ୨୦୨୫ରେ ମାଇକେଲ୍ ଡେଭୋରେଟ୍ ଓ ଜନ୍ ମାର୍ଟିନିସ୍‌ଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ୍ ପୁରସ୍କାର ମିଳିଥିଲା। ଡେଭୋରେଟ୍ ଗୁଗୁଲ୍‌ର କ୍ୱାଣ୍ଟମ୍ ଏଆଇ ଲ୍ୟାବ୍‌ର ହାର୍ଡୱେର୍‌ର ମୁଖ୍ୟ ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ମାର୍ଟିନିସ୍ ଲ୍ୟାବ୍‌ର ହାର୍ଡୱେର ଟିମ୍‌ର ନେତୃତ୍ୱ ନେଉଛନ୍ତି। ୧୯୮୦ରେ କ୍ୱାଣ୍ଟମ୍ ମେକାନିକ୍ସ ଉପରେ ସେ କରିଥିବା କାମ ପାଇଁ ବର୍ତ୍ତମାନ ସମୟର ନବସୃଜନ ସମ୍ଭବ ହୋଇପାରିଛି ବୋଲି ପିଚାଇ କହିଛନ୍ତି। ଗୁଗଲ୍ ଡିପ୍‌ମାଇଣ୍ଡର ସିଇଓ ହେମିସ୍ ହାସାବିସ୍ ଓ ଜନ୍ ଜମ୍ପର ୨୦୨୪ରେ ନୋବେଲ୍ ପାଇଥିଲେ।

# ବିଜୟା ଦଶମୀ ବନ୍ଧୁ ମିଳନ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



**ନୀଳଗିରି,୯।୧୦(ସଂଚାର ବ୍ୟୁରୋ):** ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ଦ୍ୱାରା ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ବିଜୟା ବନ୍ଧୁ ମିଳନ ପର୍ବ ଆୟୋଜନ ହେବାକୁ ଯାଉଛି। ଏନେଇ ନୀଳଗିରି ସରସ୍ୱତୀ ଶିଶୁ ମନ୍ଦିର କ୍ୟାମ୍ପସ ଠାରେ ଏହି ବର୍ଷ ବିଜୟା ଦଶମୀ ବନ୍ଧୁ ମିଳନ ଉତ୍ସବ - ୨୦୨୫ ପାଳନ କରିବା ପାଇଁ ଗତ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମାର୍ଗ ଦର୍ଶନରେ ଆଗାମୀ ନଭେମ୍ବର ମାସରେ ଏହି କାର୍ଯ୍ୟକ୍ରମ କରିବା ପାଇଁ ସର୍ବସମ୍ମତି କ୍ରମେ ସଦସ୍ୟ ମାନଙ୍କ ଦ୍ୱାରା ନିଷ୍ପତ୍ତି ନିଆ ଯାଇଅଛି। ଏହି ବୈଠକରେ ମାନ୍ୟବର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, କରୁଣାକର ପଣ୍ଡା, ଚନ୍ଦ୍ର ଶେଖର ନନ୍ଦ, ମନୋରଞ୍ଜନ ବେହେରା, ମାରତଣ୍ଡ ମହାପାତ୍ର, ବିଜେପିର ସମସ୍ତ ମଣ୍ଡଳ ସଭାପତି ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଚାଷୀ ମୁହଁରେ ହସ ଆଣୁଛି କଳିଙ୍ଗରାଜ ଚାଷ




**ଝାରସୁଗୁଡ଼ା,୯।୧୦(ସଂଚାର ବ୍ୟୁରୋ):** ଦୃଢ଼ ଇଛାଶକ୍ତି ଥିଲେ ଜଟିଳରୁ ଜଟିଳ କାର୍ଯ୍ୟ ମଧ୍ୟ ସହଜ ହୋଇପାରିବ, ଯାହାକୁ ସତ୍ୟ ପ୍ରମାଣିତ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ ବଞ୍ଜାରୀ ଗ୍ରାମର ଜୟଦେବ ବିଶ୍ୱାଳ। ଚାଷ କେବଳ ଜୀବିକା ନୁହେଁ, ଏହା ଏକ ସ୍ୱାବଲମ୍ବୀ ଓ ସମୃଦ୍ଧିମୟ ଜୀବନ ପାଇଁ ସାଧନ ହୋଇପାରେ ବୋଲି ଉଦାହରଣ ସୃଷ୍ଟି କରିଛନ୍ତି ଶ୍ରୀଯୁକ୍ତ ବିଶ୍ୱାଳ। ଜଣେ ସଫଳ ଚାଷୀ ଭାବରେ ବର୍ତ୍ତମାନ ସେ ନିଜ ତଥା ଆଖପାଖ ଅଞ୍ଚଳର ଅନେକ ଚାଷୀଙ୍କ ପାଇଁ ପ୍ରେରଣାଦାୟକ ନାୟକ ହୋଇପଡ଼ିଛନ୍ତି। ନିଜ ପାଖରେ ଥିବା ୧୬ ଏକର ଜମିରେ ମକା, ପୋଟଳ, ବାଇଗଣ, ବିଭିନ୍ନ ପ୍ରକାର ପନିପରିବା, ଫଳ (କଦଳୀ, ଆମ୍ବ) ଚାଷ କରିବା ସହିତ ଅଧିକାଂଶ ଜମିରେ ସେ ଧାନ ଚାଷ କରୁଛନ୍ତି। ଅଧିକ ଉପ୍ତାଜନକ୍ଷମ ହେବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା ଦ୍ୱାରା ଆୟୋଜିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହି ତାଲିମ କେନ୍ଦ୍ରରେ ଉନ୍ନତ ମାନର ମକା ଚାଷ ପ୍ରଣାଳୀକୁ ନେଇ ଆଲୋଚନା ସମୟରେ ଶ୍ରୀଯୁକ୍ତ ବିଶ୍ୱାଳ ମକା ଚାଷ ପ୍ରତି ଆଗ୍ରହ ଦେଖାଇଥିଲେ। ତାଙ୍କ ଆଗ୍ରହକୁ ଅଗ୍ରାଧିକାର ଦେବା ସ୍ୱରୂପ ବୈଜ୍ଞାନିକମାନେ 'କଳିଙ୍ଗରାଜ' ଚାଷ ପଦ୍ଧତି ସମ୍ବନ୍ଧୀୟ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରିଥିଲେ। କେବଳ ସେତିକି ନୁହେଁ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଓ ପ୍ରଚାରିତ ଏହି କିସମର ବିହନ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା ବୈଜ୍ଞାନିକମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ଓ ସମର୍ଥନ ପାଇ ସେ ୨ ଏକର ଜମିରେ 'କଳିଙ୍ଗରାଜ' ମକା ଚାଷ କରି ଏହି ଉତ୍ପାଦନର ଲାଭ ଉଠାଇଛନ୍ତି। ପୂର୍ବରୁ ସ୍ଥାନୀୟ ବଜାରରୁ କିଣିଥିବା ମକା ତଥା ସ୍ୱଂୟ ସଂରକ୍ଷିତ ବିହନ ଚାଷ କରି ଉତ୍ପାଦନ ଓ ଆୟ କମ ପାଉଥିଲେ। କିନ୍ତୁ କୃଷି ବିଜ୍ଞାନ କେନ୍ଦ୍ର ଝାରସୁଗୁଡ଼ା ପକ୍ଷରୁ ସାହାଯ୍ୟ, ସହଯୋଗ ଓ ତାଲିମ ପାଇଁ 'କଳିଙ୍ଗରାଜ' ମକା ଚାଷରୁ ସେ ବର୍ଷକୁ ମୋଟ ୨ ଲକ୍ଷ ୩୦ ହଜାର ଟଙ୍କା ପାଉଥିବାବେଳେ ୧ ଲକ୍ଷ ୧୨ ହଜାର ଟଙ୍କା ଲାଭ କରୁଛନ୍ତି। ଉନ୍ନତ ପ୍ୟାକେଜ୍ ଓ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ଯୋଗୁଁ ତାଙ୍କ ଆୟ ବୃଦ୍ଧି ପାଇଛି। ପ୍ରାୟ ୪ଟି ଗ୍ରାମର ଚାଷୀମାନଙ୍କୁ ସେ ମକା ଚାଷ ସମ୍ବନ୍ଧୀୟ ନିଜ ଅଭିଜ୍ଞତା ବାଣ୍ଟିବା ସହିତ ଆୟ କିଭଳି ଦ୍ୱିଗୁଣିତ ହୋଇପାରିବ ସେ ନେଇ ସମ୍ୟକ ଜ୍ଞାନ ପ୍ରଦାନ କରୁଛନ୍ତି। ଉନ୍ନତ ପ୍ୟାକେଜ, ନୂତନ ପଯୁକ୍ତିବିଦ୍ୟା ଓ ଜ୍ଞାନ କୌଶଳ ବିଷୟରେ ଅଧିକ ଜାଣିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ସହିତ ଯୋଗାଯୋଗ କରିବାକୁ ପ୍ରେରିତ କରୁଛନ୍ତି। ସେ ବିଭିନ୍ନ ଫସଲ ଓ ବଗିଚା ପରିଚାଳନା ପାଇଁ ପ୍ରତିଦିନ ଜଣଙ୍କୁ ନିୟୋଜିତ କରୁଛନ୍ତି। ଫସଲ ଉତ୍ପାଦନ ବିଶେଷକରି ଧାନ ଓ ମକା ଚାଷ ସମୟରେ ପ୍ରତିବର୍ଷ ଶ୍ରମ ଦିବସରେ ୨୩୦ରୁ୨୪୦ ଜଣଙ୍କୁ ନିୟୋଜିତ କରୁଛନ୍ତି। ଯାହାଦ୍ୱାରା ସେ କେବଳ ନିଜ ପାଇଁ ନୁହେଁ ବରଂ ସ୍ଥାନୀୟ ଅଞ୍ଚଳର ଆର୍ଥିକ ପ୍ରଗତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି କହିଲେ ଭୁଲ ହେବ ନାହିଁ।

# ସୁବର୍ଣ୍ଣପୁରରେ ୫୫ତମ ଗଜଲକ୍ଷ୍ମୀ ପୂଜା



**ସୁବର୍ଣ୍ଣପୁର,୯।୧୦(ସଂଚାର ବ୍ୟୁରୋ):** ସୋନପୁର ସହରର ଘୋଡାଘାଟପଡାଠାରେ ଚଳିତ ବର୍ଷ ୫୫ ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କର୍ତ୍ତା ଭାବରେ ହିମାଂଶୁ ଶେଖର ଶତପଥୀ ସପତ୍ନିକ କାର୍ଯ୍ୟ ତୁଲାଇ ଥିବା ବେଳେ ପୂଜକ ରାଧେଶ୍ୟାମ ପୁରୋହିତ କାର୍ଯ୍ୟଭାର ତୁଲାଇଥିଲେ। ଏହି ଅବସର ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗତକାଲି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା କାଲି ୧୦ ତାରିଖ ଶୁକ୍ରବାର ଦିନ ପ୍ରଖ୍ୟାତ କଣ୍ଠ ଶିଳ୍ପୀ ଅନନ୍ୟା ଏବଂ ଶ୍ରୀତମ ନନ୍ଦ ଙ୍କ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏବଂ ୧୨ ତାରିଖ ଦିନ ଭସାଣି ଉତ୍ସବରେ ଘଣ୍ଟ, ଦୂଲ୍ ଦୁଲି, ବାଘ ନାଚ, ଆଦିବାସୀ ନୃତ୍ୟ, କରମା ନାଚ ସହ କଲିକତା ର ଡ଼ାନ୍ସ ଗ୍ରୁପ ସାମିଲ ହେବା ସହ ଧୁମ ଧାମ ରେ ଭସାଣୀ ଉତ୍ସବ ହେବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ସଭାପତି ଭାବେ ସତ୍ୟଜିତ ସାହୁ, ଉପ-ସଭାପତି ତ୍ରିଲୋଚନ ପାଣିଗ୍ରାହୀ, ସମ୍ପାଦକ ତାପସ ରଞ୍ଜନ ମହାନ୍ତି, ସହ ସମ୍ପାଦକ ଆଶିଷ କୁମାର ନାୟକ, କୋଷାଧ୍ୟକ୍ଷ ଶଶୀଭୂଷଣ ପାଣିଗ୍ରାହୀ, ସାଂସ୍କୃତିକ ସମ୍ପାଦକ ପଦ୍ମଲୋଚନ ମହଲା ଦାୟିତ୍ୱ ଭାର ସମ୍ଭାଳିଥିବା ବେଳେ ଉପଦେଷ୍ଟା ମଣ୍ଡଳୀ ରେ ଶ୍ରୀବତ୍ସ ମଲ୍ଲିକ, ଭାରତ ଭୂଷଣ ଦାଶ, ସୋମନାଥ ସାହୁ, ସୁଧୀର ପଣ୍ଡା, ସୁମିତ ପୁଜାହରୀ, ରିକୁନ ବକ୍ସି, ଜୟକୃଷ୍ଣ ପଟ୍ଟନାୟକ, ଆକାଶ ବିଦ୍ୟାଧର, ରାଜା ପଣ୍ଡା ପ୍ରମୁଖ ପ୍ରମୁଖ ସକ୍ରିୟ ସଦସ୍ୟ ରହିଛନ୍ତି ।

## ଅମିୟ ବିଜେଡିର ସେଣ୍ଟ୍ରାଲ ଜୋନ୍ ସୋସିଆଲ ମିଡିଆ ସଂଯୋଜକ



**ସୁବର୍ଣ୍ଣପୁର,୯।୧୦(ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ୫ଟି ଜୋନ ଓ ୩୧ଟି ଜିଲ୍ଲା ସାଙ୍ଗଠନିକ ସୋସିଆଲ ମିଡ଼ିଆ ସଂପାଦକ ଙ୍କ ନାମ ପ୍ରକାଶ ପାଇଛି। ସେହି କ୍ରମରେ ସୁବର୍ଣ୍ଣପୁର ର ଉଦିୟମାନ ଯୁବନେତା ଅମିୟ ରଞ୍ଜନ ଦାଶ ଙ୍କୁ ବୌଦ୍ଧ, ସୁବର୍ଣ୍ଣପୁର, କନ୍ଧମାଳ, ଢେଙ୍କାନାଳ, ଅନୁଗୁଳ, ବଲାଙ୍ଗୀର ପାଇଁ ସୋସିଆଲ ମିଡିଆ ସଂଯୋଜକ ଭାବରେ ମନୋନୀତ କରାଯାଇଥିବାରୁ ସେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ କୃତଜ୍ଞତା ଜଣାଇବାସହ ଏହି କମିଟିର ଆବାହକ ଡ଼. ଅମର ପଟ୍ଟନାୟକ, ରାଜ୍ୟ ସମ୍ପାଦକ (ଯୁବ ବ୍ୟାପାର) ଶ୍ରୀ ଅମରେଶ ପତ୍ରୀ ସମସ୍ତ ବରିଷ୍ଠ କର୍ମକର୍ତ୍ତା ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର



**ଅନୁଗୁଳ,୯।୧୦(ସଂଚାର ବ୍ୟୁରୋ):** ଅନୁଗୁଳ ସହର ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥର ପିଟିସି ଫାଟକ ସମ୍ମୁଖରେ ଗୁରୁବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ, ଆଠମଲ୍ଲିକ ଅଞ୍ଚଳର ବଳଭଦ୍ର ବେହେରାଙ୍କ ପୁଅ ପ୍ରଦୀପ ବେହେରା(୩୦)। ଗୁରୁତର ଦ୍ୱୟ ସାଉବଲଣ୍ଡ ଅଞ୍ଚଳର ରାକେଶ ବେହେରା ଓ ସୁମିତ୍ ସାହୁଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ, ମୃତ ପ୍ରଦୀପ ଏକ ବାଇକରେ ଅନୁଗୁଳ ସହର ପଟୁ କାଳଗକୁ ଛକ ଆଡ଼କୁ ଯାଉଥିଲେ । ପିଟିସି ଫାଟକ ସାମ୍ନାରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଉଭୟ ପକ୍ଷର ୩ ଜଣ ଯାକ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଏଠାରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ ।

## ରାବଣ ପୋଡି ଉତ୍ସବ ପାଳିତ



**ନୀଳଗିରି,୯।୧୦(ସଂଚାର ବ୍ୟୁରୋ):** ଅସତ୍ୟ ଉପରେ ସତ୍ୟର ବିଜୟ। ଅନ୍ୟାୟ ଉପରେ ନ୍ୟାୟର ବିଜୟ ସ୍ୱରୂପ ଦେଶରେ ପାଳନ ହୋଇଥାଏ ରାବଣ ପୋଡ଼ି କାର୍ଯ୍ୟକ୍ରମ। ଏହି କ୍ରମରେ ହଜାର ହଜାର ଜନସମାଗମ ମଧ୍ୟରେ ସାର୍ବଜନୀନ ରାବଣ ପୋଡି ଉତ୍ସବ ପାଳିତ ହୋଇଯାଇଛି। ବରହମପୁର ଷ୍ଟାଡିୟମରେ ପଡ଼ିଆ ପରିସରରେ ରାବଣ ପୋଡ଼ି ଉତ୍ସବ ଗତ ବୁଧବାର ସନ୍ଧ୍ୟା ୯ ଘଟିକା ରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ମୁଖ୍ୟ ବକ୍ତା ଫ୍ରାନସିସ ବେକନ ସ, ସମ୍ମାନିତ ଅତିଥି ଭାବେ ଦେବାଶିଷ ଆଚାର୍ଯ୍ୟ, ରାବଣ ପୋଡି କମିଟିର ସଦସ୍ୟ ରାଜୀବ ଲୋଚନ ଚୌଧୁରୀ, ବରିଷ୍ଠ ସଦସ୍ୟ କୈଳାଶ ପାତ୍ର, ଟୁନା ମିଶ୍ର, ହେମେନ୍ଦ୍ର ବେହେରା, ମାନସ ମିଶ୍ର, ମାର୍ତ୍ତଣ୍ଡ ମହାପାତ୍ର ପ୍ରମୁଖ ମଂଚାସୀନ ଥିଲେ। ବୁଢ଼ା ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ।



ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ବାଗଲପୁର ଗ୍ରାମରେ ଗଜଲକ୍ଷ୍ମୀ ଙ୍କ ପୂଜା ଅନୁଷ୍ଠିତ ହେଉଛି। ଏହି ପୂଜା ୨୦ବର୍ଷରେ ପହଞ୍ଚିଛି। ମାଆ ଙ୍କ ଦର୍ଶନ ଲାଗି ଗ୍ରାମବାସୀ ଙ୍କ ଭିଡ ଜମୁଛି। କୁମାର ପୂର୍ଣ୍ଣିମା ଠାରୁ ଏହି ପୂଜା ୫ଦିନ ଧରି ଚାଲିଥାଏ। ବିଧି ଅନୁଯାୟୀ ମାଆ ଙ୍କ ପାଖରେ ସକାଳୁ ବାଳଭୋଗ, ଆଳତି ସହ ଅନ୍ୟାନ୍ୟ ନୀତିକାନ୍ତି ମଧ୍ୟ ବିଧି ରହିଛି। କର୍ତ୍ତା ଭାବେ କୁଞ୍ଜ ବିହାରୀ ସ୍ୱାଇଁ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି।

## ବିଭିନ୍ନ ସ୍ଥାନରେ ଉତ୍କଳମଣୀଙ୍କ ଜୟନ୍ତୀ ପାଳିତ

**ନାଉଗାଁ,୯।୧୦(ସଂଚାର ବ୍ୟୁରୋ):** ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଜନ୍ମୋତ୍ସବ ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ପାଳନ କରାଯାଇଛି। ଏହି ଅବସରରେ ନାଉଗାଁ ବଜାରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଭୂମିହୀନ ସ୍ୱାର୍ଥ ସୁରକ୍ଷା ସଂଗ୍ରାମ କମିଟିର ସଦସ୍ୟ ସୁବାସ ସ୍ୱାଇଁ, ଅଶୋକ ସ୍ୱାଇଁ, କୈଳାସ ପରିଡ଼ା, ସାର୍ଥକ ପରିଡ଼ା, କାହ୍ନୁ ଚରଣ ଭୋଇ, ବସନ୍ତ କୁମାର ଦାସ, ନୃସିଂହ କାଣ୍ଡୀ, ସମାଜସେବୀ ଗୌରାଙ୍ଗ ସ୍ୱାଇଁ ଆଦି ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ କୋକିଡିହସ୍ଥିତ ଚଗଲାଦାସ ମଠରେଏକ ସାଧାରଣ ସଭାର ଆୟୋଜନ କରିଥିଲେ। ଉକ୍ତ ସଭାରେ ଗୋପବନ୍ଧୁଙ୍କର ସରଳ, ନିରାମୟ, ଦେଶ ପାଇଁ ତ୍ୟାଗପୂତ ଜୀବନ ବିଷୟରେ ଆଲୋକପାତ କରାଯାଇଥିଲା। ସେହିପରି ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା।

● ବିଶମୁଣ୍ଡ ବୁଢ଼ାରଜାଙ୍କ ବାର୍ଷିକ ଉତ୍ସବ ଆରମ୍ଭ

## କଳସ ଯାତ୍ରାରେ ସାମିଲ୍ ହେଲେ ସହସ୍ରାଧିକ ଶ୍ରଦ୍ଧାଳୁ



**ଲାଞ୍ଜିଗଡ଼,୯।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଉପାନ୍ତ ପାହାଡ଼ପଦର ପଞ୍ଚାୟତ ସାକଡିଂ ଗୁମ୍ଫାରେ ବିଶମୁଣ୍ଡ ବୁଢ଼ାରଜାଙ୍କ ବାର୍ଷିକ ଉତ୍ସବ ପାଇଁ ଭବ୍ୟକଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଠାକ୍ରରୁ ଶନିବାର ପର୍ଯ୍ୟନ୍ତ ତିନି ଦିନଧରି ସାକଡିଂ ଗୁମ୍ଫାରେ ବିଶମୁଣ୍ଡ ବୁଢ଼ାରଜାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଥମ ଦିନରେ ବିଶମୁଣ୍ଡ ବୁଢ଼ାରଜାଙ୍କ କଳସ ଶୋଭାଯାତ୍ରାରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମେତ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାର ହଜାର ହଜାର ମହିଳା ଓ ଆବାଳବୃଦ୍ଧବନିତା କଳସ ଯାତ୍ରାରେ ସାମିଲ ହୋଇଥିଲେ। ପୂର୍ବ କାଳରୁ ଲୋକଙ୍କ ବିଶ୍ୱାସଯେ'ପ୍ରଭୁ ବିଶମୁଣ୍ଡ ବୁଢ଼ାରଜାଙ୍କ ପାଖରେ ଯାହାବି ମାନସୀକ କରାଯାଇଥାଏ ତାହା ପୂର୍ଣ୍ଣ ହୋଇ ଥାଏ ବୋଲି ଜିଲ୍ଲା ତଥା ଜିଲ୍ଲା ବାହାରୁ ମଧ୍ୟ ଭକ୍ତଙ୍କ ଭିଡ଼ ପ୍ରତିବର୍ଷ ଦେଖିବାକୁ ମିଳିଥାଏ। ପାହାଡ଼ପଦର ବୁଢ଼ାରଜା ପୂଜାକମିଟି ଆନୁକୂଲ୍ୟରେ ହେଉଥିବା ଚଳିତ ବର୍ଷ ପୂଜା ଗୁରୁବାର ପ୍ରାରମ୍ଭ ହୋଇ ଶନିବାର ଦିନରେ ପୂର୍ଣ୍ଣାହୁତି ହେବ। ପୂଜା ପାଇଁ ଗାଁ ତଥା ଆଖପାଖ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ଲୋକଙ୍କ ମଧ୍ୟରେ ଉତ୍ସବମୁଖର ଦେଖିବାକୁ ମିଳିଥାଏ।ବିଶମୁଣ୍ଡ ବୁଢ଼ାରଜା ପୂଜାକମିଟି ସଭାପତି ଜଗଦୀଶ ବେନିଆଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କଳସ ଶୋଭାଯାତ୍ରାରେ ମୁଖ୍ୟ ଅଥିତି ଭାବେ ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝୀ ଯୋଗଦେଇଥିଲେ।

## ସେବା ଓ ତ୍ୟାଗର ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ



**ବେତନଟୀ,୯।୧୦(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଉପକଣ୍ଠ ବାହାନଡା ଗ୍ରାମ ଠାରେ ଆଜକୁ ୩ ବର୍ଷ ତଳେ ପ୍ରତିଷ୍ଠିତ ହୋଇଥିବା ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କ ଜନ୍ମଜୟନ୍ତୀ ଉପଲକ୍ଷେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଶିଷ୍ଟ ବକ୍ତାଗଣ ଗୋପବନ୍ଧୁଙ୍କ ତ୍ୟାଗ ଓ ସେବାର ପଟାନ୍ତର ନାହିଁ ବୋଲି ପ୍ରକାଶ କରିଥିଲେ। ଆୟୋଜକ ବାହାନଡା ଗୋପବନ୍ଧୁ ସ୍ମୃତି କମିଟିର ସଭାପତି କମଳାକାନ୍ତ ନାୟକଙ୍କ ସଭାପତିତ୍ୱରେ ଏବଂ ସଂପାଦକ ବିମଳ କୁମାର ଜେନାଙ୍କ ସଂଯୋଜନା ରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପଦୀପ ଦାନ ପରେ ସର୍ବଶ୍ରୀ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ରବୀନ୍ଦ୍ରନାଥ ମିଶ୍ର, ଲକ୍ଷ୍ମୀଧର ନାୟକ ଙ୍କ ସହିତ ଅନେକ ବାହାନାଡ଼ା ଗ୍ରାମବାସୀ ଓ କମିଟି ସଦସ୍ୟ ଉପସ୍ଥିତ ଥାଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରିଶେଷରେ ସମାଜ ସମ୍ବାଦଦାତା ଅରୁଣ କୁମାର ଓଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଙ୍ଗଦାହାଟରେ ମା'ଦୁର୍ଗାଙ୍କ ଭସାଣୀ ଉତ୍ସବ

**ନାଉଗାଁ,୯।୧୦(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାହାଟରେ ମା'ଦୁର୍ଗାଙ୍କର ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଡେରିକି ଧାନମଣ୍ଡି ଠାରୁ ବାଣ, ବାଜା ଓ ସୁସଜ୍ଜିତ ଆଲୋକମାଳା ସହ ଭାଲୁ ନାଚ ସହିତ ଶୋଭାଯାତ୍ରାରେ ଧୂଆଁପଦା ନାରାୟଣୀ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା। ପରେ ଉକ୍ତ ମୂର୍ତ୍ତିକୁ ଗୋବରୀ ନଦୀରେ ବିସର୍ଜନ କରାଯାଇଥିଲା। ଏହି ଭସାଣୀ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ମା' ଦୁର୍ଗାପୂଜା ଓ ବଜାର କମିଟିର ସଭାପତି ନରେଶ ସେଠୀ, ସମ୍ପାଦକ ବିବେକାନନ୍ଦ ବାରିକ, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ବିଶ୍ୱାଳ, ସଦସ୍ୟ ଉମେଶ ବିଶ୍ୱାଳ, ପବିତ୍ର ପଣ୍ଡା, ପ୍ରଶାନ୍ତ ଦଳାଇ, ରଶ୍ମୀରଞ୍ଜନ ତ୍ରିପାଠୀ, ରଞ୍ଜିତ ଜେନାଙ୍କ ସମେତ ସମସ୍ତ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବାଙ୍ଗିରିପୋଷୀ-ବିଶୋଇ ରାସ୍ତାରେ ଆଜିଠୁ ଭାରୀଯାନ ଚଳାଚଳ ଉପରେ କଟକଣା

**ବାରିପଦା,୯।୧୦(ସଂଚାର ବ୍ୟୁରୋ):** ଜାତୀୟ ରାଜପଥ-୪୯ ହେଉଛି ଭାରତର ଏକ ପ୍ରାଥମିକ ଜାତୀୟ ରାଜପଥ ଏବଂ ଏହି ରାଜପଥ ଭାରତୀୟ ରାଜ୍ୟ ଛତିଶଗଡ଼ର ବିଳାସପୁରରୁ ପଶ୍ଚିମବଙ୍ଗର ଖଡ଼ଗପୁର ପର୍ଯ୍ୟନ୍ତ ଚାଲିଛି (ବିଳାସପୁର ନିକଟରେ ଥିବାଏନ ଏଚ ୧୩୦ରୁ ଆରମ୍ଭ ହୋଇ ଏହା ପଶ୍ଚିମବଙ୍ଗର ଖଡ଼ଗପୁର ନିକଟରେ ଥିବା ଏନ ଏଚ ୧୬ ରେ ଶେଷ ହେଉଛି) ଏବଂ ପୂର୍ବରୁ ଏହା ଏନ ଏଚ -୬ (ମୁମ୍ବାଇ-କୋଲକାତା ରାସ୍ତା) ଥିଲା। ଯେହେତୁ, ବାଙ୍ଗିରିପୋଷୀ ଘାଟି (ଦ୍ୱାରସୁଣୀ ଘାଟି) ଏନ ଏଚ -୪୯ର ଏକ ଅଂଶ ଯାହା ବାଙ୍ଗିରିପୋଷୀରୁ ଆରମ୍ଭ ହୋଇ ରାଜାବାସା (ବିଶୋଇ ପାର୍ଶ୍ୱ) ପର୍ଯ୍ୟନ୍ତ ପ୍ରାୟ ୯ କିଲୋମିଟର ଲମ୍ବ ଏବଂ ରାସ୍ତା ମଝିରେ ଏକ ପ୍ରସିଦ୍ଧ ଶକ୍ତି ମନ୍ଦିର, ଦ୍ୱାରସୁଣୀ ମନ୍ଦିର ରହିଛି। ଯେହେତୁ, ଦ୍ୱାରସୁଣୀ ଘାଟର ବାଙ୍ଗିରିପୋଷୀରୁ ବିଶୋଇ ପର୍ଯ୍ୟନ୍ତ ୯ କିଲୋମିଟର ରାସ୍ତା ସଂକୀର୍ଣ୍ଣ ଏବଂ ଖାଲଖମାଯୁକ୍ତ ହୋଇଥିବାରୁ ଯାତ୍ରୀମାନଙ୍କ ପାଇଁ ଏକ ବିପଜ୍ଜନକ ଅଞ୍ଚଳରେ ପରିଣତ ହୋଇଛି। ଯେହେତୁ, ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ଏନଏଚ -୪୯କୁ ୪ଲେନ୍ ରାସ୍ତାରେ ଚଉଡା ଏବଂ ଉନ୍ନତ କରୁଛି ଯାହାକି ବିଶୋଇ, ଏନ.ଏଚ ସବ୍-ଡିଭିଜନ୍, ବାଙ୍ଗିରିପୋଷୀର ଅଧୀନରେ ଅଛି।

## ଠେଙ୍ଗାରେ ପିଟି ପିଟି ଭିକ୍ଷୁକଙ୍କୁ ହତ୍ୟା ଅଭିଯୋଗ

**ଭଞ୍ଜନଗର,୯।୧୦(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଅନ୍ତର୍ଗତ ଗୋଛା ପଞ୍ଚାୟତ ସ୍ୱର୍ଗଦ୍ୱାର ଗାଁରେ ଅମାନୁଷିକ ଘଟଣା । ଜଣେ ଅର୍ଦ୍ଧ ପାଗଳ ଭିକ୍ଷୁକଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ । ମୃତକ ଧରାକୋଟ ବ୍ଲକ୍ ସିଙ୍ଗପୁର ଗ୍ରାମର ଶିଶିର ମୁନି (୫୫ ବର୍ଷ) ବୋଲି ଜଣାପଡ଼ିଛି। ପୁଲିସ ୨ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି । ସୂଚନା ମୁତାବକ, ମୃତ ବୃଦ୍ଧ ଜଣକ ଅର୍ଦ୍ଧ ପାଗଳ ଓ ସେ ଭିକ୍ଷା ବୃତ୍ତି କରୁଥିଲେ। ବୁଧବାର ବିଳମ୍ବିତ ରାତିରେ କିଛି ମଦ୍ୟପ ଭିକାରୀଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିଲେ । ଗୁରୁବାର ଭୋରୁ ସ୍ଥାନୀୟ ଲୋକ ସୂଚନା ଦେବା ପରେ ଘଟଣାସ୍ଥଳରେ ସୋରଡ଼ା ପୁଲିସ ପହଞ୍ଚି ମୃତଦେହକୁ ଜବତ କରିଛି । ଏହା ସହ ଦୁଇ ଜଣଙ୍କୁ ଥାନାରେ ରଖି ପଚରା ଉଚରା କରୁଥିବା ନେଇ ସୂଚନା ମିଳିଛି । ହେଲେ କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ପାଳିତ

**କଣାସ,୯।୧୦(ସଂଚାର ବ୍ୟୁରୋ):** କଣାସ ବ୍ଲକ ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱାଚ୍ଛା ସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରି•ଳିତ କଲ୍ୟାଣି ପ୍ରକଳ୍ପ (ନିରାଶ୍ରୟ, ମାନସୀକ, ଅସୁସ୍ଥ ବ୍ୟକ୍ତିଙ୍କ ଆଶ୍ରୟସ୍ଥଳି)ରେ ଆଜି ବିଶ୍ୱ ମାନସୀକ ସ୍ୱାସ୍ଥ୍ୟ ସପ୍ତାହର ଷଷ୍ଠ ଦିବସ ଉପଲକ୍ଷେ ଅନୁଷ୍ଠାନ ପରିସରରେ ରହୁଥିବା ୫୯୫ଜଣ ପୁରୁଷ ଓ ମହିଳା ଅନ୍ତେବାସୀମାନଙ୍କୁ ନେଇ ଏକ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀନୃସିଂହଦେବ ଆଞ୍ଚଳିକ ପରିଷଦର ସମ୍ପାଦିକା ମମତା ମିଶ୍ର, ସୋସିଆଲ କାଉସିଲର କୈଳାସ ଚନ୍ଦ୍ର ଦାସ, ସୌମ୍ୟଜିତ୍ ଦାସ, ଦୟାବିହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତ ଚନ୍ଦ୍ର ପ୍ରଧାନ, ଦୟାବିହାର ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ବିଶ୍ୱାଳ, ଜିତେନ୍ଦ୍ର କୁମାର ହରିଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ମାନସୀକ ସ୍ୱାସ୍ଥ୍ୟର କିପରି ଭାବେ ଯତ୍ନ ନେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ଏହି କାର୍ଯ୍ୟକ୍ରମ ଉପରେ ସୁନ୍ଦର ଭାବେ ବକ୍ତବ୍ୟ ଦେଇଥିଲେ। ପ୍ରକଳ୍ପ ସଂଯୋଜକ କୃଷ୍ଣଚନ୍ଦ୍ର ନିଶଙ୍କ ମାନସୀକ ସ୍ୱାସ୍ଥ୍ୟ ସପ୍ତାହ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରକଳ୍ପ ପରାମର୍ଶଦାତା ସୁଜାତା ବେହେରା ମଞ୍ଚ ପରିଚାଳନା କରିଥିଲେ।

# ସରକାରୀ ଗୃହରେ ଚାଲିଛି ବିସ୍ଫୋରକ କାରବାର



**ବୈଶିଙ୍ଗା,୯।୧୦(ସଂଚାର ବ୍ୟୁରୋ):** ନୈଶିଙ୍ଗା ଥାନା ଅନ୍ତର୍ଗତ ବାଛୁରିପଡା ଗ୍ରାମରେ ଗତ ୫ ତାରିଖ ଦିନ ୧୧ଘଟିକା ସମୟରେ ଭୟଙ୍କର ବାଣ ବିସ୍ଫୋରଣ ହେବା ଯୋଗୁଁ ଗୋଟିଏ ପରିବାରର ୪ ଜଣ ଆହତ ହୋଇଥିଲେ। ପରଦିନ ୬ ତାରିଖ ଗୁରୁତର ଆହତ ଅନୀଲ ସାହୁ ଙ୍କ କଟକରେ ଜରୁରୀକାଳୀନ ବିଭାଗରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇ ଯାଇଥିଲା। ମାତ୍ର ରୋଚକ ଖବର ହେଉଛି ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ ହେଉଥିବା ବନ ସୁରକ୍ଷା ସମିତି ଗୃହ ରୁ ୩୫ ବସ୍ତା ବାଣ କୁ ବୈଶିଙ୍ଗା ପୋଲିସ ଜବତ କରିବା। ଏହି ଘଟଣା କୁ ନେଇ ପୋଲିସ ତରଫରୁ ବିଧିବଦ୍ଧ ତଦନ୍ତ କରାଯାଇ ପ୍ରକୃତ ଦୋଷି ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ପାଇଁ ସାମ୍ବାଦିକ ବିମଳେନ୍ଦୁ ମହାପାତ୍ର ଆଜି ଏକ ଅଭିଯୋଗ ଫର୍ଦ୍ଦ ବୈଶିଙ୍ଗା ଥାନାରେ ଦାଖଲ କରିଛନ୍ତି।ଏ ନେଇ ୫୦୫/୨୫ ମୂଳେ ମାମଲା ସହିତ ଜଡିତ କରାଯାଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତର ବାଛୁରିପଡ଼ା ଗ୍ରାମ ରେ ଆଠ ଲକ୍ଷ ପଚାଶ ହଜାର ଟଙ୍କା ବ୍ୟୟରେ 'ବନ ସୁରକ୍ଷା ସମିତି' ନାମରେ ନିର୍ମାଣ ହେଉଥିବା ଫଳକରେ ଦର୍ଶାଯାଇଛି। ଏହାର କାର୍ଯ୍ୟାଦେଶ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ସାହୁଙ୍କ ନାମରେ ଥିବା ବିଡିଓ ଶୁଶାନ୍ତ ସୁତାର ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟଶ୍ରୀ ଭୋଇ ପ୍ରକାଶ କରିଥିଲେ। ତେବେ ଘରର କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନଥିବାରୁ ବନ ସୁରକ୍ଷା ସମିତି କୁ ହସ୍ତାନ୍ତର କରାଯାଇ ନଥିବା କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ସାହୁ ପ୍ରକାଶ କରିଥିଲେ। ମାତ୍ର ଏହି ସରକାରୀ ଗୃହରେ କେମିତି ଓ କାହିଁକି ଏତେ ପରିମାଣରେ ବେଆଇନ ବାଣ ଲୁଚାଇ ରଖା ଯାଇଥିଲା ସେ ବିଷୟରେ ଗ୍ରାମବାସୀ ଙ୍କ ମତାମତ ଜାଣିବା ରେ ସେମାନେ ଲୋମ ଟାଙ୍କୁରା ତଥ୍ୟ ପ୍ରକାଶ କରିଛନ୍ତି।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ



**ବାଲିଆପାଳ,୯।୧୦(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତର କୁମ୍ଭାରୀ ଗ୍ରାମରେ ଗୌରାଙ୍ଗ ଭୂୟାଁ ଙ୍କ ପୁଅ ରତିକାନ୍ତ ଭୂୟାଁ (୪୦) ଙ୍କର ଗୁରୁବାର ଅପରାହ୍ନରେ ରେ ବଜ୍ରପାତରେ ମୃତ୍ୟୁ ଘଟିଛି। ସୁଚନା ଅନୁସାରେ ରତିକାନ୍ତ ଅପରାହ୍ନ ତିନିଟା ସମୟରେ ବିଲକୁ ଔଷଧ ପକାଇବା ପାଇଁ ଯାଇ ଥିଲେ। ରାତି ହେବାରୁ ଘର ଲୋକ ଖୋଜାଖୋଜି କରିବା ପରେ ମିଳିନଥିଲେ।ପରେ ଗ୍ରାମବାସୀ ମାନେ ମଧ୍ୟ ଖୋଜିଥିଲେ। ରାତି ଆଠଟା ସମୟରେ ବିଲରୁ ତାଙ୍କ ମୃତ ଦେହ ଉଦ୍ଧାର କରାଯାଇ ବାଲିଆପାଳ ଗୋଷ୍ଟି ସ୍ୱାସ୍ଥକେନ୍ଦ୍ର କୁ ସବ ବ୍ୟବଛେଦ ପାଇଁ ଆଣିଥିଲେ

## ଅଯୋଧ୍ୟା ଓ ବାରଣାସୀ ତୀର୍ଥ ଯାତ୍ରରେ ଯିବେ ୧୯୬ ବରିଷ୍ଠ ନାଗରିକ

**ବାରିପଦା,୯।୧୦(ସଂଚାର ବ୍ୟୁରୋ):** ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ରେ ରାଜ୍ୟର ବରିଷ୍ଠ ନାଗରିକ ବିଶେଷ କରି ଯେଉଁ ମାନେ ଆର୍ଥିକ ସ୍ୱଚ୍ଛଳତା ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟା ହେତୁ ତୀର୍ଥ ଯାତ୍ରାରୁ ବଂଚିତ ହେଉଥିଲେ ସେମାନେ ବିଭିନ୍ନ ତୀର୍ଥ ସ୍ଥାନ ଦର୍ଶନ କରିବା ପାଇଁ ସୁଯୋଗ ପାଉଛନ୍ତି ଏବଂ ରାଜ୍ୟ ସରକାରଙ୍କ ଉକ୍ତ ଯୋଜନା ବରିଷ୍ଠ ନାଗରିକଙ୍କ ପାଇଁ ବେଶ ସହାୟକ ହବା ସହିତ ସେମାନଙ୍କ ମନରେ ଆନନ୍ଦ ଆଣିଦେଇପାରିଛି।ଏହି କ୍ରମରେ ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ୧୯୬ ଜଣ ବରିଷ୍ଠ ନାଗରିକ ଏହି ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇଛନ୍ତି। ଏହି ମନୋନୀତ ବରିଷ୍ଠ ନାଗରିକ ମାନେ ଚଳିତ ବର୍ଷ ୦୬-୧୧-୨୦୨୫ ରୁ ୧୨-୧୧-୨୦୨୫ ପର୍ଯ୍ୟନ୍ତ ତୀର୍ଥ ଯାତ୍ରାରେ ଅଯୋଧ୍ୟା- ବାରଣାସୀ ଯିବାକୁ ଥିବାବେଳେ ଆସନ୍ତା ୦୬-୧୧-୨୦୨୫ ତାରିଖରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କ ତରଫରୁ ତାଙ୍କ ନିଜନିଜ ବ୍ଲକରୁ ମନୋନୀତ ହୋଇଥିବା ବରିଷ୍ଠ ନାଗରିକ ମାନଙ୍କୁ ଆଣି ସକାଳ ୮ଘଟିକା ସୁଦ୍ଧା ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ପହଞ୍ଚାଇବା ବ୍ୟବସ୍ଥା କରିବେ। ତାପରେ ସକାଳ ୯ ଘଟିକା ସମୟରେ ଡାକ୍ତରୀ ପରୀକ୍ଷା କରାଯାଇ କିଛି ସମୟ ବିଶ୍ରାମ ନେବା ପରେ ଅପରାହ୍ନ ୩ଘଟିକା ସମୟରେ ବାଲେଶ୍ୱର ଅଭିମୁଖେ ବସରେ ଯାତ୍ରା କରିବେ। ବାଲେଶ୍ୱର ଠାରେ ସେହିଦିନ ରାତ୍ରି ରହଣି ପରେ ତା'ପରଦିନ ତା ୦୭-୧୧-୨୦୨୫ ରିଖ ବାଲେଶ୍ୱର ରେଳ ଷ୍ଟେସନରୁ ସ୍ୱତନ୍ତ୍ର ରେଳ ଯୋଗେ ଅଯୋଧ୍ୟା-ବାରଣାସୀ ଅଭିମୁଖେ ତୀର୍ଥ ଯାତ୍ରାରେ ବାହାରିବେ।



# ପିଲାଦିନ

## ଡ଼. ଚନ୍ଦ୍ରକଳା ନାୟକ

ମାଣ୍ଡିଆ ଓ ମହୁଲ ଫୁଲର ବାସ୍ନା
ମୋ ପିଲାଦିନ
ଆଦିବାସୀ ଜନଜାତିର ଡାକ, ମୋ ଗୀତ
ଲାଜକୁଳି ଲତାର ପରଶ
ମୋ ଶରୀରର ସିହରିତ ସ୍ପନ୍ଦନ ।
ମାଣ୍ଡିଆ ଜାଉ ଆଉଟା ବେଳରେ
ମୋ ଶୈଶବର କୁହୁତାନ
ହଳଦୀ ବନର ସୁଗନ୍ଧରେ ମୋ ଜୀବନ
କେଉଁ ଦୂର ରାଇସିଲ ପାହାଡ କୋଳେ
ମୁଗୁନି ପଥରର ଚଟାଣ ଭିତରେ
ମୁଁ ଦେଖିଛି ମୋ ପିଲାଦିନ
ବଙ୍କା ଓ ତେରଛା ଝରଣା ଗାନ ।
ସୁଗନ୍ଧ ଭରା ସେଇ ଜହ୍ନି ଫୁଲର ବାସ୍ନା
ମେଘ ମଲ୍ଲାର ଆକାଶ ତଳେ
ନୂଆଣିଆ ଆଟୁଘରଟାରେ
ସତେ ଯେମିତି କିଏ ଖୋସି ଦେଇଛି
ଲାଉ ଆଉ କଖାରୁର ମୋତି ମାଣିକ୍ୟ।
ମୁଁ ଜାଣେ ମୋ ପିଲାଦିନ
ସଦ୍ୟ ଫୁଟିଥିବା କାଶତଣ୍ଡି ପରି
ସ୍ୱଚ୍ଛ ଓ ଧବଳ ମେଘଖଣ୍ଡ
ନିର୍ମଳ ଆକାଶ ପରି ପରିବ୍ୟକ୍ତ
ସତେକି ଆଜି ସେଇ ଜହ୍ନିର ବାସ୍ନା
ପିଲାଦିନର ଅସ୍ତିତ୍ୱକୁ
ତା ସହ ମୋର ଏକଲା ପଣକୁ
ନିଃସଙ୍ଗ ଜୀବନ ସତ୍ତା ଗିତରକୁ
ଆଉ ଥରେ ପ୍ରବେଶ କରିବକି ?
ଯାହାକୁ ଭୋଗିବାକୁ ଇଛା ହୁଏ
ଆଉଥରେ, ପୁଣି ଥରେ ସବୁ ଜନ୍ମରେ ।
ଦେଖିଲ, ଏଇଠି ହଜି ଯାଇଛି
ମୋର ସେଇ ଗେହ୍ଲା ପିଲାଦିନ
ଯନ୍ତ୍ରର ଧୂଳି ଧୂଆଁ
ଆଉ ଯନ୍ତ୍ର ମଣିଷ ଭିତରେ
ବଣର ମଲ୍ଲୀବୁଦା ମୂଳେ ଅବା
ଋତୁ ବଦଳିବା ବେଳେ
ପ୍ରତିଥର ଖୋଜୁଛି
ଠିକ ସନ୍ଧାନୀ କୁକୁରଟେ ପରି
ଏଇଠି ଏଇକ୍ଷଣି ଅଛି କି ମୋ ପିଲାଦିନ ?
ସାରା ସକଳଟା ଗେହ୍ଲା ପଣରେ
ପୁରି ଉଠୁଥିବା ବେଳେ
ମୁଁ ବିହ୍ୱଳିତ ହୁଏ
ଯନ୍ତ୍ର ମଣିଷ ମାନଙ୍କ ଭିତରୁ
ଚୋରୀ କରିବାକୁ
ମୋର ସେହି ଅଫେରା ପିଲାଦିନକୁ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ**
**ମହାବିଦ୍ୟାଳୟ, ଛଡିଆ, ଯାଜପୁର**
**ମୋବାଇଲ୍: ୯୪୩୭୯୫୭୬୧୭**



# ସେଇ ଓଠ

## ଡଃ ଶୁଭେନ୍ଦୁ ମେହେର

ମୋ' ଇପ୍ସିତ ଇଚ୍ଛା ସବୁ
ଯେଉଁଠି ଅଟକି ଯାଆନ୍ତି
ତାହା ହିଁ ମୋ'ର ଅଭିଳାଷର ଐଶ୍ୱର୍ଯ୍ୟ।

ସେଇଠି ଅଛି,
ଜହ୍ନ ରାତି,
ଚୋରା ଚଇତି,
ଆଉ, ଫଗୁଣ ପାହାନ୍ତି।

ସେ' ଓଠ ଦୁଇଧାର........ଜହ୍ନ ପରି...!

ତା'ଦେହ ଦେଉଳ ଚୂଡ଼ାର
ରକ୍ତିମ ଆଭାରେ
ସୁଖ ଦୁଃଖ, ହସ କାନ୍ଦରେ
ଆୟୁଷ ବାଣ୍ଟେ ।
ମୋ ଗଜା ବୟସରେ
ନିଆଁରୁ ହିଆ ଉଡ଼ାଏ
କ୍ଷୁଧା ତୃଷାର ମଧୁର ସଙ୍ଗୀତ ଗାଏ ।
ନିଜକୁ ନିଜଠାରୁ,
ମୁକୁଳାଇ ପାରୁ ନଥିବା ସଂଜରେ
ପ୍ରୀତି ସୁରଭି ବୁଣେ।

ଯେଉଁଠି,
ବିଷ ବି' ପୀୟୂଷ ପାଲଟେ
ଷଠି ଘରୁ ସ୍ୱର୍ଗଦ୍ୱାର ଯାଏ
ବିଶ୍ୱାସରୁ ନିଃଶ୍ୱାସ ଆଉ
ଦର୍ଶନରୁ ଦଂଶନକୁ
ପୀୟୂଷରୁ ପରଶକୁ
କୁଆଁରୀ ମଧୁମାସଟେ
ଓଠ ତଳେ ଅଇଁଠା ହୋଇ
ମହ ମହ ବାସେ।

ସେ' ଓଠରୁ,
ଗୁଞ୍ଜରୀ ଉଠେ
ଧାରେ ସଲ୍ଲଜ ହସ ।
ଛାତି ଭିତରେ ତାତି ଦେଇ
ଦୋହଲାଇ ଦିଏ ମାଟିରୁ ଆକାଶ।

ସିଏ ତ'
ମୋ' ଜୀବନର ଉଦଗ୍ର ପିପାସା
ପ୍ରୀତିର କୋଣାର୍କ
ଆଉ,
ବଞ୍ଚିବାର ଜୀବନ୍ତ ଜିଜ୍ଞାସା ।।

**ଯାଲୋଏ, ସୁବର୍ଣ୍ଣପୁର**



# ଆହତ ବର୍ତ୍ତମାନ

## ଡ. ମନୋରଞ୍ଜନ ବିଷୋୟୀ

ସ୍ମୃତିରେ ବେଦନା
ସ୍ଥିତି ବିଡ଼ମ୍ବନା
ଏସବୁ ଭିତରେ
କାଳ ଗଡ଼ୁଥାଏ
କରାଳ ବେଗରେ
ତା'ଭିତରେ
ତୁମକୁ ଖୋଜେ
ମହମହ ବହଳ ଅନ୍ଧାରେ
କାଲେ ତୁମେ ଫେରିବ
ଆଞ୍ଜୁଳାଏ ପୂର୍ଣ୍ଣତା ନେଇ
ମୋ ଆହତ ବର୍ତ୍ତମାନକୁ
ହେଲେ ତୁମକୁ ଘେରିଛନ୍ତି
ସମ୍ପର୍କର ଛନ୍ଦାଛନ୍ଦି
ଯେତେକ ସ୍ୱାକ୍ଷର
ତେଣୁ ତୁମେ ନ ଫେରି
ଭୁଲିଗଲ
ଆମେ ଦେଖିଥିବା
ଯୁଗ୍ମ ଭାଗ୍ୟଫଳ।

**ଦାମୋଦରପୁର, ଗଂଜାମ**
**ମୋବାଇଲ୍: ୮୮୯୫୧୪୧୭୨୭**



# ଶରତ ଶୋଭା

## ସ୍ୱାଗତିକା ସାହୁ

ହେ ଶରତ ! ...
ଅଦ୍ୱିତୀୟ ବିନ୍ଧାଣୀର ନଇବେଦ୍ୟ ତୁମେ
ତୁମେ ପବନରେ ମୁଣ୍ଡ ଟୁଙ୍ଗାରି ହସୁଥିବା
ଧବଳ କାଶତଣ୍ଡିର ପଣତଟିଏ..!
ଶୁଭ୍ର ,ହଳଦୀ ରଙ୍ଗରେ ନିଶ୍ୱାସ ମାରୁଥିବା
ରହସ୍ୟମୟୀ ପାର୍ବଣର ସେତୁଟିଏ ତୁମେ
ତୁମେ ଅଜ୍ଞାତ ହୃଦୟର ପ୍ରୀତିଟିଏ ।

ହେ! ଶରତ ,
ଏଇ ମୋ ମନର ମଧୁ-ଯାମିନୀର
ତୁମେ ଆଖିର ସପନ
ସୁପ୍ତ ମନର ଜାଗୃତି ଗୋ ତୁମେ
ଧରା ପାଇଁ ସାଜ ଆହ୍ୱାନ।(୩)

ହେ!ଶରତ
ତୁମରି ଶବଦେ ନିନାଦିତ ଧରା
ନେଇ ମାଁ ଙ୍କ ଅଗମନିର ଝଙ୍କାର
ତୁମେ ଶଦ୍ଦର ନିଆରା ଶୃଙ୍ଗାର
କେବେ ଢାଳିଦିଅ ବାତ୍ସଲ୍ୟ ମାଁଙ୍କ
ଅନାନ୍ତିମା ଆଶିଷ ସାମିଆନା...
କେବେ ହୁଅ ପୁଣି ଉଲ୍ଲାସ ।

ହେ! ଶରତ ...
ତୁମେ ପୁଲକ ପୂରିତ ମୋହିତ ମୂର୍ଚ୍ଛନା
ତୁମେ କୁହୁକ ଜହ୍ନି ଫୁଲିଆ ରାଣୀ
ତୁମ ପାଇଁ ହସେ ପ୍ରକୃତି ରୋଷଣୀ
ପ୍ରକୃତି ଜୀବନ୍ୟାସ ଲଭେ ।

ହେ! ଶରତ ...
ତୁମରି ଆତ୍ମୀୟ ସ୍ୱରରେ
ଦିଶିଯାଏ ଲୁଚିଥିବା ନେଛାଏ ନିର୍ମଳ ଶୋଭା
ତୁମେ ଭାବନାର ନଈଟିଏ ସାଜି
ହୃଦରୁ କର ନିସୃତ ...
କୁଆଁର ପୁନେଇଁ ମଧୁ ଗୀତ ।

ହେ! ଶରତ
ଅଦମ୍ୟ ଇଛାର ଦିବ୍ୟ ପଥ ତୁମେ
ତୁମେ ଅନ୍ତରର କଥା ଶୁଣେ
ଅରଣ୍ୟ,ଗିରି କନ୍ଦର...
ତୁମେ ତ ଝରାଅ ମନେ ହାସ୍ୟରସ
ଭୁଲାଇ ଯେତେକ ଅନ୍ତର ବ୍ୟଥା ।

ହେ! ଶରତ
ପାର୍ବଣ ଦିବସରେ ତୁମ ଛନ୍ଦମୟ ପାଦ
ହୁଏ ଜାଗ୍ରତ ଗାଏ ଅନୁରକ୍ତି ମନ୍ତ୍ର
ଆବାଳ-ବୃଦ୍ଧ-ବନିତାକୁ ସତେ
ବାନ୍ଧ ଏକତାର ସୂତ୍ରରେ ।

ହେ ! ଶରତ
ତୁମ ଅନୁପମ ରୂପ କଳ୍ପନାରେ
ଭରେ ଜୀବନର ଭିତ୍ତି...
ସଜାଡେ ମଥାର ଅଲରା କେଶ
କେତେ ଅନ୍ତରଙ୍ଗ ତୁମେ ହେ ଶରତ
ଚିର ଦିନ ତୁମେ ନିଭୃତ ଆଶାର ଆଲୋକ ।

ଉମରକୋଟ,ନବରଙ୍ଗପୁର



# ହରାଅନା କେବେ ଆତ୍ମବିଶ୍ୱାସ

## କବିଭାରତୀ ବାସନ୍ତୀ ଲତା ଜେନା

ଶୃଙ୍ଖଳା ସଂଯମ ଆତ୍ମ ବିଶ୍ୱାସଟି
ଜୀବନେ ମହତ ପୂର୍ଣ୍ଣ
ବିଶ୍ୱାସରେ ଯଦି କର୍ମ କରି ଯିବ
ସଫଳ ହେବ ଜୀବନ ।ଠା

ସମସ୍ୟା ବହୁଳ ଏ ଜୀବନ ତୁମ
ଝଡ଼ ଝଞ୍ଜା ଆସେ ନିତି
ଭାଙ୍ଗି ନ ପଡିବ ସମ୍ମୁଖୀନ ହେବ
ପାଇବ ଜୀବନେ ଶାନ୍ତି
ବିଫଳତା ପାଇଁ ଧୈର୍ଯ୍ୟ ନ ହାରିବ
ନିଷ୍ଠା ବିଶ୍ୱାସ ମହାନ
ଶୃଙ୍ଖଳା ସଂଯମ..... ।୧।

ସବୁ ଭଲ କାମ ପ୍ରଶଂସା ଦିଏନା
କିଛି ତ ନିନ୍ଦୁକ ଥାନ୍ତି
ସଫଳ ହୋଇଲେ ସେ ଲୋକ କହନ୍ତି
ରଖିଲା ବଂଶର କୀର୍ତ୍ତି
ପ୍ରଶଂସା ନିନ୍ଦାକୁ ଭ୍ରୁକ୍ଷେପ ନ କରି
ଆଗେ ଚାଲ ବାଇ ମନ
ଶୃଙ୍ଖଳା ସଂଯମ..... ।୨।

ବୀର ପୁଙ୍ଗବ ଯେ ଆତ୍ମ ବିଶ୍ୱାସରେ
ଲଢ଼ି ଥାନ୍ତି ଶତ୍ରୁ ସଙ୍ଗ
ଦେଶର ସୀମାକୁ ଜଗି ରହି ଥାନ୍ତି
ଦେଶ ପାଇଁ ତାଙ୍କ ତ୍ୟାଗ
ଆତ୍ମ ବିଶ୍ୱାସରେ ଗାନ୍ଧୀ ଗୋପବନ୍ଧୁ
ଦେଶକୁ କଲେ ସ୍ୱାଧୀନ
ଶୃଙ୍ଖଳା ସଂଯମ..... ।୩।

ମନୋବଳ ଯଦି ସୁଦୃଢ ହୋଇବ
ଲଂଘି ଯିବ ସପ୍ତ ସିନ୍ଧୁ
ହରାଅନା କେବେ ଆତ୍ମ ବିଶ୍ୱାସକୁ
ମନେ ରଖ ପ୍ରିୟ ବନ୍ଧୁ
ଜୀବନ ଯୁଦ୍ଧରେ ଜିତିବାକୁ ହେଲେ
ବିଶ୍ୱାସଟି ମୂଳ ଧନ
ଶୃଙ୍ଖଳା ସଂଯମ.... ।୪।

**ଗାନ୍ଧୀନଗର, ପୋଷ୍ଟ/ ଜିଲ୍ଲା: ନବରଙ୍ଗପୁର**



# ଚିଠି ମୋର ଟିକି ଉଡନ୍ତା ଚଢ଼େଇ

## ପୁଷ୍ପଲତା ମିଶ୍ର

ବହୁତ ଆଗରୁ ଚିଠି ଦେଇଥିଲି
ପାଇଲ କି ନାହିଁ କୁହ,
କଥା କହି ତୁମେ ମନ ମୋହୁଥିଲ
ଥରେ ଦିନେ ଆସି ଯାଅ ।।
ଅନେକ କଥାକୁ ମନରେ ରଖିଛି
କହି ମୁହିଁ ପାରୁ ନାହିଁ ,
ବାରମ୍ବାର ଚିଠି ଲେଖି ମୁଁ ଚିରୁଛି
ଲେଖା ମୋର ସରୁ ନାହିଁ ।।
ଚିଠି ପାଇ ତୁମେ ମଉନ ରହୁଛ
ଦେଉ ନାହିଁ କିଛି ବାର୍ତ୍ତା,
ଅପେକ୍ଷା ରେ ବସି ଦିନ ଯାଏ ସରି
ପାଏ ନାହିଁ କିଛି ସର୍ତ୍ତା ।।
ଶୀତ ସକାଳ ର ଘନ କୁହୁଡି ରେ
ଦେଖା ହୁଅ ରାସ୍ତାଘାଟେ,
ଫେରନ୍ତା ଚିଠି କୁ ଚାହିଁ ମୁଁ ରହିଛି
ଉତ୍ତର କି ଦେବ ସତେ ।।
ଚିଠିରେ ଲେଖିଲି ଅନେକ କଥା କୁ
ଚିଠି ଟାକୁ ଚିରି ଦେଲ,
କେମିତି ଜାଣିବି କାହାଠୁ ବୁଝିବି
ପାଉନ କି ମତେ ଭଲ ।।
ଚିଠି ମୋର ଟିକି ଉଡନ୍ତା ଚଢ଼େଇ
ଦେଲି ତାକୁ ମୁଁ ଉଢ଼େଇ,
ଆକାଶ ରାଇଜେ ଚିଠି ଉଡିଗଲା
ରହିଛି ମୁଁ ଚାହିଁ ଚାହିଁ ।।

**ଭୁବନେଶ୍ୱର**
**ମୋବାଇଲ୍: ୯୩୩୮୩୯୪୬୫୭**



# ମା ଦୁର୍ଗତିନାଶିନୀ

## ଡ଼ଃ ଅନୁପମା ବିଶ୍ୱାଳ

ବସୁନ୍ଧରା ମାତା ସୁଶୋଭିତା ଯେବେ
ସବୁଜ ଶସ୍ୟ ସମ୍ଭାରେ
ହସି ହସି ଆସ ଜଗତ ଜନନୀ
ମରତକୁ ଆନନ୍ଦରେ।
ନବଦିନ ବ୍ୟାପି ପୂଜା ପାଇ ମାଆ
ନବ ରୂପେ ବିଭୂଷିତା
ଦଶମୀରେ ପୂଜା ହୁଏ ଉଦଯାପିତ
ବିଜୟା ଦଶମୀ ଖ୍ୟାତା।
ତ୍ରେତୟା ଯୁଗରେ ରଘୁକୁଳ ଶ୍ରେଷ୍ଠ
ସୀତା ଉଦ୍ଧାର ସକାଶେ
ମାଆ ଦୁର୍ଗା ତବ ଶରଣ ପଶିଲେ
ଲଙ୍କା ରାଜନ ବିନାଶେ।
ଶକ୍ତି ସ୍ୱରୂପିଣୀ ଅଭୟ ଦାୟିନୀ
ଖଣ୍ଡା ତ୍ରିଶୂଳ ଧାରିଣୀ
ମହିଷାସୁରକୁ ନାଶ କରି ମାତା
ହେଲ ମହିଷାମର୍ଦ୍ଦିନୀ।
ଧର୍ମ ସଂରକ୍ଷଣେ ଅଧର୍ମ ନାଶନେ
ମାଆ ମର୍ତ୍ତ୍ୟେ ଅବତରି
ଭକତ ମନରେ ବିଶ୍ୱାସ ଭରସା
ଦିଅ ଗୋ ଆନନ୍ଦେ ଭରି।
ନଅ କଳସୀରେ ନଅ ଶକ୍ତି ପୂଜା
ହୋଇଥାଏ ମାଆଙ୍କର
ନବରାତ୍ରି ନାମେ ହୁଏ ଏହି ପୂଜା
ସହ ବିଧି ବିଧାନର।
ବାଦ୍ୟ ତାଳେ ତାଳେ ହୁଳହୁଳି ଶବ୍ଦେ
ଚତୁର୍ଦ୍ଦିଗ ମୁଖରିତ
ଚଣ୍ଡୀପାଠ ମନ୍ତ୍ରେ ପୁରପଲ୍ଲୀ ସବୁ
ହୋଇଥାଏ ପ୍ରକମ୍ପିତ।
ବିପଦ ଭଞ୍ଜିନୀ ଦୁର୍ଗତିନାଶିନୀ
ବିପଦେ ଭରା ସଂସାର
ଦୁଃଖ ବିନାଶିନୀ କୃପାମୟୀ ମାତ
ଜଗତକୁ ରକ୍ଷାକର।

**ସମ୍ବଲପୁର**
**ମୋବାଇଲ୍: ୭୯୭୮୫୬୮୩୨୨**



# ନୀଳ ଲଫାପା

## ଜୟଶ୍ରୀ ପଟ୍ଟନାୟକ

ସେ ଯେତେ ଯେତେ ଦୂରେଇଯାଇ
ଦୃଶ୍ୟପଟରୁ ସ୍ମୃତି ହୋଇଯାଏ
ମୁଁ ସେତେ ତାକୁ ମନେ ପକାଏ

ସେଦିନ ସେମିତି ଏକ ନୀଳ ଲଫାପା ଟିଏ
ବାନ୍ଧି ଦେଇଥିଲା ଦୁଇ ଅବ୍ୟକ୍ତ ମନ
ଦେଖା ହେଲେ ଯାହାସବୁ କହିହୁଏନା
ସବୁ ଲେଖାଥିଲା ସେଇ ଛୋଟ କଳେବରରେ
ମନ ଦେବା, ଭଲ ପାଇବା, ଆଗକୁ ଚାଲିବାର
କଥା ଭାବିବା, ପ୍ରତିଶୃତି କୁ ପାଳିବା
ଯେତେସବୁ ଆଳିମାଳିକା ସ୍ୱପ୍ନ ସବୁକୁ
ମାଳି ପରି ଗୁନ୍ଥି ଭବିଷ୍ୟତ କଥା ଭାବିବା।

ଭଲପାଏ ବୋଲି କହିଦେଲେ କଥା ସରେନି
ଭଲ ପାଇବା, ପ୍ରତିଶୃତି ରେ ମନକୁ ବାନ୍ଧିବା
ପଛରେ ଥାଏ ଦୁଇ ଆତ୍ମୀୟ ର ଅତ୍ମୀୟତା।
ଭୁଲି ହୁଏନି ଭଲ ପାଇବା ବୋଲି ତ
ଆତ୍ମା କଷ୍ଟ ପାଏ, କଣ୍ଟା ରାସ୍ତାରେ ଚାଲିବାକୁ ହୁଏ
କଟୁ କଥା ସବୁକୁ ଗରଳ କରି ପିଇବାକୁ ପଡେ
ନାଲି ଆଖିର ଧମକ କୁ ମଥା ପାତିବାକୁ ହୁଏ
ଲୁହକୁ ପାଦୁକ କରି ପିଇବାକୁ ହୁଏ
ନୀଳ ସ୍ୱପ୍ନ ସବୁକୁ ସାତ ତାଳ ସିନ୍ଦୁକ ରେ
ଘୋଡେଇ ରଖିବାକୁ ହୁଏ
କେବଳ ସେହି ନୀଳ ଲଫାପାର ମୋହରେ
ହାତ ଛାଡିଦେଲେ କାଳେ ବିରହ ସହ ସାଲିସ
କରି ବଞ୍ଚି ହୁଏନା ତମାମ ଜୀବନ।

ସହିବାକୁ ପଡୁ ପଛେ ମହଣେ ଦୁଃଖ
ନୀଳ ଲଫାପାରେ ଲେଖାଥିବା ଭାଷାକୁ ନେଇ
ଭାବର କୋଣାର୍କ ଟିଏ ଗଢିବାକୁ ହୁଏ
ପ୍ରେମର ସଂକଳ୍ପରେ ବଂଚିବାକୁ ହୁଏ
ଦୁଇଦିନ ହେଉ ବା ତମାମ ଜୀବନ।

**ଗଙ୍ଗନଗର, ଭୁବନେଶ୍ୱର**



# ହାତ ଛାଡିବନି କେବେ ମୋ ସାଥୀ

## ଡଃ ତାନଶ୍ରୀ ପାଣିଗ୍ରାହୀ

ତୁମେ ପାଶେ ଥିଲେ ସକାଳ ମୋ ହସେ
ପକ୍ଷୀ ଗାଏ ମଧୁଗୀତି
ତୁମରି ସରାଗେ ବନ୍ଧା ମୋ ଜୀବନ
ସ୍ୱପ୍ନ ହୁଏ ଅସରନ୍ତି...

ଯେବେ ହେଲି ତୁମ ରଙ୍ଗେ ବିଭୋର
ପାଇଲି ପ୍ରୀତି ମହକ
ଜହ୍ନ ରାଇଜରେ ମୋ ପାଇଁ ତୁମେ
ତୋଳିଲ ନୂଆ ମୂଲକ...

ହୃଦୟରେ ଖେଳେ ପ୍ରୀତିର ଜୁଆର
ପ୍ରଣୟର ବଂଶୀସ୍ୱନ
ଆକାଶ ଛାତିରେ କୁଆଁ ତାରା ହସେ
ଦେଖି ଆମରି ମିଳନ...

ଅବୁଝା ମନ ମୋ ଜମା ବୁଝେ ନାହିଁ
ଟିକେ ଯଦି ଯାଅ ଦୂରେ
ଲୁଚି ଲୁଚି ବସି ତୁମ କଥା ଭାବେ
ନୀରବରେ ମନ ଝୁରେ...

ତୁମ ପାଇଁ କେବେ ସାଜିଛି ମୁଁ ରାଧା
ପାଇଅଛି ଅପବାଦ
ତୁମରି ଭାବନା ନିତି ଛୁଏଁ ମୋତେ
ଚୋରାଅ କେବେ ମୋ ନିଦ...

ସୀମାହୀନ ମୋର ପ୍ରୀତି ଗଭୀରତା
ଆଶା ମୋର ଅସୁମାରୀ
ହାତ ଛାଡିବନି କେବେ ସାଥୀ ମୋର
ପ୍ରେମରେ ଦିଅ ଭିଜାଇ ।।

**ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



# କୁହତ ମୋଭଳି ଅଛି କିଏ

## ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ

ଛତାଟିଏ ମୁଇଁ ଛତାଟିଏ
କୁହତ ମୋ ଭଳି ଅଛି କିଏ,
ଖରା ବରଷା ମୁଁ ସହିଯାଇ ନିଜେ
ତୁମକୁ ସୁରକ୍ଷା ନିତି ଦିଏ।

ହେଉ ପଛେ ଯେତେ ଟାଣ ଖରା
ମୋ ପାଖରେ ସିଏ ଦିଏ ଧରା,
ଛୁଇଁବାକୁ ତୁମ ଦେହକୁ ଦିଏନି
ବନ୍ଧୁପରି ସାଥେ ରୁହେ ପରା।

ଗରିବ ହେଉକି ହେଉ ଧନୀ
ମୂରୁଖ ହେଉବା ମହାଜ୍ଞାନୀ,
ଦରକାର ମୁଁ ଯେ ସଭିଙ୍କର ଆଗ
କାହାର କରେନି ଜମା ହାନି।

ବେପାରୀ ବାଟୋଇ ଭାଇ ଯେତେ
ଆଦର କରନ୍ତି ଭାରି ମତେ,
ଉପକାର ତାଙ୍କ କରେ ମୁଁ ଅନେକ
ମୋ ଭଳି ଆଉ କେ ଅଛି ସତେ।

ତୁମରି ହିତରେ ସଦା ଥିବି
ଦୁଃଖ ଶୋକ ମନୁ ପାସୋରିବି,
ମାଆ ପରି ସାହା ହୋଇବି ତୁମକୁ
ନିଜେ ପଛେ ମୁଇଁ ଜଳି ଯିବି।

**ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର**
**ମୋବାଇଲ୍: ୭୯୦୪୩୯୨୬୮୬**

## ଗୋପବନ୍ଧୁଙ୍କୁ ଭାରତରତ୍ନ ପ୍ରଦାନ 'ସଂସ୍କାରବାଦୀ'ର ଦାବୀ




ବ୍ରହ୍ମପୁର,୯।୧୦(ସଂଚାର ବ୍ୟୁରୋ): ସ୍ଥାନୀୟ ଅଗ୍ରଣୀ ସ୍ବେଚ୍ଛାସେବୀ ସଂଗଠନ "ସଂସ୍କାରବାଦୀ"ର ପ୍ରତିଷ୍ଠାତା ସଭାପତି ଭାଷାତପସ୍ୱୀ ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ଗିରିରୋଡ଼ସ୍ଥିତ ଗୋପବନ୍ଧୁ ଚାଉକ ରେ ୧୪୮ତମ ଜନ୍ମଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଶିକ୍ଷକ ନେତା ଅଶୋକ ଦଲାଇ ଓ ଡ. ଭାଗିରଥି ପାଣିଗ୍ରାହୀ ଦରିଦ୍ରବନ୍ଧୁ ଗୋପବନ୍ଧୁଙ୍କ ସମାଜ ସେବା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ସଭାପତି ଶ୍ରୀ ମହାରଣା କ୍ଷୋଭ ପ୍ରକାଶ କରି ମତବ୍ୟକ୍ତ କରିଥିଲେ ଯେ ଦୀର୍ଘବର୍ଷ ଧରି ଉତ୍କଳମଣି ଗୋପବନ୍ଧୁଙ୍କୁ ଭାରତ ରତ୍ନ ଉପାଧିରେ ସମ୍ମାନୀତ କରିବା ଦାବିକୁ ସରକାର କର୍ଣ୍ଣପାତ ନ କରିବା ପରିତାପର ବିଷୟ ଏବଂ ସହରରେ ପ୍ରତିଷ୍ଠିତ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ପରିସରରେ ରାଜନୈତିକ କିମ୍ବା ଯେ କୌଣସି ପ୍ରଚାରପତ୍ର ଟାଙ୍ଗିବାକୁ ବେଆଇନ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରମୋଦ କୁମାର ସାହୁ, ସଞ୍ଜୟ କୁମାର ମାଝି, ପଙ୍କଜ କୁମାର ନାୟକ, ଲଳିତ ମୋହନ ସାହୁ, ଲିଙ୍ଗରାଜ ମହାପାତ୍ର, ସବିତା ସାହୁକାର, ବିଜୟ ଚନ୍ଦ୍ର ବିଷୋୟୀ, ସିମାଞ୍ଚଳ ପତି, ଓଲମ୍ଭନ ଚରଣ ସ୍ୱାଇଁ, ଭିକାରୀ ଚରଣ ଗୌଡ ପ୍ରମୁଖ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରି ଗୋପବନ୍ଧୁଙ୍କ ସମାଜ ସେବା, ଦେଶ ଓ ଭାଷା ପ୍ରେମ ସମ୍ପର୍କରେ ବର୍ଣ୍ଣନା କରି ଭାରତ ରତ୍ନ ଉପାଧିରେ ସମ୍ମାନୀତ କରିବା ଦାବୀକୁ ଦୃଢ ସମର୍ଥନ କରିଥିଲେ।

### ଚଳିତ ବର୍ଷ ଇନ୍ଦ୍ରାବତୀ ଜଳଭଣ୍ଡାରରେ ୯୦ ପ୍ରତିଶତ ଜଳ

# ୬୦୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ

କଳାହାଣ୍ଡି,୯।୧୦(ସଂଚାର ବ୍ୟୁରୋ): ଚଳିତ ବର୍ଷ ଲଘୁଚାପ ଜନିତ ବର୍ଷା ଚାଷ ଓ ଚାଷୀ ପାଇଁ ବରଦାନ ସାଜିଥିବା ବେଳେ କଳାହାଣ୍ଡିର ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସ୍ତର ର ସର୍ବୋଚ୍ଚ ସୀମା ଛୁଇଁଛି। ଏହା ଆସନ୍ତା ରବିଚାଷ ପାଇଁ ଶୁଭଙ୍କର ହେବ ବୋଲି କୁହାଯାଉଛି। ୪ବର୍ଷର ବ୍ୟବଧାନ ପରେ ଜଳଭଣ୍ଡାର ପୂର୍ଣ୍ଣଗର୍ଭା ହୋଇଛି। ଇନ୍ଦ୍ରାବତୀ ନଦୀ ଗର୍ଭକୁ ପାଣି ଛାଡ଼ିବା ପରିବର୍ତ୍ତେ ପ୍ରକଳ୍ପ ସର୍ବାଧିକ ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରି ଚାଲିଥିବା ବିଭାଗରୁ ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ୬୩୬.୮ମିଟର ଜଳ ରହିଥିବା ବେଳେ ଚଳିତବର୍ଷ ଚାରି ମିଟର ଅଧିକ ପାଣି ସଂଗୃହୀତ ହୋଇ ୬୪୦,୯୮ ମିଟର ଅର୍ଥାତ୍ ୯୦.୯୮ପ୍ରତିଶତରେ ପହଞ୍ଚିଛି। ପୁଣି ଲଘୁଚାପ ଜନିତ ବର୍ଷା ବର୍ଷା ହେଲେ ଜଳ ଭଣ୍ଡାରର ଜଳସ୍ତର ୬୪୧.୫ ମିଟରରେ ପହଞ୍ଚିବା ପରେ ଯେ କୌଣସି ମୁହୂର୍ତ୍ତରେ ଡେଉପାଲିସ୍ଥିତ ଇନ୍ଦ୍ରାବତୀ ମୁଖ୍ୟ ବନ୍ଧରୁ ନଦୀ ଗର୍ଭକୁ ଅଧିକ ପରିମାଣରେ ଜଳ ଛଡ଼ାଯାଇପାରେ ବୋଲି କର୍ତ୍ତୃପକ୍ଷ ସ୍ଥାନୀୟ ଅଞ୍ଚଳ ଓ ପ୍ରଶାସନକୁ ସୂଚନା ଦେଇଥିବା ଜଣା ପଡ଼ିଛି। ବର୍ତ୍ତମାନ ସ୍ଥିତିରେ ଜଳଭଣ୍ଡାରରେ ଅନ୍ତଃ ସ୍ରୋତ ୧୯୮.୫ କ୍ୟୁସେକ ରହିଥିବା ବେଳେ ହାତୀ ନଦୀ ଗର୍ଭକୁ ୧୩୦ କ୍ୟୁସେକ ଜଳ ଛଡ଼ାଯାଉଥିବା ସୂଚନା ମିଳିଛି।



## ଇରାନୀ ରାୟଙ୍କୁ ବିଜେଡ଼ିର ସାଧାରଣ ସମ୍ପାଦିକା ଦାୟିତ୍ୱ



ନୟାଗଡ଼,୯।୧୦(ସଂଚାର ବ୍ୟୁରୋ): ପୂଜା ପର୍ବାଣୀରେ ଇରାନୀଙ୍କୁ ଭେଟି ଦେଲେ ନବୀନ। ଇରାନୀ ରାୟଙ୍କୁ ମିଳିଲା ରାଜ୍ୟ ସାଧାରଣ ସଂପାଦିକା ଦାୟିତ୍ୱ। ଆଜି ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ୧୧ଜଣଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରିଥିବା ଜଣାପଡ଼ିଛି । ବିଜୁ ଜନତା ଦଳର ବରିଷ୍ଠ ନେତା ଭାବେ ଉପ ସଭାପତି ଭାବେ ଚିରଞ୍ଜିବ ବିଶ୍ୱାଳଙ୍କୁ ଦାୟୀତ୍ୱ ଦିଆଯାଇଥିବା ବେଳେ ବରିଷ୍ଠ ସାଧାରଣ ସଂପାଦକ ଭାବେ ପୁଷ୍ପେନ୍ଦ୍ର ସିଂ ଦେଓ ଓ ଗଣେଶ୍ୱର ବେହେରାଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି । ନୟାଗଡ଼ ଜିଲ୍ଲାର ବରିଷ୍ଠ ନେତ୍ରୀ ଇରାନୀ ରାୟଙ୍କୁ ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସଂପାଦିକା ଭାବେ ନିଯୁକ୍ତି ମିଳିଛି । ଇରାନୀ ରାୟ ବିଜୁ ଜନତା ଦଳରେ ସାମିଲ ହେବା ପରେ ଦଳ ସାଂଗଠନିକ କ୍ଷେତ୍ରରେ ମଜବୁତ୍ ହୋଇଛି । ବିଗତ ଦିନରେ ଇରାନୀ ବିଜେପିରୁ ପ୍ରାର୍ଥୀ ହୋଇ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁଙ୍କ ବିରୁଦ୍ଧରେ ଲଢ଼ିଥିଲେ । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଇରାନୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ ।

## ବର୍ଷିୟାନ୍ ସାଇକଲ ଆରୋହୀଙ୍କୁ ସମ୍ବର୍ଦ୍ଧନା



ସୁବର୍ଣ୍ଣପୁର,୯।୧୦(ସଂଚାର ବ୍ୟୁରୋ): ଫିଟ୍ ଇଣ୍ଡିଆ ବାର୍ତ୍ତା ନେଇ ତିନୋଟି ରାଜ୍ୟ ପରିଭ୍ରମଣ କରି ଗତ କାଲି ସୋନପୁର ରେ ପହଞ୍ଚିଥିବା ପୁରୀ ଜିଲ୍ଲା ବାସିନ୍ଦା ୭୨ ବର୍ଷୀୟ ସାଇକେଲ ଆରୋହୀ ରଘୁନାଥ ସାହୁ ଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଡ. ନୃପ ରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବ ରେ ଓଡ଼ିଶା ସାମ୍ବାଦିକ ସଂଘ, ସୁବର୍ଣ୍ଣପୁର ଶାଖା, ଜିଲ୍ଲା କ୍ରୀଡ଼ା ସଂଘ ଘରୋଇ ବସ୍ ମାଲିକ ସଂଘ, କୋଶଳ ଆବାସିକ ଉଚ୍ଚ ବିଦ୍ୟାଳୟ, ସ୍ୱଚ୍ଛ ଭାରତ ସଂଗଠନ, ଭାରତ ବିକାଶ ସଙ୍ଗଠନ, ଓ ବରିଷ୍ଠ ନାଗରିକ ମାନଙ୍କ ଦ୍ୱାରା ସୋନପୁର ବ୍ଲକ ସମ୍ମିଳନୀ କକ୍ଷଠାରେ ସାଇକଲ ଚାଳକ ଶ୍ରୀ ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ରଘୁନାଥ ସାହୁ ୭୨ ବର୍ଷ ବୟସରେ ମଧ୍ୟ ଶରୀର ସୁସ୍ଥ ରହିବା ପାଇଁ ଦୈନିକ ୫୦ ରୁ ଅଧିକ କିଲୋମିଟର ରାସ୍ତା ସାଇକେଲ ଚଳାଇ ଓଡିଶା ଓ ଓଡ଼ିଶା ବାହାରେ ତିନୋଟି ରାଜ୍ୟ ଭ୍ରମଣ କରି ସୁସ୍ଥ ରହିବା ଓ ଫିଟ୍ ଇଣ୍ଡିଆ ର ବାର୍ତ୍ତା ପହଞ୍ଚାଇ ସଭାରେ ଉପସ୍ଥିତ ଜିଲ୍ଲା ର ସମସ୍ତ ଅଫିସର, କର୍ମଚାରୀ, ବୁଦ୍ଧିଜୀବୀ, ଓ ସାମ୍ବାଦିକଙ୍କୁ ପ୍ରେରଣା ଯୋଗାଇଥିଲେ।

## ବାଇକ ଅଟୋ ଧକ୍କାରେ ୩ ଗୁରୁତର



ବୈଶିଙ୍ଗା,୯।୧୦(ସଂଚାର ବ୍ୟୁରୋ): ଗୁରୁବାର ସନ୍ଧ୍ୟା ପରେ ବୈଶିଙ୍ଗା ଥାନା ଅନ୍ତର୍ଗତ ରଙ୍ଗଡ଼ା ଗ୍ରାମ ନିକଟରେ ଏକ ବାଇକ ରେ ୩ ଜଣ ଗ୍ରାମ ଭିତରକୁ ଯାଉଥିବା ସମୟରେ ଏକ ଅଜଣା ଅଟୋ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସଙ୍ଗେ ସଙ୍ଗେ ଗ୍ରାମବାସୀ ଙ୍କ ସହଯୋଗରେ ବୈଶିଙ୍ଗା ଡାକ୍ତରଖାନା ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଦୁଇଟି ଆମ୍ବୁଲାନ୍ସରେ ବାଲେଶ୍ୱର ନିଆ ଯାଇଥିବା ଜଣାଯାଇଛି। ଆହତ ମାନେ ହେଲେ ବାଇକ ଚାଳକ ବିଶ୍ୱଜିତ ନାୟକ (୨୩), ଅଞ୍ଜନା ସାହୁ (୩୦) ଏବଂ ତାମିଲନାଡୁ ର ମହିଳା ଐଶ୍ୱର୍ଯ୍ୟା (୩୦) ବୋଲି ଜଣାପଡ଼ିଛି। ତିନି ଜଣ ବାଇକ ଆରୋହୀ ବୈଶିଙ୍ଗା କୁ ବୁଲିବାକୁ ଆସୁଥିଲେ ବୋଲି ଜଣା ପଡ଼ିଛି।

## ପୀତବାସଙ୍କ ହତ୍ୟା ପ୍ରତିବାଦରେ ଜିଲ୍ଲାରେ କୋର୍ଟ କାର୍ଯ୍ୟ ଠପ୍



ସୁବର୍ଣ୍ଣପୁର,୯।୧୦(ସଂଚାର ବ୍ୟୁରୋ): ରାଜ୍ୟ ଆଇନଜୀବୀ ପରିଷଦର ନିଷ୍ପତ୍ତି କ୍ରମେ ବ୍ରହ୍ମପୁରର ଆଇନଜୀବୀ ତଥା ଓଡ଼ିଶା ବାର୍ କାଉନସିଲର ସଦସ୍ୟ ପୀତବାସ ପଣ୍ଡାଙ୍କୁ ନିର୍ମମ ହତ୍ୟା ପ୍ରତିବାଦରେ ଓଡ଼ିଶା ବାର୍ କାଉନସିଲ ପକ୍ଷରୁ କଲମଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଥିବା ପରିପ୍ରେକ୍ଷୀରେ ବୁଧବାର ୮ ତାରିଖ ଦିନ ସୁବର୍ଣ୍ଣପୁର ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ମଧ୍ୟ କଲମଛାଡ଼ ଆନ୍ଦୋଳନ କରାଯାଇଛି। ଏହା ଫଳରେ ସମସ୍ତ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଠପ୍ ହୋଇଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲା କୋର୍ଟ ରେ ଥିବା ଓକିଲ ସଙ୍ଘ କାର୍ଯ୍ୟାଳୟରେ ଉପସଭାପତି ଦଶରଥ ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହେବା ସହ ହତ୍ୟାକାଣ୍ଡ ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା ଏବଂ ମୃତକ ଶ୍ରୀ ପଣ୍ଡା ଙ୍କ ଅମର ଆତ୍ମା ର ସଦଗତି କାମନା କରି ନୀରବ ପ୍ରାର୍ଥନା କରଯାଇଥିଲା। ଆଇନଜୀବୀ ସୁରକ୍ଷା ଆଇନ ତୁରନ୍ତ ଲାଗୁ, ମୃତକ ଶ୍ରୀ ପଣ୍ଡା ଙ୍କ ପରିବାର କୁ ୧ କୋଟି ଟଙ୍କା କ୍ଷତିପୂରଣ, କେଉଁ ପରିସ୍ଥିତିରେ ଆଇନଜୀବୀଙ୍କୁ ହତ୍ୟା କରାଯାଇଥିଲା।

## ପୂର୍ବତନ ମନ୍ତ୍ରୀ ଓ ସାଂସଦଙ୍କ ପ୍ରତିନିଧିଙ୍କ ପରଲୋକ

ବେତନଟୀ,୯।୧୦(ସଂଚାର ବ୍ୟୁରୋ): ବେତନଟୀର ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବାଲେଶ୍ୱର ସାଂସଦ ଖାରବେଳ ସ୍ୱାଇଁ ଓ କ୍ୟାବିନେଟ ମନ୍ତ୍ରୀ ସ୍ୱର୍ଗତ ଗୋଲକ ବିହାରୀ ନାଏକ ଙ୍କ ପ୍ରତିନିଧି ବିମଳ କୁମାର ଲେଙ୍କାଙ୍କ ବୁଧବାର ସକାଳେ ବେତନଟୀ ସ୍ଥିତ ବାସଭବନ ରେ ପରଲୋକ ହୋଇଯାଇଛି। ୫୫ବର୍ଷ ହୋଇଥିବା ବେଳେ କିଛି ଦିନ ପୂର୍ବରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରହି ଘରକୁ ଆସିଥିଲେ। ମୃତ୍ୟୁ ସମୟରେ ପତ୍ନୀ ଭାଇ ଭାଉଜ ଝିଅ, ଝିଆରୀଙ୍କ ସମେତ ସମସ୍ତ ପରିବାରବର୍ଗ ଉପସ୍ଥିତ ଥିଲେ। ବେତନଟୀ ବଜାର ପରିକ୍ରମା କରାଇ ଶୁଖିଲାହାର ସ୍ଥିତ ସ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ସାନ ଭାଇ କମଲ ମୁଖାଗ୍ନି ଦେଇଥିଲେ।

## ସୁବର୍ଣ୍ଣପୁର ଜିଲ୍ଲାର ଦିଶା ବୈଠକ



ସୁବର୍ଣ୍ଣପୁର,୯।୧୦(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ଦିଶା ବୈଠକ ମାନ୍ୟବର ସାଂସଦ, ବଲାଙ୍ଗିର ଶ୍ରୀମତି ସଂଗୀତା କୁମାରୀ ସିଂହ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଦିଶା ବୈଠକରେ ମାନ୍ୟବର ବିଧାୟକ, ବୀରମହାରାଜପୁର ଶ୍ରୀଯୁକ୍ତ ରଘୁନାଥ ଜଗଦଲା, ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ, ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର ଶ୍ରୀ ନାରାୟଣ ନାଏକ, ସୁବର୍ଣ୍ଣପୁର ଦିଶା କମିଟିର ସଦସ୍ୟ/ସଦସ୍ୟା ବୃନ୍ଦ, ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ସୁବର୍ଣ୍ଣପୁର, ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ସୁବର୍ଣ୍ଣପୁର, ଶ୍ରୀମତି ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ସୁବର୍ଣ୍ଣପୁର, ଉପ ଜିଲ୍ଲାପାଳ, ବୀରମହାରାଜପୁର, ସମସ୍ତ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୃନ୍ଦ, ସମସ୍ତ ତହସିଲର ତହସିଲଦାର ବୃନ୍ଦଙ୍କ ସମେତ ଜିଲ୍ଲା ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଦିଶା ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚିତ ହୋଇ ଜିଲ୍ଲାର ବିଭିନ୍ନ ବିଭାଗର ବିକାଶ ଓ ଉନ୍ନୟନ କାର୍ଯ୍ୟ ଗୁଡ଼ିକ ର ଅଗ୍ରଗତି ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚାନା କରାଯାଇଥିଲା। ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭା ସମାପ୍ତ ଘୋଷଣା କରାଯାଇଥିଲା

### ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲେ ବିଜେଡି ନେତା

## ଖଣ୍ଡପଡ଼ା ଏସଡିପିଓଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ



ନୟାଗଡ଼,୯।୧୦(ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲାର ପ୍ରମୁଖ ବିଜେଡି ନେତାମାନେ ଆଜି ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀଙ୍କୁ ସାକ୍ଷାତ କରି ଜିଲ୍ଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହା ସହିତ ପୁଲିସର ଏକପାଖିଆ ନୀତିକୁ ବିରୋଧ କରିଛନ୍ତି। ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ବରିଷ୍ଠ ନେତ୍ରୀ ଇରାନୀ ରାୟ, ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସମେତ ବହୁ ନେତା ସାମିଲ ହୋଇଥିଲେ। ଖଣ୍ଡପଡ଼ା ପୁଲିସ ଉପଖଣ୍ଡରେ ସୃଷ୍ଟି ହୋଇଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ସରଗରମ ଆଲୋଚନା ହୋଇଥିଲା। ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଦଳୀୟ କାର୍ଯ୍ୟକର୍ତ୍ତା ଭଳି ଲୋକଙ୍କୁ ବ୍ୟବହାର କରିବା, ବିନା କାରଣରେ ବିଜୁ ଜନତା ଦଳ ସୋସିଆଲ ମିଡିଆ କର୍ମୀଙ୍କୁ କାର୍ଯ୍ୟାଳୟକୁ ଡକାଇ ଧମକ ଦେବା, ଯୁବକଙ୍କ ମୋବାଇଲ ଗୁଡ଼ିକୁ ଜବରଦସ୍ତ ନିଜ ପାଖରେ ରଖିବା ଏବଂ ପ୍ରତ୍ୟେକ ମାମଲାରେ ପକ୍ଷପାତିତା କରିବାକୁ ନେଇ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସାଧାରଣ ଲୋକଙ୍କୁ ଖଣ୍ଡପଡ଼ା ଓ ଫତେଗଡ଼ ଥାନାରେ ନ୍ୟାୟ ମିଳି ପାରୁନଥିବା ନେଇ ଏସପିଙ୍କୁ ଅଭିଯୋଗ କରାଯାଇଥିଲା।

## ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ତିର୍ତ୍ତୋଲ,୯।୧୦(ସଂଚାର ବ୍ୟୁରୋ): ବ୍ଲକ ଅର୍ନ୍ତଗତ ତୁଳଙ୍ଗ ପଞ୍ଚାୟତ ର ସିଧିପୁର ଗ୍ରାମର ସ୍ୱର୍ଗତ ରବୀନ୍ଦ୍ର ନାଥ ପଟ୍ଟନାୟକ ସାନ ପୁଅ ଅଟଳ ପଟ୍ଟନାୟକ କିଛିଦିନ ହେବ ପୁରୀରେ ରହୁଥିଲେ, ଅଟଳପଟ୍ଟନାୟକ (ଦିଲ୍ଲୁ) ବେଶ୍ ମେଳାପି ଓ ପରୋପକାରୀ ଯୁବକ ଥିଲେ । କିନ୍ତୁ ଗତ ବୁଧବାର ଦିନ ସକାଳୁ ଉଠି ମୁହଁ ଧୋଇବାକୁ ଆସିଥିବା ହଟାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଏହା ଦେଖି ଘରଲୋକ ତାଙ୍କୁ ପୁରୀ ମେଡ଼ିକାଲ କୁ ନେଇ ଯାଇଥିଲେ କିନ୍ତୁ ମେଡ଼ିକାଲ ଯିବା ବାଟରେ ଅଟଳ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପୁରୀ ମେଡ଼ିକାଲ ରେ ସବ ବ୍ୟବଚ୍ଛେଦ ହେବା ପରେ ପରେ ତାଙ୍କୁ ପୁରୀରୁ ତାଙ୍କ ନିଜ ପିତୃକ ଗ୍ରାମ ସିଧିପୁର କୁ ଅଣାଯାଇଥିଲା ଓ ସ୍ଥାନୀୟ ଶ୍ମଶାନ ରେ ତାଙ୍କର ବନ୍ଧୁ, ବାରିବାର ଗଣ ଓ ଗ୍ରାମବାସୀ ଙ୍କ ଅନ୍ତିମ ଦର୍ଶନ ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହା ଜାଣିବା ପରେ ତୁଳଙ୍ଗ ପଞ୍ଚାୟତରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇ ଯାଇଛି ।

## କଣାସ ଓ ସାନଓରାରେ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ



କଣାସ,୯।୧୦(ସଂଚାର ବ୍ୟୁରୋ): ଆଜି ସାରାରାଜ୍ୟ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହେଉଥିବା ବେଳେ କଣାସ ବ୍ଲକ ସମ୍ମୁଖରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପ୍ରୟାସ ସଂଗଠନର ସଭାପତି କୃଷ୍ଣଚନ୍ଦ୍ର ଜଗଦେବ ପୁଷ୍ପମାଲ୍ୟ ଦେଇ, ସତ୍ୟ, ଧର୍ମ, ନ୍ୟାୟକୁ ପାଥେୟ କରି ଜନପ୍ରତିନିଧିମାନେ ଜନସେବାରେ ନିଜକୁ ନିୟୋଜିତ କରିବା ପାଇଁ ସୂଚନା ଦେଇଥିଲେ। ସଂଗଠନର ମୁଖ୍ୟ ସଂଗଠକ ବିଶ୍ୱଜିତ୍ ବଡଜେନା, ବିଷ୍ଣୁଜୟ ମତଗଜସିଂହ, ଦୁର୍ଗାବାହିନୀର ସଭାନେତ୍ରୀ ମେନକା ପ୍ରଧାନ, ୫ନଂ ଜୋନ୍‌ର ସଭାପତି ରାମଚନ୍ଦଦ୍ର ପରିଡ଼ା, ୩ନଂ ଜୋନ୍‌ର ସଭାପତି କିଶୋର ମାର୍ଥା, ୪ନଂ ଜୋନ୍‌ର ସଂଯୋଜକ ଜିତା ପାଇକରାୟ, ରଘୁନାଥ ବେହେରା, ଗଡ଼ସାହି ଗ୍ରାମପଞ୍ଚାୟତର ସଭାପତି ନଗେନ୍ଦ୍ରନାଥ ସୁନ୍ଦରାୟ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥରଲେ। ସେହିପରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ କଣାସ ବ୍ଲକ କାଦୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାନଓରା ଠାରେ ପାଳିତ ହୋଇଯାଇଛି। ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ନୂଆବସ୍ତ୍ର, ଫୁଲମାଳ ଦିଆଯାଇ ପୂଜା କରାଯାଇ ଥିଲା।

## ସଦଭାବନା ସମିତିର ପାଳିଲା ଗୋପବନ୍ଧୁ ଜୟନ୍ତୀ

ବାରିପଦା,୯।୧୦(ସଂଚାର ବ୍ୟୁରୋ): ସଦ୍‌ଭାବନା ସମିତି ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଭବନ ଠାରେ ୫୫୬ତମ ମାସିକ ସଚ୍ଚ ଦିବସରେ ଗୋପବନ୍ଧୁ ଜୟନ୍ତୀ ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। କବି ସଚ୍ଚିରାଉତରାୟଙ୍କ ସାହିତ୍ୟ ନୁହଁଇ କେବେ ବିଳାସର ଫୁଲ, ଜାତିକୁ ଦେବ ସେ ମୁଭି ତେବେ ଯାଇ ଅମୂଲ ତା ମୂଳ ପ୍ରସଙ୍ଗ ଉପରେ ଜୋର୍ ଦିଆଯାଇ ଆଧୁନିକ ସାହିତ୍ୟକୁ ପ୍ରାଧାନ୍ୟ ଦିଆ ନଯାଇ ମୂଳ ସାହିତ୍ୟ ହିଁ ସତ୍ ସାହିତ୍ୟ ଏବଂ ତାହା ସମାଜର ହିତ ଲାଗି ସ୍ୱସ୍ତିବାଚକ ହେତୁ ସାଧୁ, କଲମରୁ ସୁଧା ଉପୁଜୁ ବୋଲି ବକ୍ତବ୍ୟ ସ୍ଥାନ ପାଇଥିଲା। ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁ ସଚ୍ଚ ସାହିତ୍ୟର ସମର୍ଥକ ଥିଲେ ବୋଲି ବକ୍ତବ୍ୟ ରଖିଥିଲେ।

## କୃତି ଓଏଏସ୍ ପରୀକ୍ଷାର୍ଥିଙ୍କୁ ସମ୍ବର୍ଦ୍ଧନା



ବୋରିଗୁମ୍ମା,୯।୧୦(ସଂଚାର ବ୍ୟୁରୋ): ବୋରିଗୁମ୍ମା ସ୍ନାତକ ମହବିଦ୍ୟାଳୟ ପରିସରରେ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଥିବା ବୋରିଗୁମ୍ମା ଅଞ୍ଚଳର ପ୍ରତିଭା ମାନଙ୍କ ନିମନ୍ତେ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା ଏହି ଉତ୍ସବରେ ଭୈରବ ଡିଗ୍ରୀ ମହାବିଦ୍ୟାଳୟର ପରିଚାଳନା ବୋଡ ର ସଭାପତି କେ.ନାଗ ରାଜ ଦୋରା, ଯୁଗ୍ମ ସମ୍ପାଦକ ସୁବାଷ ନାୟକ, ପି. ଗଣପତି ରାଓ, ନିରଞ୍ଜନ ପ୍ରଧାନ, ଡକ୍ଟର ସଦାଶିବ ତ୍ରିପାଠୀ, ସୁନିତା ଦୋରା ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ଙ୍କ ନିମନ୍ତେ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ର ଛାତ୍ରୀ ମାନେ କିପରି କଠିନ ପରିଶ୍ରମ, ଶୃଙ୍ଖଳା ଓ ନିଜର ପ୍ରଚେଷ୍ଟା ମାଧ୍ୟମରେ ଲକ୍ଷ୍ୟ ପୂରଣ କରିପାରିବେ ତା ଉପରେ ମନ୍ତବ୍ୟ ଦେଇଥିଲେ। ଭୈରବ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୌମେନ୍ଦ୍ର କୁମାର ସ୍ୱାଇଁ ସ୍ୱାଗତ ଭାଷଣ ମାଧ୍ୟମରେ ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ କିପରି ଉଜଲ୍ୟମୟ ହୋଇ ପାରିବ ଓ ସୁ ଚରିତ୍ର ଗଠନ ସମ୍ପର୍କରେ ମତ ପ୍ରଦାନ୍ କରି ଥିଲେ। ବୋରିଗୁମ୍ମା ଅଞ୍ଚଳରେ ଗୌରବ ଆଣି ଥିବା ୨ ପ୍ରତିଭା ଙ୍କୁ ଏହି ଉତ୍ସବ ରେ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ବୈଶିଙ୍ଗା,୯।୧୦(ସଂଚାର ବ୍ୟୁରୋ): ଆଜି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରଜତ କୁମାର ଦାଶଙ୍କ ଅଧକ୍ଷତାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହେବା ସହ ଚିତ୍ରାଙ୍କନ, ବକ୍ତୃତା, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତକରାଯାଇଥିଲା। ଇତ୍ୟବସରରେ ପ୍ରଧାନଶିକ୍ଷକ ଗୋପବନ୍ଧୁ ଦାସଙ୍କ ରଚିତ 'କାରାକବିତା 'ରୁ କିଛି ଉଦ୍ଧାର କରି ପିଲାମାନଙ୍କୁ ଶୁଣାଇବା ସହିତ ତାଙ୍କରି ନୀତି, ଆଦର୍ଶରେ ନିଜକୁ ପରିଚାଳିତ କରିବାପାଇଁ ପ୍ରେରଣା ଦେଇଥିଲେ। ଶିକ୍ଷିକା ସରସ୍ୱତୀ ଜେନା ନିଜ ରଚିତ କବିତା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ବଜ୍ରାଘାତରେ ଗାଈ ଚରାଳିଙ୍କ ମୃତ



ଲାଞ୍ଜିଗଡ଼,୯।୧୦(ସଂଚାର ବ୍ୟୋରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ପଦ୍ମଥୋପା ଗାଁରେ ଘଟିଛି ଏକ ଅବାଭନୀୟ ଘଟଣା।ସୂଚନା ମତେ ବେନାଗାଁ ପଞ୍ଚାୟତ ପଦ୍ମଥୋପା ଗାଁର ଡୁଡୁ ହରିଜନ (୫୬) ଗାଁ ନିକଟସ୍ତ ଜଙ୍ଗଲକୁ ଗାଈ ଚରାଇବା ପାଇଁ ଯାଇଥିବା ବେଳେ ଗୁରୁବାର ଅପରାହ୍ନ ୪ଟା ସମୟରେ ବ୍ରଜଘାତରେ ଅଚେତ ହୋଇପଡ଼ିଥିବା ଗାଁ ଲୋକ ଦେଖି ନିକଟସ୍ତ ବେନଗାଁ ଡାକ୍ତରଖାନାକୁ ନେଇଥିଲେ ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।ଏନେଇ ବିଜେପୁର ଥାନାରେ ପରିବାର ପକ୍ଷରୁ ଏକ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପରେ ଏକ ଅପମୃତ୍ତୁ ମାମଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ଲାଞ୍ଜିଗଡ଼ ଡାକ୍ତରଖାନାକୁ ପଠାଯାଇଥିବା ସୂଚନା ମିଳୁଛି।ଡୁଡୁ ହରିଜନ ଦୀର୍ଘ ବର୍ଷ ହେଲା ପଦ୍ମଥୋପା ଗାଁରେ ରହି ଗାଈ ଚରାଇ ପରିବାର ପ୍ରତିପୋଷଣ କରି ଆସୁଥିଲେ ହେଲେ ଆଜି ବଜ୍ରାଘାତରେ ତାଙ୍କ ଦେହାନ୍ତ ହୋଇଥିବାରୁ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି।ତେବେ ପରିବାର କହିଲେ ବର୍ତ୍ତମାନ ସ୍ତ୍ରୀ ଓ ଦୁଇ ପୁଅ ରହିବା ବେଳେ ଅତ୍ୟନ୍ତ ଗରିବ ହୋଇଥିବାରୁ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସି ଦାବି କରିଛନ୍ତି।

## ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ଯାଜପୁର ରୋଡ଼,୯।୧୦(ସଂଚାର ବ୍ୟୁରୋ): କୋଟି ଓଡ଼ିଆର ମଉଡମଣି, ସେବା ଓ ତ୍ୟାଗର ମୂର୍ତିମନ୍ତ ପ୍ରତୀକ, ବିଶିଷ୍ଟ ଜନନାୟକ, ବାଗ୍ମୀ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ ତମ ପବିତ୍ର ଜନ୍ମଜୟନ୍ତୀ ଅଗ୍ରଣୀ ସାମ୍ବାଦିକ ସଂଗଠନ ବ୍ୟାସ ପ୍ରିଣ୍ଟ ମିଡ଼ିଆ ଆସୋସିଏସନ ପକ୍ଷରୁ ପାଳିତ ହୋଇଯାଇଛି। ଆସୋସିଏସନ ସଭାପତି ଶରତ ପଥାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହରର ଗୋପବନ୍ଧୁ ଛକରେ ଥିବା ତାଙ୍କ ପ୍ରତିମୂର୍ତିରେ ବରିଷ୍ଠ ଉପଦେଷ୍ଟା ହାରାଧନ ବାନାର୍ଜୀ, ବାବୁରାମ ଜେନା ପୁଷ୍ପମାଲ୍ୟ ଅର୍ପଣ କରି ବକ୍ତବ୍ୟ ପ୍ରଦାନ ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଂଘର ସମ୍ପାଦକ ଡ଼. ଚିନ୍ତାମଣି ପାଢ଼ୀ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ।

## ହିତାଧିକାରୀଙ୍କୁ ଦିଆଯାଉଛି ପୋକ ଲଗା ଲଡୁ



ଜୟପୁର,୯।୧୦(ସଂଚାର ବ୍ୟୁରୋ): ଅଙ୍ଗନୱାଡି କେନ୍ଦ୍ର ରେ ପ୍ରସୂତି ମହିଳା ଓ କିଶୋର ବାଳିକା ମାନଙ୍କ ପାଇଁ ଆସିଥିବା ଲଡୁ ରେ ପୋକ ଲାଗୁଥିବା ଅଭିଯୋଗ ଆଣିଲେ ହିତାଧିକାରୀ ଏବଂ ଲଡୁ ଓ ଛତୁଆ ନେବାକୁ ମନା କରିଥିଲେ । ଅ ଦୃଶ୍ୟ ଆସିଛି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବାଲିଗାଁ ପଂଚାୟତ ଲଖମଲିଆ ଗୁଡା ଅଙ୍ଗନବାଡି କେନ୍ଦ୍ର ଠାରେ ଏବଂ ଏନେଇ ସ୍ଥାନୀୟ ସମ୍ମନିତ ଶିଶୁ ବିକାଶ ଅଧିକାରୀ ଙ୍କୁ ଅଭିଯୋଗ ପରେ କ୍ଷେତ୍ର ପରିଦର୍ଶିକା ଙ୍କୁ ପଠାଇ ତଦନ୍ତ କରିବେ ବୋଲି ପ୍ରକାଶ କରିଥିଲେ । ତେବେ ହିତାଧିକାରୀ ଙ୍କ ସ୍ୱାସ୍ତ୍ୟ ସୁସ୍ଥ ଓ ସୁବଳ କରିବା ପାଇଁ ସରକାର ଲଡୁ ଓ ଛତୁଆ ପ୍ରଦାନ କରୁଥିବା ବେଳେ ବଣ୍ଟନ କାରୀ ନିଜ ଫାଇଦା ପାଇଁ ନିମ୍ନମାନର ସାମଗ୍ରୀ ଯୋଗାଉଛନ୍ତି ପୋକ ଲାଗିବା ଲଡୁ ଖାଇବା ଦ୍ୱାରା ଛୋଟ ଶିଶୁ ଓ ଗର୍ଭବତୀ ବିଭିନ୍ନ ରୋଗ ହେବାର ଆଶଙ୍କା ରହିଛି । ତେଣୁ ସ୍ୱାସ୍ଥ୍ୟ ଉନ୍ନତି ହେବା ବଦଳରେ ଉଲଟା ଏହୁ ପୋକ ଲଗା ଲଡୁ ଖାଇଲେ ରୋଗ ହେବ ବୋଲି ହିତାଧିକାରୀ ଅଭିଯୋଗ କରିଛନ୍ତି । ଏବଂ ଏହାର ତଦନ୍ତ କରି ଦୋଷୀ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମ ବାସି ଦାବି କରୁଛନ୍ତି ।

## ଜିଲ୍ଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ ପାଳିତ



ବାରିପଦା,୯।୧୦(ସଂଚାର ବ୍ୟୁରୋ): ଆଜି ଜିଲ୍ଲା ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରରେ ଥିବା ସମ୍ମିଳନୀ କକ୍ଷରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ସ୍ୱାସ୍ଥ୍ୟ ଅଧିକ୍ଷକ ଡାକ୍ତର ସୁବାସ ନାୟକଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ ରୋଗ) ଡାକ୍ତର ଶାନ୍ତନୁ ଦାସ, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ଭେକ୍ଟର ବାହିତ ରୋଗ) ଡାକ୍ତର ବିଜୟ କୁମାର ଦାସ, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ସୁନନ୍ଦା ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ମିତା ମିଶ୍ର, ବାରିପଦା ଏ.ଏନ.ଏମ ତାଲିମ କେନ୍ଦ୍ରର ଭାରପ୍ରାପ୍ତ ଅଧ୍ୟକ୍ଷା ଭାରତୀ ଆରୁଖ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ତାଲିମ କେନ୍ଦ୍ରର ପ୍ରଶିକ୍ଷୀକା ଏବଂ ଏ ଏନ ଏମ ଛାତ୍ରୀ ମାନେ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଡାକ୍ତର ସୁବାସ ନାୟକ ସମସଙ୍କୁ ସ୍ୱାଗତ କରିବା ସହ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।ସେ କହିଥିଲେ ଯେ ବିଶ୍ୱ ଦୃଷ୍ଟି ଦିବସ ଆମ ଆଖିର ଗୁରୁତ୍ୱ ଏବଂ ସ୍ୱାସ୍ଥ୍ୟର ସୁରକ୍ଷା ଉପରେ ଆଲୋକପାତ କରେ।ଆଖି ହେଉଛି ଆମ ଶରୀରର ଏକ ଗୁରୁତ୍ୱ ପୂର୍ଣ୍ଣ ଅଙ୍ଗ।ଆଖି ହିଁ ଆମକୁ ପ୍ରକୃତି ଓ ଆଲୋକର ଉପସ୍ଥିତିକୁ ଅନୁଭବ କରିବାକୁ ସକ୍ଷମ କରେ।